ଯା ଦେବୀ ସର୍ବଭୂତେଷୁ
ମାତୃ ରୂପେଣ ସଂସ୍ଥିତା
ନମସ୍ତସ୍ୟୈ ନମସ୍ତସ୍ୟୈ
ନମସ୍ତସ୍ୟୈ ନମୋନମଃ


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17






## ପୂଜା ପାଇଁ ଆଗୁଆ ମିଳିବ ଦରମା



୨୬ରେ ସରକାର ଦେବେ ସେପ୍ଟେମ୍ବର ଦରମା

**ଭୁବନେଶ୍ୱର,୨୪।୯(ସଂଚାର ବ୍ୟୁରୋ):** ଶାରଦୀୟ ଦୁର୍ଗାପୂଜା ପାଇଁ ରାଜ୍ୟର ସମସ୍ତ ସରକାରୀ କର୍ମଚାରୀଙ୍କୁ ଧାର୍ଯ୍ୟ ସମୟ ପୂର୍ବରୁ ମିଳିବ ଦରମା। ଚଳିତ ସେପ୍ଟେମ୍ବର ମାସର ଦରମା ଆସନ୍ତା ୨୬ ତାରିଖରେ କର୍ମଚାରୀମାନଙ୍କୁ ପ୍ରଦାନ କରିବା ସକାଶେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ମିଳିଥିବା ସୂଚନାନୁଯାୟୀ, ରାଜ୍ୟର ସମସ୍ତ ସରକାରୀ କର୍ମଚାରୀଙ୍କୁ ମାସର ଶେଷ କାର୍ଯ୍ୟ ଦିବସରେ ଦରମା ମିଳୁଥିବା ବେଳେ ଦୁର୍ଗାପୂଜା ପାଇଁ ଆସନ୍ତା ୨୭ ତାରିଖରୁ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଛୁଟି ଆରମ୍ଭ ହେବ। ଦଶହରା ପରି ପାର୍ବଣ ଋତୁରେ ବିଭିନ୍ନ ସାମଗ୍ରୀ କିଣାକିଣି ହୋଇଥାଏ ଓ ଚଳିତ ବର୍ଷ ସାରା ଦେଶରେ ଜିଏସ୍‌ଟି ୨.୦ ସଂସ୍କାର ପରେ ସାରା ଦେଶରେ ବଚତ୍ ଉତ୍ସବ ମଧ୍ୟ ପାଳନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଚଳିତ ମାସର ଦରମା ୨୬ ତାରିଖ ସୁଦ୍ଧା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# ଆଦିବାସୀ ବିକାଶ ନାଁରେ କୋଟି କୋଟି ହରିଲୁଟ୍

- ସିଏଜି ଧରାଇଦେଲା ସତ
- ବ୍ୟକ୍ତିଗତ ଖର୍ଚ୍ଚରେ ବାବୁ ଉଡ଼ାଇଦେଲେ ୧୪୮ କୋଟି
- ଆଦିବାସୀଙ୍କ ଅର୍ଥରେ ଭରିଛନ୍ତି ପ୍ରିମିୟମ
- ସହରାଞ୍ଚଳ ପାନୀୟ ଜଳ ପ୍ରକଳ୍ପରେ ଖରାପ ପ୍ରଦର୍ଶନ
- ବିପିୟୁଟିରେ କମ୍ପ୍ୟୁଟର ଅଚଳ, ଟଙ୍କା ବରବାଦ



**ଭୁବନେଶ୍ୱର,୨୪।୯(ସଂଚାର ବ୍ୟୁରୋ):** ଆଦିବାସୀ ବିକାଶ ନାଁରେ ବଡ଼ ଦୁର୍ନୀତି ଧରିଲେ ସିଏଜି। ଗତ ୨୦୧୮ରୁ ୨୦୨୩ ଭିତରେ ହୋଇଥିବା ଅନିୟମିତତା ଧରାପଡ଼ିଛି। ସରକାରୀ ଅନୁଦାନ ଅର୍ଥ ଖର୍ଚ୍ଚ କରିପାରିନାହାନ୍ତି ଆଇଟିଡିଏ ଅଧିକାରୀ। ୧୧ଟି ଆଇଟିଡିଏକୁ ନମୂନା ଭାବେ ନେଇ ଅଡିଟ କରିଥିଲେ ସିଏଜି। ଯେଉଁଥିରୁ ଜଣାପଡିଛି ଯେ ୧୭୯୦ କୋଟିରୁ ଖର୍ଚ୍ଚ ହୋଇଛି ୧୧୯୦ କୋଟି। ଏହାକୁ ଅଡିଟ ରିପୋର୍ଟରେ ଆଇଟିଡିଏଗୁଡ଼ିକର ଖରାପ ପ୍ରଦର୍ଶନ ବୋଲି ସିଏଜି ଦର୍ଶାଇଛନ୍ତି। କନିଷ୍ଠ ଯନ୍ତ୍ରୀ (ଜେଇ) ଓ ସହକାରୀ ଯନ୍ତ୍ରୀ (ଏଇ)ମାନେ କୋଟି କୋଟି ଟଙ୍କାର ସରକାରୀ ଅର୍ଥକୁ ବ୍ୟକ୍ତିଗତ କାମରେ ଖର୍ଚ୍ଚ କରିଛନ୍ତି। ନିଜ ଖର୍ଚ୍ଚ ପାଇଁ ୧୪୮ କୋଟି ଟଙ୍କା ଉଡ଼ାଇ ଦେଇଛନ୍ତି ସରକାରୀ ବାବୁ। ଆଦିବାସୀଙ୍କ ବିକାଶ ପାଇଁ ଥିବା ସରକାରୀ ଟଙ୍କାକୁ ନିଜର ମୋବାଇଲ ରିଚାର୍ଜ, ଫୋନପେ ପେମେଣ୍ଟ, ବୀମା ପ୍ରିମିୟମ ସହ ଏଟିଏମରୁ ଟଙ୍କା ଉଠାଣ କରି ଖର୍ଚ୍ଚ କରିଛନ୍ତି ଜେଇ ଓ ଏଇ।

ଅଡିଟରୁ ଜଣାପଡ଼ିଛି ଯେ ଆଇଟିଡିଏ ପକ୍ଷରୁ ଜେଇ ଓ ଏଇମାନଙ୍କ ନାମରେ ଖୋଲାଯାଇଥିବା ବ୍ୟାଙ୍କ୍ ଆକାଉଣ୍ଟକୁ ଏହି ଟଙ୍କା ପଠାଯାଇଥିଲା। ଏହି ବ୍ୟବସ୍ଥା ପ୍ରଚଳିତ ମାର୍ଗଦର୍ଶିକା ଅନୁଯାୟୀ କିମ୍ବା ସରକାରଙ୍କ କୌଣସି ନିର୍ଦ୍ଦେଶ ଅନୁଯାୟୀ ନଥିଲା। ଏହି ବ୍ୟାଙ୍କ ଆକାଉଣ୍ଟରୁ ୧୪୮.୭୫ କୋଟି ଟଙ୍କାର ବ୍ୟକ୍ତିଗତ କାରବାର ଯଥା ଏଟିଏମ୍ ଜରିଆରେ ନଗଦ ଟଙ୍କା ଉଠାଣ, ଚେକ୍ ଜରିଆରେ ଦେୟ, ପିଓଏସ୍ ମାଧ୍ୟମରେ ଦେୟ, ବୀମା ପ୍ରିମିୟମ୍ ଦେୟ, ମୋବାଇଲ୍ ଫୋନ୍ ରିଚାର୍ଜ ଏବଂ ୟୁପିଆଇ କାରବାର ଆଦି ଜେଇ/ଏଇମାନେ କରିଥିଲେ। ଏହା ସମ୍ପୃକ୍ତ ଜେଇ/ଏଇମାନଙ୍କ ଦ୍ୱାରା ସରକାରୀ ଅର୍ଥର ସନ୍ଦେହଜନକ ଅପବ୍ୟବହାରକୁ ସୂଚାଉଥିବା ସିଏଜି ଦର୍ଶାଇଛନ୍ତି।

ସେହିପରି ପୂର୍ବ ସରକାରରେ ସହରାଞ୍ଚଳରେ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ହୋଇଛି ବ୍ୟାପକ ଅନିୟମିତତା। ଆଲୋଚ୍ୟ ୫ ବର୍ଷରେ ୨୩୬ ପାନୀୟ ଜଳ ପ୍ରକଳ୍ପରୁ ୧୬୧ଟି ପ୍ରକଳ୍ପ କାମ ଶେଷ ପୃଷ୍ଠା-୬

### ଇ-ପ୍ରୋକ୍ୟୁରମେଣ୍ଟ ପ୍ରଣାଳୀ ଉପରେ ବି ଉଠିଲା ପ୍ରଶ୍ନ

ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ (ସିଏଜି)ଙ୍କ ଦ୍ୱାରା ମାର୍ଚ୍ଚ ୨୦୨୨ରେ ସମାପ୍ତ ହୋଇଥିବା ବର୍ଷ ପାଇଁ ଓଡ଼ିଶା ସରକାରଙ୍କ ଇ-ପ୍ରୋକ୍ୟୁରମେଣ୍ଟ ପ୍ରଣାଳୀ ଉପରେ ପ୍ରକାଶିତ ସମୀକ୍ଷା ରିପୋର୍ଟରେ ବ୍ୟବସ୍ଥାରେ ବ୍ୟାପକ କାର୍ଯ୍ୟକାରିତା ଏବଂ ସୁରକ୍ଷା ତ୍ରୁଟି ଦେଖାଯାଇଛି। ରିପୋର୍ଟ ଅନୁଯାୟୀ, ଇ-ପ୍ରୋକ୍ୟୁରମେଣ୍ଟ ବ୍ୟବସ୍ଥା ପ୍ରତିଯୋଗିତା, ସ୍ୱଚ୍ଛତା ଏବଂ ଦାୟିତ୍ୱକୁ ପ୍ରୋତ୍ସାହିତ କରିବାର ମୂଳ ଲକ୍ଷ୍ୟ ହାସଲ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି।ଇ-ପ୍ରୋକ୍ୟୁରମେଣ୍ଟ ବ୍ୟବସ୍ଥାର କାର୍ଯ୍ୟକାରିତା ପାଇଁ ଏନଆଇସି ସହ କୌଣସି ଆନୁଷ୍ଠାନିକ ଚୁକ୍ତିନାମା ବା ଏମଓୟୁ କରାଯାଇନାହିଁ। ଟେଣ୍ଡର ମୂଲ୍ୟାଙ୍କନ, ସ୍ୱୀକୃତି ଏବଂ ଠିକା ପରିଚାଳନା ଭଳି ଗୁରୁତ୍ୱପୂର୍ଣ୍ଣ ମଡ୍ୟୁଲଗୁଡ଼ିକ କାର୍ଯ୍ୟକାରୀ ହୋଇ ନଥିବାରୁ ବାଣିଜ୍ୟିକ ଓ ଆର୍ଥିକ ମୂଲ୍ୟାଙ୍କନ ଭଳି ପ୍ରକ୍ରିୟା ଇ-ପ୍ରୋକ୍ୟୁରମେଣ୍ଟ ପ୍ରଣାଳୀ ବାହାରେ ମାନୁଆଲ ଭାବେ କରାଯାଇଛି। ଏକ ମାମଲାରେ ସର୍ବନିମ୍ନ ନିଲାମଧାରୀକୁ ବାଦ ଦେଇ ଅଧିକ ମୂଲ୍ୟରେ ଠିକା ପ୍ରଦାନ କରାଯାଇଥିଲା।ସମୀକ୍ଷାରେ ଜଣାପଡିଛି ଯେ ୧,୭୫୧ ବିଡରଙ୍କ ମଧ୍ୟରୁ ୧,୧୨୦ ମାମଲାରେ ସମାନ ଡିଜିଟାଲ୍ ସ୍ୱାକ୍ଷର ସାର୍ଟିଫିକେଟ୍ (ଡିଏସସି)କୁ ଏକାଧିକ ପୃଷ୍ଠା-୬

● ସିସିଟିଏନଏସରେ ବଡ଼ ଧରଣର ତ୍ରୁଟି

### ତଥ୍ୟ ସୁରକ୍ଷାରେ ବ୍ୟାପକ ଅନିୟମିତତା

ସିଏଜିଙ୍କ ଦ୍ୱାରା ମାର୍ଚ୍ଚ ୨୦୨୩ରେ ସମାପ୍ତ ହୋଇଥିବା ବର୍ଷ ପାଇଁ ଓଡ଼ିଶା ସରକାରଙ୍କ ଅପରାଧ ଏବଂ ଅପରାଧୀକ ଟ୍ରାକିଂ ନେଟ୍‌ୱାର୍କ ସିଷ୍ଟମ (ସିସିଟିଏନଏସ) ଉପରେ ପ୍ରସ୍ତୁତ ପ୍ରଯୁକ୍ତି ସମୀକ୍ଷା ପ୍ରତିବେଦନ ରାଜ୍ୟ ପୁଲିସ୍ ପ୍ରଣାଳୀର ଡିଜିଟାଲ୍ ବ୍ୟବସ୍ଥାରେ ବ୍ୟାପକ ଅନିୟମିତତା ଏବଂ କାର୍ଯ୍ୟକାରିତା ତ୍ରୁଟିକୁ ପଦାରେ ପକାଇଛି। ଏହି ରିପୋର୍ଟ ୨୦୧୩ରୁ ମାର୍ଚ୍ଚ ୨୦୨୩ ପର୍ଯ୍ୟନ୍ତ ସିସିଟିଏନଏସର କାର୍ଯ୍ୟଦକ୍ଷତା ଓ ପ୍ରଭାବ ମୂଲ୍ୟାଙ୍କନ ଉପରେ ଆଧାରିତ ହୋଇଛି।

ସିଏଜି ରିପୋର୍ଟରେ 'ସିଷ୍ଟମ୍ ଇଣ୍ଟିଗ୍ରେଟର' ଚୟନ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଉଲ୍ଲେଖ କରାଯାଇଛି। ଟେଣ୍ଡର ପ୍ରକ୍ରିୟା ଶେଷ ହେବା ପରେ ଏଲ-୧ ପୃଷ୍ଠା-୬

କ୍ୟାବିନେଟ୍‌ରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

## ବଢ଼ିଲା ସରକାରୀ ମେଡିକାଲ କଲେଜ ସିଟ୍ ସଂଖ୍ୟା

- ୟୁଜିରେ ୫୦୨୩ ଓ ପିଜିରେ ୫୦୦୦
- ସମ୍ପ୍ରସାରିତ ହେବ ଡାକ୍ତରୀ ଶିକ୍ଷା



**ନୂଆଦିଲ୍ଲୀ,୨୪।୯:** ଦେଶର ଜନସାଧାରଣଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଲକ୍ଷ୍ୟରେ ଡାକ୍ତରୀ ଶିକ୍ଷାକୁ ସମ୍ପ୍ରସାରଣ କରିବା ପାଇଁ ଆଜି କେନ୍ଦ୍ର କ୍ୟାବିନେଟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ସାରା ଦେଶରେ ୫ ହଜାର ନୂତନ ପିଜି ସିଟ୍ ଓ ୫ ହଜାର ୨୩ଟି ଏମବିବିଏସ୍ ସିଟ୍ ସୃଷ୍ଟି କରିବା ସଂକ୍ରାନ୍ତ ଏକ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛି। ଏ ସଂକ୍ରାନ୍ତରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ ସୂଚନା ଏବଂ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ୧୫ ହଜାର ୩୪ କୋଟି ଟଙ୍କା ବ୍ୟୟରେ ଡାକ୍ତରୀ ଶିକ୍ଷାକୁ ବିସ୍ତାର କରିବା ଏବଂ ସାରା ଦେଶରେ ୫ ହଜାର ନୂତନ ପିଜି ସିଟ୍ ଏବଂ ୫ ହଜାର ୨୩ଟି ଏମବିବିଏସ୍ ସିଟ୍ ପୃଷ୍ଠା-୬

● ୨୦୨୬ ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷା ତାରିଖ ଘୋଷଣା

## ଫେବୃଆରୀ ୧୭ରୁ ସିବିଏସ୍‌ଇ ପରୀକ୍ଷା




**ନୂଆଦିଲ୍ଲୀ,୨୪।୯:** ଆସନ୍ତା ବର୍ଷର କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ପାଇଁ ଆଜି ତାରିଖ ଘୋଷଣା କରାଯାଇଛି। ଏହି ଘୋଷଣା ଅନୁସାରେ ଆସନ୍ତା ବର୍ଷ ଫେବୃଆରୀ ୧୭ରୁ ଏହି ପରୀକ୍ଷା ଆରମ୍ଭ ହେବ ଓ ଏହା ଆସନ୍ତା ବର୍ଷ ଜୁଲାଇ ୧୫ ତାରିଖ ମଧ୍ୟରେ ଶେଷ ହେବ। ଆସନ୍ତା ବର୍ଷ ଭାରତ ଏବଂ ବିଦେଶର ୨୬ଟି ଦେଶରୁ ଦଶମ ଓ ଦ୍ୱାଦଶ ଶ୍ରେଣୀର ୨୦୪ଟି ବିଷୟରେ ପ୍ରାୟ ୪୫ ଲକ୍ଷ ପ୍ରାର୍ଥୀ ପରୀକ୍ଷା ଦେବେ ବୋଲି ଆଶା କରାଯାଉଛି। ପରୀକ୍ଷା ପରିଚାଳନା ସହ ଫଳାଫଳର ସମୟସୀମା ଘୋଷଣା ସୁନିଶ୍ଚିତ କରିବା ପାଇଁ ବ୍ୟାବହାରିକ, ମୂଲ୍ୟାଙ୍କନ ପୃଷ୍ଠା-୬

ବ୍ୟବସ୍ଥା ଫେଲ୍: ଅଭିଯୋଗ ଶୁଣାଣି ପାଲଟିଛି ପ୍ରହସନ

## ଘରୋଇ ପ୍ଲଟ୍ ଉପରେ ଛୁଟୁଛି ନାଳ ପାଣି



**ଭୁବନେଶ୍ୱର,୨୪।୯(ସଂଚାର ବ୍ୟୁରୋ):** ମଦନ ମୋହନ ଦାଶ। ବୟସ ୮୦ ବର୍ଷ। ଜୀବନ ତମାମ ନିଜର କଷ୍ଟଲବ୍ଧ ଅର୍ଥରେ ଭୁବନେଶ୍ୱରର ସୁନ୍ଦରପଦାରେ ଜାଗାଟିଏ କିଣିଛନ୍ତି। ନିଜ ଜୀବଦ୍ଦଶାରେ ଘର ଖଣ୍ଡେ ତୋଳିବା ପାଇଁ ସ୍ୱପ୍ନ ରଖିଛନ୍ତି। ହେଲେ ସେହି ସ୍ୱପ୍ନ ସାକାର କରିବାକୁ ବାହାରିବା ବେଳକୁ ତାଙ୍କ ମୁଣ୍ଡରେ ପଡ଼ିଛି ଚଡ଼କ।

● ମିଳେଇବାକୁ ବସିଲାଣି ଘର ସ୍ୱପ୍ନ

ଏହି ଚଡ଼କ ପ୍ରାକୃତିକ ଦୁର୍ବିପାକ ନୁହେଁ, ବରଂ ସରକାରୀ ଦୁର୍ବିପାକର ଶିକାର ହୋଇଛନ୍ତି ସେ। ଯାହା ତାଙ୍କ ସ୍ୱପ୍ନକୁ ଧୂଳିସାତ କରିବାକୁ ବସିଛି। ନ୍ୟାୟ ପାଇଁ ବାରଦୁଆର ବୁଲି ବୁଲି ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଅଫିସରେ ପହଞ୍ଚିଥିଲେ ବି ନିରାଶ ହୋଇଛନ୍ତି। ଫଳତଃ ଆର୍ଥିକ ଓ ମାନସିକ ଯନ୍ତ୍ରଣାରେ ଜୀବନ କାଟୁଛନ୍ତି ବୃଦ୍ଧ ମଦନ ମୋହନ ଓ ତାଙ୍କ ପରିବାର। ସୁନ୍ଦରପଦା ପେଟ୍ରୋଲ୍ ଟାଙ୍କି ନିକଟରେ ମଦନ ମୋହନଙ୍କ ପ୍ଲଟ୍ (ନଂ ୩୮୧, ଖାତା ନଂ ୩୪୫/୩୫୫୫, ମୌଜା-ଏବରଙ୍ଗ)। ଘର ତିଆରି ପାଇଁ ସମସ୍ତ ପ୍ରସ୍ତୁତି ସାରିଥିଲେ ସେ। ବିଏମସି/ବିଡିଏ ଓ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କଠାରୁ ଆବଶ୍ୟକ ଅନୁମୋଦନ ପାଇସାରିଛନ୍ତି। ଖାଲୁଆ ଜାଗା ହୋଇଥିବାରୁ ତାକୁ ପୋତିବା ପାଇଁ ୫ ଲକ୍ଷ ଟଙ୍କାର ବାଲି ବି କିଣି ରଖିଥିଲେ ସେ। ତା'ଛଡ଼ା ୧୫ ଲକ୍ଷ ଟଙ୍କାର ନିର୍ମାଣ ସାମଗ୍ରୀ ପୃଷ୍ଠା-୬

ଏସିଆ କପ୍ ସୁପର୍-୪ ରାଉଣ୍ଡ୍: ଶ୍ରୀଲଙ୍କା ବିଦା

## ଫାଇନାଲ୍‌ରେ ଭାରତ




**ଦୁବାଇ,୨୪।୯:** ଚଳିତ ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତାର ସୁପର୍-୪ ରାଉଣ୍ଡ୍‌ରେ ଭାରତ କ୍ରମାଗତ ବିଜୟ ହାସଲ କରି ଫାଇନାଲ୍‌ରେ ପ୍ରଥମ ଦଳ ଭାବେ ପ୍ରବେଶ କରିଛି। ଆଜି ଏଠାରେ ଭାରତ ଖେଳିଥିବା ତା'ର ଦ୍ୱିତୀୟ ମ୍ୟାଚ୍‌ରେ ବାଂଲାଦେଶକୁ ୪୧ ରନ୍‌ରେ ପରାସ୍ତ କରି ଆସନ୍ତା ୨୮ ତାରିଖର ମହାମୁକାବିଲାକୁ ଉନ୍ନୀତ ହୋଇଛି। ଦଳର ଏହି ବିଜୟରେ ଭାରତୀୟ ଦଳର ବୋଲର୍‌ମାନେ ପ୍ରମୁଖ ଭୂମିକା ନିର୍ବାହ କରିଛନ୍ତି। ପ୍ରଥମେ ବ୍ୟାଟିଂ ପାଇ ଭାରତ ୨୦ ଓଭର୍‌ରେ ୬ଟି ୱିକେଟ୍ ହରାଇ ୧୬୮ ରନ୍ କରିଥିଲା। ଦଳ ପକ୍ଷରୁ ପୁଣିଥରେ ତାରକା ବ୍ୟାଟ୍ସମ୍ୟାନ୍ ତଥା ପୁଣିଥରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବା ଅଭିଷେକ ଶର୍ମା ଚମତ୍କାର ବ୍ୟାଟିଂ କରି ଛକା ଓ ଚୌକା ବର୍ଷା ପୂର୍ବକ ସର୍ବାଧିକ ୭୫ ରନ୍ କରିଥିଲେ। ତାଙ୍କର ଏହି ବିସ୍ଫୋରକ ଇନିଂସରେ ୬ଟି ଚୌକା ଓ ୫ଟି ଛକା ରହିଥିବା ବେଳେ ଷ୍ଟ୍ରାଇକ୍ ରେଟ୍ ରହିଥିଲା ୨୦୨.୭୦। ସେହିପରି ହାର୍ଦ୍ଦିକ ପାଣ୍ଡ୍ୟା ୨୯ ବଲ୍‌ରେ ୩୮ ରନ୍ କରି ଅନ୍ତିମ ବଲ୍‌ରେ ଆଉଟ୍ ହୋଇଥିଲେ ହେଁ ଦଳୀୟ ସ୍କୋର୍‌କୁ ଦୃଢ଼ତା ପ୍ରଦାନ କରିଥିଲେ। ତାଙ୍କର ଏହି ଇନିଂସରେ ୪ଟି ଚୌକା ଓ ଗୋଟିଏ ପୃଷ୍ଠା-୬

ରେଳ ଲାଇନ ପାର୍ ବେଳେ ଅଘଟଣ

### ଟ୍ରେନ୍ ଧକ୍କାରେ ଦୁଇଭାଇ ମୃତ

**ରାଉରକେଲା,୨୪।୯(ସଂଚାର ବ୍ୟୁରୋ):** ଟ୍ରେନ ଧକ୍କାରେ ଗଲା ଦୁଇ ଭାଇଙ୍କ ଜୀବନ। ରାଉରକେଲା ବାସନ୍ତୀ କଲୋନୀ ନିକଟରେ ଟ୍ରେନ ଧକ୍କାରେ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ମୃତକ ଦୁଇ ଜଣ ସ୍ଥାନୀୟ ହରିପୁର ବସ୍ତିର ବୋଲି ସୂଚନା ମିଳିଛି। ରେଳ ଲାଇନ ପାର ହେଲା ବେଳେ ଧକ୍କା ଦେଇଥିଲା ବୀରମିତ୍ରପୁର ପାସେଞ୍ଜର ଟ୍ରେନ। ରାଉରକେଲା ସରକାରୀ ଡାକ୍ତରଖାନାରେ ମୃତଦେହ ରଖାଯାଇଛି। ଘଟଣାର ତଦନ୍ତ କରୁଛି ରାଉରକେଲା ଜିଆରପି। ମିଳିଥିବା ସୂଚନାନୁସାରେ, ମଙ୍ଗଳବାର ରାତିରେ ଦୁଇ ଭାଇ ହାତ ଧରା ଧରି ହୋଇ ପାର ହେଉଥିଲେ ରେଳ ଧାରଣା। ଠିକ୍ ଏହି ସମୟରେ ଧକ୍କା ଦେଇଥିଲା ପାସେଞ୍ଜର ଟ୍ରେନ୍। ଘଟଣା ସ୍ଥଳରେ ହିଁ ୨ ଭାଇଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ପୃଷ୍ଠା-୬

## ୭୧ ମାଓବାଦୀଙ୍କ ଆତ୍ମସମର୍ପଣ






ମୁଣ୍ଡରେ ଥିଲା ୬୪ ଲକ୍ଷର ପୁରସ୍କାର

**ମାଲକାନଗିରି,୨୪।୯(ସଂଚାର ବ୍ୟୁରୋ):** ମାଲକାନଗିରି ଛତିଶଗଡ଼ ସୀମାନ୍ତ ଦନ୍ତେୱାଡା ଜିଲ୍ଲାରେ ଆଜି ୭୧ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୩୦ ଜଣ ହାର୍ଡକୋର ନକ୍ସଲ ରହିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମୁଣ୍ଡ ଉପରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ୬୪ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା।। ଛତିଶଗଡ ସରକାରଙ୍କ ପୁନର୍ବାସ ନୀତିରେ ଆକର୍ଷିତ ହୋଇ ଏହି ମାଓବାଦୀମାନେ ଆତ୍ମସମର୍ପଣର ବାଟ ବାଛିଥିବା ପୃଷ୍ଠା-୬

### ଭିଜିଲାନ୍ସ ପଞ୍ଝାରେ ଆରଆଇ

**ଭଦ୍ରକ,୨୪।୯(ସଂଚାର ବ୍ୟୁରୋ):** ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ପଞ୍ଝାରେ ପଡିଛନ୍ତି ଆରଆଇ। ଜମି ପଟ୍ଟା ମ୍ୟୁଟେସନ ପାଇଁ ଟଙ୍କା ନେଇ ସେ ଧରାପଡ଼ିଛନ୍ତି। ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ରାଧାବଲ୍ଲଭପୁରର ଆରଆଇ ନରେନ୍ଦ୍ର ଦାସ ଜମି ପଟ୍ଟା ମ୍ୟୁଟେସନ ପାଇଁ ପ୍ରାୟ ୯ ହଜାର ଟଙ୍କା ଦାବି କରିଥିଲେ। ପୂର୍ବରୁ ସେ ଏ ବାବଦରେ ୨ ହଜାର ଟଙ୍କା ନେଇସାରିଥିଲେ। ତେବେ ଅବଶିଷ୍ଟ ଟଙ୍କା ଦେବା ପୂର୍ବରୁ ଅଭିଯୋଗକାରୀ ଜଣଙ୍କ ଭିଜିଲାନ୍ସକୁ ଏ ପୃଷ୍ଠା-୬

## 'ବାଳ' ଏକ ସାଂସ୍କୃତିକ ଶବ୍ଦ କି?



ବିଜେଡିର ବିଧାନସଭା ଘେରାଉ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଡ. ଅରୁଣ ସାହୁ 'ବାଳ' ଶବ୍ଦ ବ୍ୟବହାର କରିଥିଲେ। ଏହା ଶୁଣି ଅନେକ ଆଶ୍ଚର୍ଯ୍ୟଚକିତ ହୋଇଛନ୍ତି। ଡ. ସାହୁ ଉକ୍ତ କାର୍ଯ୍ୟକ୍ରମରେ କହିଥିଲେ, 'ବିଜେପିବାଲା ତୁମେ ଆମ ବାଳ ବଙ୍କା କରିପାରିବନି'। ଉକ୍ତ ସମୟର ଭିଡିଓରେ ଡ. ସାହୁ ଏହା କହିବା ସମୟରେ ତାଙ୍କ କଟଟି ଆଡ଼କୁ ଇସାରା କରିଥିଲେ। ଅର୍ଥାତ୍ ସେ ଲୋମକୁ ବାଳ କହିଥିବା ଚର୍ଚ୍ଚା ହେଉଛି। କିନ୍ତୁ ସଂସ୍କୃତିପ୍ରାଣ ବ୍ୟକ୍ତିମାନେ ଏହା ସତ୍ତ୍ୱେ ବି ଡ. ସାହୁଙ୍କୁ କ୍ଲିନଚିଟ୍ ଦେବା ସପକ୍ଷରେ ନାହାନ୍ତି। ଶବ୍ଦଟି ସେମାନଙ୍କ ପାଇଁ ଆଦୌ ଗ୍ରହଣୀୟ ହୋଇନାହିଁ। ଏପରି ଏକ ଶବ୍ଦକୁ ନେଇ ବିଭିନ୍ନ ମହଲରେ ଚାପା ଗୁଞ୍ଜରଣ ସୃଷ୍ଟି ହେଉଥିବା ବେଳେ 'ସଂଚାର' ଏହାର ମୂଳକୁ ଯିବାକୁ ଏକ ଛୋଟ ପ୍ରୟାସ କରିଛି। ସଂସ୍କୃତର ମୂଳ ଶବ୍ଦ 'ବାଳକ'ରୁ 'ବାଳ' ଆସିଛି, ଯାହାକୁ ହିନ୍ଦୀରେ 'ବାଲ' କହନ୍ତି। ସେହିପରି ଓଡ଼ିଆରେ 'ବାଳ' ଶବ୍ଦ 'ଗୋପାଳ ଓଗାଳ'ରେ ବ୍ୟବହାର କରାଯାଇଛି। ଗହନ କାନନ ବନରେ ଘୋର ବରଷା କାଳ, ଗିରି ବାମ କରେ ଧରିଲେ ନନ୍ଦ ଯଶୋଦା ବାଳ'। ଏଠାରେ କୃଷ୍ଣଙ୍କୁ ଯଶୋଦା ବାଳ ବା ଯଶୋଦାଙ୍କ କୁନି ପିଲା ବୋଲି କୁହାଯାଉଛି। 'ବାଳ'ର ଗୋଟିଏ ଅର୍ଥ 'ଛୋଟ ଛୁଆ' ବୋଲି ସମସ୍ତେ ଗ୍ରହଣ କରିବେ। ମାତ୍ର 'ବାଳ ବଙ୍କା କରିବା' ରୂଢ଼ିର ପ୍ରୟୋଗ ବାଳକୁ କେଶ ବା ଲୋକ ଅର୍ଥରେ ବ୍ୟବହାର କରାଯାଇଛି। ହିନ୍ଦୀରେ ବି 'ବାଲ' ଅର୍ଥ କେଶ ବା ଚୁଟି। ଆଦିବାସୀ ତେଲ ବିଜ୍ଞାପନରେ 'ୟେ ବାଲ କୋ ଘନା ଔର ଗାଢ଼ା କରତି ହୈ।' ହିନ୍ଦୀରେ ଚୁଟି ଶବ୍ଦ ନ ଥିବାରୁ ସେ ଜାଗାରେ 'ବାଲ' ଶବ୍ଦ ବ୍ୟବହାର କରାଯାଇଥାଏ। ମାତ୍ର ଓଡ଼ିଆରେ କଥନୀ ଭାବେ ରୁମ, ଚୁଟି ଆଦି ଶବ୍ଦ ଥିବାରୁ 'ବାଳ' ଶବ୍ଦର ବ୍ୟବହାର ଅପେକ୍ଷାକୃତ କମ ହୋଇଥାଏ। କେହି ରାଗିଲେ ହିଁ ବାଳ କହେ। ତେବେ 'ବାଳ' ଆମର ଲୋକ ଗୀତରେ ମଧ୍ୟ ବ୍ୟବହୃତ ହୋଇଛି। ନିକଟରେ ଭାଇରାଲ୍ ହୋଇଥିବା ଗୋଟିଏ ଗୀତର ଘୋଷା ଥିଲା, 'ଯାଇଥିଲି କଟକ, ସେଠି ଭିଡ଼ ପ୍ରବଳ, ତୋ ପାଇଁ ଆଣିଛି ସେଇଠୁ ମୁଁ ଘୋଡାର ବାଳ।' ତେଣୁ ଗାଁଗହଳିରେ 'ବାଳ' ଶବ୍ଦର ବ୍ୟବହାର ଥିବାରୁ ଏଠାରେ ଡ. ସାହୁଙ୍କୁ ବେନିଫିଟ୍ ଅଫ୍ ଡାଉଟ୍ ଦେଇ କିଛି ବ୍ୟକ୍ତି କ୍ଷମା ଦେଇଥିବା ମଧ୍ୟ ନଜରକୁ ଆସିଛି।



### କାନ ଡେରିଥା

ପାଣ୍ଡୁ ବିନା ଏଠି ଦଳ ଅସମ୍ଭବ
ଏବେ ବି ଏଇଟା ଲାଗୁଛି
ମୁଖିଆ ଚେହେରା ଦେଖେଇ
ଦେଖେଇ
ବାହାଦୁରି ଖାଲି ନେଉଛି
ତୁଙ୍ଗ ନେତା ଦଳ ଛାଡୁଛି...
ମେଣ୍ଟା ଧୋଉଧୋଉ ନିର୍ବାଳ
କରିସେ
ତାମିଲନାଡୁ ଯିବ ଭାବୁଛି ।

■ ଦେବାଶିଷ

# ବିଜେଡି ତଣ୍ଟିରେ ଏବେ ଶ୍ରୀମୟୀ କଣ୍ଟା

- ଖେଳିଲେ ସ୍ୱାଭିମାନ କାର୍ଡ
- ନିଶାଣରେ ପ୍ରତାପ ଜେନା



**ଭୁବନେଶ୍ୱର,୨୪।୯(ସଂଚାର ବ୍ୟୁରୋ):** ବିଜେଡିରୁ ନିଲମ୍ବିତ ହୋଇଥିବା ଶ୍ରୀମୟୀ ମିଶ୍ର ଏବେ ଖୋଦ ବିଜେଡିରେ ତଣ୍ଟିରେ କଣ୍ଟା ହୋଇ ଲାଗିଲେଣି। ନିଲମ୍ବିତ ହେଲାପରେ ଶ୍ରୀମୟୀ ଏବେ ବିଜେଡି ଶିବିରକୁ ଗୋଟିଏ ପରେ ଗୋଟିଏ ମିସାଇଲ ଛାଡିବାରେ ଲାଗିଛନ୍ତି। ନିଲମ୍ବନପତ୍ରରେ ଦସ୍ତଖତ କରିଥିବା ବରିଷ୍ଠ ବିଜେଡି ନେତା ଏଥିରେ ପ୍ରଥମେ ଘାଇଲା ହୋଇଥିବା ବେଳେ ଆଗକୁ ଅନ୍ୟମାନଙ୍କୁ ନିଶାଣରେ ରଖିଥିବା ଶ୍ରୀମୟୀଙ୍କ ସୋସିଆଲ ମିଡିଆ ପୋଷ୍ଟରୁ ସ୍ପଷ୍ଟ ହେବାରେ ଲାଗିଛି।

ଶ୍ରୀମୟୀ ସିଧାସଳଖ ଆରୋପ କରିଛନ୍ତି ଯେ ପ୍ରତାପ ଜେନା ନିର୍ବାଚନ ହାରିଲା ପରେ ଏବେ ଜଣେ ବିଧାୟକଙ୍କ ବାସଭବନରେ ଭଡାରେ ରହୁଛନ୍ତି। ଜଣେ ବିଧାୟକ ଆଉ ଜଣେ ବିଧାୟକଙ୍କୁ ନିଜ ବାସଭବନ ଭଡାରେ ଦେଇପାରିବେ କି ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଏଭଳି ପ୍ରସଙ୍ଗ ଉଠାଇ ସେ ଏବେ ଉଭୟ ବିଜେଡି ଓ ସରକାରଙ୍କ କୋର୍ଟକୁ ବଲ୍ ଫିଙ୍ଗିଛନ୍ତି। ଏ ନେଇ ପ୍ରତାପ ଜେନା କୌଣସି ପ୍ରତିକ୍ରିୟା ଦେଇନଥିବା ବେଳେ ସରକାର ଏହା ଉପରେ କି ପଦକ୍ଷେପ ନେଉଛନ୍ତି, ତାହାକୁ ସମସ୍ତେ ଅପେକ୍ଷା କରିଛନ୍ତି। କାରଣ ସରକାରୀ କ୍ୱାର୍ଟର୍ସଟିଏ ପାଇବା ପାଇଁ ଅନେକ ବିଧାୟକ ଏବେ ଧାଁଦଉଡ କରୁଥିବା ବେଳେ ବିଧାୟକଙ୍କ ଘର ଭଡା ଦେବା ପ୍ରସଙ୍ଗ ଉଠିଛି।

ସେହିଭଳି ଶ୍ରୀମୟୀ ଅତୀତର କେତେକ ଘଟଣା ମଧ୍ୟ ଉଠାଇଛନ୍ତି। ଏଥିରେ ସେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିକଟରେ ଅଭିଯୋଗ କରି କିଭଳି ଅପମାନିତ ହୋଇଥିଲେ, ସେ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଏନେଇ ମଧ୍ୟ ବିଜେଡି ବିଧିବଦ୍ଧ ଭାବେ କିଛି କହିନାହିଁ। ଏଥିସହ ଏକାଧିକ ପୋଷ୍ଟ ଜରିଆରେ ଶ୍ରୀମୟୀ ବିଜେଡିରେ ତାଙ୍କର ସଦସ୍ୟତାର କ୍ରମିକ ନମ୍ବର ଓ ସଦସ୍ୟତା ନବୀକରଣ ରସିଦ ମଧ୍ୟ ମାଗୁଛନ୍ତି। ଏପର୍ଯ୍ୟନ୍ତ ବିଜେଡି ତାହା ଦେଖାଇପାରିନାହିଁ। ଅବଶ୍ୟ ଶ୍ରୀମୟୀ ବିଜେଡିରେ କିଭଳି ଭାବେ ଜଡିତ ଥିଲେ, ତାହା ଲୋକଙ୍କ ଆଗରେ ରଖିବା ପାଇଁ କିଛି ଫଟୋକୁ ବିଜେଡି ନିଜେ ଛାଡୁଥିବା ବେଳେ ଆଉ କିଛି ଫଟୋ ଅନ୍ୟ ଉପାୟରେ ସୋସିଆଲ ମିଡିଆରେ ଘୂରି ବୁଲୁଛି।

ଶ୍ରୀମୟୀ ମଧ୍ୟ ନିଜର ଯୋଗ୍ୟତା ଉଲ୍ଲେଖ କରିବା ସହ ସିଏ ଯୋଗ୍ୟ କି ଅଯୋଗ୍ୟ, ସେ ସମ୍ପର୍କରେ ନବୀନଙ୍କୁ ପଚାରିବା ପାଇଁ କହିଛନ୍ତି। ଏହାଦ୍ୱାରା ସିଏ ନବୀନଙ୍କଠାରୁ ସିଧାସଳଖ ଉତ୍ତର ଚାହିଁବା ସହ ଆଉ କିଛି ନେତାଙ୍କ ଯୋଗ୍ୟତା ଉପରେ ପରୋକ୍ଷରେ ପ୍ରଶ୍ନବାଚୀ ଲଗାଇଛନ୍ତି। ଉଲ୍ଲେଖନୀୟ ଯେ ଶ୍ରୀମୟୀ ପ୍ରାୟ ପୃଷ୍ଠା-୬

# ମତ୍ସ୍ୟଜୀବୀମାନଙ୍କ ଦାବି ଉଠାଇଲେ ବିଧାୟକ



**ମହାକାଳପଡ଼ା,୨୪।୯(ସଂଚାର ବ୍ୟୁରୋ):** ଆଜି ବିଧାନସଭାର ଶୂନ୍ୟକାଳରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ୨ ଗୋଟି ପ୍ରସ୍ତାବ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ କହିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ହେଉଛି ଧାନ ଓ ମୀନର ଜିଲ୍ଲା। ବିଶେଷ କରି ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ର ଅଧିକାଂଶ ମତ୍ସ୍ୟଜିବୀ ମାଛ ଧରି ପରିବାର ପ୍ରତିପୋଷଣ କରୁଛନ୍ତି। ମତ୍ସ୍ୟଜିବୀ ମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏକ ତାଲିମ ଓ ଗବେଷଣା କେନ୍ଦ୍ର ସ୍ଥାପନ କଲେ ସମଗ୍ର କେନ୍ଦ୍ରାପଡା ଜିଲ୍ଲା ପାଇଁ ଏହା ବେଶ୍ ଲାଭଦାୟକ ହେବ। ସେହିପରି ଉତ୍କର୍ଷ ଓଡ଼ିଶା ମାଧମରେ ୬ ଗୋଟି ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ରହିଥିଲା। ତେଣୁ ସେଥି ମଧରୁ ଶିଳ୍ପ ବିହୀନ କେନ୍ଦ୍ରାପଡ଼ା ଜିଲ୍ଲାରେ ଏକ ଶିଳ୍ପ ତ୍ୱରିତ ପ୍ରତିଷ୍ଠା କଲେ ଜିଲ୍ଲାବାସୀ ଉପକୃତ ହେବେ ବୋଲି ବିଧାୟକ ଶ୍ରୀ ନାୟକ ତାଙ୍କ ପ୍ରସ୍ତାବରେ କହିଛନ୍ତି।

# ବ୍ରାଉନସୁଗର ଜବତ, ୨ କୋର୍ଟ ଚାଲାଣ

## ଆନୁମାନିକ ମୂଲ୍ୟ ୯.୬ ଲକ୍ଷ ଟଙ୍କା।




**କେନ୍ଦ୍ରାପଡ଼ା,୨୪।୯(ସଂଚାର ବ୍ୟୁରୋ):** ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୯.୬ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ କରାଯାଇଛି। ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ ପକ୍ଷରୁ ପଟ୍ଟାମୁଣ୍ଡାଇ ଟାଉନ ଓ ଗ୍ରାମାଳ ଥାନା ଅଧିନସ୍ତ ନିମପୁର ଗ୍ରାମର ରାଜେଶ କୁମାର ସେଠି (୨୫)ଙ୍କ ପାଖରୁ ୫୦ ଗ୍ରାମ ବ୍ରାଉନସୁଗାର ଓ ପଟ୍ଟାମୁଣ୍ଡାଇ ପୌରସଂସ୍ଥାର ୱାର୍ଡ ନମ୍ବର-୧୩ ଅଞ୍ଚଳର ସଖାୱାତ ଅଲି ଖାନ (୩୨)ଙ୍କ ପାଖରୁ ୪୬ ଗ୍ରାମ ଓଜନର ବ୍ରାଉନସୁଗାର ଜବତ କରାଯାଇ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ ହୋଇଥିବା ବ୍ରାଉନସୁଗାରର ମୂଲ୍ୟ ପାଖାପାଖି ୯.୬ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଉଛି। ଆଗାମୀ ଦିନରେ ଏହି ଚଢ଼ାଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ କହିଛନ୍ତି। ଏହି ଚଢ଼ାଉରେ ଅବକାରୀ ଉପ ନିରୀକ୍ଷକ ଛାୟାକାନ୍ତ ନାୟକ, ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ଧର୍ମପଦ ଦାସ, ସହକାରୀ ଉପ ନିରୀକ୍ଷକ ସୁନୀଲ କୁମାର ମିଶ୍ର, ଟୁକୁନା ପ୍ରଧାନଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

## ଜିଲ୍ଲାରେ ମେଡ଼ିକାଲ କଲେଜ ଦାବି

# ତିନିଦିନ ଧରି ଜାରି ରହିଛି ଅହୋରାତ୍ର ଗଣଧାରଣା




**କେନ୍ଦ୍ରାପଡ଼ା,୨୪।୯(ସଂଚାର ବ୍ୟୁରୋ):** ମେଡ଼ିକାଲ କଲେଜ ପ୍ରତିଷ୍ଠା ପାଇଁ ଚାଲିଥିବା ଆନ୍ଦୋଳନର ସ୍ୱର ଦୃଢ଼ ଭାବରେ ବିଧାନସଭାରେ ଶୁଣିବାକୁ ମିଳିଛି। ବିଧାନସଭାରେ ଆଜି କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରାଙ୍କ ଦ୍ୱାରା ଦୃଢ଼ ଭାବରେ ଉପସ୍ଥାପିତ ଏ ସମ୍ପର୍କିତ ପ୍ରଶ୍ନର ସରକାରଙ୍କ ପକ୍ଷରୁ କୌଣସି ଉର ମିଳି ନଥିବାରୁ ଏହା ଆନ୍ଦୋଳନକାରୀଙ୍କୁ ଉତ୍ତେଜିତ କରିଛି। ଆଜି ଅହୋରାତ୍ର ଗଣଧାରଣାକୁ ତିନି ଦିନ ପୁରି ଥିବା ବେଳେ ଆନ୍ଦୋଳନ ସ୍ଥଳରେ ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ, ବିଜେଡି ରାଜ୍ୟ ସମ୍ପାଦକ ରବି ସାମଲ, ପୂର୍ବତନ ନଗରପାଳ ଧୀରେନ ସାହୁଙ୍କ ସମେତ ଅକମଲ ଅଲ୍ଲୀ, କଂଗ୍ରେସ ନେତା ପ୍ରଫୁଲ୍ଲ ଦାସ, ଫକୀର ଚରଣ ଖଟୁଆ, ସିପିଆଇ ସମ୍ପାଦକ ବିକାଶ ବେଉରା, ସିପିଏମ ନେତା ନରୋମ ପାର୍ଥସାରଥୀ, ମାଧବ ଦାସ, ନାରାୟଣ ବିଶ୍ୱାଳ, ଗାୟତ୍ରୀ ମହାନ୍ତି, ଆଇନଜୀବୀ ବିଧୁଭୂଷଣ ମହାପାତ୍ର, କେଦାର ସାମନ୍ତରାୟ, ହୃଷୀକେଶ ବେହେରା, ସୁହାନା ବେଗମ୍, ସୌଭାଗ୍ୟ ରାଉତ, ଦୋଳଗୋବିନ୍ଦ ସାହୁ, କରୁଣାକର ଦାସ, ହୃଷୀକେଶ ନାୟକ, ଶଶିକଳା ରାଉତ, ଧନେଶ୍ୱର ସାହାଣୀ, ଶ୍ରୀଧର ମହାନ୍ତି, ପ୍ରକାଶ ମହାନ୍ତି, ଡ. ଚୈତନ୍ୟ ଚରଣ ପରିଡା, ଅଧାପକ ଗୋଲଖ ଚନ୍ଦ୍ର ମହାଭୋଇ, ଗାନ୍ଧିବାଦୀ କର୍ମୀ ଅଭିମନ୍ୟୁ ରାଉତ, ଏଲିନା ସାମନ୍ତରାୟ, ନବ ନିର୍ମାଣ କୃଷକ ସଙ୍ଗଠନ ନେତା ଅକ୍ରୁର ପଲାଇ, ଦାଶରଥି ସାହୁ, ମହେନ୍ଦ୍ର ପରିଡ଼ା, ବୈଷ୍ଣବ ସ୍ୱାଇଁ, ସୁରେଶ ଚନ୍ଦ୍ର ପଟ୍ଟନାୟକ, ରୁଦ୍ର ପ୍ରସାଦ ବେହେରା, ମହେନ୍ଦ୍ର ପଟ୍ଟନାୟକ, ବିଦ୍ୟୁତ୍‌ଲତା ପଲେଇ, ପ୍ରମୁଖ ଆୟୋଜିତ ପ୍ରତିବାଦ ସଭାରେ ଯୋଗଦେଇ ଆର୍ଥିକ ଦୃଷ୍ଟିରୁ ଅତ୍ୟନ୍ତ ପଛୁଆ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବକୁ କଡ଼ୁ ସମାଲୋଚନା କରିଥିଲେ। ଜିଲ୍ଲାର ସାମଗ୍ରିକ ବିକାଶ ଓ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ସୁଧାର ନିମନ୍ତେ ଜିଲ୍ଲାରେ ମେଡ଼ିକାଲ କଲେଜ ଓ ହସପିଟାଲ ପ୍ରତିଷ୍ଠା ହେବା ଆଜି ଦିନରେ ଜିଲ୍ଲାବାସୀଙ୍କର କେବଳ ଦାବି ନୁହେଁ, ବରଂ ଏହା ସେମାନଙ୍କର ଅଧିକାର ବୋଲି ବକ୍ତାମାନେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏହି ଅଧିକାରକୁ ହାସଲ କରିବା ପାଇଁ ଏହି ଗଣଧାରଣାକୁ ଗଣ ଆନ୍ଦୋଳନ ଯାଏ ନେଇଯିବାକୁ ଆନ୍ଦୋଳନକାରୀମାନେ ଆଲୋଚନା କରିଥିଲେ। ଆବାହକ ମଣ୍ଡଳୀ ସଭ୍ୟ ଗୟାଧର ଧଳ, ଆଦିକନ୍ଦ ରାଉଳ, ଭାଗୀରଥି ଜେନା, ସୂର୍ଯ୍ୟକାନ୍ତ ପରିଡା, ଚିରଞ୍ଜନ ଦାସ ପ୍ରମୁଖ ଧାରଣା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**ବିଧାନସଭାରେ ଉଠିଲା ଆନ୍ଦୋଳନର ସ୍ୱର**

# ଘରେ ଘରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ପାଇଁ ପ୍ରଶିକ୍ଷଣ

**କେନ୍ଦ୍ରାପଡା,୨୪।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକର ପ୍ରତ୍ୟେକ ପଞ୍ଚାୟତ ରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କୁ ଜୋରଦାର କରିବା ପାଇଁ ଏକ ବ୍ଲକ ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବିଡିଓ ଅଭିଷେକ ସ୍ୱାଇଁଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ରେ ପ୍ରତ୍ୟେକ ପଞ୍ଚାୟତ ର ସ୍ୱଚ୍ଛତା ମିତ୍ର, ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିଲେ। ପଞ୍ଚାୟତ ର ପ୍ରତ୍ୟେକ ଘରକୁ ଘର ବୁଲି ଅଳିଆ, ଆବର୍ଜନା ସଂଗ୍ରହ କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଏହା ଦ୍ୱାରା ପଞ୍ଚାୟତ ସ୍ୱଚ୍ଛ ରହିବା ସହିତ ପରିବେଶ ସୁସ୍ଥ ଓ ନିର୍ମଳ ରହିବା ସହ ଜନ ସାଧାରଣଙ୍କ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ସିଧା ସଳଖ ପଡ଼ିବ ବୋଲି ଆଶା ରଖାଯାଇଛି। ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ଜିପିଓ ସୁବ୍ରତ ରାଉତ, ବି.ଆର.ସି କାହ୍ନୁ ଚରଣ ଗିରି, ଡି.ଆର.ଡି.ଏ ର ଡି.ଏଲ୍.ସି ଇତିଶ୍ରୀ ସ୍ୱାଇଁ, ରାଜୀବ ବାଗ, ଏମ୍‌ଟି ରମାକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ପରିବା ମାର୍କେଟ ଉଦଘାଟିତ



**ପଟ୍ଟାମୁଣ୍ଡାଇ,୨୪।୯(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ସହରରେ ଜବରଦଖଲ ଉଚ୍ଛେଦ ପରେ ପରିବା ବ୍ୟବସାୟୀ ଧର୍ମଘଟ କରିବା ପରେ ପଟ୍ଟାମୁଣ୍ଡାଇ ରେ ପରିବା ସଂକଟ ସୃଷ୍ଟି ହୋଇଥିଲା । ଯାହାଫଳରେ ଖାଉଟିମାନେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗ କରିଥିଲେ ଓଏ ସମ୍ପର୍କରେ ସ୍ଥାନୀୟ ପ୍ରଶାସନ ଅବଗତ ହେବା ପରେ ପଦକ୍ଷେପ ସ୍ୱରୂପ ଆଜି ପଟ୍ଟାମୁଣ୍ଡାଇ ସାପ୍ତାହିକ ହାଟ ନିକଟରେ ଥିବା ଆର ସି ଏମ ବିଲଡିଂରେ ଏକ ପରିବା ହାଟ ଖୋଲା ଯାଇଛି ଓ ଏହି ପରିବା ହାଟକୁ ଆଜି ଉଦଘାଟନ କରାଯାଇଛି । ପଟ୍ଟାମୁଣ୍ଡାଇ ପରିବା ହାଟ ଉଦଘାଟନ ଉତ୍ସବରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, ଆଦର୍ଶ ଥାନା ଆଇ, ଆଇ ସି ବନ୍ଦନା ପାତ୍ର, ପୌର ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ, ବିକାଶ ପରିଷଦ ସଭାପତି କାଉନସିଲର ଗୋପୀବଲ୍ଲଭ ନାୟକ ସମ୍ପାଦକ ଗୋପୀନାଥ ତ୍ରିପାଠୀ, କାଉନସିଲର ବିଦ୍ୟାଧର ସେଠୀ ଓ ସୁବାଷ ମଳିକ ପ୍ରମୁଖ ଯୋଗ ଦେଇଥିଲେ ଓ ପରିବା ସଂକଟ ଦୂର ପାଇଁ ପ୍ରଶାସନର ତ୍ୱରିତ ପଦକ୍ଷେପ କୁ ପଟ୍ଟାମୁଣ୍ଡାଇ ବଣିକ ସଂଘ ସଭାପତି ଗୋପୀନାଥ କର ଉପସଭାପତି ମୋହନ ଦାସ (ନମି), ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା, ସହସମ୍ପାଦକ ସରୋଜ ପାଢ଼ୀ ଓ ଉପଦେଷ୍ଟା କିରଣ ଭୂୟାଁ ପ୍ରମୁଖ ସ୍ୱାଗତ କରିବା ସହିତ ପ୍ରଶାସନକୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୫ଲକ୍ଷ ପ୍ରଦାନ କଲେ ଯୁବ ଇଞ୍ଜିନିୟର

**ଆଳି,୨୪।୯(ସଂଚାର ବ୍ୟୁରୋ):** ଆଳି ବ୍ଲକ ମଧୁବନ ଗ୍ରାମର ଯୁବ ଇଞ୍ଜିନିୟର ସମୀର ନାୟକ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୫ ଲକ୍ଷ ଟଙ୍କା ଦାନ କରି ଏବେ ସମଗ୍ର ଆଳି ଅଞ୍ଚଳରେ ଚର୍ଚ୍ଚା କୁ ଆସିଛନ୍ତି। ମାନବ ସେବା ହିଁ ପ୍ରକୃତ ମାଧବ ସେବା
ଯାହାକୁ ପଥାୟ କରି ଶ୍ରୀ ନାୟକ ପାୱାର ପଏଣ୍ଟ ଇଞ୍ଜିନିୟରିଂ ପ୍ରାଇଭେଟ୍ ଲିମିଟେଡ଼ ପକ୍ଷରୁ ୫ ଲକ୍ଷ ଟଙ୍କା ଚେକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ପ୍ରଦାନ କରିଛନ୍ତି। ଅନ୍ୟ ପଟେ ଶ୍ରୀ ନାୟକ ଗରିବ ଛାତ୍ର ଛାତ୍ରୀ ଦୁର୍ବିପାକରେ କ୍ଷେତି ଗ୍ରସ୍ତ ଲୋକଙ୍କ ସେବା କହିବା, ବା ଦୁରା ରୋଗରେ ପୀଡିତ ଥିବା ରୋଗୀଙ୍କୁ ଆର୍ଥିକ ସାହାଯ୍ୟର ହାତ ବଢ଼ାଇବା ଏହା ତାଙ୍କର ନିତିଦିନ ଧାରଣା। ଏହି ଅବସରରେ ଯୋଗ ଦେଇଥିଲେ ତାଙ୍କ ସଂସ୍ଥାର ନିର୍ଦ୍ଦେଶକ ସୁନିଲ କୁମାର ଭୂୟାଁ ଓ ରେମୁଣା ବିଧାୟକ ତଥା ଶାସକ ଦଳର ଉପ ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗ ଦେଇଥିଲେ।
ସେପଟେ ଶ୍ରୀ ନାୟକ କହିଛନ୍ତି ଲୋକଙ୍କ ସେବା କାର୍ଯ୍ୟ ଆଗାମୀ ଦିନରେ ଜାରି ରହିବା ସହିତ ତାଙ୍କ ସଂସ୍ଥା କିପରି ଗରିବ ରୁ ଅତି ଗରିବ ଲୋକଙ୍କ ପାଖରେ ପହଞ୍ଚି ସେବା ଯୋଗାଇପରିବ ତହିଁ ଏକ ମାତ୍ର ଲକ୍ଷ ରହିବ ବୋଲି କହିଛନ୍ତି।

# ସ୍ନେହ ପକ୍ଷରୁ ଆୟୁର୍ବେଦ ଦିବସ ପାଳିତ

**ଗରଦପୁର, ୨୩।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ଅଗ୍ରଣୀ ସାମାଜିକ ସଂଗଠନ ସ୍ନେହ ମାହଲ ପକ୍ଷରୁ ବିଶ୍ୱ ଆୟୁର୍ବେଦ ଦିବସ ଆୟୁଷ୍ମାନ କେନ୍ଦ୍ର ମାହଲ ଠାରେ ପାଳିତ ହୋଇଯାଇଛି। ସଂଗଠନ ସଂଯୋଜକ ରମାକାନ୍ତ ସ୍ୱାଇଁ ଙ୍କ ସଂଯୋଜନା ରେ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ପ୍ରଶାସକ ଡ଼ଃ ନିରଞ୍ଜନ କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଜିର ଆୟୁର୍ବେଦ ଚିକିତ୍ସା ଓ ତାହର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟ ମାନଙ୍କ ମଧରେ ମୁଖ୍ୟ ବକ୍ତା ଭାବେ କଳିଙ୍ଗ କେଶରୀ ପରିଡ଼ା, ସମାଜସେବୀ ମନ୍ମଥ ନାଥ ସାମନ୍ତରାୟ, ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସଂଯୋଜିକା ଡ଼ଃ ଶ୍ରୀମତୀ ଶଶୀ ରେଖା ଦାସ ପ୍ରମୁଖ ଯୋଗଦେଇ ଆଜିର ଦିବସ ଓ ଆୟୁର୍ବେଦ ଚିକିତ୍ସା ଓ ତାହର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସଂଗଠନର ସହ ସଂଯୋଜକ ଦେବପ୍ରସାଦ ଲେଙ୍କା, ଆୟୁଷ୍ମାନ କେନ୍ଦ୍ର ସଂଯୋଜକ ରାସ ବିହାରୀ କୁଣ୍ଡୁ, ବନ୍ଦନା ବେହେରା, ସମେତ ଆଶା କର୍ମୀ, ଅଙ୍ଗନବାଡି କର୍ମୀ ଙ୍କ ସମେତ ସ୍ଥାନୀୟ ଅଧିବାସୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳା ମାନେ ଯୋଗ ଦେଇଥିଲେ।

# ଏସଏଚଜିଙ୍କ କାଗଜପତ୍ର ଯାଞ୍ଚ ଦୁଇ ମାସ ଗଲା

# ଛାତ୍ରଛାତ୍ରୀଙ୍କୁ ୟୁନିଫର୍ମ ପ୍ରଦାନରେ ବିଳମ୍ବ

**ଡେରାବିଶ, ୨୪।୯(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଆଦେଶ ଜିଲ୍ଲା ଶିକ୍ଷା ବିଭାଗ ପୂରଣ କରୁ ନ ଥିବାବେଳେ ଛାତ୍ରଛାତ୍ରୀ ୟୁନିଫର୍ମ ପାଇବାରେ ବିଳମ୍ବ ହେଉଛି। ଗତବର୍ଷ ଶିକ୍ଷାବର୍ଷର ଶେଷ ପର୍ଯ୍ୟାୟରେ ଛାତ୍ରଛାତ୍ରୀ ପୋଷାକ ପାଇଥିବାବେଳେ ଚଳିତବର୍ଷର ବିଭିନ୍ନ ପୂଜା ପାର୍ବଣ ସରିବା ସହ ସ୍ୱାଧୀନତା ଦିବସରେ ଛାତ୍ରଛାତ୍ରୀ ନୂତନ ୟୁନିଫର୍ମରୁ ବଞ୍ଚିତ ହୋଇଛନ୍ତି। ସରକାର ଗତବର୍ଷ ସ୍ୱୟଂସହାୟକ ଗୋଷ୍ଠୀ ମାଧମରେ ପୋଷାକ ବିତରଣ କରିଥିଲେ। ଚଳିତ ବର୍ଷ ମଧ ଏସଏଚଜି ମାଧମରେ ପୋଷାକ ଦେବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ବିଭିନ୍ନ ବ୍ଲକ୍‌ରେ ଏସଏଚଜି ବିଦ୍ୟାଳୟରେ ପୋଷାକ ଦେବାକୁ ଆବେଦନ କରିଥିଲେ। ଆବେଦନକୁ ଦୁଇମାସ ପୂରିଲା, କିନ୍ତୁ ୟୁନିଫର୍ମ ଦେବାକୁ ନିର୍ଦ୍ଦେଶ ଆସି ନ ଥିବା ଅଭିଯୋଗ ହେଉଛି। ଏମିତି ଦେଖୁବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ ବ୍ଲକ୍‌ରେ। ଡେରାବିଶ ବ୍ଲକ୍‌ରେ ପ୍ରାୟ ୧୭ଟି କ୍ଲଷ୍ଟର ଥିବାବେଳେ ୫୦ରୁ ଅଧିକ ମହିଳା ଗ୍ରୁପ ଆବେଦନ କରିଥିବା ଜଣାପଡ଼ିଛି। ଏଥି ନିମନ୍ତେ ବ୍ଲକ୍‌ସ୍ତରୀୟ କମିଟି ଗଠନ କରାଯାଇ ଆବେଦନ କରିଥିବା ଏସଏଚଜିଙ୍କ କାଗଜପତ୍ର ଯାଞ୍ଚ କରାଯାଇଥିଲା। ସରକାରଙ୍କ ଆଦେଶ ଅନୁଯାୟୀ ଅଗଷ୍ଟ ମାସ ସୁଦ୍ଧା ପୋଷାକ ଦେବାକୁ ସ୍ଥିର କରାଯାଇଥିବାବେଳେ ଶିକ୍ଷା ବିଭାଗ ଅଧିକାରୀଙ୍କ ଅବହେଳା ଯୋଗୁଁ ଛାତ୍ରଛାତ୍ରୀ ପୋଷାକ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି। ଶିକ୍ଷା ବିଭାଗ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି, କମିଟି ସମସ୍ତ ଏସଏଚଜିଙ୍କ କାଗଜପତ୍ର ଯାଞ୍ଚ କରି ଜିଲ୍ଲା କମିଟିକୁ ପଠାଇଛି। ଜିଲ୍ଲା କମିଟିରୁ ନିର୍ଦ୍ଦେଶ ଆସିଲେ ପୋଷାକ ଦେବା ପାଇଁ ବ୍ୟବସ୍ଥା କରାଯିବ।

## ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟରେ ୩ଦିନିଆ କର୍ମଶାଳା

# ସାମାଜିକ ପରିବର୍ତ୍ତନ ବାହକ ହୁଅନ୍ତୁ ଛାତ୍ରଛାତ୍ରୀ: ଅଧ୍ୟକ୍ଷ




**କେନ୍ଦ୍ରାପଡା, ୨୪।୯(ସଂଚାର ବ୍ୟୁରୋ):** ଜାତୀୟ ସେବା ଯୋଜନା ଯୁବ ବିକାଶର ପ୍ରୟୋଗଶାଳା ହେଉ। ସମାଜ ସେବା ଜରିଆରେ ଛାତ୍ରଛାତ୍ରୀମାନେ ନିଜ ବ୍ୟକ୍ତିତ୍ୱର ବିକାଶ କରନ୍ତୁ। ଛାତ୍ରଛାତ୍ରୀ ପାଠ ପଢ଼ିବା ସହ ସମାଜ ପରିବର୍ତ୍ତନର ବାହକ ହୋଇ ଆଲୋକ ପ୍ରଦାନ କରିବାକୁ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟରେ ଆୟୋଜିତ ୩ଦିନିଆ କର୍ମଶାଳାରେ ଅଧକ୍ଷ ଡ଼.ରବୀନ୍ଦ୍ର କୁମାର ବଳ ଆହ୍ୱାନ ଦେଇଛନ୍ତି। ଜାତୀୟ ସେବା ଯୋଜନା ଜରିଆରେ ଛାତ୍ରବିକାଶ, ସମାଜ ବିକାଶ ଓ ଦେଶବିକାଶ କରିବାରେ ଛାତ୍ରଛାତ୍ରୀ ସହାୟକ ହୋଇଥାନ୍ତି। ଶିକ୍ଷା ଓ ସେବା, ତତ୍ତ୍ୱ ଓ ପ୍ରୟୋଗ, ଶିକ୍ଷାନୁଷ୍ଠାନ ଓ ଜନଗୋଷ୍ଠୀ, ସମସ୍ୟା ଓ ସମାଧାନ, ମାନ ଓ ମୂଲ୍ୟବୋଧ, ଏକତା ଓ ବିବିଧତା ସର୍ବୋପରି ବ୍ୟକ୍ତିବାଦ ଓ ରାଷ୍ଟ୍ରବାଦ ମଧରେ ଏନ୍.ଏସ୍.ଏସ୍ ଯେ ଏକ ସଂଯୋଗ ସେତୁର ଭୂମିକା ନିର୍ବାହ କରିଥାଏ ସେନେଇ ଆଲୋଚନା କରାଯାଇଥାଏ। ନିଜ ଶିକ୍ଷାନୁଷ୍ଠାନ ପରିସରର ସ୍ୱଚ୍ଛତା, ସବୁଜିମା ଓ ସୌନ୍ଦର୍ଯ୍ୟକରଣ ସହିତ ସମୟାନୁବର୍ତ୍ତିତା ହେବାକୁ କର୍ମଶାଳାରେ ଆହ୍ୱାନ ଦିଆଯାଇଛି। ଆଜିର ଛାତ୍ରଛାତ୍ରୀ ନୂତନ ସମାଜ ଗଠନରେ ସହାୟକ ହୋଇ କେତେବେଳେ ରକ୍ତଦାନ କରିତ କେତେବେଳେ ଚାରାରୋପଣ କରି, କେତେବେଳେ ନିଶା ଓ ଅନ୍ଧବିଶ୍ୱାସ ବିରୋଧରେ ସଚେତନତା ସୃଷ୍ଟି କରିତ, ଆଉ କେତେବେଳେ ସଡ଼କ ନିରାପତ୍ତା ସମ୍ପର୍କରେ ଜାଗରଣ ସୃଷ୍ଟି କରିବା ସହ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସହାୟତା ଯୋଗାଇ ପ୍ରକୃତ ସମାଜସେବୀର ପରିଚୟ ସୃଷ୍ଟି କରୁଛନ୍ତି। ଏହାଛଡା କମ୍ପ୍ୟୁଟର ସାକ୍ଷରତା, ସାଇବର ଅପରାଧ, ସାମାଜିକ ଗଣମାଧମର ସଦୁପଯୋଗ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଆଇନ ମହାବିଦ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବାକୁ ଖସଡ଼ା ପ୍ରସ୍ତୁତ ହୋଇଛି ବୋଲି କାର୍ମଶାଳାରେ ଆଲୋଚନା ହୋଇଛି। ଆଜିର ଯୁବପୀଢ଼ି ସମାଜସେବା ପ୍ରତି ସକାରାତ୍ମକ ମନୋଭାବ ପୋଷଣ କଲେ 'ଛାତ୍ରଶକ୍ତି ଯେ ରାଷ୍ଟ୍ରଶକ୍ତି' ପରିଣତି ନିଶ୍ଚିତ ହେବ ।

# ତୃତୀୟ ଦିନରେ ଜିପିଏଲଏଫ୍ ମିଶନ ଶକ୍ତି ଧାରଣା



**କେନ୍ଦ୍ରାପଡା, ୨୪।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ କାର୍ଯ୍ୟାଳୟ ପରିସର ରେ ବ୍ଲକ ସ୍ତରୀୟ ଜି.ପି.ଏଲ.ଏଫ୍ ମିଶନ ଶକ୍ତି କର୍ମ ସଂଘର ୫ ଦଫା ଦାବିକୁ ନେଇ ତୃତୀୟ ଦିନରେ ଧାରଣା ଜାରି ରହିଛି। ଜିଲ୍ଲା ବ୍ଲକ ସଭାନେତ୍ରୀ ନିରୁପମା ମହାନ୍ତି, ସଂପାଦିକା ସୁପ୍ରିୟା ବୋଷଙ୍କ ନେତୃତ୍ୱରେ ଏହି ଧାରଣାରେ ଏମ୍.ବି.କେ. ସି.ଆର.ପି, କେ.ଏମ୍, ବି.ଏମ୍, ପି.ଏମ୍ ମାନେ ବସି ରହି ନିଜର ନାର୍ଯ୍ୟ ଦାବି ଗୁଡିକୁ ପୁରଣ କରିବା ପାଇଁ ଦାବି ସହିତ ଗତ ୬ ମାସର ବକେୟା ଦରମା ଏପ୍ରିଲ ମାସ ଠାରୁ ବୋନସ୍ ସହିତ ପ୍ରଦାନ କରିବା ପାଇଁ ଚିଠି ଆସିଥିଲେ ସୁଦ୍ଧା ତାହା ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି। କମ୍ୟୁନିଟି ସପୋର୍ଟ କର୍ମକର୍ତାଙ୍କ ସ୍ଥାୟୀ ନିଯୁକ୍ତି, ସ୍ଥିର ପାରିଶ୍ରମିକ, ପାରିଶ୍ରମିକ ସିଧା ସଳଖ ବ୍ୟାଙ୍କ ଖାତାକୁ ପ୍ରଦାନ କରିବା ଆଦି ଦାବି ଗୁଡିକ ରହିଛି। ଏହି ନାର୍ଯ୍ୟ ଦାବି ଗୁଡିକ ପୁରଣ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଜଣା ପଡ଼ିଛି। ଏହି ଧାରଣାରେ ସରୋଜିନୀ ତ୍ରିପାଠୀ, ପ୍ରମିଳା ଦାସ, ରଶ୍ମିତା ରାଉତ, ପ୍ରିୟଦର୍ଶିନୀ ମହାନ୍ତି, ସସ୍ମିତା ଦାସ, ନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ଶିବିର




**କେନ୍ଦ୍ରାପଡା,୨୪।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସର୍କିଟ ହାଉସଠାରେ ଓଡିଶା ରାଜ୍ୟ ମହିଳା ଆୟୋଗଙ୍କ ଏକ ଶିବିର ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମହିଳା ଆୟୋଗ ଅଧକ୍ଷା ଶୋଭନା ମହାନ୍ତି ଓ ସଦସ୍ୟା କଳ୍ପନା ମଲ୍ଲିକ, ରେଜିଷ୍ଟ୍ରର ସୁଶୀଲ କୁମାର ରୟ, କାଉସିଲର ବନ୍ଦନା ମହାନ୍ତି ଏବଂ ପ୍ରିୟଦର୍ଶିନୀ ଆଚାର୍ଯ୍ୟ ଯୋଗ ଦେଇ ଶୁଣାଣି ଶିବିରରେ ସହାୟତା କରିଥିଲେ। ଏହି ଶିବିର ଅଦାଲତରେ ୪୧ ଟି ମାମଲାର ଶୁଣାଣି ନିମନ୍ତେ ଧାର୍ଯ୍ୟ କରାଯାଇଥିବା ବେଳେ ସେଥିରୁ ୨୩ ଟିର ଶୁଣାଣି ହୋଇଥିଲା। ଏଥିରୁ ୬ଟି ମାମଲାର ଆପୋଷ ସମାଧାନ ହୋଇଥିବା ବେଳେ ୫ଟି ମାମଲାର ତଦନ୍ତ ନିମନ୍ତେ ପୋଲିସ ପ୍ରଶାସନକୁ ପଠାଇଦିଆଯାଇଛି। ସେହିପରି ଅନ୍ୟ ୨ଟିକୁ ଶିଶୁ ସୁରକ୍ଷା ଅଧିକାରୀ ନିକଟକୁ ଘରୋଇ ହିଂସା ଆଇନରେ କେସ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଗୋଟିଏ କେସ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ନିକଟକୁ ପଠାଯାଇଛି। ଅବଶିଷ୍ଟ ୯ ଗୋଟି ମାମଲାର ପୁନର୍ବାର ଶୁଣାଣି ନିମନ୍ତେ ନୋଟିସ ପ୍ରେରଣ କରିବା ନିମନ୍ତେ ଆଦେଶ ଦିଆଯାଇଛି। ଶିବିରରେ ଜିଲ୍ଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲପାଳ(ରାଜସ୍ୱ)ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧକାର ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମମତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ରାଜକନିକା ର ପେଗରପଡା ପଞ୍ଚାୟତ ର ଦଳିତ ମହିଳା ମାନେ ମହିଳା କମିଶନଙ୍କୁ ଭେଟି ରାଜକନିକା ଥାନା ଅଧିକାରୀଙ୍କ ଅଶାଳୀନ ବ୍ୟବହାର ସଂପର୍କରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ପକ୍ଷପାତ ନୀତି ଅବଲମ୍ବନ କରି ଅଭିଯୋଗକାରୀଙ୍କ ପ୍ରତି ନ୍ୟାୟ ପ୍ରଦର୍ଶନ କରୁ ନଥିବା ଓ ନାରୀ ନେତ୍ରୀ ମାନଙ୍କୁ ଅସଭ୍ୟ ଭାଷା ପ୍ରୟୋଗ କରିବା ସହ ଅଶାଳୀଣ ବ୍ୟବହାର ଦେଖାଉଥିବା ପ୍ରତିବାଦ ରେ ଏହି ମହିଳାମାନେ ଦୀର୍ଘ ୧ ସପ୍ତାହ ଧରି ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଥିଲେ ମଧ ପୋଲିସ ପ୍ରଶାସନ ସେଥିପ୍ରତି ଆଦୌ ଗୁରୁତ୍ୱ ଦେଉ ନଥିବା କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବା ମାନ୍ୟବର ଆୟୋଗଙ୍କୁ ଅବଗତ କରାଇଥିଲେ।

# ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଚିକିତ୍ସା ଶିବିର

**ଆଳି,୨୪।୯(ସଂଚାର ବ୍ୟୁରୋ):** ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ବୁଧବାର ଦିନ ଏକ ଚିକିତ୍ସା ଶିବିର ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଶିବିରରେ ଏଡିଏମଓ ପ୍ରମୋଦ କୁମାର ପ୍ରହରାଜ ଶୁଭାରମ୍ଭ କରିଥିବା ବେଳେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ ପ୍ରଣବ କୁମାର ଶୁକ୍ଲା, ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଇନ୍ଦ୍ରଭାନୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଚିକିତ୍ସା ଶିବିରରେ ଶିଶୁ ବିଭାଗ, ସ୍ତ୍ରୀ ଓ ପ୍ରସୂତି ବିଭାଗ, ଦନ୍ତ, ଚକ୍ଷୁ ଓ ମାନସିକ ବିଭାଗର ବରିଷ୍ଠ ଡାକ୍ତର ମାନେ ଯୋଗଦେଇ ଅଞ୍ଚଳର ୪୫୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣାରେ ବିଭିନ୍ନ ପ୍ରକାର ପରୀକ୍ଷା କରାଯିବା ସହ ଔଷଧ, ଚଷମା ଯୋଗାଇ ଦିଆଯାଇଥିବା ଆଳି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଏହି ଶିବିରକୁ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ସିଲି ପ୍ରିୟମ୍ବଦା ସାହୁ, ବ୍ଲକ ଡାଟା ମ୍ୟାନେଜର ଅଭିରାମ ସାହୁ, ଆକାଉଣ୍ଟଟାଣ୍ଟ ରବିନ୍ଦ୍ର ଜେଠୀ ପ୍ରମୁଖ ପରିଚାଳନା କରିଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଡାକ୍ତର, ସ୍ୱାସ୍ଥ୍ୟକର୍ମୀଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।



## ବିଜୟ ମହାପାତ୍ରଙ୍କ ଜନ୍ମ ଦିନ ନିଆରା ଢଙ୍ଗରେ ପାଳନ

# ଶୁଭେଚ୍ଛୁଙ୍କ ଦ୍ୱାରା ରକ୍ତଦାନ ଶିବିର, ୧୬୭ ୟୁନିଟ୍ ରକ୍ତ ସଂଗୃହୀତ



**ଗରଦପୁର,୨୪।୯(ସଂଚାର ବ୍ୟୁରୋ):** ବରିଷ୍ଠ ରାଜନେତା ବିଜୟ ମହାପାତ୍ରଙ୍କ ଜନ୍ମ ଦିନ ବହୁ ଆଡମ୍ବର ସହକାରେ ପାଳନ ହୋଇଯାଇଛି। ଏହି ଅବସରରେ ବୁଧବାର ଦିନ ଗରଦପୁର ବ୍ଲକ୍ ତଳକୁସୁମା ଠାରେ ଏକ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଉକ୍ତ ରକ୍ତଦାନ ଶିବିରରେ ୧୬୭ ୟୁନିଟ ରକ୍ତ ସଂଗୃହିତ ହୋଇଛି। ଗରଦପୁର ବ୍ଲକ୍ ସମେତ ଡ଼େରାବିଶ, ମାର୍ଶାଘାଇ ଓ ତିର୍ତୋଲ ଅଞ୍ଚଳରୁ ବିଜୟ ଙ୍କ ଶୁଭେଚ୍ଛୁମାନେ ଶିବିରରେ ପହଂଚି ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିଛନ୍ତି। ଏହି ଅବସରରେ ପୂଜ୍ୟ ପୂଜକ ବାବା ବଳିଆଙ୍କ ପଟ୍ଟଶିଷ୍ୟ ବାବାଜୀ ଶ୍ରୀବାସ ଦାସ ଶ୍ରୀ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ସହିତ କେକ୍ କାଟି ଉତ୍ସବର ଉଦଘାଟନ କରିଥିଲେ। ସେହିପରି ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ାକ୍ତର ମେନୋରଂଜନ ରାଉତ ଓ ବିଶିଷ୍ଟ ଅତିଥି ଭାବେ ପାଟକୁରା ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ାକ୍ତର ନିରଞ୍ଜନ କର ରିବନ୍ କାଟି ରକ୍ତଦାନ ଶିବିରର ଶୁଭାରମ୍ଭ କରିଥିଲେ। ଶିବିର ରେ ସମ୍ମାନୀତ ଅତିଥି ଭାବେ ପ୍ରାଧାପକ ନୀରୋଦ ଦାସ, ଲୋକନାଥ ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ଼ ବିଚିତ୍ରା ମଂଜରୀ ତ୍ରିପାଠୀ, ମେଜର ଭରତ ଚନ୍ଦ୍ର ଜେନା, ଗୀତିକବି କୁଂଜ ବିହାରୀ ପାଣି, ପଣ୍ଡିତ ସାରଦା ପ୍ରସାଦ ଶତପଥି, ପ୍ରକୃତି ବନ୍ଧୁ ଉଦୟ ନାଥ ଚୌଧୁରୀ, କବି ପ୍ରଭାତ କୁମାର ପରିଡ଼ା, ଗାଳ୍ପିକ ନରୋତମ ପରିଡ଼ା, ସରପଞ୍ଚ ଅଂଜନ କୁମାର ନାୟକ, ସରପଞ୍ଚ ରଂଜନ ନାୟକ, ସରପଞ୍ଚ ଅନୁସୟା ବେହେରା, ସରପଞ୍ଚ ସଂଯୁକ୍ତା ମହାପାତ୍ର, ସମିତି ସଭ୍ୟ ବ୍ରଜ କିଶୋର ସାହୁ, ସମିତି ସଭ୍ୟ ପ୍ରଭାତ ରଂଜନ ସାହୁ, ପୂର୍ବତନ ସରପଞ୍ଚ ଅଶୋକ ଜେନା, ପୂର୍ବତନ ସରପଞ୍ଚ ଅଜୟ କୁମାର ଦାସ, ପ୍ରତିନିଧି ମଲିକ, ଆକାଶ ମହାପାତ୍ର, ମୋହନ ଶୁକ୍ଳ, ସମିତି ସଭ୍ୟ ରାକେଶ ମହାପାତ୍ର, ସରପଞ୍ଚ ପ୍ରତିନିଧି କିଶୋର ମହାପାତ୍ର ପ୍ରମୁଖ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ।

## NOTICE

I, Sushila Moharana son of Nabaghana Moharana At- Hatia, PO-Manatir, PS-Marshaghai, Dist- Kendrapara state that the original Regd. sale deed No.10961401194 dt.25.6.2014 executed by Narahari Rout in favour of Khageswar Rout in the office of SRO, Marshaghai has been lost/misplaced from my custody and my all attempt to trace/find the same fruitless despite of my best efforts. A Station Diary vide GD No.4 dt.20.9.2025 has been made at Kendrapara town police station in this respect on my report. No mortgage/charge/security has been created with any banks/Financial institutions by depositing the said original Regd. sale deed for any loan till date. If no objection is received from any concerned within a period of 15 days from the date of publication of this notice, it will be presumed that the property in question is fee from all encumbrances by others.

## ବିଧାନସଭା ଖବର

# ଗୋଟିଏ ବର୍ଷରେ ୧୬୫୧ କୋଟି ଟଙ୍କାର ବଳକା ବିଜୁଳି ବିକ୍ରି

ଭୁବନେଶ୍ୱର,୨୪ା୯(ସଂଚାର ବ୍ୟୁରୋ): ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଏକ ବଳକା ରାଜ୍ୟ ହୋଇଥିବାବେଳେ ଗତ ଆର୍ଥିକ ବର୍ଷରେ ଓଡ଼ିଶା ବଳକା ବିଜୁଳି ବିକି ୧୬୫୧ କୋଟି ଟଙ୍କାରୁ ଅଧିକ ରାଜସ୍ୱ ପାଇଛି। ରାଜ୍ୟର ବଳକା ବିଜୁଳି ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ବିଧାନସଭାରେ ଏହି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ଉପମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ୨୦୧୯-୨୦ ବର୍ଷରେ ଓଡ଼ିଶା ବାହାର ରାଜ୍ୟକୁ ୧୨୮୫ ନିୟୁତ ୟୁନିଟ୍ ବିଜୁଳି ବିକ୍ରିକରି ୩୪୪ କୋଟି ଟଙ୍କାର ରାଜସ୍ୱ ପାଉଥିବାବେଳେ ୨୦୨୦-୨୧ ବର୍ଷରେ ରାଜସ୍ୱ ପରିମାଣ ୧୫୮୫ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ତେବେ ୨୦୨୨-୨୩ ବର୍ଷରେ ବିଜୁଳି ବିକ୍ରି ପରିମାଣ ୧୨୯୫ ନିୟୁତ ୟୁନିଟ୍କୁ ହ୍ରାସ ପାଇବା ସହିତ ରାଜସ୍ୱ ପରିମାଣ ମଧ୍ୟ ୬୭୭ କୋଟି ଟଙ୍କାକୁ ହ୍ରାସ ପାଇଥିଲା। ତେବେ ଏହା ପରଠାରୁ ଅର୍ଥାତ୍ ୨୦୨୩-୨୪ ବର୍ଷରେ ଓଡ଼ିଶା ୧୧୨୯.୭୪ କୋଟି ଟଙ୍କାର ବିଜୁଳି ବିକ୍ରି କରିଥିବାବେଳେ ୨୦୨୪-୨୫ ବର୍ଷରେ ଏହି ପରିମାଣ ୧୬୫୧ କୋଟି ୫୦ଲକ୍ଷ ଟଙ୍କା ହୋଇଛି। ସେହିଭଳି ବିଜୁଳି ଉପାଦନ ଓ ବଣ୍ଟନ ଜନିତ କ୍ଷତିର ପରିମାଣ ସଂକ୍ରାନ୍ତରେ ମନ୍ତ୍ରୀ ଦର୍ଶାଇଛନ୍ତି ଯେ ୨୦୨୪-୨୫ ବର୍ଷରେ ଟିପିସିଓଡିଏଲର ଏହି କ୍ଷତି ୧୯.୧୧ ପ୍ରତିଶତ ଥିଲା, ଯାହାକି ସର୍ବଭାରତୀୟ ସ୍ତରରେ ସପ୍ତମ ସ୍ଥାନ। ଏହାଛଡ଼ା ଟିପିଡବ୍ଲୁଓଡିଏଲର କ୍ଷତି ୧୬.୨୩ ପ୍ରତିଶତ ଥିବାବେଳେ ଏହା ଦେଶର ଷଷ୍ଠ ସ୍ଥାନରେ ରହିଥିଲା। ଟିପିଏନଓଡିଏଲର କ୍ଷତି ୧୨.୪୬ ପ୍ରତିଶତ ହୋଇ ଦେଶର ନବମ ସ୍ଥାନରେ ଥିବାବେଳେ ଟିପିଏସଓଡିଏଲର କ୍ଷତିର ପରିମାଣ ୨୩.୩୭ ପ୍ରତିଶତ ରହିଛି, ଯାହାକି ଦେଶର ୨୯ତମ। ଏହି କ୍ଷତିକୁ ହ୍ରାସ ପାଇଁ ଜିଆଇଏସ୍ ଆଧାରିତ ନେଟୱାର୍କ ଯୋଜନା ହାତକୁ ନିଆଯାଇଥିବାବେଳେ ନୂତନ ଫିଡର ଏବଂ ଇଣ୍ଟରଲିଙ୍କ ଲାଇନ୍ ସଂଖ୍ୟା ବୃଦ୍ଧି କରାଯାଇଛି। ଅତିରିକ୍ତ ଲୋଡ୍ର ଆବଶ୍ୟକତା ପୂରଣ ପାଇଁ ନୂତନ ପିଏସଏସ ନିର୍ମାଣ କରାଯାଇଛି। ନିମ୍ନିତ ଗଛ କାଟିବା ଏବଂ ଖୋଲା ମୁଲ୍ଲା ତାରକୁ ଏଲଟି ଏବିସି ପରିବର୍ତ୍ତନ କରିବା ଭଳି ପଦକ୍ଷେପ ନିଆଯାଇଥିବା ଉପମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି।

## ଆବଶ୍ୟକତାଠାରୁ ଅଧିକ ସାର ଉପଲବ୍ଧ

ରାଜ୍ୟରେ ଚଳିତ ଖରିଫ ଋତୁ ପାଇଁ ସେତିକି ପରିମାଣର ୟୁରିଆ, ଡିଏପି ଓ ଏମଓପି ଆବଶ୍ୟକ ତାହାଠାରୁ ଅଧିକ ଉପଲବ୍ଧ ରହିଛି। ସାର ଆବଶ୍ୟକତା ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁମୋଦିତ ପରିମାଣ ଅନୁଯାୟୀ ୨୦୨୫ ଖରିଫରେ ରାଜ୍ୟ ପାଇଁ ୪ ଲକ୍ଷ ୩୦ ହଜାର ମେଟ୍ରିକ ଟନ୍ ୟୁରିଆ ଆବଶ୍ୟକ ଥିବା ବେଳେ ଗତ ୧୭ ତାରିଖ ସୁଦ୍ଧା ୫ ଲକ୍ଷ ୪୭ ହଜାର ୬୪ ମେଟ୍ରିକ ଟନ୍ ୟୁରିଆ ମହଜୁଦ ରହିଛି। ସେହିଭଳି ୨ ଲକ୍ଷ ଟନ୍ ଡିଏପି ଆବଶ୍ୟକ ଥିବାବେଳେ ଉପଲବ୍ଧ ରହିଛି ୨ ଲକ୍ଷ ୨୬ ହଜାର ୪୭୪ ମେଟ୍ରିକ ଟନ୍। ଏହାଛଡ଼ା ୬୦ ହଜାର ମେଟ୍ରିକ ଟନ୍ ଏମଓପି ଆବଶ୍ୟକ ଥିବା ବେଳେ ଉପଲବ୍ଧ ରହିଛି ୬୭ ହଜାର ୨୪୨ ମେଟ୍ରିକ ଟନ୍। ଅନ୍ୟ ପକ୍ଷରେ ୨୦୨୫ ରବି ଋତୁ ପାଇଁ ରାଜ୍ୟରେ ୧ ଲକ୍ଷ ୯୦ ହଜାର ଟନ୍ ୟୁରିଆ, ୭୫ ହଜାର ଟନ୍ ଡିଏପି ଓ ୨୫ ହଜାର ଟନ୍ ଏମ୍ଓପିର ଆବଶ୍ୟକ ରହିଥିବା ଉପମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାରେ ମୋଟ୍ ୬୧.୮୦ ଲକ୍ଷ ହେକ୍ଟର ଚାଷ ଜମି ରହିଛି। ଏଥିରେ ଖରିଫ ଋତୁରେ ୨୫ ପ୍ରକାର ଚାଷ ହେଉଥିବାବେଳେ ରବି ଋତୁରେ ୩୧ ପ୍ରକାରର ଚାଷ କରାଯାଉଛି। ଉପମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ରାଜ୍ୟରେ ବଡ଼ ଚାଷୀଙ୍କ ସଂଖ୍ୟା ୩୯୭୫ ଥିବାବେଳେ ମଧ୍ୟମ ଚାଷୀଙ୍କ ସଂଖ୍ୟା ୩,୩୭,୯୪୫, କ୍ଷୁଦ୍ର ଚାଷୀଙ୍କ ସଂଖ୍ୟା ୮,୮୭,୨୭୨ ଏବଂ ନାମମାତ୍ର ଚାଷୀଙ୍କ ସଂଖ୍ୟା ୩୬,୩୬,୬୫୮ ରହିଛି।

## ସେମିକଣ୍ଡକ୍ଟର ଶିଳ୍ପ ପାଇଁ ୩ ସଂସ୍ଥାକୁ ସବୁଜ ସଙ୍କେତ

ରାଜ୍ୟ ସରକାର ନିଜର 'ଓଡ଼ିଶା ସେମିକଣ୍ଡକ୍ଟର ଉତ୍ପାଦନ ଓ ଫ୍ୟାବଲେସ ନୀତି' ଦ୍ୱାରା ରାଜ୍ୟକୁ ସେମିକଣ୍ଡକ୍ଟର ହବ୍ରେ ପରିଣତ କରିବା ପାଇଁ ଏକ ରଣନୈତିକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଅଦ୍ୟାବଧି ଏଥିପାଇଁ ୩ଟି କମ୍ପାନୀକୁ ଓଡ଼ିଶାରେ ସେମାନଙ୍କ ଶିଳ୍ପ ପ୍ରତିଷ୍ଠା ପାଇଁ ସବୁଜ ସଙ୍କେତ ଦିଆଯାଇଛି। ରାଜ୍ୟରେ ସେମିକଣ୍ଡକ୍ଟର ଶିଳ୍ପ ପ୍ରତିଷ୍ଠା ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଇଲେକଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ। ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ସରକାରୀ ମଞ୍ଜୁରୀ ପାଇଥିବା ସଂସ୍ଥା ମଧ୍ୟରେ ରହିଛି ସିକ୍ସେମ୍ ପ୍ରାଇଭେଟ ଲିମିଟେଡ। ଏହି ସଂସ୍ଥା ରାଜ୍ୟରେ ପ୍ରାୟ ୨୦୬୬ କୋଟି ଟଙ୍କା ବିନିଯୋଗ କରିବ ଏବଂ ଏଥିରେ ସିଧାସଳଖ ୧୦୦୦ ଜଣ କର୍ମସଂସ୍ଥାନ ପାଇବେ। ସେହିଭଳି ୩ଡିଜିଏସ୍କୁ ଅନୁମତି ମିଳିଥିବାବେଳେ ଏହି ସଂସ୍ଥା ୧୯୪୪ କୋଟି ଟଙ୍କା ଖଟାଇବ ଏବଂ ଏଥିରେ ସିଧାସଳଖ ୫୦୦ ଲୋକ ନିଯୁକ୍ତି ପାଇବେ। ସେହିଭଳି ଆରଆଇଆର ପାୱାର ଇଲେକଟ୍ରୋନିକ୍ସ ସଂସ୍ଥାକୁ ଓଡ଼ିଶା ସରକାର ସବୁଜ ସଙ୍କେତ ଦେଇଛନ୍ତି। ଏହି ସଂସ୍ଥା ୬୧୮ କୋଟି ଟଙ୍କା ଖଟାଇବାବେଳେ ଏଥିରେ ସିଧାସଳଖ ୫୦୦ ଜଣ ନିଯୁକ୍ତି ପାଇପାରିବେ। ମନ୍ତ୍ରୀ କହିଛନ୍ତି ଯେ ନୂତନ ନୀତି ବୃହତ୍ ପୁଞ୍ଜି ନିବେଶକୁ ଆକୃଷ୍ଟ କରିବାପାଇଁ ପୁଞ୍ଜି ସବସିଡ୍ ଏବଂ ଟିକସ ପରିଶୋଧ ସମେତ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିଥାଏ। ଏହାର ପରିପୂରକ ହେଉଛି ଓ-ଚିପ୍ କାର୍ଯ୍ୟକ୍ରମ, ଯାହା ଷ୍ଟାର୍ଟଅପ୍ ଓ କମ୍ପାନୀଗୁଡିକୁ ଅତ୍ୟାବଶ୍ୟକ ଭିତ୍ତିଭୂମି ପ୍ରଦାନ କରି ଫେବ୍ଲେସ ଡିଜାଇନ୍ ଇକୋସିଷ୍ଟମକୁ ସମର୍ଥନ କରିବା ପାଇଁ ଏକ ଉତ୍ସର୍ଗୀକୃତ ପଦକ୍ଷେପ।

● ରାଇଘରରେ ଅଭାବନୀୟ ଦୃଶ୍ୟ

# ବାଇକ୍‌ରେ ବୁହାହେଲା ଶବ

### ଯୋଜନା ବଢୁଥିଲେ ବି ସେବା ସ୍ତର ସୁଧୁରୁନି



ରାଇଘର,୨୪ା୯(ସଂଚାର ବ୍ୟୁରୋ): ରାଜ୍ୟ ସରକାର ଜନସାଧାରଣଙ୍କୁ ସମସ୍ତ ପ୍ରକାର ସୁବିଧା ଦେବା ସକାଶେ ଉଦ୍ୟମ ଚଳାଇବା ସହ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସୁଧାର ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ବିଶେଷକରି ଗ୍ରାମାଞ୍ଚଳରେ ଏହି ସୁବିଧାକୁ ଅଧିକ ଜନକେନ୍ଦ୍ରିକ କରାଯିବା ସକାଶେ ସରକାର ପ୍ରୟତ୍ନ ଅଛନ୍ତି। କିନ୍ତୁ ଏସବୁ ସତ୍ତ୍ୱେ ବିଭିନ୍ନ ସ୍ଥାନରେ ସେବା ସ୍ତରରେ ବିଶେଷ ଉନ୍ନତି ପରିଲକ୍ଷିତ ହୋଇପାରୁନାହିଁ। ଆଜି ନବରଙ୍ଗପୁରର ରାଇଘର ବ୍ଲକ୍‌ରେ ଏପରି ଏକ ଦୃଶ୍ୟ ସାମ୍ନାକୁ ଆସିଛି । ଏଠାକାର କୁକେଡ଼ ପଞ୍ଚାୟତର ସମ୍ବଲପୁର ଗ୍ରାମର ଭାନୁବାଇ ରାଉତ (୭୦) ତାଙ୍କ ଝିଅ ଘର ତାରାଙ୍ଗପୁରାକୁ ବୁଲିବାକୁ ଯାଇଥିବା ବେଳେ ଅଚାନକ ଆଜି ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକେ ତାଙ୍କ ମୃତଦେହକୁ ଏକ ମଟର ସାଇକେଲରେ ବାନ୍ଧି ଯିବା ସହ ବର୍ଷାରେ ଭିଜୁଥିବା ଦେଖିବାକୁ ମିଳିଥିଲା।

▶ ମୋଦିଙ୍କ ଓଡ଼ିଶା ଗସ୍ତ ନେଇ ମୁଖ୍ୟ ସଚିବଙ୍କ ପ୍ରସ୍ତୁତି ବୈଠକ

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ



ଭୁବନେଶ୍ୱର,୨୪ା୯(ସଂଚାର ବ୍ୟୁରୋ): ଆସନ୍ତା ୨୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିନିକିଆ ଗସ୍ତରେ ଓଡ଼ିଶା ଆସିବେ। ମୋଦିଙ୍କ ଏହି ଝାରସୁଗୁଡ଼ା ଗସ୍ତ ସକାଶେ ଆଜି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ବୈଠକରେ ପ୍ରଧାନମନ୍ତ୍ରୀଙ୍କ ଝାରସୁଗୁଡ଼ା ଗସ୍ତ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପନ୍ନ ହେବା ଉପରେ ଗୁରୁତ୍ୱାରୋପ କରାଯାଇଛି। ସେହିପରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ଓ ଉଚ୍ଚ ଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଝାରସୁଗୁଡା ଗସ୍ତ କରି କ୍ଷେତ୍ର ପରିଦର୍ଶନ ସହ ସେଠାରେ ଏକ ବୈଠକରେ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଥିବା ଜଣାପଡ଼ିଛି। ସେହିପରି ସନ୍ଧ୍ୟାରେ ମୁଖ୍ୟ ଶାସନ ସଚିବ ଲୋକସେବା ଭବନ ବୈଠକରେ ରାଜ୍ୟ ପ୍ରଶାସନର ସମ୍ପୃକ୍ତ ବିଭିନ୍ନ ବିଭାଗ ସଚିବ ଓ ପୁଲିସ ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

ମିଳିଥିବା ସୂଚନାନୁସାରେ, ଆସନ୍ତା ୨୭ରେ ଓଡ଼ିଶା ଆଗମନ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ପାଖାପାଖି ଦେଢ଼ ଘଣ୍ଟା ରହିବେ। ସେ ପୂର୍ବାହ୍ନ ୯ଟା ୨୦ ମିନିଟ୍‌ରେ ନୂଆଦିଲ୍ଲୀରୁ ସ୍ୱତନ୍ତ୍ର ବାୟୁସେବା ବିମାନ ଯୋଗେ ଆସି ଝାରସୁଗୁଡା ବିମାନବନ୍ଦରରେ ପୂର୍ବାହ୍ନ ୧୧ଟା ୧୦ ମିନିଟ୍‌ରେ ପହଞ୍ଚିବେ। ସେଠାରୁ ସଡ଼କ ପଥରେ ଯାଇ ପୂର୍ବାହ୍ନ ୧୧ଟା ୨୫ରେ ଅମଲିପାଲିସ୍ଥିତ ପଡ଼ିଆରେ ପହଞ୍ଚି ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ। ସେଠାରେ ପ୍ରଧାନମନ୍ତ୍ରୀ ପୂର୍ବ ନିର୍ଦ୍ଧାରିତ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍ଘାଟନ କରିବା ସହ ବିଭିନ୍ନ ପ୍ରକଳ୍ପକୁ ଜାତି ଉଦ୍ଦେଶ୍ୟରେ ଲୋକାର୍ପଣ କରିବେ। ଏହା ପରେ ପ୍ରଧାନମନ୍ତ୍ରୀ ଅପରାହ୍ନ ୧୨ଟା ୪୫ ମିନିଟ୍‌ରେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ। ଉକ୍ତ କାର୍ଯ୍ୟକ୍ରମରେ ଜନସାଧାରଣ, ମହିଳା, ଛାତ୍ରଛାତ୍ରୀ, ଯୁବବର୍ଗଙ୍କ ସମେତ ପ୍ରାୟ ୬୦ ହଜାର ଜନସମାବେଶ ହେବା ଆଶା ରହିଛି। ଏଥିପାଇଁ ଝାରସୁଗୁଡା ବିମାନବନ୍ଦରରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା, ପ୍ରଧାନମନ୍ତ୍ରୀଙ୍କ ଝାରସୁଗୁଡା ଅତିଥି ଭବନରେ ସାମୟିକ ରହଣି, ଅନୁମୋଦିତ ଅନୁସାରେ ସଭାସ୍ଥଳରେ ମଞ୍ଚ ପ୍ରସ୍ତୁତି, ଭିଭିଆଇପି, ଭିଆଇପିଙ୍କ ବସିବା ସ୍ଥାନ, ଯାତାୟାତ, ଦର୍ଶକମାନଙ୍କ ବସିବା ସ୍ଥାନ, କାରକେଡ ପ୍ଲାନ୍, ଡାକ୍ତରୀ ଚିକିତ୍ସା, ସଡ଼କ ମରାମତି, ପରିବହନ ବ୍ୟବସ୍ଥା କାର୍ଯ୍ୟକ୍ରମ ସ୍ଥଳରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳଯୋଗାଣ, ପରିମଳ ବ୍ୟବସ୍ଥା, ମୋବାଇଲ ଶୌଚାଳୟ ବ୍ୟବସ୍ଥା, ଅଗ୍ନି ନିରାପତ୍ତା ବ୍ୟବସ୍ଥା, ପାସ ବ୍ୟବସ୍ଥା

# 'ଅମୃତ ଭାରତ ଏକ୍ସପ୍ରେସ'ର ଶୁଭାରମ୍ଭ କରିବେ ମୋଦି

## ବ୍ରହ୍ମପୁରରୁ ସୂରତ ଅଭିମୁଖେ ଗଡ଼ିବ



ଭୁବନେଶ୍ୱର,୨୪ା୯(ସଂଚାର ବ୍ୟୁରୋ): ଓଡ଼ିଶାର ବ୍ରହ୍ମପୁରରୁ ଗୁଜରାଟର ସୂରତ (ଉର୍ଦ୍ଧ୍ୱନା) ଅଭିମୁଖେ ଚାଲିବ 'ଅମୃତ ଭାରତ ଏକ୍ସପ୍ରେସ'। ଏହାକୁ ଆସନ୍ତା ୨୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନଫରେନ୍ସିଂ ମାଧ୍ୟମରେ ଉଦ୍‌ଘାଟନ କରିବେ। ଉକ୍ତ ଦିନ ମଧ୍ୟାହ୍ନ ୧୨ଟାରେ ଏହି ଟ୍ରେନ୍‌ଟି ସୂରତ ଅଭିମୁଖେ ତା'ର ଯାତ୍ରା ଆରମ୍ଭ କରିବ। ଏହି ଟ୍ରେନ୍‌ର ନିୟମିତ ସେବା ପାଇଁ ସମୟ ସୂଚୀ ଖୁବ୍‌ଶୀଘ୍ର ଘୋଷଣା କରାଯିବ। ଏହି ଟ୍ରେନ୍ ସେବା ସୂରତ ଓ ଏହାର ଆଖପାଖରେ କାମ କରୁଥିବା ବ୍ରହ୍ମପୁର ଓ ଗଞ୍ଜାମ ଜିଲ୍ଲାର ଶ୍ରମିକଙ୍କ ପାଇଁ ବିଶେଷ ଲାଭଦାୟକ ହେବ। ଏହି ଟ୍ରେନ୍ ଚଳାଚଳ କରିବା ଫଳରେ ସେମାନେ ସହଜରେ ଯିବାଆସିବା କରିବା ସହ ଆରାମଦାୟକ ସେବା ପାଇପାରିବେ। ସେହିପରି ଅମୃତ ଭାରତ ଏକ୍ସପ୍ରେସ୍‌ରେ ଯାତ୍ରୀଙ୍କୁ ଆରାମଦାୟକ ସେବା ପ୍ରଦାନ କରିବା ସକାଶେ ସମସ୍ତ ବ୍ୟବସ୍ଥା କରାଯାଇଛି। ଏହି ନୂତନ ଅମୃତ ଭାରତ ଏକ୍ସପ୍ରେସରେ ଆଧୁନିକ ସୁବିଧା ଓ ସୁରକ୍ଷା ବୈଶିଷ୍ଟ୍ୟ ଉପଲବ୍ଧ ରହିଛି। ବିଶେଷକରି ଅଣ-ଏସି/ସ୍ଲିପର/ସାଧାରଣ ଶ୍ରେଣୀର ଯାତ୍ରୀମାନଙ୍କ ପାଇଁ ଏହା ବିଶେଷ ସୁବିଧା ପ୍ରଦାନ କରିବ। ଏହି ଟ୍ରେନ୍‌ରେ ସାଧାରଣ (ଅଣସଂରକ୍ଷିତ) ଓ ସ୍ଲିପର ଶ୍ରେଣୀ କୋଚ୍ ସହ ସମ୍ପୂର୍ଣ୍ଣ ଅଣ-ଏସି କୋଚ୍ ମଧ୍ୟ ରହିଛି। ଏଥିସହ ଏହି ଟ୍ରେନ୍‌ରେ ଏକ ପ୍ୟାଣ୍ଟ୍ରି କାର୍ ଓ ଏକ ଗାର୍ଡ/ଦିବ୍ୟାଙ୍ଗ ସହ ଗାର୍ଡ କମ୍ ଲଗେଜ୍ ଭ୍ୟାନ ଉପଲବ୍ଧ ହେଉଛି। ଏହି ଟ୍ରେନ୍‌ର ଦୁଇ ପଟରେ ଇଞ୍ଜିନ୍ ରହିଥିବା ବେଳେ ଏହାର ଗତି, ବ୍ରେକିଂ ଓ ଟର୍ନଆରାଉଣ୍ଡ୍ ସୁଧାର ଉପଲବ୍ଧ ରହିଛି। ସେହିପରି ଏହି ନୂଆ ସେବା ଓଡ଼ିଶା ଓ ଗୁଜରାଟ ମଧ୍ୟରେ ସାମାଜିକ ଓ ଆର୍ଥିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବ। ବିଶେଷକରି ବ୍ରହ୍ମପୁର ଏବଂ ଗଞ୍ଜାମର ନିମ୍ନ-ମଧ୍ୟମ ବର୍ଗୀୟ ଯାତ୍ରୀ ସମୁଦାୟ ପାଇଁ ଏହା ଏକ ଜୀବନରେଖା ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି।

■ ଅନୁଗୁଳ ପୁଲିସ୍‌ର 'ଅପରେସନ୍ ଅଗ୍ନି'

# ଦେଢ଼ କୋଟି ଟଙ୍କାର ବାଣ ଜବତ



ଅନୁଗୁଳ,୨୪ା୯(ସଂଚାର ବ୍ୟୁରୋ): ବେଆଇନ୍ ବାଣ ବିରୁଦ୍ଧରେ ଅନୁଗୁଳ ପୁଲିସ୍‌ର ବଡ଼ ଆକ୍ସନ୍। ବେଆଇନ୍ କାରବାର ରୋକିବାକୁ ପୁଲିସ୍ ଚଳାଇଛି ଅପରେସନ୍ ଅଗ୍ନି। ଗତ ଦୁଇ ଦିନ ମଧ୍ୟରେ ଜିଲ୍ଲାର ବିଭିନ୍ନ ଥାନା ଇଲାକାରେ ଜୋରଦାର ଚଢ଼ଉ କରି ଜବତ କରାଯାଇଛି ୫ ହଜାର ୭୧୦ କିଲୋ ବାଣ। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ଦେଢ଼ କୋଟି ଟଙ୍କା ହେବ। ଏ ସଂକ୍ରାନ୍ତରେ ମୋଟ୍ ୧୫ଟି ମାମଲା ରୁଜୁ କରିବା ସହିତ ବନ୍ଧା ହୋଇଛନ୍ତି ୧୩ ଅଭିଯୁକ୍ତ। ୨ ଜଣଙ୍କୁ ନୋଟିସ୍ ଦେଇ ଛଡାଯାଇଛି। ଏହି ଅପରେସନ୍ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ୍‌ପି ରାହୁଲ୍ ଜୈନ୍। ତାଳଚେର ଥାନା ପୁଲିସ୍ ସର୍ବାଧିକ ୬ଟି ମାମଲା ରୁଜୁ କରିବା ସହିତ ପ୍ରାୟ ୩୦୦ କିଲୋ ବାଣ ଜବତ କରିଛି। ଯାହାର ମୂଲ୍ୟ ପ୍ରାୟ ୫ ଲକ୍ଷ ଟଙ୍କା ହେବ। ଏଥିସହିତ ବେଆଇନ୍ କାରବାରରେ ସମ୍ପୃକ୍ତ ୫ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ଅନୁଗୁଳ ଥାନାରେ ୩ଟି, ଛେଣ୍ଡିପଦାରେ ୨ଟି, ବାଗେଡିଆ ଓ ଏନ୍‌ଟିପିସିରେ ଗୋଟିଏ ଲେଖାଏଁ ଏବଂ ସଦର ଥାନାରେ ୨ଟି ମାମଲା ରୁଜୁ କରାଯାଇଛି।ଏକ ଲାଇସେନ୍ସପ୍ରାପ୍ତ ଗୋଦାମରେ ଚଢ଼ଉ କରାଯାଇ ଜଣକୁ ଗିରଫ କରାଯାଇଛି। ତାଙ୍କ ଲାଇସେନ୍ସ ବାତିଲ୍ କରିବାକୁ ପ୍ରକ୍ରିୟା ଚାଲିଥିବା ଏସ୍‌ପି ଶ୍ରୀ ଜୈନ୍ ସୂଚନା ଦେଇଛନ୍ତି। ଆଗକୁ ବେଆଇନ୍ ବାଣ ଓ ବିସ୍ଫୋରକ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଜାରି ରହିବ।

# ଆଳୁ ଓ ପିଆଜ ଚାଷୀଙ୍କୁ ପ୍ରୋତ୍ସାହନ ଦିଆଯାଉଛି

ଭୁବନେଶ୍ୱର,୨୪ା୯(ସଂଚାର ବ୍ୟୁରୋ): ରାଜ୍ୟରେ ଆଳୁ ଓ ପିଆଜର ଉତ୍ପାଦନ ବଢାଇବାପାଇଁ ଉଦ୍ୟାନକୃଷି ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟ ଯୋଜନା ଅର୍ନ୍ତଗତ 'ଆଳୁ, ପନିପରିବା ଓ ମସଲା ଉତ୍ପାଦନ' ଯୋଜନାରେ ଚାଷୀମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ଏଥିରେ ଆଳୁ ଚାଷ ପାଇଁ ହେକ୍ଟର ପ୍ରତି ୪୦ ହଜାର ୨୩୦ ଟଙ୍କାର ସହାୟତା ଦିଆଯାଉଥିବା ବେଳେ ପିଆଜ ଚାଷ ପାଇଁ ୫୮ ହଜାର ଟଙ୍କା ମିଳୁଛି ବୋଲି ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଯେ ରାଜ୍ୟରେ ଖାଉଟିମାନଙ୍କର ଚାହିଦା ମେଣ୍ଟାଇବା ପାଇଁ ବାର୍ଷିକ ହାରାହାରି ୧୪ ଲକ୍ଷ ମେଟ୍ରିକ ଟନ୍ ଆଳୁ, ୩.୮୦ ଲକ୍ଷ ମେଟ୍ରିକ ଟନ୍ ପିଆଜ, ୨.୪୦ ଲକ୍ଷ ମେଟ୍ରିକ ଟନ୍ ଚିନି, ୨.୦୮ ଲକ୍ଷ ମେଟ୍ରିକ ଟନ୍ ଲୁଣ ଓ ୩.୨୦ ଲକ୍ଷ ମେଟ୍ରିକ ଟନ୍ ଡାଲିର ଆବଶ୍ୟକ ରହିଛି। ଏହି ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ଚାହିଦା ପୂରଣ ପାଇଁ ରାଜ୍ୟର ବ୍ୟବସାୟୀମାନେ ଆଭ୍ୟନ୍ତରୀଣ ଉତ୍ପାଦନ ବ୍ୟତୀତ ବିଭିନ୍ନ ପଡୋଶୀ ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ଉତ୍ତର ପ୍ରଦେଶ, ଛତିଶଗଡ଼, କର୍ଣ୍ଣାଟକ, ତାମିଲନାଡ୍ରୁ, ଗୁଜୁରାଟ ଆଦି ରାଜ୍ୟରୁ ଖାଦ୍ୟ ସାମଗ୍ରୀ ଆମଦାନୀ କରିଆସୁଛନ୍ତି।

# ବିପିଏନ୍‌ଏସ୍‌ଆଇରେ ଜ୍ଞାନ ଆଦାନପ୍ରଦାନ କର୍ମଶାଳା



ଭୁବନେଶ୍ୱର,୨୪ା୯(ସଂଚାର ବ୍ୟୁରୋ): କେନ୍ଦ୍ର ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ଅଧୀନସ୍ଥ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ (ବିପିଏନ୍‌ଏସ୍‌ଆଇ) ପକ୍ଷରୁ କେଉଁଝରର ପୁରୁଣାପାଣିସ୍ଥିତ ଏମ୍‌ଜିଏମ୍ ମିନେରାଲ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଇସ୍ପାତ୍ ଡିଭିଜନ୍-୨ଠାରେ ଏକ ଦିନିକିଆ ଜ୍ଞାନ ଆଦାନପ୍ରଦାନ କର୍ମଶାଳା ଆୟୋଜିତ ହୋଇଛି। ବିପିଏନ୍‌ଏସ୍‌ଆଇ ପକ୍ଷରୁ ବରିଷ୍ଠ ୱେଲ୍ଡିଂ ଡେମୋନଷ୍ଟ୍ରେଟର ଭରତ ପ୍ରସାଦ ଶର୍ମା ସେମାନଙ୍କ ପ୍ଲାଣ୍ଟ ସାଇଟରେ ଜ୍ଞାନ ଆଦାନପ୍ରଦାନ କର୍ମଶାଳାର ଆୟୋଜନ କରିଥିଲେ। ଭୁବନେଶ୍ୱର ଆଇଆଇଟିର ସହଯୋଗୀ ପ୍ରଫେସର ଡକ୍ଟର ରାମକୃଷ୍ଣ ସାବତ ଡିଆର୍‌ଆଇ ଉତ୍ପାଦନ ପ୍ରକ୍ରିୟାର ଉଦୀୟମାନ ପ୍ରଯୁକ୍ତିବିଦ୍ୟା, ଇଣ୍ଡକ୍ସନ ଫର୍ଣ୍ଣେସ୍ ଏବଂ ଏଲ୍‌ଆର୍‌ଏଫ୍ ଦ୍ୱାରା ଇସ୍ପାତ ତରଳାଇବା ଓ ଧାତୁ କାର୍ଯ୍ୟ (ରୋଲିଂ) ଉପରେ ତାଙ୍କର ବକ୍ତୃତା ଶ୍ରେଣୀ ଆରମ୍ଭ କରିଥିଲେ।

ମହିଳା ସୁରକ୍ଷା ପ୍ରସଙ୍ଗ

# ବିଧାନସଭା ଘେରିଲା ପ୍ରଦେଶ ମହିଳା କଂଗ୍ରେସ



ଭୁବନେଶ୍ୱର,୨୪ା୯(ସଂଚାର ବ୍ୟୁରୋ): ଆଜି ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ରାଜ୍ୟରେ ମହିଳା ଅତ୍ୟାଚାର, ଦୁଷ୍କର୍ମ ଓ ହତ୍ୟା ପ୍ରତିବାଦରେ ବିଧାନସଭା ଘେରାଉ କରାଯାଇଛି। ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ ମହିଳା କଂଗ୍ରେସ ପକ୍ଷରୁ ଆୟୋଜିତ ଏହି ବିକ୍ଷୋଭ କଂଗ୍ରେସ ଭବନରୁ ବାହାରି ବିଧାନସଭା ଅଭିମୁଖେ ଯାତ୍ରା କରୁଥିବା ସମୟରେ ଲୋୟର ପିଏମଜିଠାରେ ପୁଲିସ ଏହାକୁ ରୋକିବା ସକାଶେ ଉଦ୍ୟମ କରିଥିଲା। ଫଳରେ କଂଗ୍ରେସ କର୍ମୀ ଓ ନେତାଙ୍କ ସହ ପୁଲିସ୍‌ର ସଂଘର୍ଷ ହୋଇଥିଲା। ପାଖାପାଖି ଘଣ୍ଟାଏ କାଳ ଧସ୍ତାଧସ୍ତି ଚାଲିବା ପରେ ପୁଲିସ୍ ଆନ୍ଦୋଳନକାରୀଙ୍କୁ ଭ୍ୟାନ ଯୋଗେ ଉଠାଇନେଇଥିଲା। ହଜାର ହଜାର ମହିଳା କର୍ମୀମାନେ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଏହି ଆନ୍ଦୋଳନ ନେଇ ଶ୍ରୀମତୀ ବାହିନୀପତି କହିଛନ୍ତି ଯେ କଂଗ୍ରେସ ସବୁବେଳେ ମହିଳାଙ୍କ ସହ ରହିଛି। ଆଜିର କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ମହିଳା କଂଗ୍ରେସର ଓଡ଼ିଶା ପ୍ରଭାରୀ ତୂଳିକା କର୍ମା ଯୋଗଦେଇ କହିଥିଲେ ଯେ ଓଡ଼ିଶାର କ୍ରମବର୍ଦ୍ଧିଷ୍ଣୁ ମହିଳା ଅତ୍ୟାଚାର ବିରୁଦ୍ଧରେ ରାଜ୍ୟର ମହିଳାମାନଙ୍କର ସ୍ୱର ଶାଣିତ ହେବା ଦରକାର। ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ମହିଳା ସୁରକ୍ଷାକୁ ନେଇ ମହିଳା କଂଗ୍ରେସ ତୀବ୍ର ଆନ୍ଦୋଳନ କରିବ ବୋଲି ଶ୍ରୀମତୀ କର୍ମା ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ତାରା ପ୍ରସାଦ ବାହିନୀପତି, ରାମଚନ୍ଦ୍ର କାଡାମ, ସୁରେଶ କୁମାର ରାଉତରାୟ, ଦାସରଥି ଗମାଙ୍ଗୋ, ରାଜନ ଏକା, ମଙ୍ଗୁ ଖିଲ, ପବିତ୍ର ସାଉଁଟା, ଅଶୋକ ଦାସ, ସୋଫିଆ ଫିର୍ଦ୍ଦୋସ ପ୍ରମୁଖ ଯୋଗଦେଇଥିଲେ।

ଓଡ଼ିଶା ଚାଷୀଙ୍କ ଐତିହାସିକ ସଫଳତା

# ଆୟର୍ଲ୍ୟାଣ୍ଡରେ ଢେଙ୍କାନାଳ ସାରୁ





ଭୁବନେଶ୍ୱର,୨୨ା୯(ସଂଚାର ବ୍ୟୁରୋ): ଓଡ଼ିଶାର କୃଷି କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ସୃଷ୍ଟି ହୋଇଛି। ଆଗରୁ ବିଦେଶୀ ଜିନିଷ ଆମଦାନୀ ହେଉଥିବା ବେଳେ ଏବେ ଓଡ଼ିଶାର ପନିପରିବା ବିଦେଶକୁ ରପ୍ତାନୀ ହେଉଛି ଓ ଦିନକୁ ଦିନ ବିଦେଶରେ ଏହାର ଚାହିଦା ମଧ୍ୟ କ୍ରମଶଃ ବଢ଼ିଚାଲିଛି। ଢେଙ୍କାନାଳ ମାଟିରୁ ୧୦୦ କିଲୋ ସାରୁ ଏବଂ ୩୨୦ କିଲୋ ସବୁଜ ଅମୃତଭଣ୍ଡା ନେତାଜୀ ସୁବାସ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନ ବନ୍ଦର, କଲିକତା ଦେଇ ସୁଦୂର ଆୟରଲ୍ୟାଣ୍ଡକୁ ରପ୍ତାନୀ ହୋଇଛି। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧିନସ୍ଥ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର ଦୃଢ ନେତୃତ୍ୱ ଗେଟ୍ସ ଫାଉଣ୍ଡେସନର ସହାୟତା ଏବଂ ପାଲାଡିୟମର ମିଳିତ ସମନ୍ୱୟରେ ଏହି ସଫଳତା ସମ୍ଭବ ହୋଇଛି।

ଏହି ସଫଳତାର ମଙ୍ଗ ଧରିଛି ଢେଙ୍କାନାଳର 'ସପ୍ତଶଯ୍ୟା କୃଷକ ଉତ୍ପାଦକ କମ୍ପାନୀ' ଯାହା କ୍ଷୁଦ୍ର ଚାଷୀଙ୍କ ସାମୂହିକ ଶକ୍ତିର ପ୍ରତୀକ ପାଲଟିଛି। ଏକ ସମୃଦ୍ଧ କୃଷି ଅର୍ଥନୀତି ଗଠନ, ଚାଷୀ ଭାଇଭଉଣୀଙ୍କୁ ନିଜ ପରିଶ୍ରମର ଉଚିତ ମୂଲ୍ୟ ପ୍ରଦାନ ସହ ବିଶ୍ୱ ବଜାରରେ ଓଡ଼ିଶାର କୃଷିଜାତ ଦ୍ରବ୍ୟର ଚାହିଦା ବୃଦ୍ଧି ଦିଗରେ ସପ୍ତଶଯ୍ୟା କୃଷକ ଉତ୍ପାଦକ କମ୍ପାନୀ ନିଜର ନିରନ୍ତର ଉଦ୍ୟମ ଜାରି ରଖିଛି। ଚଳିତ ଥର ଅମୃତଭଣ୍ଡା ସହ ପ୍ରଥମ ଥର ଉଚ୍ଚ ଗୁଣବତ୍ତା ସମ୍ପନ୍ନ ତଥା ସ୍ୱାଦିଷ୍ଟ ସାରୁ ସୁଦୂର ଆୟରଲ୍ୟାଣ୍ଡକୁ ରପ୍ତାନୀ କରି ଏହି କୃଷକ ଉତ୍ପାଦକ ସଂଗଠନ ନିଜ ସଫଳତାର ଯାତ୍ରାରେ ଆଉ ଏକ ଫର୍ଦ୍ଦ ଯୋଡ଼ିଛି। ଏହା କେବଳ ଏକ ରପ୍ତାନୀ ନୁହେଁ, ବରଂ ଓଡ଼ିଶାର ଚାଷୀଙ୍କ ସ୍ୱପ୍ନକୁ ଏକ ବିଶ୍ୱସ୍ତରୀୟ ମଞ୍ଚ ଦେବାର ପ୍ରୟାସ। ଏ ଦିଗରେ ନିରନ୍ତର ଉଦ୍ୟମ ଜାରି ରହିବା ସହ କୃଷି ବିଭାଗ ନେତୃତ୍ୱରେ ପାଲାଡିୟମର ସମନ୍ୱୟରେ ୨୦୨୪ଠାରୁ ଏ ପର୍ଯ୍ୟନ୍ତ ୧୪୦ ମେଟ୍ରିକ ଟନରୁ ଉର୍ଦ୍ଧ୍ୱ ସତେଜ ପନିପରିବା ଓ ଫଳ ୧୦ଟି ଅନ୍ତର୍ଜାତୀୟ ବଜାରକୁ ରପ୍ତାନୀ କରାଯାଇଛି। ଏହି ରପ୍ତାନୀକରଣ ମାଧ୍ୟମରେ ସମ୍ପୃକ୍ତ ଚାଷୀମାନେ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟର ୪୦ରୁ ୬୨ ପ୍ରତିଶତ ପର୍ଯ୍ୟନ୍ତ ବର୍ଦ୍ଧିତ ମୂଲ୍ୟ ପାଇବାରେ ସକ୍ଷମ ହେଇପାରିଛନ୍ତି। ଏହି ପଦକ୍ଷେପ ଚାଷୀମାନଙ୍କୁ କେବଳ ଉଚିତ୍ ମୂଲ୍ୟ ଦେବ ନାହିଁ, ବରଂ ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା ସହ ବିଶ୍ୱ ବଜାରର ଚାହିଦା ପୂରଣ ପାଇଁ ସକ୍ଷମ କରାଉଛି। ରପ୍ତାନୀର ଏହି ସଫଳତା ସାରା ରାଜ୍ୟର ଅନ୍ୟ କୃଷି ଉତ୍ପାଦକ ପୁଞ୍ଜି ଓ କୃଷକମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି।



ବାଚସ୍ପତିଙ୍କ ସହ ବିଧାନସଭା ପରିଭ୍ରମଣରେ ଆସିଥିବା ଦିଲ୍ଲୀ ପବ୍ଲିକ ସ୍କୁଲ, କଳିଙ୍ଗର ଛାତ୍ରଛାତ୍ରୀଙ୍କ ସହ ଉପସ୍ଥିତ ଅଛନ୍ତି।

# ବ୍ରାଉନସୁଗର ଜବତ, ୩ ଗିରଫ

ଜଗତସିଂହପୁର,୨୪ା୯(ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ପୁଲିସ ପକ୍ଷରୁ ଚୋରା ନିଶା ଦ୍ରବ୍ୟ ରୋକିବା ପାଇଁ ଅପରେସନ ପ୍ରହାର ଚାଲିଛି। ଏହି ଅପରେସନରେ ପୁଲିସ ୨୭୭ ଗ୍ରାମ ବ୍ରାଉନ ସୁଗର ଜବତ କରିବା ସହିତ ୩ ଜଣଙ୍କୁ ଗିରଫ କରିଛି। ୩ ଅଭିଯୁକ୍ତ ହେଉଛନ୍ତି କୁଜଙ୍ଗ ଥାନା ଷଣ୍ଢକୁଦ ଗ୍ରାମର କାଳିଆ ଓରଫ ଅମର କୁମାର ସ୍ୱାଇଁ,ପହଲି ଓରଫ ପ୍ରହଲାଦ ପରିଡା ଓ ବଣିକୁଦ ଗ୍ରାମର କାଳିଆ ଓରଫ ସଂଗ୍ରାମ ଲେଙ୍କା। ଅଭିଯୁକ୍ତମାନେ କଟକ-ପାରାଦୀପ ରାସ୍ତା ତାଳଦଣ୍ଡା କେନାଲ ସାଇଡ ଷଣ୍ଢପୁରଠାରେ ବ୍ରାଉନସୁଗର କାରବାର କରୁଥିବା ବେଳେ ପୁଲିସ ହାତରେ ଧରାପଡ଼ିଥିଲେ। ସେମାନଙ୍କ ପାଖରୁ ମୋଟ ୨୭୭ ଗ୍ରାମ ବ୍ରାଉନ ସୁଗର ଜବତ କରାଯାଇଛି। ଯାହାର ଆନୁମାନିକ ମୁଲ୍ୟ ୨୮ଲକ୍ଷ ଟଙ୍କା ହେବ। ସେମାନଙ୍କଠାରୁ ୩ଟି ମୋବାଇଲ ସହିତ ନଗଦ ୫ ହଜାର ଟଙ୍କା ଜବତ କରିଛି ପୁଲିସ।

# ଅବିନାଶଙ୍କୁ ଆର୍‌ଆଇସିଏସ୍‌ର ସଦସ୍ୟତା



ଭୁବନେଶ୍ୱର, ୨୪ା୯ (ସଂଚାର ବ୍ୟୁରୋ): ରାଜ୍ୟର ଜଣାଶୁଣା ଯୁବ ଚାର୍ଟର୍ଡ ଆକାଉଣ୍ଟାଣ୍ଟ ତଥା କମ୍ପାନୀ ସେକ୍ରେଟାରୀ ଅବିନାଶ ପରିଡା ଇଂଲଣ୍ଡର ପ୍ରତିଷ୍ଠିତ ରୟାଲ୍ ଇନଷ୍ଟିଚ୍ୟୁଟ୍ ଅଫ ଚାର୍ଟର୍ଡ ସର୍ଭେୟରର ସଦସ୍ୟତା ପାଇଛନ୍ତି। ଏଣିକି ସେ ୟୁକେ ଓ ୟୁରୋପୀୟ ସଂଘର ରାଷ୍ଟ୍ର ସମୂହରେ ଥିବା ବିଭିନ୍ନ ବଡ଼ ବଡ଼ କମ୍ପାନୀର ମୂଲ୍ୟାଙ୍କନ କରିପାରିବେ। ଅନ୍ତର୍ଜାତୀୟ ସ୍ତରର ସଂସ୍ଥାନ ଆର୍‌ଆଇସିଏସ୍‌ର ସଦସ୍ୟ ହେବା ପରେ ଶ୍ରୀ ପରିଡା ଅନ୍ତର୍ଜାତୀୟ ସ୍ତରର ବିଭିନ୍ନ ବ୍ରାଣ୍ଡର ଟ୍ରେଡମାର୍କର ମୂଲ୍ୟାଙ୍କନ କରିପାରିବେ। କେବଳ ସେତିକି ନୁହେଁ, ସମ୍ପତ୍ତିର ମୂଲ୍ୟାଙ୍କନ ସହ ଯୋଜନା ପ୍ରସ୍ତୁତ କରି ଅନ୍ତରାଷ୍ଟ୍ରୀୟ ମାନକରେ ଏହାକୁ ବିକଶିତ କରିବାରେ ସହାୟତା କରିପାରିବେ। ପୂର୍ବରୁ ୨୦୧୯ରେ ଭାରତର ଆଇବିବିଆଇରୁ ପଞ୍ଜୀକୃତ ମୂଲ୍ୟାଙ୍କନକାରୀ ଓ ୨୦୨୩ରେ ଆମେରିକାର ଏନ୍‌ୱାଇୟୁ ଷ୍ଟର୍ମ ବିଶ୍ୱବିଦ୍ୟାଳୟରୁ ଆଡଭାନ୍ସ ଭ୍ୟାଲୁଅର ଭାବେ ସ୍ୱୀକୃତି ପାଇଛନ୍ତି। ମାତ୍ର ୨୧ ବର୍ଷରେ ଚାର୍ଟର୍ଡ ଆକାଉଣ୍ଟାଣ୍ଟ ହୋଇଥିବା ଅବିନାଶ ଓଡ଼ିଶାରେ ବହୁ ଷ୍ଟାର୍ଟଅପ୍ ଓ କମ୍ପାନୀର ବ୍ରାଣ୍ଡ ଭ୍ୟାଲୁୟର ଭାବେ କାର୍ଯ୍ୟ କରୁଛନ୍ତି। ଆକସିଦ୍ଧି କର୍ପୋକେୟାର ଓ ଆକୃତି ଗ୍ରୁପର ସେ ଆର୍ଥିକ ପରାମର୍ଶଦାତା ଅଛନ୍ତି। ସେ ଭୁବନ ବ୍ଲକ ଅନଳ ଗାଁର ନକୁଳ ପରିଡ଼ାଙ୍କ ପୁଅ।

**ଜୀବନ ଅମୃତ ଅନୁଚିନ୍ତା**

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।


sanchar.live

ସମ୍ପାଦକୀୟ

SANCHAR
ସଂଚାର

ଗୁରୁବାର ୨୫ ସେପ୍ଟେମ୍ବର ୨୦୨୫, ଭୁବନେଶ୍ୱର
Thursday 25 September 2025, Bhubaneswar




# ଲଦାଖର ଜେନ୍-ଜେଡ୍: ଅଧିକାର ପାଇଁ ଲଢ଼େଇ




ଲଦାଖର ପର୍ବତମାଳାରେ ବାସକାରୀ ସମ୍ପ୍ରଦାୟର ସ୍ୱତନ୍ତ୍ର ରାଜ୍ୟ ଦାଉଁ ପ୍ରତି ଜେନ୍-ଜେଡ଼ି ଯୁବକମାନଙ୍କର ଆନ୍ଦୋଳନ ଏବେ ସମ୍ପୂର୍ଣ୍ଣ ଦେଶର ଧାନ ଆକର୍ଷଣ କରିଛି। ୨୪ ସେପ୍ଟେମ୍ବର ୨୦୨୫ରେ ଲେହରେ ଏହି ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିବାରୁ ପରିବେଶ ସଂରକ୍ଷକ ସୋନାମ୍ ୱାଙ୍ଗଚୁକ୍ ୧୫ ଦିନର ଅନଶନ ଛାଡ଼ିଛନ୍ତି। ଏହାକୁ 'ଜେନ୍-ଜେଡ଼ି ରେଭୋଲ୍ୟୁସନ୍' କହି ତାଙ୍କର ଅଭିବ୍ୟକ୍ତି ଦେଇଛନ୍ତି। ଏହି ଘଟଣା କେବଳ ଲଦ୍ଦାଖର ସ୍ୱାଧୀନତାର ଲଢ଼େଇ ନୁହନ୍ତି, ବରଂ ଭାରତର ନୂତନ ପ୍ରଜନ୍ମର ଅସନ୍ତୋଷର ପ୍ରତୀକ ମଧ୍ୟ।

୨୦୧୯ରେ ଆର୍ଟିକଲ୍ ୩୭୦ ରଦ୍ ପରେ ଲଦ୍ଦାଖକୁ କେନ୍ଦ୍ରଶାସିତ ପ୍ରଦେଶ କରାଯାଇଥିଲା। ଏହା ଲଦ୍ଦାଖୀୟମାନଙ୍କର ସ୍ୱୟଂଶାସନର ଅଧିକାରକୁ ହରାଇଛି। ବୁଦ୍ଧିଜୀବୀ, ବୌଦ୍ଧ ଓ ମୁସଲମାନ ସମ୍ପ୍ରଦାୟର ଏହି ଅଞ୍ଚଳରେ ସ୍ଥାନୀୟ ସଂସ୍କୃତି, ଜମି-ଜଳ ଓ ପରିବେଶ ସୁରକ୍ଷାର ଅଭାବ ହୋଇଛି। ଲେହ୍ ଏକ୍ସ ବଡ଼ି (ଏଲଏବି) ନେତୃତ୍ୱରେ ଯୁବକମାନେ ଚାରିଟି ମୁଖ୍ୟ ମାଗ କରୁଛନ୍ତି: ପୂର୍ଣ୍ଣ ରାଜ୍ୟ ସ୍ଥିତି, ସଂବିଧାନର ଛଅଠ ସଚେଡ୍ୟୁଲ୍ ଅଧୀନରେ ସୁରକ୍ଷା, ନିଆମତିରେ ସ୍ଥାନୀୟଙ୍କୁ ରିଜର୍ଭେସନ୍, ଏକାଧିକ ପ୍ରସ୍ତାବିତ ପବ୍ଲିକ୍ ସର୍ଭିସ୍ କମିସନ୍ ଓ ଲେହ୍-କାର୍ଗିଲ୍ ପାଇଁ ଦୁଇଟି ସାଂସଦୀୟ ସିଟ୍। ଏହି ମାଗଗୁଡ଼ିକ କେବଳ ପ୍ରଶାସନିକ ନୁହନ୍ତି, ସଂସ୍କୃତିକ ଓ ଜଳବାୟୁଗତ ସୁରକ୍ଷାର ମଧ୍ୟ।

ଜେନ୍-ଜେଡ଼ି, ଯେଉଁମାନେ ସୋସିଆଲ୍ ମିଡିଆରେ ବଢ଼ିଥିବା ଜନସଂଖ୍ୟା, ସେମାନେ ଏହି ଆନ୍ଦୋଳନର ମୁଖ୍ୟ ଶକ୍ତି। ସୋନାମ୍ ୱାଙ୍ଗଚୁଙ୍ଗଙ୍କ ଅନଶନ ସମୟରେ ଦୁଇଜଣ ଆନ୍ଦୋଳନକାରୀଙ୍କର ସ୍ୱାସ୍ଥ୍ୟ ବିଗଡ଼ିବା ପରେ ଯୁବକମାନେ ରାସ୍ତାରେ ଉତ୍ତୋଳନ କରିଥିଲେ। ଏହା ହିଂସାରେ ପରିଣତ ହୋଇ, ବିଜେପି ଅଫିସ୍ ଜାଳାଇଦିଆଯାଇଥିଲା, ପୋଲିସ୍ ଗାଡ଼ି ଧ୍ୱଂସ ହୋଇଥିଲା। ଚାରିଜଣଙ୍କର ମୃତ୍ୟୁ ଓ ଅନେକ ଆହତ ହୋଇଛନ୍ତି। ଲେହ୍ ପ୍ରଶାସନ୍ ସମାବେଶ ଉପରେ ନିଷେଧ ମୂଳକ ଆଦେଶ ଜାରି କରିଛି। ଏହି 'ରେଭୋଲ୍ୟୁସନ୍' ଯୁବକମାନଙ୍କର ଅସନ୍ତୋଷର ପ୍ରକାଶ—ଯେଉଁଥିରେ କେନ୍ଦ୍ରର ଅବହେଳା ଓ ଅନାଦର ମୁଖ୍ୟ କାରଣ।

ଏହି ଆନ୍ଦୋଳନର ମହତ୍ତ୍ୱ ଅସୀମ। ଲଦ୍ଦାଖର ଭୌଗୋଳିକ ଓ ସାଂସ୍କୃତିକ ବିବିଧତା ରକ୍ଷା ପାଇଁ ଛଅଠ ସଚେଡ୍ୟୁଲ୍ ଆବଶ୍ୟକ। ଏହା ନଥିଲେ ବାହାରେଣୁ ବିନିଯୋଗକାରୀମାନେ ସ୍ଥାନୀୟ ସମ୍ପ୍ରଦାୟର ଜୀବନଯାପନକୁ ଧ୍ୱଂସ କରିବେ। ଜେନ୍-ଜେଡ଼ିଙ୍କ ଏହି ଉତଥାନ ଭାରତର ଅନ୍ୟ ଅଞ୍ଚଳମାନଙ୍କୁ ପ୍ରେରଣା ଦେବ। ନେପାଳର ଜେନ୍-ଜେଡ଼ି ଆନ୍ଦୋଳନ ଭଳି ଏହା ସରକାରକୁ ଜାଗ୍ରତ କରିବ। କିନ୍ତୁ ହିଂସା ଏହାର ଉଦ୍ଦେଶ୍ୟକୁ କ୍ଷତି ପହଞ୍ଚାଇବ। କେନ୍ଦ୍ର ସରକାରଙ୍କୁ ଏବେ କାର୍ଯ୍ୟକାରୀ ହେବା ଦରକାର। ବାରମ୍ବାର ଆଲୋଚନାର ଅଭାବରେ ଯୁବକମାନଙ୍କର ଧୈର୍ଯ୍ୟ କ୍ଷୀଣ ହୋଇଛି। ରାଜ୍ୟ ସ୍ଥିତି ଦେବା ଦ୍ୱାରା ଲଦ୍ଦାଖକୁ ସ୍ୱାଧୀନତା ଦିଆଯାଉ, ସମ୍ପ୍ରଦାୟର ସୁରକ୍ଷା ନିଶ୍ଚିତ କରାଯାଉ। ଏହା ଭାରତର ବହୁତ୍ୱବାଦୀ ଚରିତ୍ରକୁ ମଜବୁତ୍ କରିବ। ଜେନ୍-ଜେଡ଼ିଙ୍କ ଏହି କାନ୍ଦାରୀକୁ ଅବହେଳା କରିଲେ ଅନ୍ୟ ଅଞ୍ଚଳରେ ଏଭଳି ଅଗ୍ନିକାଣ୍ଡ ଘଟିବ।

ଲଦ୍ଦାଖର ଯୁବକମାନେ ଦେଶକୁ ସ୍ମରଣ କରାଉଛନ୍ତି ଯେ, ସ୍ୱାଧୀନତା କେବଳ କାଗଜରେ ନୁହନ୍ତି, ଜନତାର ଅଧିକାରରେ। ଏହି ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ଓ ସଫଳ ହେବାକୁ ଆଶା କରୁ। କେନ୍ଦ୍ର ଏବେ କାନ୍ ମୋଡ଼ିଲେ କଥା ହେଉ, ନୁହେଁ ତ ଲଦ୍ଦାଖର ପର୍ବତମାଳା ଅନ୍ୟ ଏକ ନେପାଳ ହୋଇଯିବ।

# ପିଲାଙ୍କ ପାଇଁ ସଞ୍ଚୟ ଅଭ୍ୟାସ


**ଡକ୍ଟର ସୁରେଶ କୁମାର ନାୟକ**




ମା' ଦୁର୍ଗତିନାଶିନୀ ଦେବୀ ଦୁର୍ଗାଙ୍କ ମହାପାର୍ବଣର ଆମ୍ଭେମାନେ ସାମିଲ ହୋଇସାରିଲୁଣି। ବିଶେଷକରି ଏବେ ନବରାତ୍ରି ଚାଲିଥିବାରୁ କେତେକ ପିତାମାତା ଛୋଟ ଛୋଟ ପିଲାମାନଙ୍କ ବିଦ୍ୟାରମ୍ଭ କରିଥାନ୍ତି। ତେବେ ନବରାତ୍ରି ପରି ଏକ ପବିତ୍ର ଆଧାତ୍ମିକ ସ୍ମରଣୀୟ ବଡ଼ ପାର୍ବଣରେ ପିଲାମାନଙ୍କୁ ସଞ୍ଚୟ କରିବା ଅଭ୍ୟାସକୁ କେବଳ ଶିକ୍ଷା ନୁହେଁ ଏକ ପ୍ରକାର ଜୀବନର ବ୍ରତ ଭାବେ ଦିଗଦର୍ଶନ ଦିଅନ୍ତୁ। ନିଜ ସନ୍ତାନର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ଏ କଥା କେଉଁ ବାପା-ମା' ନ ଚାହାନ୍ତି? ସେଥିପାଇଁ ତ ପିଲାବେଳୁ ତା'ର ଭବିଷ୍ୟତକୁ ନେଇ ଅନେକ ଅଙ୍କକଷା ପ୍ରସ୍ତୁତି ଆରମ୍ଭ ହୋଇଥାଏ। ଭବିଷ୍ୟତ ଜୀବନରେ ପିଲାଟି କିପରି ସୁଖଶାନ୍ତିରେ ରହିବ ସେଥିପାଇଁ ଆମେ ତାକୁ ଯେଉଁସବୁ ବିଶେଷ ଗୁଣ ଉପରେ ଶିକ୍ଷା ଦେଉ ସେଥିମଧ୍ୟରେ ସଞ୍ଚୟ କରିବା ଗୁଣକୁ ମଧ୍ୟ ଅନ୍ତର୍ଭୁକ୍ତ କରିବା ନିହାତି ଜରୁରୀ ଅଟେ।

ଆଜିକାଲି ପିଲାମାନଙ୍କୁ ପକେଟ ଖର୍ଚ୍ଚ ଦେବା ବାପା-ମା'ଙ୍କର ଏକ ଆଭିଜାତ୍ୟର ପ୍ରତୀକଭାବେ ଗଣା ହେଉଛି। ଅନେକ ସମୟରେ ଦେଖାଯାଏ ପିଲାମାନେ ପାନଦୋକାନରୁ ଗୁଟ୍‌ଖା, ସିଗାରେଟ କିଣୁଛନ୍ତି। ପିଲାଙ୍କୁ ଖର୍ଚ୍ଚ କରିବା ପାଇଁ ପଇସା ଦେବା ଯେତିକି ଜରୁରୀ ବୋଲି ଭାବୁଛନ୍ତି, ପିଲାଟି କେଉଁ ବାଟରେ ସେ ପଇସାକୁ ଖର୍ଚ୍ଚ କରୁଛି ସେଥିପ୍ରତି ନଜର ଦେବା ତା'ଠୁ ଅଧିକ ଜରୁରୀ ବୋଲି ମନେ କରନ୍ତୁ। ପିଲାଟିର ଆବଶ୍ୟକତା ଅନୁସାରେ ଖର୍ଚ୍ଚ କରିବା ପାଇଁ ପଇସା ଦିଅନ୍ତୁ। ଅଧିକ ପଇସା ଦେଲେ ଅଯଥା ଖର୍ଚ୍ଚ କରିବାର ସମ୍ଭାବନା ବେଶି ଥାଏ। ଅନେକ ସମୟରେ ସାଙ୍ଗସାଥୀମାନଙ୍କ ଗହଣରେ ପିଲାମାନେ ଅଧିକ ପଇସା ଖର୍ଚ୍ଚ କରିଥାନ୍ତି। ତେଣୁ ସେ କେଉଁ ସ୍ୱଭାବର ପିଲାମାନଙ୍କ ସହିତ ମିଳାମିଶା କରୁଛି ସେଥିପ୍ରତି ନଜର ଦିଅନ୍ତୁ। ଅଯଥା ଖେଳ ସାରଞ୍ଜମ କିଣିବାରେ ପିଲାମାନେ ପଇସା ଖର୍ଚ୍ଚ କରିଥାନ୍ତି। ଆଜିକାଲି ଇଣ୍ଟରନେଟ୍ କାଫେଗୁଡ଼ିକରେ ପିଲାମାନେ ଘଣ୍ଟା ଘଣ୍ଟା ଧରି ଗେମ୍ ଖେଳି ପଇସା ଖର୍ଚ୍ଚ କରୁଛନ୍ତି। ମୋବାଇଲରେ କଥାହେବା ଏବେ ଏକ ଫ୍ୟାଶନଭାବେ ଗଣା ହେଉଛି। ତେଣୁ ଦାମିକା ମୋବାଇଲ ସେଟ୍ କିଣିବା, ଗୀତ ଡାଉନ୍‌ଲୋଡ୍ କରିବା, ସାଙ୍ଗମାନଙ୍କ ସହିତ କଥା ହେବାରେ ମଧ୍ୟ ପିଲାମାନେ ଅଧିକ ପଇସା ଖର୍ଚ୍ଚ କରୁଛନ୍ତି। ସପିଂ ସେଣ୍ଟର, ଫାଷ୍ଟଫୁଡ୍, ରେଷ୍ଟୁରାଣ୍ଟ ଓ ଅନ୍ୟାନ୍ୟ ଟିଫିନ୍ ଷ୍ଟଲମାନଙ୍କରେ ଛାତ୍ରୀଛାତ୍ରମାନଙ୍କର ଭିଡ଼ ଜମିବା ଆଜିକାଲି ଏକ ସାଧାରଣ କଥା। ପଇସା ଖର୍ଚ୍ଚକରି ବାହାରେ ବିଭିନ୍ନ ପ୍ରକାର ମସଲାଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ଅନେକ ରୋଗର ମଧ୍ୟ ଶିକାର ହେଉଛନ୍ତି। ବରଂ ପିଲାମାନେ କିପରି ଘରୋଇ ପ୍ରସ୍ତୁତ ସୁଷମ ଖାଦ୍ୟ ଖାଇବେ ସେ ଦିଗ ପ୍ରତି ଗୁରୁତ୍ୱ ଦେବା ଉଚିତ।

ଉପରୋକ୍ତ ବିଷୟଗୁଡ଼ିକୁ ଦୃଷ୍ଟିରେ ରଖି ପିଲାମାନଙ୍କୁ ସଞ୍ଚୟ ବିଷୟରେ ଅବଗତ କରାଇବା ନିହାତି ଜରୁରୀ। ମାଟିଘଡ଼ି ବା କୁମ୍ଭିରେ ପଇସା ପକେଇବା ଠାରୁ ଆରମ୍ଭ କରି ବ୍ୟାଙ୍କରେ ଆକାଉଣ୍ଟ ଖୋଲି ପଇସା ସଞ୍ଚୟ କରିବାର ବିଭିନ୍ନ ଉପାୟ ଉପଲବ୍ଧ ହେଲାଣି। ଆମ ପିଲା ଦିନ ସମୟରେ କେବଳ ଘରେ ନୁହେଁ ବିଦ୍ୟାଳୟରେ ମଧ୍ୟ ଏହି ମାଟି କୁମ୍ଭିରେ ପଇସା ସଞ୍ଚୟର ଅଭ୍ୟାସ ଶିକ୍ଷା ଦିଆଯାଉଥିଲା। ଘରକୁ ଅତିଥି, କୁଣିଆ କେହି ଆସୁଥିଲେ ଛୋଟ ପିଲାମାନଙ୍କୁ ଯିବା ସମୟରେ ହାତରେ କିଛି ପଇସା ଦେଇଥାନ୍ତି। ବିଦ୍ୟାଳୟ ସ୍ତରରେ ଅଧିକ ସଞ୍ଚୟ କରିଥିବା ପିଲାକୁ ପୁରସ୍କାର ସ୍ୱରୂପ ସେ ସମୟରେ ବହୁତ ବାଃ ହାଃ ବାଃ ହା ବା ପ୍ରଶଂସା ମିଳୁଥିଲା। ଅନେକ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ପିଲାମାନଙ୍କ ସଞ୍ଚୟ କରିବା ଇଚ୍ଛାକୁ ଉତ୍ସାହିତ କରିବା ଲାଗି ଦଶବର୍ଷ ବୟସରୁ ଉର୍ଦ୍ଧ୍ୱ ପିଲାମାନଙ୍କ ପାଇଁ ଜିରୋ ଆକାଉଣ୍ଟ ଯୋଜନା ପ୍ରଣୟନ କରୁଛନ୍ତି। ଏହା ସହିତ ସେମାନଙ୍କୁ ଏଟିଏମ୍ କାର୍ଡ଼ ମଧ୍ୟ ଯୋଗାଇବା ପାଇଁ ଚେଷ୍ଟା କରାଯାଉଛି। ବ୍ୟାଙ୍କରେ ବାପା, ମା' ପିଲା ମିଶି ଏକ ଜଏଣ୍ଟ ଆକାଉଣ୍ଟ ଖୋଲିପାରନ୍ତି। ଯାହାଫଳରେ ଆପଣ ପିଲାଙ୍କୁ ଦେଉଥିବା ଅର୍ଥକୁ ସେ ଆବଶ୍ୟକ ପରିମାଣର ଖର୍ଚ୍ଚକରି ବଳକା ପରିମାଣକୁ ଜମାରଖି ବିଭିନ୍ନ ପ୍ରକାର ସ୍ୱତନ୍ତ୍ର ଉତ୍ସବରେ ସେମାନଙ୍କୁ ଉପହାର କିମ୍ବା ନଗଦଟଙ୍କା ନଦେଇ ସେହି ପଇସାରେ ଯଦି ଇନ୍‌ସ୍ୟୁରାନ୍ସର ଏକ ପଲିସି ଉପାହାର ଦେଇପାରିବେ ତେବେ ତାହା ଭବିଷ୍ୟତରେ କାମରେ ଆସିବ। ପିଲାଙ୍କୁ ସଞ୍ଚୟ ସହିତ ଏହି ସଞ୍ଚୟଲବ୍ଧ ଅର୍ଥରାଶିରୁ କିଛି ସେବା କାର୍ଯ୍ୟକ୍ରମରେ ବିନିଯୋଗ ପାଇଁ ଅଭ୍ୟାସ ମଧ୍ୟ ଶିକ୍ଷା ଦେବା ଜରୁରୀ। ପିଲାମାନେ ସେମାନଙ୍କ ଆଖପାଖ ପରିବେଶରେ ସାମାଜିକ ପରିବେଶ ହେଉ ବା ବିଦ୍ୟାଳୟ କୌଣସି କ୍ଷେତ୍ରରେ ମଧ୍ୟ ଆର୍ଥିକ ଅନାଟନ ସହିତ ରହିଥିବା ତାଙ୍କ ସାଙ୍ଗ ସାଥିଙ୍କୁ ନିଜ ସଞ୍ଚୟରୁ କିଛି ସାହାଯ୍ୟ କରିବା ଏକ ସୁନ୍ଦର ଅଭ୍ୟାସ। ଏହି ମହତ୍ କାର୍ଯ୍ୟ ଦ୍ୱାରା ପିଲାମାନେ ସେମାନଙ୍କ ଜୀବନର ପ୍ରାରମ୍ଭ ସମୟରୁ ସମାଜ ସେବା ପାଇଁ ଏକ ଉନ୍ନତ ସେବା ମୂଳକ ଦିଗ ପାଇଁ ଶିକ୍ଷା ମଧ୍ୟ ପାଇପାରିବେ।

ଆମ ଦେଶ ମାତୃକାର ସେବା ପାଇଁ ଗୋରା ଇଂରେଜମାନଙ୍କୁ ଆମ ଦେଶରୁ ବିତାଡ଼ିତ କରିବା ପାଇଁ ସ୍ୱାଧୀନତା ସଂଗ୍ରାମ ସମୟରେ ସେ ସମୟରେ ବିଦ୍ୟାଳୟ ସ୍ତରରେ ପିଲାମାନେ ସଞ୍ଚୟ କରି ପରବର୍ତ୍ତୀ ସମୟରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ସଞ୍ଚାଳିତ ସଂଗ୍ରାମୀ ପାଣ୍ଠି ପାଇଁ ସହଯୋଗ ରାଶି ପ୍ରଦାନ କରୁଥିଲେ। ଆଜିର ସମୟରେ ଭାରତର ଅନେକ ସ୍ଥାନରେ ଛୋଟ ପିଲାମାନଙ୍କର ଛୋଟିଆ ଛୋଟିଆ ସଞ୍ଚୟ ରାଶି କିପରି ସ୍ଥାନୀୟ ଅଞ୍ଚଳର ଗୋଟିଏ ଗୋଟିଏ ସେବାମୂଳକ କାର୍ଯ୍ୟକ୍ରମ ପାଇଁ ମୂଳପୁଞ୍ଜି ହୋଇପାରୁଛି ସେ ଖବର ଅନେକ ସମୟରେ ଗଣମାଧ୍ୟମରେ ପ୍ରକାଶ ପାଇଥାଏ। ସଞ୍ଚୟ ପାଇଁ ସର୍ବନିମ୍ନତା ବା ସର୍ବୋଚ୍ଚସୀମା ସେପରି କିଛି ନାହିଁ। ଆଧାତ୍ମିକ ଭାବନାର ପରିଭାଷାରେ ଏହାକୁ କାମନାର ସୀମାଙ୍କନ ମଧ୍ୟ କୁହାଯାଏ। ଜଣେ ଯେ କେବଳ ଅର୍ଥ ସଞ୍ଚୟ କରିବ ସେପରି କିଛି ମାନେ ନାହିଁ। ଅନାବଶ୍ୟକ ପିନ୍ଧିବା ଠାରୁ ଖାଦ୍ୟ ପେୟ, ଖର୍ଚ୍ଚପତ୍ର ଠାରୁ ନିଜ ବ୍ୟକ୍ତିଗତ ଜୀବନରେ ସେ ଅନେକ କିଛି ସଞ୍ଚୟ କରିପାରିବେ। ତେବେ ଆଉ ଏକ ବଡ଼କଥାଟି ହେଉଛି ସଞ୍ଚୟ କରିବା ଗୁଣ ପିଲାମାନଙ୍କୁ ଉଚିତ ସମୟରେ ଶିକ୍ଷା ନ ଦେଲେ ନେଡ଼ିଗୁଡ଼ କହୁଣିକୁ ବୋହିଯିବ। ସେଥିପାଇଁ ମୂଳରୁ ସତର୍କ ରହିବା ଜରୁରୀ। ପିଲାମାନଙ୍କର ସଞ୍ଚିତ ଅର୍ଥ ସେମାନଙ୍କର ଅଭାବ ସମୟରେ କାମରେ ଆସିବା ସହିତ ଭବିଷ୍ୟତରେ ତାକୁ ସ୍ୱାବଲମ୍ବୀ ତଥା ଆତ୍ମନିର୍ଭରଶୀଳ କରିବାରେ ମଧ୍ୟ ସାହାଯ୍ୟ କରିପାରିବ। ସଞ୍ଚୟ ଅଭ୍ୟାସ ନିଜେ ଗ୍ରହଣ କରିବା ସହିତ ସମସ୍ତଙ୍କ ଭିତରେ ଏହି ଅଭ୍ୟାସ ଏକ ଜୀବନ ସାଧନା କହିଲେ ଅତ୍ୟୁକ୍ତି ହେବନାହିଁ।


**ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ, ମୋବାଇଲ୍: ୯୪୩୭୨୨୫୫୯୨**




# ପୁରସ୍କାର ପାଇଁ ବ୍ୟାକୁଳ


**କିଶୋର ଚନ୍ଦ୍ର ବେହେରା**




ମନରେ ଶାନ୍ତି ଥିଲେ ପରିବେଶରେ ଶାନ୍ତି ଥିବା ପରି ଲାଗେ, ମନ ଅଶାନ୍ତି ଥିଲେ ଚାରିଆଡ଼ ବିଷାକ୍ତ ଲାଗେ। ଏହି ଶାନ୍ତି ବସ୍ତୁର ପରିମାଣ, କ୍ଷମତାର ପ୍ରାବଲ୍ୟ, ଯଶର ବହୁଳତା ଉପରେ ନିର୍ଭର କରେନାହିଁ, ଏହା ନିର୍ଭର କରେ ମନର ସ୍ଥିତି ଉପରେ। ଆମେ ବୁଝିବାକୁ ହେବ ଯେ, ପାରସ୍ପରିକ ବୁଝାମଣା ଏବଂ ସହଯୋଗର ଭାବନାରେ ଦ୍ୱନ୍ଦ୍ୱ ସମାଧାନ ହୁଏ। ଭୌଗୋଳିକ ଓ ରାଜନୈତିକ ତିକ୍ତତା ଏବଂ ଦୀର୍ଘ ଦିନ ଧରି ଚାଲିଆସୁଥିବା ବିଶ୍ୱରେ ଶାନ୍ତି ଓ ସଂସ୍କୃତି ପାଇଁ ଆବଶ୍ୟକ ମୂଲ୍ୟବୋଧ ସ୍ଥିର କରିବାକୁ ପଡ଼ିଥାଏ। ଜୀବନ ପ୍ରତି ସମ୍ମାନ, ମାନବିକ ଅଧିକାର ଏବଂ ମୌଳିକ ସ୍ୱାଧୀନତା କ୍ଷେତ୍ରରେ ଶିକ୍ଷା, ସଂଳାପ ଏବଂ ସହଯୋଗ ମାଧ୍ୟମରେ ଅହିଂସାକୁ ପ୍ରୋତ୍ସାହିତ କରାଯାଇଥାଏ। ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ପ୍ରତିବଦ୍ଧତା ଆମେ ସଦାସର୍ବଦା ଏବଂ ସ୍ୱାଧୀନତା, ନ୍ୟାୟ, ଗଣତନ୍ତ୍ର, ସହନଶୀଳତା, ଏକତା, ସହଯୋଗ, ସାଂସ୍କୃତିକ ବିବିଧତା, ସଂଳାପ ଏବଂ ବୁଝାମଣାକୁ ସମାଜର ସମସ୍ତ ସ୍ତରରେ ଏବଂ ରାଷ୍ଟ୍ର ମଧ୍ୟରେ ପାଳନ କରିବା ଉଚିତ। ଅନୁସରଣ ସଂକଳ୍ପଗୁଡିକରେ, ସାଧାରଣ ସଭା ପରସ୍ପର ବିରୁଦ୍ଧରେ ନୁହେଁ ବରଂ ମିଳିତ ଭାବରେ କାର୍ଯ୍ୟ କରିବା ଏବଂ ଆଲୋଚନା କରିବାର ଗୁରୁତ୍ୱକୁ ଅଧିକ ସ୍ୱୀକୃତି ଦିଏ। ମିଳିତ ଜାତିସଂଘର ଶିକ୍ଷା, ବୈଜ୍ଞାନିକ ଏବଂ ସାଂସ୍କୃତିକ ସଂଗଠନ (ୟୁନେସ୍କୋ) ର ସମ୍ବିଧାନ ଏହି ଧାରଣା ସହିତ ଆରମ୍ଭ ହୋଇଛି ଯେ "ପୁରୁଷମାନଙ୍କ ମନରେ ଯୁଦ୍ଧ ଆରମ୍ଭ ହୁଏ ତେଣୁ ପୁରୁଷଙ୍କ ମନରେ ଶାନ୍ତିର ପ୍ରତିରକ୍ଷା ନିର୍ମାଣ ହେବା ଆବଶ୍ୟକ। ଦେଶ ତଥା ପିଢ଼ି ପରେ ପିଢ଼ି ମଧ୍ୟରେ ଆନୁଷ୍ଠାନିକ ତଥା ଅନୈପଚାରିକ ଶିକ୍ଷା ମାଧ୍ୟମରେ ଶିଶୁ ଏବଂ ସମ୍ପ୍ରଦାୟର ମନରେ ଶାନ୍ତିର ଚିନ୍ତାଧାରା, ଶାନ୍ତି ସଂସ୍କୃତି ଜାତ କରାଯିବା ଆବଶ୍ୟକ। ସଂପ୍ରତି ସମୟରେ ଅସ୍ତ୍ରଶସ୍ତ୍ରକୁ ବିଶ୍ରାମ ଦେବା ଏବଂ ଅସ୍ତ୍ରବିରତି ପାଳନ କରିବା ହେଉଛି ଶାନ୍ତି ସ୍ଥାପନ। ପରସ୍ପରର ମାନବିକତା ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଦେଖିବା ପାଇଁ ବର୍ତ୍ତମାନ ଏକ ସମୟ ଆସିବା ଆବଶ୍ୟକ। ଏକ ବିଶ୍ୱ ସମୁଦାୟ ଭାବରେ ଆମର ବଞ୍ଚିବା ବା ତିଷ୍ଠି ରହିବା ତାହା ଆମ ଉପରେ ନିର୍ଭର କରେ। ଏହି ବର୍ଷ, ସ୍ଥାୟୀ ବିକାଶ ଲକ୍ଷ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ପ୍ରତି ବିଶେଷ ଧାନ ଦିଆଯାଇଛି। ମିଳିତ ଜାତିସଂଘ ୧୭ ସ୍ଥାୟୀ ବିକାଶ ଲକ୍ଷ ଧାର୍ଯ୍ୟ କରିଛି। କିପରି ସ୍ଥାୟୀ ଶାନ୍ତି ପାଇଁ ଏହି ବିକାଶ ଲକ୍ଷ୍ୟ ସବୁ ମୂଳଦୁଆ ଭାବରେ କାର୍ଯ୍ୟ କରିପାରିବ ସେ ବିଷୟରେ ଆମର ସଚେତନତାକୁ ବଢ଼ାଇବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ବିଶ୍ୱ ଶାନ୍ତି ଏବଂ ବୁଝାମଣା ଦିବସ ଦେଶମାନଙ୍କ ମଧ୍ୟରେ ଦୟା ଏବଂ ଏକତାକୁ ପ୍ରେରଣା ଦେଇ ଏକ ଜଗତ ସୃଷ୍ଟି କରୁ ଯେଉଁଠାରେ ଘୃଣା ଉପରେ ପ୍ରେମର ବିଜୟ ହେବ।

ମିଳିତ ଜାତିସଂଘର ଶାନ୍ତିରକ୍ଷା ଅଭିଯାନ କ୍ଷେତ୍ରରେ ଭାରତର ଅବଦାନ ଏକ ସମୃଦ୍ଧ ପରମ୍ପରା ରହିଛି ଏବଂ ସୈନ୍ୟମାନଙ୍କର ଭୂମିକା ସବୁଠାରୁ ବଡ଼ ଗୁରୁତ୍ୱପୂର୍ଣ୍ଣ। ଜାତିସଂଘର ଆଦେଶକୁ ବଜାୟ ରଖିବା ସହ ଭାରତୀୟ ସେନାର ସର୍ବୋଚ୍ଚ ବଳିଦାନ, ଦୃଷ୍ଟାନ୍ତମୂଳକ ସାହସ ଏବଂ ବୀରତ୍ୱ ପ୍ରଦର୍ଶନ ବିଶ୍ୱରେ ବେସ୍ ପ୍ରଶଂସିତ। ସୂଚନାଯୋଗ୍ୟ, ସମଗ୍ର ବିଶ୍ୱରେ ଶାନ୍ତି ସୁନିଶ୍ଚିତ କରିବା ପାଇଁ ଭାରତୀୟ ସେନାର ୧୬୦ ଜଣ ଯବାନ ସର୍ବୋଚ୍ଚ ବଳିଦାନ ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇଅଛି। ବ୍ୟକ୍ତିଗତ ଉଦ୍ୟମ ଓ ସଂଗଠନର ସଫଳତାକୁ ନେଇ ସରକାରୀ, ସ୍ୱେଚ୍ଛାସେବୀ ସଂଗଠନ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ସ୍ୱିକୃତି ପ୍ରଦାନ କରି ମାନପତ୍ର ଓ ପୁରସ୍କାର ରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥାଏ। ନରୱେର ନୋବେଲ କମିଟି ପ୍ରତିବର୍ଷ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରିଥାଏ। ଏହି ପୁରସ୍କାର ସେଭଳି ବ୍ୟକ୍ତି କିମ୍ବା ସଂଗଠନକୁ




ପ୍ରଦାନ କରାଯାଇଥାଏ ଯିଏ ବିଶ୍ୱରେ ଶାନ୍ତି ସ୍ଥାପନ ପାଇଁ ସର୍ବୋତ୍ତମ କାର୍ଯ୍ୟ କରିଥିବ। ଆଲଫ୍ରେଡ୍ ନୋବେଲଙ୍କ ଇଚ୍ଛାପତ୍ର ଅନୁଯାୟୀ, ଏହି ପୁରସ୍କାର ନରୱେର ନୋବେଲ କମିଟି ଦ୍ୱାରା ପରିଚାଳିତ ହୁଏ ଏବଂ ନରୱେର ସଂସଦ ଦ୍ୱାରା ନିର୍ବାଚିତ ପାଞ୍ଚ ଜଣିଆ କମିଟି ଦ୍ୱାରା ପ୍ରଦାନ କରାଯାଏ। ୧୯୦୧ରୁ ୨୦୨୪ ମଧ୍ୟରେ ୧୪୨ ଜଣ ନୋବେଲ ପୁରସ୍କାର ବିଜେତାଙ୍କୁ ୧୦୫ ଥର ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଛି ଓ ସେମାନଙ୍କ ମଧ୍ୟରେ ୧୧୧ ଜଣ ବ୍ୟକ୍ତି ଏବଂ ୩୧ଟି ଅନୁଷ୍ଠାନ ଅଛନ୍ତି। ଅନ୍ତର୍ଜାତୀୟ ରେଡ୍ କ୍ରସ୍ କମିଟିକୁ ତିନି ଥର (୧୯୧୭, ୧୯୪୪ ଓ ୧୯୬୩ରେ) ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଛି ଏବଂ ଶରଣାର୍ଥୀଙ୍କ ପାଇଁ ଜାତିସଂଘର ହାଇ କମିଶନରଙ୍କ କାର୍ଯ୍ୟାଳୟକୁ ଦୁଇଥର (୧୯୫୪ ଓ ୧୯୮୧ରେ) ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଛି, ସେବେଠାରୁ ୨୯ଟି ଅନୁଷ୍ଠାନ ନୋବେଲ ଶାନ୍ତି ପୁରସ୍କାର ପାଇଛନ୍ତି। ୧୯ ଜଣ ମହିଳାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା ବେଳେ ୧୯ ବର୍ଷ କାହାରିକୁ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇନାହିଁ।

ନୋବେଲ ଶାନ୍ତି ପୁରସ୍କାର ସମ୍ମାନ ପାଇଁ ଟ୍ରମ୍ପ ବାଉଳା। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନୋବେଲ ପୁରସ୍କାର ପାଇଁ ଏତେ ବ୍ୟାକୁଳ ହୋଇଯାଇଛନ୍ତି ଯେ ସେ ନରୱେର ଅର୍ଥମନ୍ତ୍ରୀଙ୍କୁ ଫୋନ୍ ମାଧ୍ୟମରେ ଧମକ ଦେଇଛନ୍ତି। ନରୱେର ବ୍ୟବସାୟିକ ଖବରକାଗଜ ଡାଗେନ୍ସ ନରିଙ୍ଗସ୍ଲିଭ୍ ରିପୋର୍ଟ କରିଛି ଯେ ଡୋନାଲ୍ଡ ଟ୍ରମ୍ପ ଦେଶର ଅର୍ଥମନ୍ତ୍ରୀଙ୍କୁ ଫୋନ୍ ମାଧ୍ୟମରେ ଧମକ ଦେଇଛନ୍ତି ଯେ ଯଦି ତାଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାନଯାଏ, ତେବେ ସେ ନରୱେ ଉପରେ ଭାରୀ ଟିକସ ଲଗାଇବେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପୁରସ୍କାର ପାଇଁ ମନୋନୀତ କରାଯାଇଛି। ଆମେରିକାର ହାଉସ ପ୍ରତିନିଧି ବଡି କାର୍ଟର ଭାରତ-ପାକିସ୍ତାନ ଏବଂ ଇସ୍ରାଏଲ-ଇରାନ ମଧ୍ୟରେ ଯୁଦ୍ଧବିରତି ସମ୍ପର୍କରେ ନୋବେଲ ପୁରସ୍କାର କମିଟିକୁ ଏକ ଚିଠି ଲେଖିଛନ୍ତି। କାର୍ଟର କହିଛନ୍ତି ଯେ ପୂର୍ବ ବିବାଦର ସମାଧାନ କରିବାରେ ଟ୍ରମ୍ପ ଏକ ବଡ଼ ଭୂମିକା ଗ୍ରହଣ କରିଛନ୍ତି। କାର୍ଟର କହିଛନ୍ତି, 'ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱ ଇସ୍ରାଏଲ ଏବଂ ଇରାନ ମଧ୍ୟରେ ସଂଘର୍ଷ ସମାପ୍ତ କରିବାରେ ସାହାଯ୍ୟ କରିଥିଲା ଏବଂ ବିଶ୍ୱର ସବୁଠାରୁ ବଡ଼ ରାଷ୍ଟ୍ର ପ୍ରାୟୋଜିତ ଆତଙ୍କବାଦୀ ଦେଶ ଇରାନକୁ ପରମାଣୁ ଅସ୍ତ୍ର ହାସଲ କରିବାରୁ ରୋକିଥିଲା'। ଟ୍ରମ୍ପ ପୂର୍ବରୁ ସାର୍ବଜନୀନ ଭାବରେ କହିଛନ୍ତି ଯେ ସେ ମଧ୍ୟପ୍ରାଚ୍ୟ, ଭାରତ-ପାକିସ୍ତାନ ଏବଂ କାମ୍ବୋଡିଆ ଭଳି ଦେଶରେ ଶାନ୍ତି ଚୁକ୍ତିନାମା କିମ୍ବା ଯୁଦ୍ଧବିରତି ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି, ତେଣୁ ସେ ନୋବେଲ ପୁରସ୍କାର ପାଇବାକୁ ଯୋଗ୍ୟ। ତାଙ୍କ ସମର୍ଥକମାନେ ମଧ୍ୟ ଅନେକ ଦେଶରୁ ତାଙ୍କର ମନୋନୟନ କରାଇଛନ୍ତି। ଟ୍ରମ୍ପ ପ୍ରାୟତଃ ଯୁକ୍ତି ଦେଇ ଆସୁଛନ୍ତି ଯେ ଚାରି ଜଣ ଆମେରିକା ରାଷ୍ଟ୍ରପତି ନୋବେଲ ପୁରସ୍କାର ପାଇଛନ୍ତି, ତେଣୁ ତାଙ୍କୁ ମଧ୍ୟ ଏହା ମିଳିବା ଉଚିତ। ରାଜନୈତିକ ବିଶ୍ଳେଷକ ଓ ନାଗରିକ ଟ୍ରମ୍ପଙ୍କୁ ନୋବେଲ ପୁରସ୍କାର ପାଇଁ ମନୋନୟନକୁ ସମାଲୋଚନା କରିଛନ୍ତି, ବିଶେଷ କରି ଗାଜାରେ ଇସରାଇଲର ଯୁଦ୍ଧକୁ ସମର୍ଥନ ଓ ଇରାନ ଉପରେ ଆକ୍ରମଣ ପାଇଁ ଟ୍ରମ୍ପଙ୍କ ନୀତିକୁ ଦୃଷ୍ଟିରେ ରଖି। ସାମାଜିକ ଗଣମାଧ୍ୟମରେ ଜଣେ ବ୍ୟବହାରକାରୀ ଲେଖିଛନ୍ତି, "ଟ୍ରମ୍ପଙ୍କୁ ନୋବେଲ ପାଇଁ ମନୋନୀତ କରିବା ଓ ତାଙ୍କ ଇରାନ ଆକ୍ରମଣକୁ ନିନ୍ଦା କରିବା ମଧ୍ୟରେ ପାକିସ୍ତାନର ଦ୍ୱନ୍ଦ୍ୱ ଅତ୍ୟନ୍ତ ଲଜ୍ଜାଜନକ'। କାଲିଫର୍ଣ୍ଣିଆ ଗଭର୍ଣ୍ଣର ଗାଭିନ୍ ନ୍ୟୁସମ୍ କହିଛନ୍ତି ଟ୍ରମ୍ପ ନିଜ ଲୋକଙ୍କ ବିରୋଧରେ ସୈନ୍ୟ ମୁତୟନ କରି ନୋବେଲ ଶାନ୍ତି ପୁରସ୍କାର ସମ୍ମାନ ଚାହୁଁଛନ୍ତି। ସେ ଶାନ୍ତି ଆଣି ନାହାନ୍ତି, ଯୁଦ୍ଧ କ୍ଷେତ୍ରକୁ ଘରକୁ ଆଣିଛନ୍ତି ବୋଲି ମତବ୍ୟକ୍ତ କରିଛନ୍ତି। ନୋବେଲ ଶାନ୍ତି ପୁରସ୍କାର ପାଇଁ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ବ୍ୟକ୍ତିଙ୍କ ଏଭଳି ନିର୍ଲଜ ପ୍ରୟାସ ବିଶ୍ୱବ୍ୟାପୀ ପ୍ରତିକ୍ରିୟା ସୃଷ୍ଟି କରିଛି।


**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ, ସିଦ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ ନନ୍ଦପୁର, ଜିଲ୍ଲା: କୋରାପୁଟ, ମୋବାଇଲ୍:୯୪୩୭୯୫୫୫୬୮**


# ଶକ୍ତିର ପ୍ରତୀକ ଦେବୀ ଦୁର୍ଗା


**ଗୋପାଳ ମହାପାତ୍ର**




ମନୁଷ୍ୟ ମନରେ ଦ୍ୱନ୍ଦ୍ୱ ଭରି ରହିଥାଏ। ଏହି ଦ୍ୱନ୍ଦ୍ୱ ବା ଅନ୍ତଃବିରୋଧ ଆଦର୍ଶ ଏବଂ ପତନର ପ୍ରେରକ ତତ୍ତ୍ୱ ଅଟେ। ଅନ୍ତର୍ବିରୋଧ ଚିନ୍ତନ ପାଇଁ ମଧ୍ୟ ଖୋରାକ ଯୋଗାଇଥାଏ। ନିର୍ଗୁଣ ଏବଂ ସଗୁଣ ଏହି ଭକ୍ତି-କାବ୍ୟର ଧାରା ଅଟନ୍ତି। ଏଥିପାଇଁ ଆମର କଥା ଏବଂ କାର୍ଯ୍ୟରେ ପାର୍ଥକ୍ୟ ଦେଖାଦେଇଥାଏ। ଆମ ଋଷି ମୁନିମାନେ ସେମାନଙ୍କ ଅନ୍ତର୍ଜ୍ଞାନରେ ଏ କଥାକୁ ଜାଣିଥିଲେ। ଏହି ଭେଦକୁ ବିଶ୍ୱର ଅନ୍ୟ ଦେଶର ସଭ୍ୟତା ମଧ୍ୟ ଏବେ ଜାଣିଲାଣି ଏବଂ ସେମାନେ ଭୌତିକ ପ୍ରଗତି ସହିତ ସାମାଜିକ ଓ ଆର୍ଥିକ ସମତା କଥା କହିବା ଆରମ୍ଭ କଲେଣି। ଏହି ଦ୍ୱନ୍ଦ୍ୱ ବା ଅନ୍ତଃବିରୋଧ ଦେବୀ ଦୁର୍ଗାଙ୍କର ନଅଟି ରୂପ ଅର୍ଥାତ ଆଦ୍ୟା ଶକ୍ତି ଅଟନ୍ତି। ଦୈବୀ ଶକ୍ତି ସେମାନଙ୍କୁ କୁହାଯାଏ ଯିଏ ମନୁଷ୍ୟର ଅନୁକୂଳ ଅର୍ଥାତ ଫଳଦାୟୀ ଏବଂ ଆସୁରିକ ଶକ୍ତି ସେମାନଙ୍କୁ କୁହାଯାଏ ଯିଏ ମନୁଷ୍ୟଣ ପ୍ରତିକୂଳ ବା ମନୁଷ୍ୟକୁ ହାନୀ ପହଞ୍ଚାଇଥାଏ। ନବରାତ୍ରିର ଆୟୋଜନ ଦୁଇଟି ଋତୁର ପରିବର୍ତ୍ତନର ସମୟରେ ହୋଇଥାଏ। ଜୀବନରେ ପରିବର୍ତ୍ତନର ସ୍ୱୀକାର୍ଯ୍ୟର ଦ୍ୟୋତକ ହେଉଛି ନବରାତ୍ର। ଆଶ୍ୱିନ ମାସର ଶୁକ୍ଳପକ୍ଷରେ ନବରାତ୍ରର ଆୟୋଜନ କରାଯାଇଥାଏ। ଶୁକ୍ଳପକ୍ଷ ହେଉଛି ଅନ୍ଧକାରକୁ ବା ଅଜ୍ଞାନକୁ ଦୂର କରିବାର ପ୍ରତୀକ। ଅନ୍ୟପକ୍ଷରେ କୃଷ୍ଣପକ୍ଷ ଅନ୍ଧକାର ବା ଅଜ୍ଞାନର ବୃଦ୍ଧିର ପ୍ରତୀକ ଅଟେ। ପ୍ରତିମାସରେ ଉତ୍ସର୍ଜିତ ଏବଂ ବିଲୋପିତ ହେଉଥିବା ଏହି ଦୁଇପକ୍ଷ ଜୀବନର ସକାରାତ୍ମକ ଏବଂ ସକାରାତ୍ମକ ପକ୍ଷର ପ୍ରବୃତ୍ତି ଅଟନ୍ତି। ପ୍ରକୃତିଠାରୁ ଆରମ୍ଭ କରି ଜୀବନରେ ସବୁ ଜାଗାରେ ଅନ୍ତଃବିରୋଧ ବ୍ୟାପ୍ତ ହୋଇ ରହିଛି। ଏ ସବୁ ବିରୋଧଭାଷୀ ପକ୍ଷ ମଧ୍ୟରେ ସାମଞ୍ଜସ୍ୟ ଆଣିବାର କାର୍ଯ୍ୟ ଦୁର୍ଗା ହିଁ କରିଥାନ୍ତି।

ମାର୍କଣ୍ଡେୟ ପୁରାଣରେ ପ୍ରକାଶ ଏବଂ ଶକ୍ତି ବାବଦରେ କୁହାଯାଇଛି ଯେ "ଦେବତାମାନେ ଏକ ପ୍ରକାଶ ପୁଞ୍ଜ ଦେଖିଥିଲେ ଯାହା ଏକ ବିଶାଳ ପର୍ବତ ସମାନ ପ୍ରଦୀପ୍ତ ଥିଲା। ସମ୍ପୂର୍ଣ୍ଣ ଆକାଶକୁ ଏହି ପ୍ରକାଶ ବ୍ୟାପିଯାଇଥିଲା। ପରେ ଏହି ପ୍ରକାଶ ପୁଞ୍ଜ ଏକ ପିଣ୍ଡରେ ପରିବର୍ତ୍ତିତ ହୋଇଥିଲା ଯାହା ଏକ ଶରୀର ରୂପରେ ଅସ୍ତିତ୍ୱକୁ ଆସିଥିଲା। କାଳାନ୍ତରରେ ଏହା ଏକ ସ୍ତ୍ରୀ ବା ନାରୀର ଶରୀର ଭାବେ ଆଶ୍ଚର୍ଯ୍ୟଜନକ ଢଙ୍ଗରେ ପରିବର୍ତ୍ତିତ ହୋଇଥିଲା। ଏହି ନାରୀ ଶରୀରରୁ ବାହାରୁଥିବା ଜ୍ୟୋତି ବା କିରଣ ସ୍ୱର୍ଗ, ମର୍ତ୍ତ୍ୟ ଏବଂ ପାତାଳ ତିନିପୁରକୁ ଆଲୋକିତ କରିଥିଲା। ପ୍ରକାଶ ଏବଂ ଶକ୍ତିର ଏହି ସମନ୍ୱିତ ରୂପକୁ ଆଦି ଶକ୍ତି ବା ଆଦି ମାତା କୁହାଗଲା।" ଛାନ୍ଦୋଗ୍ୟ ଉପନିଷଦରେ କୁହାଯାଇଛି ଯେ "ଅବ୍ୟକ୍ତରୁ ଉତ୍ପନ୍ନ ତିନିଟି ତତ୍ତ୍ୱ ଅଗ୍ନି, ଜଳ ଏବଂ ପୃଥିବୀର ତିନି ରଙ୍ଗ ସବୁ ବସ୍ତୁରେ ଅନ୍ତର୍ନିହିତ ହୋଇ ରହିଛି। ଏଣୁ ଏହା ସୃଷ୍ଟି ବା ଜୀବନର ମୂଳତତ୍ତ୍ୱ ଅଟେ। ପ୍ରକୃତିର ଏହି ଶକ୍ତି ଜୀବନର ଜନ୍ମ ଏବଂ ଏହାର ଗତିର ମୁଖ୍ୟ ଆଧାର ଅଟେ।"

ଏହି ଅବଧାରଣାରେ ଯେଉଁ ଦେବୀ ପ୍ରକଟ ହୋଇଥାନ୍ତି ସେହି ଦେବୀ ମହିଷାସୁର ମର୍ଦ୍ଦିନୀ ଅଟନ୍ତି। ପୁରାଣରୂପୀ ଏହି ଅବସ୍ଥା ସତ୍ତ୍ୱ, ରଜ ଏବଂ ତମୋଗୁଣରେ ରୂପାନ୍ତରିତ ହୋଇ ସୃଷ୍ଟିକୁ ସନ୍ତୁଳିତ ରଖିବାର କାର୍ଯ୍ୟ କରିଥାଏ। ଏଇଥିପାଇଁ ଦେବୀଙ୍କୁ ଆଦ୍ୟା ବା ଅସାଧାରଣ ଶକ୍ତି ବୋଲି କୁହାଯାଏ। ବିଶ୍ୱର ଏହି ଆଦ୍ୟା ବା ଜନନୀଙ୍କ ବିନା ଶିବ ମଧ୍ୟ 'ଶବ' ମାତ୍ର।

ଯେତେବେଳେ ବ୍ରହ୍ମାଣ୍ଡରେ ଶକ୍ତିର ବିଘଟନ ଘଟିଥାଏ ସେତେବେଳେ ଆସୁରୀ ଶକ୍ତି ପ୍ରକଟିତ ହୋଇଥାଏ। ଶକ୍ତି ଯେତେବେଳେ ଅବ୍ୟବସ୍ଥିତ ହୋଇଯାଏ ସେତେବେଳେ ଧ୍ୱଂସାତ୍ମକ ସ୍ଥିତି ଉପୁଜିଥାଏ। ଏବେ ବିଧ୍ୱଂସକାରୀ ବୈଜ୍ଞାନିକ ପ୍ରୟୋଗ କାରଣରୁ ବିଶ୍ୱରେ ଶକ୍ତିର ଧ୍ୱଂସାତ୍ମକ ରୂପ ଦେଖାଯାଉଛି। ଅରାଜକତା ଦେଖାଯାଉଛି ଓ ପରିବେଶର ନକାରାତ୍ମକ ସ୍ଥିତି ସୃଷ୍ଟି ଏପରିକି ଆସୁରିକ ଶକ୍ତି ବୃଦ୍ଧି ପାଇବାରେ ଲାଗିଛି। ଏହି ଶକ୍ତିକୁ ଅକ୍ଷୁର୍ଣ୍ଣ ରଖିବାର କାର୍ଯ୍ୟ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର କରିଥାନ୍ତି। ଦେବୀ ମହାତ୍ମରେ କୁହାଯାଇଛି ଯେ ଦେବତା ଏବଂ ଅସୁରମାନଙ୍କ ମଧ୍ୟରେ ଯେବେ ଯୁଦ୍ଧ ହୋଇଥିଲା ସେଇ ଯୁଦ୍ଧ ଶହେଦିନ ପର୍ଯ୍ୟନ୍ତ ଚାଲିଥିଲା। ଏହି ଯୁଦ୍ଧ ସମୟରେ ରାକ୍ଷସ ମହିଷ ଅସୁରମାନଙ୍କର ରାଜା ଥିଲା ଏବଂ ଦେବତାମାନଙ୍କର ଅଧିପତି ଥିଲେ ଇନ୍ଦ୍ର। ଯୁଦ୍ଧରେ ଅସୁରମାନେ ଦେବତାମାନଙ୍କୁ ପରାସ୍ତ କରିଥିଲେ। ଫଳରେ ରାକ୍ଷସ ମହିଷ ଦେବତାମାନଙ୍କର ରାଜା ପାଲଟିଯାଇଥିଲା। ପରାଜିତ ଦେବତାମାନେ ପ୍ରଜାପତି ବ୍ରହ୍ମାଙ୍କ ନେତୃତ୍ୱରେ ବିଷ୍ଣୁ ଓ ଶିବଙ୍କ ପାଖକୁ ଯାଇଥିଲେ ଓ ପରାଜୟର କଥା ଶୁଣାଇଥିଲେ। ଏ କଥା ଶୁଣି ବିଷ୍ଣୁ ଓ ଶିବ କ୍ରୋଧିତ ହୋଇଥିଲେ। ବିଷ୍ଣୁ ତାଙ୍କ ମୁହଁରୁ ଏକ ଅକ୍ଷୟ ଶକ୍ତିର ଉତ୍ପନ୍ନ କରିଥିଲେ। ବ୍ରହ୍ମା ଏବଂ ଶିବ ମଧ୍ୟ ଅକ୍ଷୟ ଶକ୍ତିର ଉତ୍ପନ୍ନ କରାଇଥିଲେ। ଇନ୍ଦ୍ର ଓ ଅନ୍ୟ ଦେବତାମାନେ ମଧ୍ୟ ସେମାନଙ୍କ ଶକ୍ତି ପ୍ରକଟ କରାଇଥିଲେ। ଦେବତାମାନଙ୍କର ଏହି ଶକ୍ତି ପ୍ରବାହରେ ନକାରାତ୍ମକ ଶକ୍ତି ସକାରାତ୍ମକ ଶକ୍ତିରେ ପରିବର୍ତ୍ତିତ ହୋଇଥିଲା ଓ ଦେବତାମାନଙ୍କର ଶକ୍ତି ଏକ ପର୍ବତ ଆକାର ଧାରଣ କରିଥିଲା। ଏଥିରୁ କାତ୍ୟାୟନୀ ପ୍ରକଟ ହୋଇଥିଲେ। କାତ୍ୟାୟନୀ ବା ଦୁର୍ଗାଙ୍କର ଏହି ରୂପକୁ ମହିଷାସୁର ମର୍ଦ୍ଦିନୀ ବୋଲି କୁହାଗଲା।



ରାକ୍ଷସ ମହିଷ ଶକ୍ତିଶାଳୀ ଥିଲା। କିନ୍ତୁ ତା'ର ଆଚରଣ କ୍ରୁର ଥିଲା ଓ ତାହା ବ୍ରହ୍ମାଣ୍ଡର ଆଧାତ୍ମିକ ଆଧାରର ଅନୁକୂଳ ନଥିଲା। ଏହି କାରଣରୁ କାତ୍ୟାୟନୀ ବା ଦୁର୍ଗା ମହିଷକୁ ପଦଦଳିତ କରି ତାର ଅହଂକାରକୁ ଚୁନା କରି ଦେଇଥିଲେ। ମହିଷର ପ୍ରାଣ ନେଇଥିବା କାରଣରୁ ଦୁର୍ଗାଙ୍କୁ ମହିଷାସୁର ମର୍ଦ୍ଦିନୀ କୁହାଯାଏ। ଏଇଥିପାଇଁ ତାଙ୍କୁ ବ୍ରହ୍ମାଣ୍ଡର ଜନନୀ ବୋଲି କୁହାଯାଏ ଯାହା ପୃଥିବୀର ପ୍ରତୀକ। ବ୍ରହ୍ମାଣ୍ଡର ଅସ୍ତିତ୍ୱର ଏହା ହେଉଛି ବୀଜ। ପ୍ରକୃତିର ଏହି ରୂପକୁ ମାନବୀକରଣ କରାଯାଇ ଋକ୍‌ବେଦରେ କୁହାଯାଇଛି ଯେ "ଜ୍ଞାନର ସବୁ ବିଷୟ ଏବଂ କ୍ରିୟାକଳାପ ଅନ୍ତତଃ ଦେବୀଙ୍କର ରୂପ ଅଟେ।" ସୃଷ୍ଟିର ସର୍ଜନାଠାରୁ ଆରମ୍ଭ କରି ଏଯାବତ୍ ସମୟ ପର୍ଯ୍ୟନ୍ତ ନାରୀଙ୍କୁ ମା'ର ରୂପ ଦିଆଯାଉଛି। ନାରୀ ତାଙ୍କର ଶକ୍ତିରେ ମନୁଷ୍ୟକୁ ମନୁଷ୍ୟତ୍ୱ ପ୍ରଦାନ କରିଥାନ୍ତି। ଏଥିରୁ ସ୍ପଷ୍ଟ ଯେ ଦୁର୍ଗା ହେଉଛନ୍ତି ମୂଳ ପ୍ରକୃତିର ସେହି ରୂପ ଯେଉଁଠାରେ ସମସ୍ତ ଶକ୍ତି ମମାହିତ ହୋଇ ରହିଛି।


**ରାମଚନ୍ଦ୍ରପୁର, ରଣପୁର, ମୋବାଇଲ୍: ୯୩୪୮୪୮୫୦୯୪**




### ୫ ରାଜ୍ୟସଭା ଆସନ ଲାଗି ଉପନିର୍ବାଚନ ତାରିଖ ଘୋଷିତ

# ଅକ୍ଟୋବର ୨୪ରେ ହେବ ଭୋଟ୍

**ନୂଆଦିଲ୍ଲୀ,୨୪।୯:** ୫ଟି ରାଜ୍ୟସଭା ଆସନରେ ଉପନିର୍ବାଚନ ପାଇଁ ତାରିଖ ଘୋଷଣା କରିଛନ୍ତି ଭାରତୀୟ ନିର୍ବାଚନ କମିଶନ। ପଞ୍ଜାବରେ ଗୋଟିଏ ଏବଂ ଜମ୍ମୁ-କଶ୍ମୀରରେ ଚାରୋଟି ଆସନ ଖାଲି ପଡିଥିବାରୁ ଏଠାରେ ଉପନିର୍ବାଚନ ହେବାକୁ ତାରିଖ ଘୋଷଣା କରାଯାଇଛି। ଆସନ୍ତା ଅକ୍ଟୋବର ୨୪ରେ ଏହି ଆସନରେ ଉପନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନ ବିଜ୍ଞପ୍ତି ଅକ୍ଟୋବର ୬ରେ ପ୍ରକାଶ ପାଇବ। ଇଚ୍ଛୁକ ପ୍ରାର୍ଥୀ ଅକ୍ଟୋବର ୬ରେ ନାମାଙ୍କନ ଦାଖଲ କରିପାରିବେ। ନାମାଙ୍କନ ଦାଖଲ କରିବାର ଶେଷ ତାରିଖ ୧୩ ଅକ୍ଟୋବର ରହିଛି। ନାମାଙ୍କନ ପତ୍ର ଯାଞ୍ଚ ତାରିଖ ୧୪ ଅକ୍ଟୋବର ରହିଛି। ନାମାଙ୍କନ ପତ୍ର ପ୍ରତ୍ୟାହାର କରିବାର ତାରିଖ ୧୬ ଅକ୍ଟୋବର ରହିଛି। ଭୋଟ ଗ୍ରହଣ ସକାଳ ୯ ରୁ ସନ୍ଧ୍ୟା ୪ଟା ଯାଏଁ ହେବ। ଭୋଟ ଗଣତି ସେହିଦିନ ୫ଟାରୁ ହେବ। ସାଂସଦ ସଞ୍ଜୀବ ଆରୋରାଙ୍କ ଇସ୍ତଫା ପରେ ପଞ୍ଜାବର ରାଜ୍ୟସଭା ଆସନ ଖାଲିପଡିଥିଲା। ସେପଟେ ୨୦୧୯ରେ ଯେତେବେଳେ ଧାରା ୩୭୦ ଉଚ୍ଛେଦ ହେଲା ସେବେଠାରୁ ଜମ୍ମୁ ଓ କଶ୍ମୀରର ଚାରୋଟି ରାଜ୍ୟସଭା ଆସନ ଖାଲି ପଡିଛି।

### ଜାଳିଦେଲେ ବିଜେପି ଅଫିସ, ପୁଲିସ ଗାଡ଼ି

# ଲଦାଖ ଅଶାନ୍ତ: ୪ ମୃତ, ୭୦ରୁ ଊର୍ଦ୍ଧ୍ୱ ଆହତ

**ଲଦାଖ,୨୪।୯:** ବୁଧବାର ଦିନ ଲେହ-ଲଦାଖରେ ଯୁବ ପ୍ରଦର୍ଶନକାରୀଙ୍କ ପ୍ରତିବାଦ ହିଂସାତ୍ମକ ରୂପ ନେଇଛି। ରାସ୍ତାରେ ପ୍ରତିବାଦ କରୁଥିବା ଜେନ୍-ଜିମାନେ ବିଜେପି କାର୍ଯ୍ୟାଳୟ ଜାଳି ଦେବା ସହ ପଥର ମାଡ଼ କରିଛନ୍ତି। ଏହା ସହ ଏକ ପୁଲିସ ଗାଡ଼ିକୁ ମଧ ଜାଳି ଦିଆଯାଇଥିବା ଜଣାପଡ଼ିଛି। ଏହି ପ୍ରତିବାଦରେ ଅତି କମରେ ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୭୦ରୁ ଅଧିକ ଲୋକ ଆହତ ହୋଇଛନ୍ତି।

ସୂଚନା ଅନୁଯାୟୀ, ପ୍ରଦର୍ଶନକାରୀମାନେ ରାଜ୍ୟ ମାନ୍ୟତା ଏବଂ ଲଦାଖକୁ ସମ୍ବିଧାନର ଷଷ୍ଠ ଅନୁସୂଚୀରେ ଅନ୍ତର୍ଭୁକ୍ତ କରିବା ପାଇଁ ଦାବି କରି ବିରୋଧ ପ୍ରଦର୍ଶନ କରୁଛନ୍ତି। ପରିସ୍ଥିତି ଖରାପ ହେଉଥିବା ଦେଖି କର୍ତ୍ତୃପକ୍ଷ ସହରରେ କର୍ଫ୍ୟୁ ଜାରି କରିଛନ୍ତି। ପାଞ୍ଚ ଜଣରୁ ଅଧିକ ଲୋକଙ୍କ ଏକତ୍ରିତ ହେବା ଉପରେ ରୋକ୍ ଲଗାଯାଇଛି। ପୋଡ଼ାଜଳା ସମୟରେ, ସ୍ଥାନୀୟ ବିଜେପି କାର୍ଯ୍ୟାଳୟରେ ନିଆଁ ଲଗାଇ ଦିଆଯାଇଥିଲା



ଏବଂ ଏକ ଗାଡ଼ି ମଧ ପୋଡ଼ି ଦିଆଯାଇଥିଲା। ହିଂସାକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ଲୁହବୁହା ଗ୍ୟାସ ବ୍ୟବହାର କରିଥିଲା ଏବଂ ପ୍ରତିବାଦକାରୀଙ୍କ ଉପରେ ଲାଠିଚାର୍ଜ କରିଥିଲା। ଏବେ ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ଏକ ସରକାରୀ ଆଦେଶରେ କୁହାଯାଇଛି ଯେ, ଲେହରେ ପାଞ୍ଚ କିମ୍ବା ତା'ଠାରୁ ଅଧିକ ଲୋକ ଏକାଠି ହୋଇପାରିବେ ନାହିଁ। କୌଣସି ଶୋଭାଯାତ୍ରା ବା ରାଲି କରାଯାଇପାରିବ ନାହିଁ।

ଉଲ୍ଲେଖଯୋଗ୍ୟ, ପୂର୍ବରୁ ଲଦାଖ, ଜମ୍ମୁ-କଶ୍ମୀରର ଅଂଶ ଥିଲା ଏବଂ ୫ ଅଗଷ୍ଟ, ୨୦୧୯ରେ ଧାରା ୩୭୦ ଉଚ୍ଛେଦ ହେବା ପରେ ଏହା ଏକ କେନ୍ଦ୍ରଶାସିତ ଅଞ୍ଚଳ ହୋଇ ସିଧାସଳଖ କେନ୍ଦ୍ରର ନିୟନ୍ତ୍ରଣକୁ ଆସିଗଲା। ଲଦାଖର ଲୋକମାନେ ସେବେଠାରୁ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ରାଜ୍ୟ ମାନ୍ୟତା ଦାବି କରିଆସୁଛନ୍ତି। ଏହି ଦାବି ପୂରଣ ହୋଇନଥିବାରୁ ଏବେ ରାସ୍ତାକୁ ଓହ୍ଲାଇଛନ୍ତି ଲଦାଖବାସୀ।

### ପାଠପଢ଼ାଇବା ନାଁରେ ଯୌନ ନିର୍ଯାତନା

# ଗୁରୁଙ୍କ ବିରୋଧରେ ୧୭ ଛାତ୍ରୀ ଆଣିଲେ ଦୁଷ୍କର୍ମ ଅଭିଯୋଗ

**ନୂଆଦିଲ୍ଲୀ, ୨୪।୯:** ଦିଲ୍ଲୀର ଡାର୍ଟି ଆଶ୍ରମରେ ପାଠ ପଢାଇବା ଆଳରେ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେଉଥିଲେ ବାବା। ଦିଲ୍ଲୀର ବସନ୍ତ କୁଞ୍ଜ ଅଞ୍ଚଳରେ ଥିବା ଏକ ଆଶ୍ରମର ମୁଖ୍ୟ ସ୍ୱାମୀ ଚୈତନ୍ୟାନନ୍ଦ ସରସ୍ୱତୀଙ୍କ ବିରୋଧରେ ଆସିଛି ଏପରି ସାଂଘାତିକ ଅଭିଯୋଗ।



ଜଣେ କି ଦୁଇ ଜଣ ନୁହେଁ ୧୭ ଜଣ ଛାତ୍ରୀ ଆଣିଛନ୍ତି ଏହି ଅଭିଯୋଗ। ଶ୍ରୀ ଶୃଙ୍ଗେରୀ ମଠ ପରିସରରେ ଥିବା ଶ୍ରୀ ଶାରଦା ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆନ୍ ମ୍ୟାନେଜମେଣ୍ଟରେ ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରୁଥିଲେ ଅଭିଯୁକ୍ତ। ଆଉ ଏଠାରେ ପଢୁଥିବା ଛାତ୍ରୀଙ୍କୁ ଅସଦାଚରଣ କରୁଥିଲେ ସ୍ୱାମୀ ଚୈତନ୍ୟାନନ୍ଦ ସରସ୍ୱତୀ ଓରଫ ପାର୍ଥସାରଥୀ ।

ଅପମାନଜନକ ଭାଷା କହିବା, ଅଶ୍ଲୀଳ ହ୍ୱାଟ୍ସଆପ୍ ଏବଂ ଟେକ୍ସଟ୍ ମେସେଜ୍ ପଠାଇବା ସହ ଜବରଦସ୍ତ ଶାରୀରିକ ସମ୍ପର୍କ ରଖୁଥିଲେ। ଏପରିକି କିଛି ମହିଳା ଅଧାପକ ଏବଂ ପ୍ରଶାସକ ଅଭିଯୁକ୍ତଙ୍କ କଥା ମାନିବା ପାଇଁ ଛାତ୍ରୀଙ୍କ ଉପରେ ଚାପ ପକାଉଥିବା ମଧ ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ୩୨ ଜଣ ମହିଳା ଛାତ୍ରୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସେଥିରୁ ୧୭ଜଣ ମହିଳା ସମାନ ଅଭିଯୋଗ କରିଥିଲେ। ଏବେ ଫେରାର ଅଛି ଅଭିଯୁକ୍ତ। ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କ ନକଲି ୟୁଏନ ନମ୍ବର ପ୍ଲେଟ୍ ଥିବା ଭଲଭୋ କାରକୁ ଜବତ କରିଛି। ଅନ୍ୟପଟେ ସ୍ୱାମୀ ଚୈତନ୍ୟାନନ୍ଦ ସରସ୍ୱତୀଙ୍କୁ ନିର୍ଦ୍ଦେଶକ ପଦରୁ ହଟାଇ ଦେଇଛି ଶ୍ରୀ ଶୃଙ୍ଗେରୀ ମଠ ପ୍ରଶାସନ। ଆଶ୍ରମ ଏକ ବିବୃତି ଜାରି କରି କହିଛି, ବେଆଇନ ଅନୁପଯୁକ୍ତ କାର୍ଯ୍ୟକଳାପରେ ଲିପ୍ତ ଥିବାରୁ ପୀଠ ତାଙ୍କ ସହିତ ସମସ୍ତ ସମ୍ପର୍କ ଛିନ୍ନ କରିଛି।

# ଗୋମାଂସକୁ ଜିଏସ୍‌ଟି ମୁକ୍ତ କଲେ ଏମ୍‌ପି ସରକାର

ଭୋପାଳ,୨୪।୯: ମଧ୍ୟପ୍ରଦେଶରେ ଗୋମାଂସକୁ ନେଇ ଏକ ନୂତନ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ଏକ ଗେଜେଟ୍ ବିଜ୍ଞପ୍ତି, ଗୋମାଂସକୁ ଜିଏସଟି ମୁକ୍ତ କରିବା ନେଇ ରିପୋର୍ଟ ହୋଇଛି। ରାଜନୈତିକ ମହଲରେ ଏନେଇ ଝଡ଼ ସୃଷ୍ଟି ହୋଇଛି। ରାଜ୍ୟ କଂଗ୍ରେସ ସଭାପତି ଜିତୁ ପଟୱାରୀ ଏହି ନିଷ୍ପତ୍ତି ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛନ୍ତି ଏବଂ ସରକାର ଗୋମାଂସ ରପ୍ତାନିକୁ ପ୍ରୋତ୍ସାହିତ କରୁଥିବାର ଅଭିଯୋଗ କରିଛନ୍ତି। ସେ ଏହାକୁ ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କ ଗାଈ ପ୍ରତି ଭକ୍ତି ଉପରେ ସିଧାସଳଖ ଆକ୍ରମଣ ବୋଲି କହିଛନ୍ତି ଏବଂ ଏହି ପ୍ରସଙ୍ଗରେ ରାଜ୍ୟବ୍ୟାପୀ ଆନ୍ଦୋଳନ ଘୋଷଣା କରିଛନ୍ତି। ମଧ୍ୟପ୍ରଦେଶ ବାଣିଜ୍ୟିକ ଟିକସ ବିଭାଗ ସେପ୍ଟେମ୍ବର ୧୮ ତାରିଖରେ ଜିଏସଟି ହାର ହ୍ରାସ କରି ଏକ ଗେଜେଟ୍ ବିଜ୍ଞପ୍ତି ଜାରି କରିବା ପରେ ବିବାଦ ଆରମ୍ଭ ହୋଇଥିଲା। ଜିତୁ ପଟୱାରୀ ଦାବି କରିଥିଲେ ଯେ, ଏହି ବିଜ୍ଞପ୍ତି ଗୋମାଂସକୁ ଜିଏସଟିରୁ ମୁକ୍ତ କରିଛି। ସେ ଏକ ସାମ୍ବାଦିକ ସମ୍ମିଳନୀରେ ପଚାରିଥିଲେ ଯେ, ଜଣେ ମୁଖ୍ୟମନ୍ତ୍ରୀ ଯିଏ ନିଜକୁ ଗୋ ଭକ୍ତ ବୋଲି ଦାବି କରୁଛନ୍ତି ତାଙ୍କ ଶାସନରେ ଏପରି ନିଷ୍ପତ୍ତି କିପରି ନିଆଯାଇପାରିଲା। ପଟୱାରୀ ଅଭିଯୋଗ କରିଛନ୍ତି,ବିଶ୍ୱବ୍ୟାପୀ ଗୋମାଂସ ରପ୍ତାନିକୁ ଅଧିକ ପ୍ରୋତ୍ସାହିତ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ଯାହା ବିଜେପି ସରକାରଙ୍କ କଥା ଏବଂ କାମ ମଧ୍ୟରେ ଥିବା ପାର୍ଥକ୍ୟକୁ ପ୍ରକାଶ କରିଥିବା ସେ କହିଛନ୍ତି। କଂଗ୍ରେସ ଏବେ ଏହି ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଛି। ଜିତୁ ପଟୱାରୀ ଘୋଷଣା କରିଛନ୍ତି ଯେ, କଂଗ୍ରେସ ଦଳ କୌଣସି ମୂଲ୍ୟରେ ଗୋହତ୍ୟା କରିବାକୁ ଦେବ ନାହିଁ। ଏହି ନିଷ୍ପତ୍ତିର ପ୍ରତିବାଦରେ ସେପ୍ଟେମ୍ବର ୨୬ଏବଂ ୨୭ ତାରିଖରେ ସାରା ମଧ୍ୟପ୍ରଦେଶରେ ଏକ ବିଶାଳ ପ୍ରତିବାଦ କରାଯିବ। ଏହି ପ୍ରତିବାଦର ଏକ ଅଂଶ ସ୍ୱରୂପ, କଂଗ୍ରେସ କର୍ମୀମାନେ ଗୋ ଆଶ୍ରୟସ୍ଥଳ ପରିଦର୍ଶନ କରିବେ ଏବଂ ରାସ୍ତାରେ ବୁଲୁଥିବା ଗୋରୁମାନଙ୍କୁ ଧରି କଲେକ୍ଟରଙ୍କ କାର୍ଯ୍ୟାଳୟକୁ ନେଇଯିବେ।

### ପହଲଗାମ ଆକ୍ରମଣ

# ଆତଙ୍କୀଙ୍କୁ ସାହାଯ୍ୟ କରିଥିବା ଶିକ୍ଷକ ଗିରଫ

**ଜମ୍ମୁ-କଶ୍ମୀର,୨୪।୯:** ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରାୟ ପାଞ୍ଚ ମାସ ପରେ, ଜମ୍ମୁ-କଶ୍ମୀର ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ଦକ୍ଷିଣ କଶ୍ମୀରରେ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ଲସ୍କର-ଏ-ତୈବା ଆତଙ୍କବାଦୀଙ୍କୁ ପରିବହନ ସହାୟତା ଯୋଗାଇବା ପାଇଁ ଦାୟୀ କରାଯାଉଥିବା ବ୍ୟକ୍ତିଙ୍କୁ ଜମ୍ମୁ-କଶ୍ମୀର ପୁଲିସ ଗିରଫ କରିଛି।

ପହଲଗାମ୍ ଆକ୍ରମଣରେ ୨୬ ଜଣ ନିରୀହ ଲୋକଙ୍କ ମୃତ୍ୟୁ ହୋଇଥିଲା। ସେହି ଆକ୍ରମଣରେ ହାତ ଥିବା ଅଭିଯୋଗରେ ଗିରଫ କରାଯାଇଥିବା ଆତଙ୍କବାଦୀ ସହଯୋଗୀଙ୍କୁ ଦକ୍ଷିଣ କଶ୍ମୀରର ୟୁସୁଫ୍ କଟାରିଆ ଭାବରେ ଚିହ୍ନଟ କରାଯାଇଛି। ଜମ୍ମୁ ଏବଂ କଶ୍ମୀରର ଜଣେ ୨୬ ବର୍ଷୀୟ ଶିକ୍ଷକ ୟୁସୁଫ୍ କଟାରିଆଙ୍କୁ ଶ୍ରୀନଗର ପୁଲିସ ଗିରଫ କରିଛି। କଟାରିଆ ଲସ୍କର-ଏ-ତୈବା ସହିତ ଜଡିତ ବୋଲି କୁହାଯାଉଛି। ତାଙ୍କୁ କୋର୍ଟରେ ହାଜର କରାଯାଇ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିଲା। 'ଅପରେସନ ମହାଦେବ'ରେ ନିହତ ଲସ୍କର-ଏ-ତୈବା ଆତଙ୍କବାଦୀଙ୍କଠାରୁ ଉଦ୍ଧାର କରାଯାଇଥିବା ଉପକରଣ ଏବଂ ଅସ୍ତ୍ରଶସ୍ତ୍ର ସମ୍ପର୍କରେ ଜମ୍ମୁ-କଶ୍ମୀର ପୁଲିସ ତଦନ୍ତ ପରେ ମହମ୍ମଦ କଟାରିଆଙ୍କୁ ଗିରଫ କରାଯାଇଥିଲା। 'ଅପରେସନ ମହାଦେବ' ପରେ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ଏହା ପ୍ରଥମ ବଡ଼ ଗିରଫଦାରୀ ବୋଲି ଜଣାପଡିଛି। ମହମ୍ମଦ କଟାରିଆ ଦକ୍ଷିଣ କଶ୍ମୀରର ବାସିନ୍ଦା। ଏନେଇ ଜମ୍ମୁ-କଶ୍ମୀର ପୁଲିସ ଗଣମାଧ୍ୟମରେ ସୂଚନା ଦେଇଛି।

### ତାଇୱାନରେ ପ୍ରଳୟଙ୍କାରୀ ଟାଇଫୁନ୍

# ଗଲାଣି ୧୪ ଜୀବନ, ୧୨୪ ନିଖୋଜ

**ତାଇୱାନ,୨୪।୯:** ତାଇୱାନରେ ଟାଇଫୁନ ରାଗାସା ପ୍ରଳୟଙ୍କାରୀ ତାଣ୍ଡବ ରଚିଛି। ଏହି କାରଣରୁ ବ୍ୟାପକ କ୍ଷୟକ୍ଷତି ଘଟିଛି। ପ୍ରବଳ ବର୍ଷା ହେବା ପରେ ଭୂସ୍ଖଳନ ଯୋଗୁଁ ଏକ ହ୍ରଦର କୂଳ ଭାଙ୍ଗି ଗୁଆଙ୍ଗଫୁ ଟାଉନସିପରେ ପାଣି ପଶିଯାଇଥିଲା। ଫଳରେ ପୂର୍ବ ତାଇୱାନର ହୁଆଲିଏନ୍ କାଉଣ୍ଟିରେ ୧୪ ଜଣ ଲୋକଙ୍କ ମୃତ୍ୟୁ ଘଟିଛି। ଏଥି ସହ ୧୨୪ ଜଣ ନିଖୋଜ ରହିଛନ୍ତି। ପରବର୍ତ୍ତୀ ସମୟରେ ମୃତ୍ୟୁସଂଖ୍ୟା ବଢ଼ିପାରେ ବୋଲି ଅନୁମାନ କରାଯାଉଛି।

ସୂଚନାନୁଯାୟୀ, ପୂର୍ବ ତାଇୱାନର ହୁଆଲୁଏନ୍ କାଉଣ୍ଟିର ୮୫୦୦ ନିବାସୀଙ୍କ ମଧ୍ୟରୁ ପାଖାପାଖି ୬୦ ପ୍ରତିଶତ ଲୋକ ନିଜ ଘରର ଉପର ମହଲାରେ ରହିଥିବା ଜଣାପଡିଛି। ଆଉ କିଛି ଲୋକ ନିଜ ଅଞ୍ଚଳ ଛାଡ଼ି ସମ୍ପର୍କୀୟଙ୍କ ଘରେ ରହିଛନ୍ତି। ଝଡ଼ ହେବା ଦ୍ୱାରା ମଙ୍ଗଳବାର ଦିନ ହ୍ରଦର ୯ କରୋଡ ଟନ୍ ପାଣିରୁ ୬ କରୋଡ୍ ଟନ୍ ପାଣି ବାହାରକୁ ଆସିଥିଲା। ଏବେ ବି ଏହି ପ୍ରଳୟଙ୍କରୀ ଟାଇଫୁନ ପ୍ରଳୟ ରଚୁଥିବା ଜଣାପଡ଼ିଛି।

### ରେଳ କର୍ମଚାରୀମାନଙ୍କୁ ପାର୍ବଣ ଭେଟି

# ମିଳିବ ୭୮ ଦିନର ବୋନସ୍





**ନୂଆଦିଲ୍ଲୀ,୨୪।୯:** ପାର୍ବଣ ଋତୁ ପୂର୍ବରୁ ରେଳ କର୍ମଚାରୀମାନଙ୍କ ପାଇଁ ଆସିଲା ଖୁସି ଖବର। କେନ୍ଦ୍ର ସରକାର ଦେଲେ ବଡ଼ ଉପହାର। ବୁଧବାର କ୍ୟାବିନେଟ ବୈଠକରେ ନିଷ୍ପତ୍ତି ନିଆଯାଇଛି ଯେ, ରେଳବାଇର ଗ୍ରୁପ୍ ସି ଏବଂ ଗ୍ରୁପ୍ ଡି କର୍ମଚାରୀମାନେ ଚଳିତ ବର୍ଷ ୭୮ ଦିନର ବୋନସ୍ ପାଇବେ। ଏହି ନିଷ୍ପତ୍ତି ଦେଶର ଲକ୍ଷ ଲକ୍ଷ କର୍ମଚାରୀ ଏବଂ ସେମାନଙ୍କ ପରିବାରଙ୍କ ମୁହଁରେ ହସ ଫୁଟାଇଛି।

ରିପୋର୍ଟ ଅନୁଯାୟୀ, ଏହି ନିଷ୍ପତ୍ତି ଦ୍ୱାରା ପ୍ରାୟ ୧.୧୫ ନିୟୁତ କର୍ମଚାରୀ ଉପକୃତ ହେବେ। ବୋନସ୍ ଟଙ୍କା ସିଧାସଳଖ କର୍ମଚାରୀଙ୍କ ଆକାଉଣ୍ଟରେ ଜମା ହେବ ଏବଂ ଖୁବ୍ ଶୀଘ୍ର ଦେୟ ମଧ ଆରମ୍ଭ ହେବ । ଟ୍ରାକ୍ ମେଣ୍ଟେନର୍, ଲୋକୋ ପାଇଲଟ୍, ଟ୍ରେନ୍ ମ୍ୟାନେଜର, ଷ୍ଟେସନ ମାଷ୍ଟର, ସୁପରଭାଇଜର, ଟେକ୍ନିସିଆନ୍, ଟେକ୍ନିସିଆନ୍ ହେଲପର, ପଏଣ୍ଟମ୍ୟାନ୍, ମିନିଷ୍ଟେରିଆଲ୍ ଷ୍ଟାଫ୍ ଏବଂ ଅନ୍ୟାନ୍ୟ ଗ୍ରୁପ୍ ସି ଷ୍ଟାଫଙ୍କ ସମେତ ବିଭିନ୍ନ ବର୍ଗର ରେଳ କର୍ମଚାରୀଙ୍କୁ ଏହି ବୋନସ୍ ପ୍ରଦାନ କରାଯିବ। ନନ୍-ଗେଜେଟେଡ୍ ରେଲୱେ କର୍ମଚାରୀମାନେ ପ୍ରତିବର୍ଷ ଏକ ବୋନସ୍ ପାଆନ୍ତି, ଯାହାକୁ ପ୍ରଡକ୍ଟିଭ୍ ଲିଙ୍କ୍ଡ୍ ବୋନସ୍ ଅର୍ଥାତ୍ ପିଏଲବି କୁହାଯାଏ।

ଏଥିସହ ଜାଣିରଖନ୍ତୁ ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ, ଏପରି ଫେଷ୍ଟିଭାଲ୍ ବୋନସ୍ ଅର୍ଥନୀତି ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ। ଯେତେବେଳେ କର୍ମଚାରୀମାନେ ବୋନସ୍ ପାଆନ୍ତି, ସେମାନେ ଅଧିକ ଖର୍ଚ୍ଚ କରିବାକୁ ଚେଷ୍ଟା କରନ୍ତି, ଯାହା ବଜାରରେ ଟଙ୍କାର ମାତ୍ରା ବୃଦ୍ଧି କରେ। ଏଥିସହ ଏହା ବ୍ୟବସାୟ ଏବଂ ଶିଳ୍ପ ଉଭୟଙ୍କୁ ଲାଭ ପହଞ୍ଚାଇଥାଏ। ନିକଟରେ ସରକାର ଜିଏସଟି ହାରରେ ପରିବର୍ତ୍ତନ ଘୋଷଣା କରିଛନ୍ତି, ଯାହା ବଜାରକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି।

### ପୁଣି ପାକ୍‌କୁ ଭାରତର କଡ଼ା ସମାଲେଚନା

# ପିଓକେ ତୁରନ୍ତ ଖାଲି କର




**ନୂଆଦିଲ୍ଲୀ,୨୪।୯ :** ଅନ୍ତର୍ଜାତୀୟ ସ୍ତରରେ ପୁଣି ପାକିସ୍ତାନକୁ କଡ଼ା ସମାଲେଚନା କରିଛି ଭାରତ। ଜେନେଭାରେ ସଂଯୁକ୍ତ ରାଷ୍ଟ୍ର ମାନବାଧିକାର ପରିଷଦର ୬୦ତମ ଅଧିବେଶନରେ ପାକିସ୍ତାନକୁ ଜମ୍ମୁ କଶ୍ମୀର ପ୍ରସଙ୍ଗରେ ମୁହଁତୋଡ ଜବାବ ଦେଇଛି। ଭାରତ ପାକିସ୍ତାନକୁ ଖୋଲାଖୋଲି ଭାବରେ କହିଛି, ପ୍ରଥମେ ଅବୈଧ ଭାବରେ ଅଧିକୃତ ଅଞ୍ଚଳ ଖାଲି କର। ଭାରତୀୟ କୂଟନୀତିଜ୍ଞ କ୍ଷିତିଜ ତ୍ୟାଗୀ ପାକିସ୍ତାନକୁ କଡ଼ା ସମାଲୋଚନା କରିଛନ୍ତି।

ପାକିସ୍ତାନୀ କୂଟନୀତିଜ୍ଞ ଭାରତ ବିରୁଦ୍ଧରେ ଉତ୍ତେଜନାପୂର୍ଣ୍ଣ ବୟାନ ଦେଇଥିଲେ। ଏହା ପରେ ଭାରତୀୟ କୂଟନୀତିଜ୍ଞ କ୍ଷିତିଜ ମାନବାଧିକାର ଉଲ୍ଲଂଘନ ଏବଂ ଆତଙ୍କବାଦକୁ ପ୍ରୋତ୍ସାହିତ କରିବା ପାଇଁ ପାକିସ୍ତାନକୁ କଡ଼ା ସମାଲୋଚନା କରିଥିଲେ। ଭାରତୀୟ କୂଟନୀତିଜ୍ଞ କହିଛନ୍ତି ଯେ, ଜାତିସଂଘ ମାନବାଧିକାର ପରିଷଦ ନିରପେକ୍ଷ ହେବା ଉଚିତ। ସେ କହିଛନ୍ତି ଯେ, କିଛି ଦେଶ ଉପରେ ଧାନ ଦେବା ଦ୍ୱାରା ଆସୁଥିବା ସମସ୍ୟାଗୁଡ଼ିକରୁ ଧାନ ହଟିଯିବ। ପାକିସ୍ତାନକୁ ଏକ ଉପଯୁକ୍ତ ଜବାବ ଦେଇ ଭାରତୀୟ କୂଟନୀତିଜ୍ଞ କହିଛନ୍ତି, "ପାକିସ୍ତାନ ଭାରତ ବିରୁଦ୍ଧରେ ଏହି ମଞ୍ଚର ଅପବ୍ୟବହାର କରୁଛି। ଆମ ଅଞ୍ଚଳ ଉପରେ ନଜର ରଖିବା ପରିବର୍ତ୍ତେ, ଏହା ଅବୈଧ ଭାବରେ ଅଧିକୃତ ଭାରତୀୟ ଅଞ୍ଚଳ ଖାଲି କରିବା ଉଚିତ ।" କ୍ଷିତିଜ ତ୍ୟାଗୀ କହିଛନ୍ତି, "ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀମାନେ ଚଳିତ ବର୍ଷ ଏପ୍ରିଲରେ ପହଲଗାମରେ ଆକ୍ରମଣ କରିଥିଲେ। ଆମେ କ'ଣ ଉରି କିମ୍ବା ମୁମ୍ବାଇକୁ ଭୁଲିଯିବା ? ଭାରତ ଏବଂ ବିଶ୍ୱ ପାକିସ୍ତାନର ଏହି କାର୍ଯ୍ୟଗୁଡ଼ିକୁ ଭୁଲିବ ନାହିଁ।"

### ■ ଅକ୍ଟୋବର ୧୩ରେ ଆସିବ ଆଇଆରସିଟିସି ଦୁର୍ନୀତି ରାୟ

# ଲାଲୁ, ରାବଡ଼ୀ ଓ ତେଜସ୍ୱୀଙ୍କୁ ଉପସ୍ଥିତ ହେବାକୁ କୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ ୨୪।୯:** ଭାରତୀୟ ରେଳ କ୍ୟାଟରିଂ ଆଣ୍ଡ ଟୁରିଜିମ କର୍ପୋରେସନ (ଆଇଆରସିଟିସି) ଦୁର୍ନୀତି ମାମଲାର ରାୟ ଅକ୍ଟୋବର ୧୩ ତାରିଖରେ ଘୋଷଣା ହେବ। ଏଥି ପାଇଁ କୋର୍ଟ ମୁଖ୍ୟ ଅଭିଯୁକ୍ତ ଲାଲୁ ଯାଦବ, ରାବଡ଼ୀ ଯଦାବ ଓ ତେଜସ୍ୱୀ ଯାଦବଙ୍କ ସମେତ ଅନ୍ୟ ଅଭିଯୁକ୍ତଙ୍କୁ ସେଦିନ କୋର୍ଟରେ ହାଜର ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଇଆରସିଟିସି ଅର୍ଥାତ ରେଳମନ୍ତ୍ରାଳୟ ସମ୍ପର୍କିତ ହୋଟେଲଙ୍କ ରକ୍ଷଣାବେକ୍ଷଣା ଠିକା ପ୍ରଦାନ ଅନିୟମିତତା ମାମଲାରେ ଦିଲ୍ଲୀ ରାଉଜ ଏଭେନ୍ୟୁ କୋର୍ଟ ରାୟ ଘୋଷଣା କରିବେ। ମାମଲାର ତଦନ୍ତ କରୁଥିବା ସିବିଆଇ ଚାର୍ଜସିଟ୍ ରେ ଲାଲୁ, ରାବଡ଼ୀ ଦେବୀ ଓ ତେଜସ୍ୱୀ ଯାଦବଙ୍କ ସହିତ ଅନ୍ୟମାନଙ୍କୁ ଅଭିଯୁକ୍ତ କରିଛି। ରେଳବାଇରେ ଆଇଆରସିଟିସିର ଦୁଇ ହୋଟେଲ ବିଏନଆର ହୋଟେଲ ରାଞ୍ଚୀ ଓ ପୁରୀ ଟେଣ୍ଡରରେ ହୋଇଥିବା ଦୁର୍ନୀତି ମାମଲାରେ ରାଉଜ ଏଭେନ୍ୟୁ କୋର୍ଟ ଦୋଷୀ ସାବ୍ୟସ୍ତ କରିବା ସହ ରାୟ ଘୋଷଣା କରିବେ। ଅର୍ଥାତ ଏହି ଦିନ କୋର୍ଟ ନିର୍ଦ୍ଧାରଣ କରିବେ ଚାର୍ଜସିଟ୍ ରେ ଦର୍ଶାଯାଇଥିବା ଅଭିଯୋଗରେ ଆଗକୁ କେଉଁ ସବୁ ଆରୋପ ମକଦ୍ଦମାର ଆଧାର ହେବ ଓ କେଉଁ ସବୁ ଅଭିଯୋଗକୁ ମକଦ୍ଦମାରୁ ବାହାର କରାଯିବ।

### ଟ୍ରମ୍ପଙ୍କୁ ଧମକ ଦେଲେ ଖାମେନି

# ଆମେ ମୁଣ୍ଡ ନୁଆଁଇବାର ପ୍ରଶ୍ନ ଉଠୁନି

**ତେହେରାନ,୨୪।୯:** ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନି ସ୍ପଷ୍ଟ କରିଛନ୍ତି ଯେ, ଆମେରିକା ସହିତ ସିଧାସଳଖ ପରମାଣୁ ଆଲୋଚନା ପାଇଁ କୌଣସି ପ୍ରସ୍ତାବ ଗ୍ରହଣ କରାଯିବ ନାହିଁ ବୋଲି ଧମକ ଦେଇଛନ୍ତି। ସେ କହିଛନ୍ତି, ଇରାନ ଭୟ କରୁଛି ଯେ, ଜାତିସଂଘ ପୁନଃ ପରମାଣୁ କଟକଣା ଲାଗୁ କରିପାରେ।

ରିପୋର୍ଟ ଅନୁଯାୟୀ, ଖାମେନି ଏକ ଟେଲିଭିଜନ ସମ୍ବୋଧନରେ କହିଛନ୍ତି, ଆମେରିକା ସହିତ ଆଲୋଚନା ଇରାନ ପାଇଁ କୌଣସି ଲାଭ ଆଣିବ ନାହିଁ। ବରଂ, ବର୍ତ୍ତମାନ ପରିସ୍ଥିତିରେ ଏହା କ୍ଷତି ପହଞ୍ଚାଇବାର ଆଶଙ୍କା ଅଧିକ, ଯାହା ମଧ୍ୟରୁ କିଛି କ୍ଷତି ଅପୂରଣୀୟ ମଧ ହୋଇପାରେ। ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନି ସ୍ପଷ୍ଟ କରିଛନ୍ତି, ତାଙ୍କ ସରକାର ୟୁରାନିୟମ୍ ସମୃଦ୍ଧି ବନ୍ଦ କରିବା ପାଇଁ ଚାପ ଆଗରେ ମୁଣ୍ଡ ନୁଆଁଇବ ନାହିଁ। ଏକ ଟେଲିଭିଜନ ଭାଷଣରେ ସେ କହିଛନ୍ତି, ଆମେରିକା ସହିତ ଯେକୌଣସି ଆଲୋଚନା ଦୀର୍ଘସ୍ଥାୟୀ ହେବ ଏବଂ ଇରାନର ଲାଭ ହେବ ନାହିଁ। ଏହି ବିବୃତି ଏପରି ଏକ ସମୟରେ ଆସିଛି ଯେତେବେଳେ



ୟୁରୋପୀୟ ଦେଶମାନେ ଇରାନର ପରମାଣୁ କାର୍ଯ୍ୟକ୍ରମ ଉପରେ କଠୋର ନଜର ରଖିବା ଏବଂ କଡ଼ା କଟକଣା ଦାବି କରିଛନ୍ତି। ଖାମେନି ଏହା ମଧ କହିଛନ୍ତି ଯେ, ଆମେରିକା ପକ୍ଷରୁ ଦୃଢ଼ ଭାବରେ କୁହାଯାଇଛି, ଇରାନକୁ ନିଜର ୟୁରାନିୟମ୍ ସମୃଦ୍ଧି କାର୍ଯ୍ୟକ୍ରମ ବନ୍ଦ କରିବାକୁ ପଡିବ, କିନ୍ତୁ ଏକ ଚୁକ୍ତି ହେବାର କୌଣସି ସମ୍ଭାବନା ନାହିଁ। ଖାମେନି ସ୍ପଷ୍ଟ କରିଛନ୍ତି, ଇରାନ କେବେ ଆତ୍ମସମର୍ପଣ କରିବ ନାହିଁ। ଆମେ କୌଣସି ପରିସ୍ଥିତିରେ ଚାପ ଆଗରେ କେବେ ମୁଣ୍ଡ ନୁଆଁଇବୁ ନାହିଁ ଏବଂ ଭବିଷ୍ୟତରେ ମଧ କେବେ ଏପରି କରାଯିବ ନାହିଁ। ଆମେରିକା ସହିତ ଯେକୌଣସି ଆଲୋଚନା ଇରାନ ପାଇଁ କ୍ଷତିକାରକ ହେବ। ବର୍ତ୍ତମାନ ପରିସ୍ଥିତିରେ, ଆମେରିକା ସହିତ ଆଲୋଚନା କରିବାର କୌଣସି ଲାଭ ନାହିଁ; ବରଂ ଏହା ଇରାନର ବହୁ କ୍ଷତି କରିବ। ୟୁରୋପୀୟ ଦେଶ ଏବଂ ଆମେରିକା ଇରାନ ସରକାର ପରମାଣୁ ଅସ୍ତ୍ର ବିକଶିତ କରିବାକୁ ଚେଷ୍ଟା କରୁଥିବା ସନ୍ଦେହ କରୁଛନ୍ତି, ଯେତେବେଳେ ତେହେରାନ ଏହାକୁ ଦୃଢ଼ ଭାବରେ ଅସ୍ୱୀକାର କରି କହିଛି ଯେ. ଆମର କାର୍ଯ୍ୟଦେଶ କେବଳ ଶାନ୍ତିପୂର୍ଣ୍ଣ ପରମାଣୁ ଶକ୍ତି ପର୍ଯ୍ୟନ୍ତ ସୀମିତ।

ଇସ୍ରାଏଲ ଜୁନ୍ ମାସରେ ଇରାନର ପରମାଣୁ ପ୍ରତିଷ୍ଠାନ ବିରୁଦ୍ଧରେ ଏକ ବଡ଼ ସାମରିକ ଅଭିଯାନ ଆରମ୍ଭ କରିଥିଲା, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପ୍ରମୁଖ ସ୍ଥାନଗୁଡ଼ିକ ଉପରେ ଆକ୍ରମଣ କରିବାକୁ ଆମେରିକାର ଲଢୁଆ ବିମାନଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। ଇରାନ ଉପରେ କଟକଣା କଡ଼ାକଡ଼ି କରିବା ପାଇଁ ଦୀର୍ଘ ସମୟ ଧରି ସମର୍ଥନ କରୁଥିବା ଟ୍ରମ୍ପ୍ ପ୍ରଶାସନ ତଥାପି ଇରାନ ସହିତ ଆଲୋଚନାର ସମ୍ଭାବନା ବୃଦ୍ଧି କରିଛି। ତେବେ ଇରାନ ୱାଶିଂଟନର ଉଦ୍ଦେଶ୍ୟ ଉପରେ ପ୍ରଶ୍ନ ଉଠାଇଛି।

### ଟ୍ରମ୍ପଙ୍କ ନୋବେଲ୍ ପୁରସ୍କାର ଆଶାକୁ ଶକ୍ତ ଚାପୁଡ଼ା

# ମୋଦିଙ୍କୁ ପ୍ରଶଂସା କଲେ ଇଟାଲୀ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୨୪।୯:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଶଂସା କରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଆଇନା ଦେଖାଇଛନ୍ତି ଇଟାଲୀର ପ୍ରଧାନମନ୍ତ୍ରୀ ଜିଓର୍ଜିୟା ମେଲୋନି। ଦେଶ-ଦେଶ ମଧ୍ୟରେ ଯୁଦ୍ଧ ବନ୍ଦ୍ କରୁଥିବା କହି ଟ୍ରମ୍ପଙ୍କ ନୋବେଲ୍ ଶାନ୍ତି ପ୍ରତିଷ୍ଠା ଦାବିକୁ ମିଳିଛି ଉଚିତ୍ ଜବାବ। ଜିଓର୍ଜିୟା ମେଲୋନି କହିଛନ୍ତି ଯେ, ଭାରତ ଏକ ଏପରି ଦେଶ; ଯାହା ସାରା ବିଶ୍ୱର ଯୁଦ୍ଧକୁ ବନ୍ଦ୍ କରି ଦେଇପାରେ।

ବର୍ତ୍ତମାନ ଆମେରିକାର ନ୍ୟୁୟର୍କରେ ମିଳିତ ଜାତିସଂଘ ସାଧାରଣ ପରିଷଦ ବୈଠକ ଚାଲିଛି ଏବଂ ସମଗ୍ର ବିଶ୍ୱ ସେଠାରୁ ବିଭିନ୍ନ ଦେଶମାନେ ଦେଉଥିବା ବାର୍ତ୍ତା ଉପରେ ନଜର ରଖିଛି। ଜାତିସଂଘ ସାଧାରଣ ପରିଷଦ ଅଧିବେଶନ ଅବସରରେ ଏଏନ୍ଆଇ ସହିତ କଥାବାର୍ତ୍ତା ସମୟରେ ଇଟାଲୀ ପ୍ରଧାନମନ୍ତ୍ରୀ ମେଲୋନି କହିଥିଲେ, "ମୁଁ ଭାବୁଛି ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ।"

ଜିଓର୍ଜିୟା ମେଲୋନିଙ୍କୁ ବିଶ୍ୱବ୍ୟାପୀ ଚାଲିଥିବା ଯୁଦ୍ଧର ସମାଧାନରେ



ଭାରତର ଭୂମିକା ବିଷୟରେ ପଚରା ଯାଇଥିଲା। ମେଲୋନିଙ୍କ ପ୍ରତିକ୍ରିୟା ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରତି ଏକ କଡ଼ା ସମାଲୋଚନା ପରି ଥିଲା। ଯିଏକି ପ୍ରତିଦିନ ବିଶ୍ୱବ୍ୟାପୀ ପ୍ଲାଟଫର୍ମରେ ନୋବେଲ ଶାନ୍ତି ପୁରସ୍କାର ପାଇଁ ଆବେଦନ କରିବାକୁ ପଛାନ୍ତି ନାହିଁ ଏବଂ ବିଶ୍ୱବ୍ୟାପୀ ଅନେକ ଯୁଦ୍ଧ ରୋକିବାର ମିଥ୍ୟା ଏବଂ ଭିତ୍ତିହୀନ ଦାବି କରନ୍ତି। ସତ୍ୟ ହେଉଛି ଯେ, ତାଙ୍କ ପ୍ରୟାସ ଏବଂ ପ୍ରତିଶ୍ରୁତି ସତ୍ତ୍ୱେ, ରୁଷ-ୟୁକ୍ରେନ ଏବଂ ଇସ୍ରାଏଲ-ଗାଜା ବିବାଦ ଅଟଳ ରହିଛି ଏବଂ କୌଣସି ଶାନ୍ତି ଚୁକ୍ତିନାମା ହୋଇନାହିଁ।

ଉଲ୍ଲେଖନୀୟ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିୟା ମେଲୋନି ଏହି ମାସ ଆରମ୍ଭରେ ଏକ ଟେଲିଫୋନ୍ ବାର୍ତ୍ତାଳାପ କରିଥିଲେ, ଯେଉଁଥିରେ ପାରସ୍ପରିକ ସ୍ୱାର୍ଥର ଆଞ୍ଚଳିକ ଏବଂ ବିଶ୍ୱବ୍ୟାପୀ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ୟୁକ୍ରେନରେ ଚାଲିଥିବା ସଂଘର୍ଷର ଶୀଘ୍ର ଏବଂ ଶାନ୍ତିପୂର୍ଣ୍ଣ ସମାଧାନର ଆବଶ୍ୟକତା ଉପରେ ଦୁଇ ନେତା ସହମତ ହୋଇଥିଲେ।

## ପାଠ ପଢ଼ା ପାଇଁ ଭରା ନଦୀରେ ବାଜିରେ ଲାଗିଛି ଜୀବନ

**କେନ୍ଦୁଝର, ୨୪।୯ (ସଂଚାର ବ୍ୟୁରୋ):** ପାଠ ପଢ଼ା ପାଇଁ ଭରା ନଦୀରେ ବାଜିରେ ଲାଗିଛି ଜୀବନ। ଏଭଳି ଘଟଣା ଦେଖିବାକୁ ମିଳିଛି ତେଲକୋଇ ବ୍ଲକ ତାଳପଦା ପଞ୍ଚାୟତ ତାଳପଦା ମୁଣ୍ଡା ସାହିରେ। ମୁଣ୍ଡା ସାହିକୁ ସମାକୋଇ ନଦୀ ଉପରେ ପୋଲ ନଥିବାରୁ ବର୍ଷା ଦିନରେ ସାହିକୁ ଯାତାୟତ ପାଇଁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି ସାହିବାସୀ। ପିଲାଙ୍କ ପଢ଼ା କଥା ନ କହିଲେ ଭଲ। ବର୍ଷା ହେଲେ ନଦୀ ବଢ଼ିଲେ ବସ୍ତାନି ରେ ଡୋରି ବନ୍ଧା ହୁଏ। ଏବେ ସ୍କୁଲରେ ପରିକ୍ଷା ଚାଲିଥିବା ରୁ ବାଧ୍ୟହୋଇ ମୁଣ୍ଡା ସାହି ରୁ କିଛି ଛାତ୍ରଛାତ୍ରୀ ତାଳପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପରିକ୍ଷା ଦେବାପାଇଁ ଭରା ନଦୀରେ ଜୀବନ କୁ ବାଜି ଲଗାଇ ନଦୀ ପାର ହୋଇ ପରିକ୍ଷା ଦେବାକୁ ଯାଇଛନ୍ତି। ଲଗାଣ ବର୍ଷା ଯୋଗୁଁ ସମାକୋଇ ନଦୀରେ ବର୍ଷା ଜଳ ପ୍ରଭାବିତ ହେଉଛି। କେବେ କେବେ ପାଣିରେ ଅଭିଭାବକ ମାନେ ଭରା ନଦୀରେ ବିପଦ ସଙ୍କୁଳ ଅବସ୍ଥାରେ ନିଜ ପିଲାଙ୍କୁ ନଦୀ ପାର କରାଉଥିବା ଦୃଶ୍ୟ ଦେଖିବାକୁ ମିଳିଛି।ସାହିରେ ୨୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ବିଭିନ୍ନ ସମୟରେ ସାହି ବାସୀ ନଦୀ ଉପରେ ପୋଲ ନିର୍ମାଣ ପାଇଁ ଦାବି କରିଥିଲେ ମଧ୍ୟ ସ୍ୱାଧୀନତାର ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ପୋଲ ନିର୍ମାଣ ହୋଇପାରିନାହିଁ। ଫଳରେ ନଦୀ ବଢ଼ିଲେ କେବଳ ଛାତ୍ରଛାତ୍ରୀ ନୁହଁନ୍ତି ଗୁରୁତର ରୋଗୀ ଓ ଗର୍ଭବତୀ ମହିଳା ମଧ୍ୟ ସମସ୍ୟା ର ସମୁଖୀନ ହୋଇଥାନ୍ତି। ନଦୀ ପର୍ଯ୍ୟନ୍ତ ଆମ୍ବୁଲାନ୍ସ ଆସିଥାଏ। ଲୋକେ ଗୁରୁତର ରୋଗୀ ଓ ଗର୍ଭବତୀ ମହିଳା ଙ୍କୁ ଦଉଡ଼ି ବାନ୍ଧି ବିପଦପୂର୍ଣ୍ଣ ଭାବେ ନଦୀ ପାର କରାଇଥାନ୍ତି। ଏବେ ମଧ୍ୟ ଲୋକେ ଆଦିମ ମଣିଷ ଭଳି ଜୀବନ ବିତାଇବାକୁ ବାଧ୍ୟ ହେଉଛନ୍ତି।

## ୧୮ ଲକ୍ଷଙ୍କ ଘରେ ଲାଗିଲାଣି ସ୍ମାର୍ଟ ମିଟର

ଭୁବନେଶ୍ୱର,୨୪।୯: ରାଜ୍ୟର ୧୮ଲକ୍ଷ ବିଦ୍ୟୁତ୍ ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ଲାଗି ସାରିଲାଣି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ରାଜ୍ୟ ସରକାର ବିଦ୍ୟୁତ ବିତରଣ ପାଇଁ ଟାଟା ପାୱାର ସହିତ ୨୫ ବର୍ଷ ପାଇଁ ଚୁକ୍ତିନାମା କରିଛନ୍ତି। ତଦନୁଯାୟୀ ଟିପିସିଓଡିଏଲ୍ ୨୦୨୦ ଜୁନ୍ ୧ ତାରିଖରୁ ରାଜ୍ୟରେ ବିଦ୍ୟୁତ୍ ବିତରଣ ଆରମ୍ଭ କରିଥିବାବେଳେ ଟିପିଏସଓଡିଏଲ୍ ଓ ଟିପିଡବ୍ଲୁଓଡିଏଲ ୨୦୨୧ ଜାନୁୟାରୀ ୧ ତାରିଖରୁ ଓ ଟିପିଏନଓଡିଏଲ୍ ୨୦୨୧ ଏପ୍ରିଲ୍ ୧ ତାରିଖରୁ ରାଜ୍ୟରେ ବିଦ୍ୟୁତ ବିତରଣ ଆରମ୍ଭ କରିଛି। ଏହି କମ୍ପାନୀମାନଙ୍କୁ ବିଦ୍ୟୁତ୍ ବିତରଣ ଦାୟିତ୍ୱ ହସ୍ତାନ୍ତର ସମୟରେ ଗ୍ରିଡକୋର ଦେୟ ବାବଦକୁ ବଣ୍ଟନ କମ୍ପାନୀମାନଙ୍କ ଉପରେ ପ୍ରାୟ ୪୩୭୪ କୋଟି ଟଙ୍କାର ବକେୟା ଥିଲା। ଚଳିତ ବର୍ଷ ଅଗଷ୍ଟ ସୁଦ୍ଧା ଟାଟା ପାୱାର ପୂର୍ବବର୍ତ୍ତୀ ବିଦ୍ୟୁତ୍ ବିତରଣ କମ୍ପାନୀମାନଙ୍କ ସମୟର ବକେୟା ବିଦ୍ୟୁତ୍ ବିଲ୍ ଦେୟ ବାବଦରେ ୧୫୫୨ କୋଟି ଟଙ୍କା ଆଦାୟ କରି ଗ୍ରିଡକୋକୁ ପ୍ରଦାନ କରିଛି। ଏହି ଅର୍ଥକୁ ପୂର୍ବର କ୍ଷତି ଭରଣା ନିମନ୍ତେ ବ୍ୟବହାର କରାଯାଉଛି। (ତଥ୍ୟ)

## ଲୁଗାକଳ, ସୂତାକଳ ସବୁ ବନ୍ଦ

ଭୁବନେଶ୍ୱର,୨୪।୯: ଓଡିଶାରେ ମୋଟ୍ ୭ଟି ସମବାୟ ଭିତ୍ତିକ ସୂତାକଳ ଓ ୮ଟି ସମବାୟ ଭିତ୍ତିକ ଲୁଗାକଳ ରହିଥିଲା। ବର୍ତ୍ତମାନ ଏଗୁଡ଼ିକ ସବୁ ବନ୍ଦ ହୋଇପଡିଛି। ସମବାୟ ସୂତାକଳ ଓ ଲୁଗାକଳ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ। ମନ୍ତ୍ରୀ ଦର୍ଶାଇଛନ୍ତି ଯେ ବରଗଡ, ଢେଙ୍କାନାଳ, ବାଲେଶ୍ୱର, ଜଗତ୍‌ସିଂହପୁର, କଟକ, ଖୋର୍ଦ୍ଧା ଓ କଳାହାଣ୍ଡିରେ ସୂତାକଳଗୁଡିକ ଥିଲା। ଏହି ସୂତାକଳ ମଧ୍ୟରୁ ବରଗଡଠାରେ ଥିବା ଓଡିଶା ବୁଣାକାର ସମବାୟ ସୂତାକଳ ସମିତି ଲିମିଟେଡର ଘରୋଇକରଣ ପ୍ରକ୍ରିୟା ଜାରି ରହିଛି। ଏହା ୧୯୯୯ ରୁ ବନ୍ଦହୋଇ ପଡି ରହିଥିଲା। ଢେଙ୍କାନାଳ କଳିଙ୍ଗ ସୂତାକଳ ସମିତିର ବି ଘରୋଇକରଣ ପ୍ରକ୍ରିୟା ଚାଲିଛି। ସେହିଭଳି ବରଗଡର ରାମନଗର କଳତନ୍ତ ସମବାୟ ଲିମିଟେଡ, ଜଗତସିଂହପୁରର ପାର୍ବତୀ କଳତନ୍ତ, ଯାଜପୁରର ଛତିଆବଟ କଳତନ୍ତ, କଟକର ମା'ବାଉଡି କଳତନ୍ତ, କେନ୍ଦ୍ରାପଡାର ଶ୍ରୀବଳଦେବଜୀଉ କଳତନ୍ତ, ମୟୁରଭଞ୍ଜର ବାରିପଦା ତକତପୁର କଳତନ୍ତ ଓ ଢେଙ୍କାନାଳର ସମୀନୋଇ ସାଇଜିଙ୍ଗ ୟୁନିଟ୍ ବନ୍ଦହୋଇ ରହିଥିବା ମନ୍ତ୍ରୀ ଦର୍ଶାଇଛନ୍ତି। ଏହି ସମସ୍ତ କଳତନ୍ତର ସମାପନ ପ୍ରକ୍ରିୟା ଜାରି ରହିଛି। (ତଥ୍ୟ)

## ହତ୍ୟାକାରୀକୁ ଆଜୀବନ କାରାଦଣ୍ଡ

● ୧୦ ହଜାର ଜରିମାନା ଆଦେଶ ଦେଲେ

କେନ୍ଦୁଝର,୨୪।୯(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲାରେ ଦୌରା ଜଜ କୋର୍ଟର ବିଚାରପତି ଗୋପାଳ ଚନ୍ଦ୍ର ବେହେରା ଆଜି ପାରିବାରିକ କଳହକୁ ନେଇ ଏକ ହତ୍ୟା ମାମଲାର ବିଚାର କରି ରାୟ ପ୍ରକାଶ କରିଛନ୍ତି। କେନ୍ଦୁଝର ସଦର ଥାନା ତାଳପଦା ଗ୍ରାମର ଅଭିଯୁକ୍ତ ଶତ୍ରୁଘ୍ନ ନାଏକ କୁ ୯ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଆଜୀବନ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ଏକବର୍ଷ ସଶ୍ରମ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ମାମଲା ପରିଚାଳନା କରିଥିଲେ ସରକାରୀ ଓକିଲ ପ୍ରଦୀପ କୁମାର ଦାସ।



ଗୁରୁବାର ବିଧାନସଭାରେ ମୌସୁମୀ ଅଧିବେଶନର ଅନ୍ତିମ ଦିନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଉପର ପଡ଼ିଆରେ ବାଲିଯାତ୍ରା ଦାବି ସଂକ୍ରାନ୍ତ ସ୍ମାରଣକପତ୍ର ପ୍ରଦାନ କରୁଛନ୍ତି କଟକ-ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋସ।

## ମଶାରି ମାଛ ଜାଲରୁ ୧୨ ଫୁଟିଆ ଅଜଗର ଉଦ୍ଧାର



**ବାରିପଦା,୨୪।୯ (ସଂଚାର ବ୍ୟୁରୋ):** ଗତ କିଛି ଦିନ ଲଗାଣ ବର୍ଷା ଲାଗି ରହିଛି।ବିଲ, ବାଡି, ଖାଲ, ମଞ୍ଜୁରୀ, ନଦୀ, ନାଳ ପାଣି ଭରପୁର।ମାଛ ମଧ୍ୟ ବିଲରୁ ବାହାରି ଯାଉଛନ୍ତି।ମାଛ ଧରିବା ପାଇଁ ଗାଁ ଗଣ୍ଡାରେ ଲୋକେ ମେଲେରିଆ ମଶା କୁ ଜାଲ କରି ଗାଁ ଲୋକେ ବିଲରେ ବସାଇ ମାଛ ଧରୁଛନ୍ତି।ଖଇଁଚି, ଖୋଲ, ଅନ୍ଧୁଲି ଦାମ ବହୁତ ଏବଂ ତାହା ବର୍ଷେ ଦୁଇ ବର୍ଷରେ ନଷ୍ଟ ହୋଇଯାଉଛି।କିନ୍ତୁ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ତରଫରୁ ମେଲେରିଆ ନିରାକରଣ ପାଇଁ ଯେଉଁ ଔଷଧୀୟ ମଶାରି ଦିଆଯାଉଛି ତାହା ଟାଣ, ହାଲୁକା, ଶକ୍ତ ଏବଂ ଛିଡୁନାହିଁ।ଲୋକେ ଘରେ ମେଲେରିଆ ମଶା କାମୁଡା ରୁ ରକ୍ଷା ନିମନ୍ତେ ମଶାରି ଟାଙ୍ଗିବା ବଦଳରେ ବିଲରେ, ନାଳରେ ମଶାରିକୁ ଜାଲ କରି ମାଛ ଧରୁଛନ୍ତି।ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ ଭାଲୁବସା ପଞ୍ଚାୟତର ସୁନାପୋଷୀ ଗ୍ରାମର ପିଥ ମୁର୍ମୁ ପ୍ରବଳ ବର୍ଷା ହେଉଥିବା ଯୋଗୁଁ ଉଠାଣି ମାଛ ଧରିବା ପାଇଁ ବିଲରେ ମଶାରି ମାଛ ଜାଲ ବସାଇଥିଲେ।ସେ ଖରାବେଳେ ବିଲରେ ଯାଇ ଜାଲ ରେ ଦେଖନ୍ତି ତ ବିରାଟକାୟ ୧୨ ଫୁଟିଆ ଅଜଗର ସାପ ପଡ଼ି ଭିଡି ମୋଡି ହୋଇ ଛଟପଟ ହେଉଛି।ସେ ଓ ଗ୍ରାମବାସୀ ରାଇରଙ୍ଗପୁର ବନାଞ୍ଚଳ କାର୍ଯ୍ୟାଳୟକୁ ଖବର ଦେଇଥିଲେ।ରାଇରଙ୍ଗପୁର ବନ୍ୟାଞ୍ଚଳ ଅଧିକାରୀ ଜ୍ୟୋତିରଞ୍ଜନ ସେନାପତି ଓ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଅଜଗରକୁ ଉଦ୍ଧାରକରି ଦୁବୁଲାବେଡା ସଂରକ୍ଷିତ ଜଙ୍ଗଲରେ ଛାଡି ଦେଇଥିଲେ।

### କିମ୍ବଦନ୍ତୀ କ୍ରିକେଟର କପିଲ ଦେବଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ

## ଖେଳ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ



ନୂଆଦିଲ୍ଲୀ,୨୪।୯: କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଏଠାରେ ଦେଶର କିମ୍ବଦନ୍ତୀ କ୍ରିକେଟର୍ ତଥା ୧୯୮୩ ବିଶ୍ୱକପ୍ ବିଜେତା ଦଳର ଅଧିନାୟକ ମହାନ ଅଲରାଉଣ୍ଡର କପିଲ ଦେବ ଓ ପ୍ରଫେସନାଲ ଗଲ୍ଫ ଟୋର୍ ଅଫ୍ ଇଣ୍ଡିଆ(ପିଜିଟିଆଇ)ର ସିଇଓ ଅମନଦୀପ ସିଂହ ଜୋହଲଙ୍କୁ ସାକ୍ଷାତ୍ କରିବା ସହ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି।

ଏହି ଅବସରରେ କ୍ରୀଡ଼ାଭିତ୍ତିକ ଶିକ୍ଷା, ଶାରୀରିକ ସୁସ୍ଥତା, ଖେଳ ପରମ୍ପରାକୁ ସୁଦୃଢ଼ କରିବା ଉପରେ ଚର୍ଚ୍ଚା ହୋଇଥିଲା। ନୂତନ ଜାତୀୟ ଶିକ୍ଷା ନୀତି ୨୦୨୦ କିପରି ବିଦ୍ୟାଳୟ ପାଠ୍ୟକ୍ରମରେ କ୍ରୀଡ଼ାକୁ ଏକ ଅଂଶ ଭାବରେ ସାମିଲ କରୁଛି, ସେନେଇ ସକାରାତ୍ମକ ଆଲୋଚନା ହୋଇଥିଲା। ଏ ସମ୍ପର୍କରେ ଶ୍ରୀ ପ୍ରଧାନ କହିଛନ୍ତି ଯେ କ୍ରୀଡ଼ା କେବଳ ମନୋରଞ୍ଜନ ନୁହେଁ, ଏହା ଶିକ୍ଷା ଏବଂ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଖେଳ ମାଧ୍ୟମରେ ପିଲାମାନେ ଅନୁଶାସନ ଏବଂ ନେତୃତ୍ୱ ନେବା ଭଳି ଗୁଣ ଶିଖିପାରିବେ। ଆଜିର ବୈଠକରେ ଜାତୀୟ ଶିକ୍ଷା ନୀତି କ୍ରୀଡ଼ା-ସମନ୍ୱିତ ଶିକ୍ଷା ମାଧ୍ୟମରେ ସାମଗ୍ରିକ ବିକାଶକୁ କିପରି ପ୍ରୋତ୍ସାହିତ କରୁଛି, ସେ ସମ୍ପର୍କରେ ବିଶେଷ ଭାବେ ଆଲୋଚନା ହୋଇଥିଲା। ଏହି ନୀତି ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଏକ ସୁନ୍ଦର ପରିବେଶ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରୁଛି ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ।

## ୩୦ କିଲୋ ଗଞ୍ଜେଇ ଜବତ, ୬ ଅଟକ

**କେନ୍ଦୁଝର, ୨୪।୯ (ସଂଚାର ବ୍ୟୁରୋ):** କେନ୍ଦୁଝର ଟାଉନ ପୋଲିସକୁ ମିଳିଛି ବଡ ସଫଳତା। ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ମାଡି ବସିଲା ପୋଲିସ। ୩୦ କିଲୋ ଗଞ୍ଜେଇ ଜବତ ସହ ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତ ୬ ଜଣଙ୍କୁ ଅଟକ ସହ ୨ ଟି କାର ଏବଂ ୩ ଲକ୍ଷ ଟଙ୍କା ଜବତ କରି ଅଧିକ ତଦନ୍ତ କରୁଛି କେନ୍ଦୁଝର ଟାଉନ ପୁଲିସ। ଆଜି ଏକ ବିଶ୍ୱସ୍ଥ ସୂତ୍ରରୁ ଖବର ପାଇ ଟାଉନ ପୋଲିସ ଜାଲ ବିଛାଇ ସିଦ୍ଧମଠ ନିକଟରେ ଛକି ବସିଥିଲା। ସୂତ୍ର ଅନୁସାରେ କାର ଦୁଇଟି ସେଠାରେ ପହଞ୍ଚିବା ମାତ୍ରେ ମାଡି ବସିଥିଲା ପୋଲିସ। ଗାଡି ଦୁଇଟିକୁ ତଲାସି ବେଳେ ସେଠାରୁ ପ୍ରାୟ ୩୦ କିଲୋ ଗଞ୍ଜେଇ ଜବତ କରିଥିଲା। ଏହା ସହ ଏହି ଚୋରା ଗଞ୍ଜେଇ ନେଇ ଯାଉଥିବା ଓ ଗଞ୍ଜେଇ ନେବାକୁ ଆସିଥିବା ୬ ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଥିବା ବେଳେ ସେମାନଙ୍କ ଠାରୁ ୨ କାର ସହ ୩ ଲକ୍ଷ ଟଙ୍କା ଜବତ କରିଛି କେନ୍ଦୁଝର ଟାଉନ ପୁଲିସ। ସୋନପୁର ଜିଲ୍ଲାରୁ ମୟୂରଭଞ୍ଜ ଜିଲ୍ଲା କୁ ଏହି ଚୋରା ଗଞ୍ଜେଇ ଚାଲାଣ ହେଉଥିବା ପୋଲିସ ଜାଣିବାକୁ ପାଇଛି।

### ଗୋଟିଏ ଜନ୍ମ ବି ସାଥ୍ ଦେଲେନି ସ୍ୱାମୀ

## ଚିକିତ୍ସାଧୀନ ପତ୍ନୀଙ୍କୁ ଶୁଦ୍ଧି ହେଲେ



**ହସ୍ପିଟାଲ୍‌ରେ ଦେଇଛନ୍ତି ଭୁଲ୍ ଠିକଣା**

ଜଗତସିଂହପୁର,୨୪।୯ (ସଂଚାର ବ୍ୟୁରୋ): ବୃଦ୍ଧାବସ୍ଥାରେ ସ୍ୱାମୀ ସାଥ୍ ଦେବେ କ'ଣ, ବରଂ ଚିକିତ୍ସାଧୀନ ଥିବା ସମୟରେ ପତ୍ନୀଙ୍କୁ ଶୁଦ୍ଧି ହୋଇପଡ଼ିଲେ। ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଜଗତସିଂହପୁର ଜିଲ୍ଲାରେ। ଚିକିତ୍ସାଧିନ ଅବସ୍ଥାରେ ଛାଡି ଚାଲିଗଲେ ଆଉ ଘରେ ଯାଇ କହିଲେ ପତ୍ନୀ ମରିଯାଇଛି। ଖାଲି ସେତିକି ନୁହେଁ ଗାଁରେ ଜ୍ଞାତି କୁଟୁମ୍ବଙ୍କୁ ଡାକି ଶୁଦ୍ଧି ବି ହୋଇଗଲେ। ସେପଟେ କିନ୍ତୁ କଟକ ବଡ଼ ମେଡିକାଲ ଅସ୍ଥିଶଲ୍ୟ ବିଭାଗର ନିରାଶ୍ରୟ ୱାର୍ଡରେ ଚିକିତ୍ସିତ ହେଉଛନ୍ତି ପତ୍ନୀ ମିନତୀ।

ମିଳିଥିବା ସୂଚନାନୁସାରେ, ଜଗତସିଂହପୁର ଜିଲ୍ଲା ଚଅଁରପୁର ଗାଁର ୬୫ ବର୍ଷୀୟା ମିନତୀଙ୍କ ଗୋଡ଼ ପ୍ରାୟ ୬ ମାସ ତଳେ ଭାଙ୍ଗିଯାଇଥିଲା। ସ୍ୱାମୀ ସତ୍ୟବ୍ରତ ଦାସ ଚିକିତ୍ସା ପାଇଁ ତାଙ୍କୁ କଟକ ବଡ଼ ମେଡିକାଲକୁ ନେଇଥିଲେ। ଚିକିତ୍ସା ପାଇଁ ସିନା ନେଇଥିଲେ, ହେଲେ ଉଦ୍ଦେଶ୍ୟ ଥିଲା ମନ୍ଦ। ଏହି ସମୟରେ ଭୁଲ ଠିକଣାରେ କରିଥିଲେ ନାଁ ପଞ୍ଜିକରଣ। ପରେ ସ୍ତ୍ରୀଙ୍କୁ ମେଡିକାଲରେ ଏକାକି ଛାଡି ଗାଁକୁ ଚାଲିଆସିଲେ। ଗାଁରେ ମିନତୀଙ୍କ ମୃତ୍ୟୁ ଖବର ଦେଇ ଶୁଦ୍ଧି ହେଲେ। ଏବେ ମିନତୀ ନିରାଶ୍ରୟ ରୋଗୀ ଭାବରେ ଚିକିତ୍ସିତ ହେଉଛନ୍ତି। ଭୁଲ ଠିକଣା ଯୋଗୁ ଘରକୁ ଫେରିପାରୁନାହାଁନ୍ତି। ଅଧିକନ୍ତୁ ପତ୍ନୀଙ୍କ ମୃତ୍ୟୁ ହୋଇଯାଇଥିବା ଦର୍ଶାଇ ସେ ବାବଦକୁ ମିଳୁଥିବା ପରିବାର ପ୍ରୋତ୍ସାହନ ରାଶିକୁ ମଧ୍ୟ ହାତେଇବାକୁ ବ୍ଲକ ପ୍ରଶାସନ ନିକଟରେ ସତ୍ୟାନନ୍ଦ ଆବେଦନ କରିଛନ୍ତି। ସେ ଭୁବନେଶ୍ୱରରେ ଅଟୋ ଚଳାଉଥିବା ବେଳେ ସେଠାରେ ଆଉ ଏକ ସଂସାର କରିଥିବା ଚର୍ଚ୍ଚା ହେଉଛି। ଏ ଖବର ଗାଁରେ ପ୍ରସାରିତ ହେବା ପରେ ଉଦ୍‌ବେଗ ପ୍ରକାଶ ପାଇଛି। ତେବେ ବାହାଘର ବେଳେ ୭ ଜନ୍ମ ପାଇଁ ସାଥ୍ ଦେବାକୁ ପ୍ରତିଜ୍ଞା କରିଥିବା ସତ୍ୟାନନ୍ଦ ଗୋଟିଏ ଜୀବନ ପାଇଁ ସାଥ୍ ଦେବାରେ ଅକ୍ଷମ ହୋଇଥିବା ସ୍ଥାନୀୟ ଲୋକେ ଚର୍ଚ୍ଚା କରୁଛନ୍ତି।

## ୫୬ତମ ଏନ୍‌ଏସ୍‌ଏସ୍ ପ୍ରତିଷ୍ଠା ଦିବସ ପାଳିତ



ଭୁବନେଶ୍ୱର,୨୪।୯(ସଂଚାର ବ୍ୟୁରୋ): ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନଠାରେ ଆଜି ୫୬ତମ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ପ୍ରତିଷ୍ଠା ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାଙ୍କ ଭାଷଣରେ ଏକ ସଶକ୍ତ ସମାଜ ଗଠନ ଦିଗରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ବଳିଷ୍ଠ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ମନ୍ତ୍ରୀ 'ଏକ ପେଡ଼ ମା' କେ ନାମ-୨.୦' କାର୍ଯ୍ୟକ୍ରମରେ ରାଜ୍ୟରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ୧ ଲକ୍ଷ ୪୦ ହଜାରରୁ ଉର୍ଦ୍ଧ୍ୱ ଚାରାରୋପଣ କରାଯିବା ଓ ଓଡ଼ିଆ ପକ୍ଷ ପାଳନ ସମୟରେ ଓଡ଼ିଶା ରାଜ୍ୟ ଏନଏସ୍‌ଏସ୍ ଶାଖା ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରରେ ପ୍ରାୟ ୪,୮୦୦ ୟୁନିଟ ରକ୍ତ ସଂଗ୍ରହ କରାଯିବା ଆଦି କାର୍ଯ୍ୟର ପ୍ରଶଂସା କରିଥିଲେ। ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ନିଜର ଯୋଗଦାନ ଦେବା ସହ ଏକ ସଶକ୍ତ ରାଷ୍ଟ୍ର ନିର୍ମାଣ ନିମନ୍ତେ କାର୍ଯ୍ୟ କରିବାକୁ ମନ୍ତ୍ରୀ ଶ୍ରୀ ସୂରଜ ସମସ୍ତ ଏନଏସ୍‌ଏସ୍ ସ୍ୱେଚ୍ଛାସେବୀମାନଙ୍କୁ ପ୍ରେରିତ କରିଥିଲେ।

କାର୍ଯ୍ୟକ୍ରମରେ ରାଜ୍ୟ ଏନଏସ୍‌ଏସ୍ ଶାଖା ପକ୍ଷରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ଏନଏସ୍‌ଏସ୍ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର, ସିଏସ୍‌ୱାଇଡ଼ି, ଭୁବନେଶ୍ୱରର ସହପ୍ରତିଷ୍ଠାତା ଡ. ଜଗଦାନନ୍ଦ, ଜାତୀୟ ସେବା ଯୋଜନା ଆଞ୍ଚଳିକ ନିର୍ଦ୍ଦେଶାଳୟର ନିର୍ଦ୍ଦେଶିକା ସରିତା ପଟେଲ, ରାଜ୍ୟ ଜାତୀୟ ସେବା ଯୋଜନା ଅଧିକାରୀ ତଥା ଉପଶାସନ ସଚିବ ରମେଶ ଚନ୍ଦ୍ର ବେହେରା ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଦିବାସୀ...

ହୋଇଥିବା ବେଳେ ୨୩ଟିର କାମ ଚାଲିଛି ଓ ୫୨ଟି ପ୍ରକଳ୍ପର କାମ ଆରମ୍ଭ ବି ହୋଇନାହିଁ। ଠିକାଦାରଙ୍କ ମନମାନୀ, ଜମି ଅଧିଗ୍ରହଣରେ ବିଳମ୍ବ ଭଳି କାରଣ ଯୋଗୁଁ ପ୍ରକଳ୍ପଗୁଡ଼ିକ ଦୀର୍ଘ ଦିନ ଧରି ଶେଷ ହୋଇପାରିନାହିଁ ଜଳଯୋଗାଣ କାର୍ଯ୍ୟ ।

ସେହିଭଳି ରାଜ୍ୟରେ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନର କାର୍ଯ୍ୟକାରିତା ପାଇଁ ୧୫୮ଟି ଶିକ୍ଷାନୁଷ୍ଠାନକୁ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ (ରୁସା) ଅଧୀନରେ ୬୯୯.୯୪ କୋଟି ଟଙ୍କା ମିଳିଥିବା ବେଳେ ମାର୍ଚ୍ଚ ୨୦୨୩ ସୁଦ୍ଧା ସେଥିରୁ ବ୍ୟବହାର ହୋଇଛି ୫୬୨.୮୬ କୋଟି। ଅଡିଟ୍ ଟିମ୍ ପରୀକ୍ଷାମୂଳକ ଭାବେ ୧୫୮ଟି ଶିକ୍ଷାନୁଷ୍ଠାନ ମଧ୍ୟରୁ ୧୨ଟି ଶିକ୍ଷାନୁଷ୍ଠାନର ରେକର୍ଡ ଯାଞ୍ଚ କରିଥିଲେ ।

ରୁସା ଅଧୀନରେ ରାଜ୍ୟରେ ପ୍ରତିଷ୍ଠା ପାଇଁ ମଞ୍ଜୁର ହୋଇଥିବା ୬ଟି ମଡେଲ୍ ଡିଗ୍ରୀ କଲେଜ (ଏମ୍‌ଡିସି) ମଧ୍ୟରୁ ୩୨.୦୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ୫ଟି ଏମଡିସି ଅନୁପଯୁକ୍ତ ସ୍ଥାନ ଚୟନ ଯୋଗୁଁ ପରିତ୍ୟକ୍ତ ଅବସ୍ଥାରେ ରହି ରହି ଶେଷରେ ଦକ୍ଷତା ବିକାଶ ପାଇଁ ବ୍ୟବହୃତ ହୋଇଥିଲା।

ଜାତୀୟ ରାଜପଥ ନିର୍ମାଣ ପାଇଁ ଏମଡିସିର ଜାଗା ଅଧିଗ୍ରହଣ କରାଯାଇଥିବାରୁ ୮.୭୧ କୋଟି ଟଙ୍କା ବ୍ୟୟରେ ସେମିଳିଗୁଡ଼ାଠାରେ ନିର୍ମିତ ଅନ୍ୟ ଏକ ଏମଡିସି ମଧ୍ୟ ପରିତ୍ୟକ୍ତ ହୋଇଯାଇଥିଲା।

ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା କେନ୍ଦ୍ରୀକୃତ ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା (ଆଇସିଟି) ଲ୍ୟାବ୍ ପ୍ରତିଷ୍ଠା ପାଇଁ ମିଳିଥିବା ୪ କୋଟି ଟଙ୍କା ମଧ୍ୟରୁ ୧.୮୩ କୋଟି ଟଙ୍କା ୧୪୧ଟି ଡେସ୍କଟପ୍, ୮୮ଟି ଲ୍ୟାପ୍‌ଟପ୍ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସାମଗ୍ରୀ କିଣା ପାଇଁ ବ୍ୟବହୃତ ହୋଇଥିଲା।

ଏହା ଶିକ୍ଷକମାନଙ୍କ ମଧ୍ୟରେ ବଣ୍ଟନ କରାଯିବା ସହ ପ୍ରଶାସନିକ କାର୍ଯ୍ୟରେ ବ୍ୟବହୃତ ହୋଇଥିଲା। ସେହିପରି ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି)ରେ କମ୍ପ୍ୟୁଟର ଅଚଳ ହୋଇପଡ଼ିଥିବା ବେଳେ ଏ ବାବଦ ଟଙ୍କା ବରବାଦ ହୋଇଛି। ବିପିୟୁଟିର କେନ୍ଦ୍ରୀୟ ପାଠାଗାର ପାଇଁ ଗତ ୨୦୧୬ ନଭେମ୍ବରରେ ୯୭.୧୫ ଲକ୍ଷ ଟଙ୍କା ବ୍ୟୟରେ ୧୮୦ ଟି ଡେସ୍କଟପ କିଣାଯାଇଥିଲା। ସେଥିମଧ୍ୟରୁ ବର୍ତ୍ତମାନ ୬୫ଟି କାର୍ଯ୍ୟକ୍ଷମ ରହିଛି। ଗତ ୨୦୨୩ରୁ ୬ ବର୍ଷ ହେଲା ଅଚଳ ହୋଇପଡ଼ିଛି ୧୧୫ଟି କମ୍ପ୍ୟୁଟର।

### ଇ-ପ୍ରୋକ୍ୟୁରମେଣ୍ଟ...

ବିଡର୍‌ଙ୍କ ସହ ମ୍ୟାପିଙ୍ଗ୍ କରାଯାଇଥିଲା। ଏହାଛଡ଼ା ଅବୈଧ ପାନ (ସ୍ଥାୟୀ ଖାତା ସଂଖ୍ୟା) ରେକର୍ଡିଂ ଓ ସମାନ ପାନ ସହ ଏକାଧିକ ବ୍ୟବହାରକାରୀଙ୍କ ମ୍ୟାପିଙ୍ଗ୍ ବି ଦେଖାଯାଇଥିଲା। ଏହି ତ୍ରୁଟିଗୁଡ଼ିକ ଏକାଧିକ ବିଡ୍ ଦାଖଲ କରି ପ୍ରଣାଳୀରେ ହେରଫେର କରିବାକୁ ସୁଯୋଗ ଦିଆଯାଇଥିବା ସିଏଜି ଦର୍ଶାଇଛନ୍ତି। ଗତ ୨୦୨୨ ମାର୍ଚ୍ଚ ୩୧ ସୁଦ୍ଧା ପ୍ରକାଶିତ ୩ ଲକ୍ଷ ୭୪ ହଜାର ୮୦୬ ଟେଣ୍ଡର ମଧ୍ୟରୁ ୮୨ ହଜାର ୯୯୪ଟିରେ ବିଡ୍ ଦାଖଲ ପାଇଁ ସର୍ବନିମ୍ନ ବାଧ୍ୟତାମୂଳକ ସମୟଠାରୁ କମ୍ ଦିନ ଦିଆଯାଇଥିଲା। ଟେଣ୍ଡର ବନ୍ଦ ସମୟ ସମାପ୍ତ ହେବା ପରେ ମଧ୍ୟ ବିଡ୍ ଦାଖଲକୁ ରୋକିବା ପାଇଁ ଆପ୍ଲିକେସନ ନିୟନ୍ତ୍ରଣର ଅଭାବ ଥିଲା। ସିଷ୍ଟମର ବ୍ୟାକ୍ ଏଣ୍ଡରେ ମାନୁଆଲ ହସ୍ତକ୍ଷେପ ମାଧ୍ୟମରେ ଡିକ୍ରିପ୍ଟ ହୋଇଥିବା ବିଡ୍ ଡାଟା ପରିବର୍ତ୍ତନ ହେବାର ଆଶଙ୍କା ଥିଲା।

### ତଥ୍ୟ...

ବିଡର୍‌ଙ୍କ ପାଇଁ କାର୍ଯ୍ୟ ପରିସରକୁ ଅନିୟମିତ ଭାବେ ହ୍ରାସ କରାଯାଇଥିଲା। ଚୁକ୍ତି ପରିଚାଳନାରେ ଉପଯୁକ୍ତ ସତର୍କତାର ଅଭାବ ଯୋଗୁଁ ବିଏସଏନଏଲକୁ ୪ କୋଟି ଟଙ୍କାରୁ ଅଧିକ ଦିଆଯାଇଛି। ସେହିପରି ୨୦୦୧ ପରଠାରୁ ପୁରୁଣା ଓ ପୂର୍ବ ରେକର୍ଡର ଡିଜିଟାଇଜେସନ୍ କରାଯାଇନାହିଁ। ସିଷ୍ଟମ୍ ଇଣ୍ଟିଗ୍ରେଟରଙ୍କ ଦ୍ୱାରା ତଥ୍ୟ ଡିଜିଟାଇଜେସନରେ ଗୁରୁତ୍ୱପୂର୍ଣ୍ଣ ତ୍ରୁଟି ଥିବାରୁ ଡିଜିଟାଇଜଡ୍ ତଥ୍ୟକୁ ପରିତ୍ୟାଗ କରାଯାଇଥିଲା।

ମାମଲା ପାଇଁ ଅଧିକୃତ ହୋଇନଥିବା ତଦନ୍ତକାରୀ ଅଧିକାରୀ (ଆଇଓ)ଙ୍କ ଦ୍ୱାରା ଚାର୍ଜସିଟ୍ ପ୍ରସ୍ତୁତ କରାଯାଇଛି। ଅନଧିକୃତ ପରିଚୟପତ୍ର ବ୍ୟବହାର କରାଯାଇଥିବା ଜଣାପଡିଛି। ଉଦାହରଣସ୍ୱରୂପ, ଛୁଟିରେ ଥିବା ଆଇଆଇସିମାନଙ୍କର ପରିଚୟପତ୍ର ବ୍ୟବହାର କରି ସିସିଟିଏନଏସରେ କାରବାର କରାଯାଇଥିବା ବିବରଣୀ ମଧ୍ୟ ରିପୋର୍ଟରେ ଦିଆଯାଇଛି। ସମାନ ଅଭିଯୁକ୍ତ/ଅଭିଯୋଗକାରୀଙ୍କ ସହ ଜଡ଼ିତ ତଥ୍ୟର ନକଲ ଚିହ୍ନଟ କରିବା ପାଇଁ ଆପ୍ଲିକେସନ୍ ନିୟନ୍ତ୍ରଣର ଅଭାବ ରହିଥିବା ସିଏଜି ଦର୍ଶାଇଛନ୍ତି।

ନିଖୋଜ ବ୍ୟକ୍ତି ଏବଂ ଶିଶୁଙ୍କ ମାମଲା ପଞ୍ଜୀକରଣ ପାଇଁ ସିସିଟିଏନଏସ ବ୍ୟବହାରରେ ତ୍ରୁଟି ଦେଖାଯାଇଛି। ୨୦୧୮ରୁ ୨୦୨୨ ମଧ୍ୟରେ ନିଖୋଜ ବ୍ୟକ୍ତିଙ୍କ କ୍ଷେତ୍ରରେ ପଞ୍ଜୀକୃତ ମାମଲା ଏବଂ ସିଷ୍ଟମରେ ଉପଲବ୍ଧ ମାମଲା ମଧ୍ୟରେ ଫରକ ରହିଛି। ପୀଡ଼ିତା ମହିଳା ଏବଂ ନାବାଳକ ଅପରାଧୀଙ୍କ ପରିଚୟ ପ୍ରକାଶ କରାଯାଇଛି, ଯାହା ଆଇନର ଉଲ୍ଲଂଘନ। ଜାନୁଆରୀ ୨୦୧୮ରୁ ମାର୍ଚ୍ଚ ୨୦୨୩ ପର୍ଯ୍ୟନ୍ତ ନାଗରିକ ପୋର୍ଟାଲରେ ଏହିପରି ମାମଲା ପ୍ରକାଶିତ ହୋଇଥିବା ବିବରଣୀ ରିପୋର୍ଟରେ ରହିଛି। ଡାଟାବେସର ସାରଣୀରେ ପ୍ରମୁଖ ରେକର୍ଡକୁ ଡିଲିଟ କରାଯାଇଛି, ଯାହା ସିଷ୍ଟମ ସୁରକ୍ଷା ପାଇଁ ଏକ ବଡ଼ ବିପଦ। ତଥ୍ୟର ସମକାଳୀନତା ପ୍ରକ୍ରିୟାରେ ତ୍ରୁଟି ରହିଛି, ଫଳରେ ଡାଟାବେସ୍ ଅସମ୍ପୂର୍ଣ୍ଣ ଏବଂ ଏମଆଇଏସ ରିପୋର୍ଟଗୁଡ଼ିକୁ ଅବିଶ୍ୱସନୀୟ କରିଛି।

### ଫେବୃଆରୀ...

ଓ ଫଳାଫଳ ପରବର୍ତ୍ତୀ ପ୍ରକ୍ରିୟା ଭଳି ଅନେକ ଅନ୍ୟାନ୍ୟ କାର୍ଯ୍ୟକଳାପ କରାଯିବ। ସମସ୍ତ ଅଂଶୀଦାରଙ୍କ ଦ୍ୱାରା ପ୍ରଭାବଶାଳୀ ଯୋଜନା ଓ ଦାୟିତ୍ୱ ନିର୍ବାହକୁ ସହଜ କରିବା ସକାଶେ ସିବିଏସ୍‌ଇ ୨୦୨୫ ବର୍ଷ ପାଇଁ ନବମ ଓ ଏକାଦଶ ଶ୍ରେଣୀର ପଞ୍ଜିକରଣ ତଥ୍ୟ ଉପରେ ଆଧାରିତ ନିମ୍ନଲିଖିତ ପରୀକ୍ଷା ପାଇଁ ଆପାତକାଳୀନ ତାରିଖ ପତ୍ର ପ୍ରକାଶ କରିବାକୁ ନିଷ୍ପତ୍ତି ନେଇଛି।

ପ୍ରତ୍ୟେକ ବିଷୟର ପରୀକ୍ଷାର ପ୍ରାୟ ୧୦ ଦିନ ପରେ ଉତ୍ତର ପତ୍ରିକାର ମୂଲ୍ୟାଙ୍କନ ଆରମ୍ଭ ହେବ ଓ ୧୨ ଦିନ ମଧ୍ୟରେ ସମାପ୍ତ ହେବା ଆଶା କରାଯାଉଛି। ଉଦାହରଣ ସ୍ୱରୂପ, ଯଦି ଦ୍ୱାଦଶ ଶ୍ରେଣୀ ପଦାର୍ଥ ବିଜ୍ଞାନ ପରୀକ୍ଷା ଆସନ୍ତା ବର୍ଷ ଫେବୃଆରୀ ୨୦ ତାରିଖରେ ଅନୁଷ୍ଠିତ ହେବ, ତା'ହେଲେ ମୂଲ୍ୟାଙ୍କନ ମାର୍ଚ୍ଚ ୩ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୧୫ ତାରିଖ ସୁଦ୍ଧା ଶେଷ ହେବ।

### ବଢ଼ିଲା...

ସୃଷ୍ଟି ପାଇଁ ନିଷ୍ପତ୍ତି ନେଇଛନ୍ତି। ସେହିପରି ପ୍ରତି ସିଟ୍ ପାଇଁ ନିବେଶ ୧.୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ହସ୍ପିଟାଲଗୁଡ଼ିକର ଉତ୍ତମ ବ୍ୟବହାର ଲକ୍ଷ୍ୟରେ ବିଦ୍ୟମାନ ସରକାରୀ କଲେଜ ଏବଂ ହସ୍ପିଟାଲଗୁଡ଼ିକୁ ମଧ୍ୟ ଆଗାମୀ ଦିନରେ ଅପଗ୍ରେଡ୍ କରାଯିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି। ସେହିପରି ଦେଶରେ ଗତ ୧୧ ବର୍ଷ ମଧ୍ୟରେ ଚିକିତ୍ସା ଭିତ୍ତିଭୂମିରେ ଘଟିଥିବା ଅଭିବୃଦ୍ଧି ସମ୍ପର୍କରେ ଶ୍ରୀ ବୈଷ୍ଣବ କହିଛନ୍ତି ଯେ ମେଡିକାଲ କଲେଜରେ ୧୦୯ ପ୍ରତିଶତ ବୃଦ୍ଧି ଘଟିଛି ଓ ୟୁଜି ସିଟ୍‌ରେ ୧୪୧ ପ୍ରତିଶତ ବୃଦ୍ଧି ହୋଇଛି। ଏଥିସହ ପିଜି ସିଟରେ ୧୪୪ ପ୍ରତିଶତ ବୃଦ୍ଧି ହୋଇଛି। ଏ ସଂକ୍ରାନ୍ତରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଦେଶର ୧.୪୦ ବିଲିୟନ୍ ଜନସଂଖ୍ୟାକୁ ଉତ୍ତମ ମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ସକାଶେ ଏକ ସୁଦୃଢ଼ ଭିତ୍ତିଭୂମିର ଆବଶ୍ୟକତା ରହିଛି। ବିଶେଷକରି ଗ୍ରାମାଞ୍ଚଳ, ଜନଜାତି ଅଧ୍ୟୁଷିତ ଅଞ୍ଚଳ ଓ ଦୁର୍ଗମ ଅଞ୍ଚଳରେ ଏହାର ଗୁରୁତ୍ୱ ଯଥେଷ୍ଟ ଅଧିକ। ସୁଦକ୍ଷ ଓ ଯଥେଷ୍ଟ ମାନବ ସମ୍ବଳର ଉପଲବ୍ଧତା ଉତ୍ତମ ମାନର ଚିକିତ୍ସା ସେବା ଯୋଗାଣର ମୂଳଭିତ୍ତି ହୋଇଥିବାରୁ ଆଜିର କ୍ୟାବିନେଟ୍ ନିଷ୍ପତ୍ତି ଏ ଦିଗରେ ନିର୍ଣ୍ଣାୟକ ସାବ୍ୟସ୍ତ ହେବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ଟ୍ରେନ୍...

ଘଟଣା ସ୍ଥଳରେ ରାଉରକେଲା ରେଳବାଇ ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି। ଅନ୍ୟ ପଟେ ଦୁଇ ଭାଇଙ୍କ ମର ଶରୀର ରାଉରକେଲା ସରକାରୀ ଡାକ୍ତରଖାନାର ଶବ ଗୃହରେ ରଖାଯାଇଥିବା ଜଣାପଡ଼ିଛି।

### ୭୧...

ଦାନ୍ତେୱାଡା ଏସ୍‌ପି ଗୌରବ ରାୟ କହିଛନ୍ତି। ଏହି ମାଓବାଦୀଙ୍କ ମଧ୍ୟରେ ୫୦ ଜଣ ପୁରୁଷ ମାଓବାଦୀ ରହିଥିବା ବେଳେ ୨୧ ଜଣ ମହିଳା ମାଓବାଦୀ ଅଛନ୍ତି। ସେମାନେ ସମସ୍ତେ ବିଜାପୁର ଓ ନାରାୟଣପୁର ସୀମାବର୍ତ୍ତୀ ଅଞ୍ଚଳରେ ସକ୍ରିୟ ଥିଲେ।

ସେମାନେ ଦୀର୍ଘବର୍ଷ ଧରି ମାଓ ସଂଗଠନ ସହ ଜଡ଼ିତ ରହିବା ସହ ଅନେକ ପ୍ରମୁଖ ହିଂସାକାଣ୍ଡ କରିଛନ୍ତି। ତେବେ ଆତ୍ମସମର୍ପଣ ପରେ ଏହି ମାଓବାଦୀମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯିବା ସହ ସରକାରୀ ନିୟମ ଅନୁସାରେ ସେମାନଙ୍କୁ ଥଇଥାନ କରାଯିବ ବୋଲି ଏସ୍‌ପି କହିଛନ୍ତି। ଏହି ଅବସରରେ ଏସ୍‌ପି ଏବେ ବି ସକ୍ରିୟ ଥିବା ମାଓବାଦୀମାନଙ୍କୁ ହିଂସା ରାସ୍ତା ପରିତ୍ୟାଗ କରି ଆତ୍ମସମର୍ପଣ ପାଇଁ ଆହ୍ୱାନ ଦେଇଛନ୍ତି।

### ଭିଜିଲାନ୍ସ ...

ସମ୍ପର୍କରେ ଜଣାଇଥିଲେ। ପୂର୍ବ ଯୋଜନାନୁସାରେ, ଆଜି ଅଭିଯୋଗକାରୀ ଜଣଙ୍କ ୪ ହଜାର ଟଙ୍କା ନେଇ ଶ୍ରୀ ଦାସଙ୍କୁ ଦେଉଥିବା ସମୟରେ ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ମାଡ଼ି ବସିଥିଲା। ତାଙ୍କଠାରୁ ପ୍ରମାଣ ସ୍ୱରୂପ ଉକ୍ତ ଲାଞ୍ଚ ଟଙ୍କା ମଧ୍ୟ ଜବତ କରାଯାଇଛି।

ଏଥିସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ଶ୍ରୀ ଦାସଙ୍କ ସହ ଜଡ଼ିତ ଦୁଇଟି ସ୍ଥାନରେ ଏକକାଳୀନ ଚଢ଼ାଉ ମଧ୍ୟ ଜାରି ରହିଛି।

### ଫାଇନାଲ୍‌ରେ...

ଛକା ରହିଥିଲା। ଆହୁରି ଅଧିନାୟକ ତଥା ଅନ୍ୟତମ ଓପନର ଶୁବମାନ ଗିଲ୍ ୨ଟି ଚୌକା ଓ ଗୋଟିଏ ଛକା ୨୯ ରନ୍‌ର ସହଯୋଗ କରିଥିଲେ। ବାଂଲାଦେଶ ପକ୍ଷରୁ ରିଶାଦ୍ ହୋସେନ୍ ୨ଟି ୱିକେଟ୍ ନେଇଥିଲେ।

ଜବାବରେ ଦଳ ବ୍ୟାଟିଂରେ କ୍ରମାଗତ ବ୍ୟବଧାନରେ ୱିକେଟ୍ ହରାଇବା ଫଳରେ ୧୬୯ ରନ୍‌ର ଟାର୍ଗେଟ୍ ଯଥେଷ୍ଟ ଦୂରରେ ରହିଯାଇଥିଲା। ଦଳ ୧୯.୩ ଓଭର୍‌ରେ ୧୨୭ ରନ୍ କରି ଆଉଟ୍ ହୋଇଯାଇଥିବା ବେଳେ ଓପନର ସୈଫ୍ ହସନ୍ ସର୍ବାଧିକ ୬୯ ରନ୍ କରିଥିଲେ। ସେହିପରି ପରଭେଜ୍ ହୋସେନ୍ ଏମନ୍ ୨୧ ରନ୍ କରିଥିବା ବେଳେ ଅନ୍ୟ କେହି ବି ଦୁଇ ଅଙ୍କରେ ପହଞ୍ଚିପାରିନଥିଲେ। ଭାରତ ପକ୍ଷରୁ କୁଲଦୀପ ଯାଦବ ସର୍ବାଧିକ ୩ଟି, ଯସପ୍ରୀତ୍ ବୁମ୍‌ରା ଓ ବରୁନ୍ ଚକ୍ରବର୍ତ୍ତୀ ୨ଟି ଲେଖାଏଁ ଏବଂ ଅକ୍ଷର ପଟେଲ୍ ଓ ତିଳକ ବର୍ମା ଗୋଟିଏ ଲେଖାଏଁ ସଫଳତା ପାଇଥିଲେ। ଅନ୍ୟପକ୍ଷରେ ସୁପର୍-୪ ରାଉଣ୍ଡ୍‌ରେ ଦୁଇଟି ପରାଜୟ ବରଣ କରିସାରିଥିବା ଶ୍ରୀଲଙ୍କା ପ୍ରତିଯୋଗିତାରୁ ବିଦାୟ ନେଇଛି।

### ବିଜେଡି...

୨୦ ବର୍ଷ ଧରି ବିଜେଡିରେ ଥିବା ବେଳେ ବହୁ ପଦପଦବୀ ବି ତାଙ୍କୁ ମିଳିଛି। ତେଣୁ ଦଳର ବହୁ ବରିଷ୍ଠ ନେତାଙ୍କ ସହ ତାଙ୍କ ଉତ୍ତମ ସମ୍ପର୍କ ରହିଥିବା ବେଳେ ଦଳର ଅନେକ ଭିତିରି କଥା ମଧ୍ୟ ତାଙ୍କୁ ଜଣା। ତେଣୁ ଶ୍ରୀମୟୀଙ୍କ ପ୍ରତିକ୍ରିୟା ନେଇ ବିଜେଡିର ଅନେକ ନେତା ଏବେ ଅକଳରେ ପଡିଥିବା ଲକ୍ଷ୍ୟ କରାଯାଉଛି।

ଶ୍ରୀମୟୀ ନିଜକୁ ଓଡ଼ିଆ ଝିଅ ବୋଲି ଦର୍ଶାଇବା ସହ ସ୍ୱାଭିମାନ ଦ୍ୱାହି ଦେଇ ଯେଭଳି ପ୍ରଶ୍ନବାଣ ମାରୁଛନ୍ତି, ତାହା ଆଗାମୀ ଦିନରେ ବିଜେଡିର ଅନେକଙ୍କ ଘାଇଲା କରିବ ବୋଲି ଦଳ ଭିତରେ ଜୋରଦାର ଆଲୋଚନା ଆରମ୍ଭ ହୋଇଛି।

କାରଣ ଶ୍ରୀମୟୀଙ୍କ ନିଲମ୍ବନ ପୂର୍ବରୁ ତାଙ୍କ ବିରୁଦ୍ଧରେ ଦଳର କିଛି ନବାଗତ ଓ କିଛି ପୁରୁଖା ନେତା କଟୁ ମନ୍ତବ୍ୟ ଦେଇଥିଲେ। ଏହାକୁ ନେଇ ଥାନାରେ ମାମଲା ବି ରୁଜୁ ହୋଇଛି। ସେହିଭଳି ଶ୍ରୀମୟୀଙ୍କ ସପକ୍ଷରେ ବି କିଛି ନେତା ଖୋଲାଖୋଲି ଭାବେ ବାହାରିଛନ୍ତି, ଆଉ କିଛି ଭିତିରିଆ ସମର୍ଥକ ବି ରହିଛନ୍ତି। ତେବେ ଶ୍ରୀମୟୀଙ୍କ ଆକ୍ରମଣାତ୍ମକ ରୂପ ଦେଖିଲା ପରେ ସିଏ ଏବେ ବିଜେଡି ତଣ୍ଟିରେ କଣ୍ଟା ବୋଲି ଖୋଦ ଦଳୀୟ କର୍ମୀମାନେ ଆଲୋଚନା କରୁଛନ୍ତି।

# ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ବଣ୍ଟିଲେ ଜିଲ୍ଲାପାଳ



**ଫୁଲବାଣୀ,୨୪।୯(ସଂଚାର ବ୍ୟୁରୋ):** ଫୁଲବାଣୀ ଠାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପରେ ଜିଲାପାଳ ବେଦଭୂଷଣଙ୍କ ଦ୍ୱାରା ଫୁଲବାଣୀ ବ୍ଲକ ଅନ୍ତର୍ଗତ ୨୦ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ମୃଭିକା ସ୍ୱାସ୍ଥ୍ୟକାର୍ଡ଼ ବଣ୍ଟନ କାୟମ ଅନୁଷ୍ଠିତ ହୋଇଯାଇଛି। ଦଡ଼କି, ତୁଡ଼ିପଞ୍ଜା, ମିଣିଆ ଏବଂ ବିଶିପଡ଼ା ଅଞ୍ଚଳର ଚାଷୀଙ୍କୁ ଏହି ସ୍ୱାସ୍ଥ୍ୟ କାର୍ଡ଼ ବଣ୍ଟନ କରିବା ସହିତ ଏହାର ଆବଶ୍ୟକତା ଉପରେ ଦର୍ଶାଇଥିଲେ। ସେହିଭଳି ନିଜ ନିଜ ଗ୍ରାମରେ ଯେଉଁମାନେ ବର୍ତ୍ତମାନ ପର୍ଯ୍ୟନ୍ତ ମୃଭିକା ସ୍ୱାସ୍ଥ୍ୟକାର୍ଡ଼ କରିନାହାରି ସେମାନେ ମଧ ଏହା କରାଇ ନେବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧରେ ମୁଖ୍ୟ ଜିଲା କୃଷି ଅଧିକାରୀ ଚିତରଂଜନ ଶତପଥୀ ଏବଂ ସହକାରୀ କୃଷି ନିର୍ଦ୍ଦେଶକମୃଭିକା ରସାୟନବିତ୍ ପୁନମ ଚାନ୍ଦଙ୍କ ସମତେ କୃଷି ଅଧିଦର୍ଶକ ଶରତ କୁମାର ବେହେରା ଏବଂ ସୁରେନ୍ଦ୍ର ପ୍ରଧାନ ଓ କୃଷି ବୈଷୟିକ ପରିଚାଳକ ଉପେନ୍ଦ୍ର କୁମାର ସ୍ୱାସ୍ଥ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଗୋଷ୍ଠୀ କୃଷି ଅଧିକାରୀ ସୁନିତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କାୟା ବଢ଼ାଇଲେଣି ନିଶା ମାଫିଆ

## ଆଗକୁ ଆସୁଛି ପାର୍ବଣ ଋତୁ, ସଜା ଗନ ହେଲେ ସ୍ଥିତି ବିଗିଡ଼ିବ



**କାକଟପୁର/ଅସ୍ତରଙ୍ଗ,୨୪।୯(ସଂଚାର ବ୍ୟୁରୋ):** ଆଗକୁ ଦୁର୍ଗା ପୂଜା। ଏହାକୁ ଦୃଷ୍ଟିରେ ରଖି ସକ୍ରିୟ ହୋଇ ଉଠିଛନ୍ତି ନିଶା ମାଫିଆ। ଗ୍ରାମାଞ୍ଚଳ ମାନଙ୍କ ରେ ସବୁଠି ନିଜର କାୟା ବଢ଼ାଇ ସାରିଲେଣି। ମାତ୍ର ଅବକାରୀ ବିଭାଗ ଓ ପୁଲିସ ପ୍ରଶାସନ ଏବେ ବି ନିଘୋଡ଼ ନିଦରେ। ଏବେ ଠୁ ସଜାଗ ନ ହେଲେ ପାର୍ବଣ ସମୟରେ ଅଣାୟତ ହେବ ବୋଲି ଜଣା ପଡ଼ିଲାଣି। ଗତ ବର୍ଷ ପୁରୀ ଜିଲ୍ଲା କାକଟପୁର ଥାନା ଅଞ୍ଚଳରେ ଅପରାଧୀ ସନ୍ଧ୍ୟା ସମୟରେ ସୁନା ଦୋକାନରେ ପଶି ଗୁଳି ମାରିଥିଲେ। କିନ୍ତୁ ଆଗକୁ ପାର୍ବଣ ଆସୁଥିବାରୁ ଅସ୍ତରଙ୍ଗ, କାକଟପୁର ଥାନା ଅଞ୍ଚଳରେ ବ୍ରାଉନ ସୁଗାର ହବ ଭାବେ ବିବେଚନା କରାଯାଉଥିବା ଖଣ୍ଡାସାହି ରୁ ତାଳଦା ସେତୁ। ପୁଲିସ ତରଫରୁ କୋହଳ ପାଟ୍ରୋଲିଂ ହେତୁ ପଡୋଶୀ ଜିଲ୍ଲା ରୁ ବ୍ରାଉନ ସୁଗାର ଆସୁଛି। ପରବର୍ତ୍ତୀ ସମୟରେ ଏହି ସ୍ଥାନରୁ ବିଭିନ୍ନ ଗାଁକୁ ଚାଲାଣ ହେଉଛି। ଏହା ଶହ ଗାଁ ଗାଁ ରେ ଚୋରା ମଦ ଦୋକାନ ବୃଦ୍ଧି ପାଉଥିବା ବେଳେ ଗଣ ମାଧ୍ୟମ ଖବର ପ୍ରକାଶ ପରେ ଅବକାରୀ ବିଭାଗ ଓ ପୁଲିସ ଲୋକ ଦେଖାଣିଆ ଚଢ଼ାଉ କରୁଛନ୍ତି। ଚଢ଼ାଉ ବେଳେ ଉଭୟ ବିଭାଗ ଏହି କାରବାର କରୁଥିବା କେରାଣ୍ଡି ଧରି ବଡ଼ ବଡ଼ ଶେଉଳ କୁ ଛାଡି ଦେଉଥିବା ଅଭିଯୋଗ ଆସିଛି। କାକଟପୁର, ଅସ୍ତରଙ୍ଗ ଓ ନୂଆଗଡ଼ ସାମୁଦ୍ରିକ ଥାନା ଅଞ୍ଚଳରେ ବଡ଼ ବଡ଼ ଚୋରା ମଦ ବ୍ୟବସାୟ ହେଉଥିବା ବେଳେ ବଡ଼ ମାଫିଆ ଙ୍କ ବିଭାଗ ପହଂଚିପାରୁ ନଥିବା ଅଭିଯୋଗ ଆସିଛି।

ସମାନ ଚିତ୍ର ମଧ ପୁଲିସ ବିଭାଗ ପକ୍ଷରୁ ଦେଖିବାକୁ ମିଳୁଛି। ପୂଜାକୁ ଦୃଷ୍ଟିରେ ପୁଲିସ ବିଭାଗ ପକ୍ଷରୁ 'ପ୍ରହାର 'ନାମରେ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି।

ଅନ୍ୟ ପଟେ ଦୁର୍ଗା ପୂଜାକୁ ଦୃଷ୍ଟିରେ ରଖି ଅବକାରୀ ବିଭାଗ ଚଳିତ ମାସ ୩୦ତାରିଖ ପର୍ଯ୍ୟନ୍ତ ଚଢ଼ାଉ ପ୍ରକ୍ରିୟା ଜୋରଦାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହି ଅନୁଯାୟୀ ନିମାପଡା ଅବକାରୀ ବିଭାଗ ରେ ସୀମିତ କର୍ମଚାରୀରେ ଆମ ବିଭାଗ ଯେମିତି ଚଢ଼ାଉ ହେବା କଥା ହେଉଛି ବୋଲି କହିଛନ୍ତି ଅବକାରୀ ଥାନା ଅଧିକାରୀ ପ୍ରଭାକର ସେଠୀ।

## ନବରାତ୍ରର ତୃତୀୟ ଦିନରେ ଚନ୍ଦ୍ରଘଣ୍ଟା

# ବିଳମ୍ବିତ ରାତ୍ରରେ ଅନୁଷ୍ଠିତ ହେଲା ନାଲିକଲି ବେଶ



**କାକଟପୁର/ଅସ୍ତରଙ୍ଗ,୨୪।୯ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ପ୍ରାଚୀ ତଟ ବାସିନୀ ମା ମଙ୍ଗଳା ଙ୍କ ପୀଠରେ ଚାଲିଛି ଷୋଡଶ ଦିନାତ୍ମକ ପୂଜା। ପରମ୍ପରା ଅନୁସାରେ ପ୍ରତ୍ୟହ ଭୋର ୪ଟାରୁ ସ୍ୱତନ୍ତ୍ର ପୂଜା ହୁଏ। ସୋମବାର ଠାରୁ ନବଦିନାତ୍ମକ ପୂଜା ଅବା ଗୁପ୍ତ ନୀତି ଆରମ୍ଭ ହୋଇଛି। ନବପତ୍ରିକା ତୃତୀୟ ଦିନରେ ମା ବିଳମ୍ବିତ ରାତ୍ର ରୁ ନାଲିକଲି ବେଶରେ ଶ୍ରଦ୍ଧାଳୁ ଙ୍କୁ ଦର୍ଶନ ଦେଉଛନ୍ତି। ମା ଙ୍କ ଚଳନ୍ତି ପ୍ରତିମା ସୁସଜ୍ଜିତ ବିମାନରେ ମହିଷାସୁର କୁ ଠାବ କରିବାକୁ ରତ୍ନଗିରି ନିଆଯାଇଥାଏ। ପରେ ମନ୍ଦିର ମଧରେ ଥିବା ଦୁର୍ଗା ପ୍ରତିମା କୁ ରତ୍ନବେଦୀ ରୁ ବାହାରକୁ ଆଣି ଏକତ୍ର ଭାବେ ଖଟୁଲିରେ ପୂଜା କରାଯାଏ ଯାହାକୁ ଜଗତି ପୂଜା କୁହାଯାଇଥାଏ। ଜଗତି ପୂଜା ପରେ ମା 'ଙ୍କ ଚଳନ୍ତି ପ୍ରତିମା କୁ ରତ୍ନ ସିଂହାସନରେ ପୁନଃ ଅବସ୍ଥାପିତ କରାଯିବା ପରେ ମା ଙ୍କ ବେଶ ଲାଗି ହୁଏ। ଦେବୀ ପକ୍ଷର ପ୍ରଥମ ନଅଦିନ ଦେବୀ ୯ ଟି ଭିନ୍ନ ଭିନ୍ନ ନାମ ଓ ରୂପରେ ପୂଜିତ ହୁଅନ୍ତି। ସେହି ୯ ନାମ ଓ ରୂପ 'ନବଦୁର୍ଗା'ଭାବରେ ବିଦିତା ତାହା ହେଉଛି ପ୍ରଥମତଃ ଶୈଳପୁତ୍ରୀ, ଦ୍ୱିତୀୟମ ବ୍ରହ୍ମଚାରିଣୀ, ତୃତୀୟମ ଚନ୍ଦ୍ରଘଣ୍ଟା। ନବଦୁର୍ଗା ଙ୍କ ମଧରୁ ତୃତୀୟ ଦୁର୍ଗା ଚନ୍ଦ୍ରଘଣ୍ଟା। ବିଳମ୍ବିତ ରାତ୍ର ରେ ତୃତୀୟ ଦିନରେ ମା ମଙ୍ଗଳା ନାଲି କଲି ବେଶ ଅନୁଷ୍ଠିତ ହୋଇଯାଇଛି।

## ସ୍ୱାମୀ ଚିଦାନନ୍ଦଙ୍କ ଜୟନ୍ତୀ ପାଳନ

**ହିଞ୍ଜିଳିକାଟୁ,୨୪।୯ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ପୌରାଞ୍ଚଳ ଅନ୍ତର୍ଗତ ରେଗିଡ଼ି ସାହି ସ୍ଥିତ ଶ୍ରୀ ଶ୍ରୀ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ଶିଶୁମନ୍ଦିରରେ ଚିଦାନନ୍ଦ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉକ୍ତ ଜୟନ୍ତୀ କାର୍ଯ୍ୟକ୍ରମ ପ୍ରାତଃ ବ୍ରହ୍ମ ମୁହୂର୍ତ୍ତରୁ ଶୁଭାରମ୍ଭ ହୋଇଥିଲା।ଏହି ଉପଲକ୍ଷେ ବିଦ୍ୟାଳୟର ଛାତ୍ର ଓ ଛାତ୍ରୀ ମାନେ ବିଭିନ୍ନ ସାହି ପରିକ୍ରମା କରି ପଟୁଆରରେ ସ୍ୱାମୀ ଚିଦାନନ୍ଦଙ୍କ ବିଗ୍ରହ ସୁସଜ୍ଜିତ କରି ନିଆଯାଇଥିଲା। ତାପରେ ମହା ମୃତ୍ୟୁଞ୍ଜୟ ମନ୍ତ୍ର ଏବଂ ଫଳ, ବିସ୍କୁଟ, ପ୍ରସାଦ ବଣ୍ଟନ କରାଯାଇଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ଆଲୋଚନା ଚକ୍ରରେ ସ୍ୱାମୀ ଚିଦାନନ୍ଦ ସମାଜ ସେବା ସମ୍ପର୍କରେ ବକ୍ତାମାନେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶତ୍ରୁଘ୍ନ ନାହାକ, ଗୀତାଞ୍ଜଳି ପାଣିଗ୍ରାହୀ, ରେଣୁକା ପାଣିଗ୍ରାହୀଙ୍କ ସମେତ ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ଉପସ୍ଥିତ ରହିଥିଲେ। ସେଇଭଳି ବ୍ଲକର ବିଭିନ୍ନ ଗ୍ରାମରେ ରହିଥିବା ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ଶିଶୁ ମନ୍ଦିରରେ ଚିଦାନନ୍ଦ ଜୟନ୍ତୀ ପାଳନ ହୋଇଯାଇଛି ।

# ଡବଲ ମର୍ଡ଼ର ଘଟଣାରେ ହତ୍ୟାକାରୀ ଦମ୍ପତିଙ୍କୁ ଆଜୀବନ ଜେଲ୍



**ଯାଜପୁର,୨୪।୯ (ସଂଚାର ବ୍ୟୁରୋ):** କୁଆଖିଆ ଥାନା ଅଞ୍ଚଳର ବହୁ ଚର୍ଚ୍ଚିତ ଡବଲ ମର୍ଡ଼ର ଘଟଣାରେ ହତ୍ୟାକାରୀ ଦମ୍ପତିଙ୍କୁ ଅତିରିକ୍ତ ଜିଲା ଓ ଦୌରା ଜଜ୍ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ବିବରଣୀରୁ ପ୍ରକାଶ, କୁଆଖିଆ ଥାନା ଅନ୍ତର୍ଗତ ପ୍ରଥମାଖଣ୍ଡି ଗ୍ରାମରେ ୨୦୧୬ ମସିହା ଅକ୍ଟୋବର ୩୧ ତାରିଖରେ ନୀଳମଣି ସେଠୀ ଓ ବିଳାସୀ ସେଠୀ ଉଭୟ ସ୍ୱାମୀ ସ୍ତ୍ରୀ ନିଜ ସାନ ଭାଇ ସୁଶୀଳ ଓରଫ ଗେଡ଼ ସେଠୀ ଓ ତା'ର ସ୍ତ୍ରୀ ଝରଣା ସେଠୀଙ୍କୁ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ବଡ଼ ଭାଇ ନୀଳମଣୀ ସେଠୀ ଓ ତା'ର ସ୍ତ୍ରୀ ବିଳାସୀ ଦୁହେଁ ମିଶି ସାନ ଭାଇ ସୁଶୀଳ (ଗେଡ଼) ଓ ତା'ର ସ୍ତ୍ରୀ ଝରଣାକୁ କୋଦାଳ ବେଣ୍ଟରେ ମରଣାନ୍ତକ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସୁଶୀଳ ଓ ଝରଣାଙ୍କୁ ପ୍ରଥମେ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଉଭୟ ସ୍ୱାମୀ ସ୍ତ୍ରୀଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ଅବସ୍ଥାର ୨୪ ଘଣ୍ଟା ଭିତରେ ସ୍ତ୍ରୀ ଝରଣାର ମୃତ୍ୟୁ ଓ ଏହାର ଦୁଇ ଦିନ ପରେ ସ୍ୱାମୀ ସୁଶୀଳଙ୍କ ମୃତ୍ୟୁ ଘଟିଥିଲା। ମୃତ ସୁଶୀଳଙ୍କ ସମ୍ପର୍କୀୟ ଭାଇ ଶ୍ୟାମସୁନ୍ଦର ସେଠୀ ୨୦୧୬ ମସିହା ନଭେମ୍ବର ୨ ତାରିଖରେ କୁଆଖିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି କୁଆଖିଆ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ନୀଳମଣୀ ସେଠୀ ଓ ବିଳାସୀ ସେଠୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେବେଠାରୁ ଅଭିଯୁକ୍ତ ନୀଳମଣୀ ସେଠୀ ବିଚାଧିନ କଏଦୀ ଭାବେ ଯାଜପୁର ଜେଲ୍‌ରେ ରହିଥିବା ବେଳେ ସ୍ତ୍ରୀ ବିଳାସୀଙ୍କୁ କିଛି ମାସ ପରେ ଜାମିନ ମିଳିଥିଲା।

## ଜୁଆ ଆଡ୍ଡା ଉପରେ ଚଢାଉ, ୯ ଗିରଫ

**ଗଂଜାମ, ୨୪।୯ (ସଂଚାର ବ୍ୟୁରୋ):** ପାର୍ବଣ ଋତୁରେ ସହରରୁ ଆରମ୍ଭ କରି ଗାଁ ଯାଏ ବ୍ୟାପକ ଜୁଆଖେଳ ଆରମ୍ଭ ହୋଇଯାଏ। ଗଣେଶ ପୂଜାଠାରୁ ଦୀପାବଳି ଯାଏ ଏହିଜୁଆ ଆଡ୍ଡା ସୃଷ୍ଟି ହୁଏ। ଲୋକେ ଜୁଆଖେଳି ସର୍ବ ସ୍ୱାନ୍ତ ହେବାସହଏଥିରୁ ଚୋରୀ, ଡକାୟତ, ମାଡପିଟଓ ହତ୍ୟା କାଣ୍ଡ ଭଳିଘଟଣା ଘଟିବାନଜିର ରହିଛି।ଏହାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଜିଲ୍ଲାରେ ପୁଲିସ୍ ବିଭାଗ ପକ୍ଷରୁ ବ୍ୟାପକ ଧରପଗମଧ୍ୟ ଆରମ୍ଭ ହୋଇ ଯାଇଛି।ପୁଲିସ ବିଭିନ୍ନ ଜୁଆଆଡ୍ଡା ଉପରେ ଚଢାଉ କରି ଜୁଆଡି କୁଂଗିରିଫ କରୁଛି। ସମାନଙ୍କ ଠାରୁ ବିପୁଳ ଟଂକା ଜବତକରୁଛି। ଗତକାଲି ମୌଳାଭଣଂଜା ଗାଁ ରେ ଚାଲିଥିବା ଏକ ଜୁଆଆଡ୍ଡା ଉପରେ ଦିଗପହଣ୍ଡି ପୁଲିସ୍ ଚଢାଉ କରି ୫ଜଣଜୁଆଡିଙ୍କୁ ଗିରିଫକରିବା ସହ ସେମାନଙ୍କ ଠାରୁ ୨୩୯୦୦ ଟଙ୍କା ଜବତ କରିଛି। ଠିକ୍ ସେହିଭଳି କରାପଲ୍ଲୀ ତୋଟା ରେ ଚାଲିଥିବା ଏକ ଜୁଆଆଡ୍ଡା ଉପରେ ଗୋପାଳ ପୁରଥାନା ପୁଲିସ ଚଢାଉ କରି ୪ଜଣ ଜୁଆଡିଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୧୫୨୦୦ ଟଙ୍କା ଜବତ କରି କୋର୍ଟ ଚାଲାଣ କରିଛି।

# ଯାଜପୁରରେ ବଢ଼ିଚାଲିଛି ବେଆଇନ କଂସେଇଖାନା

## ବଜରଙ୍ଗ ଦଳର ଗର୍ଜନ, ସହରରେ ଉତ୍ତେଜନା



**ଯାଜପୁର,୨୪।୯(ସଂଚାର ବ୍ୟୁରୋ):** ଯାଜପୁର ସହରରେ ଦିନକୁ ଦିନ ବେଆଇନ ଗୋହତ୍ୟା ଓ ଅନଧିକୃତ କଂସେଇଖାନାର ସଂଖ୍ୟା ବୃଦ୍ଧି ପାଉଥିବାରେ ଚିନ୍ତା ପ୍ରକାଶ କରି, ସେଗୁଡ଼ିକୁ ତୁରନ୍ତ ବନ୍ଦ କରିବାକୁ ବଜରଙ୍ଗ ଦଳ, ଯାଜପୁର ପୋଲିସ ପ୍ରଶାସନଙ୍କୁ ଦାବି କରିଛି।ଏହା ପୂର୍ବରୁ, ମଙ୍ଗଳବାର ରାତ୍ରି ସମୟରେ ସହରର ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ନିକଟସ୍ଥ ମଙ୍ଗଳା ମନ୍ଦିର ସମ୍ମୁଖରୁ କଟା ଗୋରୁ ମୁଣ୍ଡ ଓ ଗୋରୁ ଚମଡା ପଡ଼ିଥିବା ଦୃଶ୍ୟ ସ୍ଥାନୀୟ ଲୋକଙ୍କ ଆଖିକୁ ପଡ଼ିଥିଲା। ଏହାକୁ କେନ୍ଦ୍ର କରି ଯାଜପୁର ସହରରେ ଉତ୍ତେଜନା ବାତାବରଣ ସୃଷ୍ଟି ହୋଇଥିଲା। ଏହି ଘଟଣା ପରେ ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଦେଇ ଯାଇଥିବା ରିଙ୍ଗ୍ ରୋଡ ଅଞ୍ଚଳରେ ରହୁଥିବା ଲୋକମାନେ ବଜରଙ୍ଗ ଦଳ ସହିତ ରାତିରେ ହିଁ ସଡ଼କକୁ ଆସି ଗୋହତ୍ୟା ବନ୍ଦ କରିବାକୁ ଉଚ୍ଚ ସ୍ୱରରେ ଦାବି କରିଥିଲେ। କେହି କେହି ନାରା ଦେଇ ପ୍ରଶାସନଙ୍କ ନିରବତା ପ୍ରତି ଅସନ୍ତୋଷ ପ୍ରକାଶ କଲେ। 'ଧର୍ମିକ ଭାବନାକୁ ଆଘାତ ଦେଇଥିବା ଏପରି ଘଟଣାକୁ ଆମେ ସହିବୁ ନାହିଁ' ବୋଲି କହିଥିଲେ। ଏହି ଘଟଣା ପରେ ବଜରଙ୍ଗ ଦଳ ଓ ଶ୍ରୀରାମ ସେବା ସମିତି, ନବ ଭାରତ ହିନ୍ଦୁ ସଙ୍ଗଠନ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳ ମାନଙ୍କ ପକ୍ଷରୁ ପୋଲିସକୁ ସାକ୍ଷାତ କରି ସହରରେ ବେଆଇନ ଗୋହତ୍ୟା ଓ କଂସେଇଖାନାକୁ ବନ୍ଦ କରିବାକୁ ଲିଖିତ ଆବେଦନ ଦେଇଥିଲେ ବଜରଙ୍ଗ ଦଳ ନେତାମାନଙ୍କ କହିବା ଅନୁସାରେ 'ଯାଜପୁର ସହରରେ ବିଭିନ୍ନ ଗୁପ୍ତ ସ୍ଥାନରେ ରାତିରେ ବେଆଇନ ଗୋହତ୍ୟା ହେଉଛି।

## ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ପାରାଲିଗାଲ୍ ଭଲ୍ୟୁଣ୍ଟରଙ୍କ ପ୍ରଶିକ୍ଷଣ




**ଯାଜପୁର,୨୪।୯(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ରେ ଯାଜପୁର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଏବଂ ଇଣ୍ଟେରନେସନାଲ ଜଷ୍ଟିସ ମିଶନ ର ମିଳିତ ସହଯୋଗରେ କାର୍ଯ୍ୟକ୍ରମ ପାରାଲିଗାଲ୍ ଭଲେଣ୍ଟିୟର ମାନଙ୍କ ପାଇଁ ଏକଦିବସୀୟ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଥିଲା। ଏହାକୁ ଉଦ୍ଘାଟନ କରି ଜିଲ୍ଲା ଦୌରାଜଜ୍ ତଥା ପ୍ରାଧିକରଣ ଅଧକ୍ଷ ଅମୃତ ରଞ୍ଜନ ନନ୍ଦ ଜନସାଧାରଣ ଓ ଆଇନ ସେବା ଅନୁଷ୍ଠାନ ସହିତ ପାରାଲିଗାଲ୍ ସ୍ୱେଚ୍ଛାସେବୀ ମାନେ ନ୍ୟାୟିକ ମଧବର୍ତ୍ତୀ ପ୍ରତିନିଧି ବା ସଂଯୋଗ ସରଣୀ। ସମାଜର ସର୍ବନିମ୍ନ ସ୍ତରରେ ରହୁଥିବା ସରଳ ସାଧାରଣ ଜନଗଣ ଙ୍କ ସାମ୍ବିଧାନିକ ଅଧିକାର ନେଇ ସେମାନଙ୍କୁ ସଚେତନ କରାଇବା ସହ ବିନାମୂଲ୍ୟ ରେ ଯୋଗ୍ୟ ହିତାଧିକାରୀ ମାନଙ୍କୁ ଆଇନ ସେବା ଯୋଗାଇ ଦେବାରେ ସହଯୋଗ କରନ୍ତି ବୋଲି କହିବା ସହ ପିଏଲଭି ମାନେ ନିଷ୍ଠାର ସହ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷକ ଭାବେ ପ୍ରାଧିକରଣ ର ପ୍ରାକ୍ତନ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା ଡ଼ ରୁଦ୍ରନାରାୟଣ ପୃଷ୍ଟି, ଜିଲ୍ଲା ଶ୍ରମ ଅଧିକାରୀ ସୁଧୀର ସାହୁ, ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଆଇଜେମ୍ ର ଥଇଥାନ ପରିଚାଳକ ଆଶିଷ କୁମାର ଦୀପ୍, ବିରଜା ଆଇନ ମହାବିଦ୍ୟାଳୟ ଅଧାପିକା ମହେଶ୍ୱେତା ଉପାଧାୟ ଯୋଗଦେଇ ପିଏଲଭି ମାନଙ୍କ ଭୂମିକା, ଦାୟିତ୍ୱ ଓ ମହକିଲା ଉପଭୋକ୍ତା ପରାମର୍ଶ, ଶ୍ରମ ଆଇନ୍, ଶିଶୁ ଶ୍ରମିକ ଉଚ୍ଛେଦ୍ ଆଇନ ୧୯୮୬, ଶିଶୁ ଅଧିକାର, ଶିଶୁ କିଶୋର ନ୍ୟାୟ ଆଇନ ୨୦୧୫, ମାନବ ଚାଲାଣ ଓ ଗୋତି ଶ୍ରମିକ, ବେସିକ୍ କ୍ରିମନାଲ୍ ଆଣ୍ଡ ପିଡବ୍ଲ୍ୟୁଡିଭି ଏବଂ ଲ ରିଲେଟିଙ୍ଗ ଫ୍ୟାମିଲି ବିଷୟ ରେ ପ୍ରଶିକ୍ଷଣ ଦେଇଥିଲେ। ପ୍ରାଧିକରଣ ସଚିବ ଲିପା ମହାନ୍ତି ପ୍ରଶିକ୍ଷଣ ପରିଚାଳନା କରିବା ସହିତ ଆଇନ୍ ସେବା ପ୍ରାଧିକରଣ ଆଇନ୍ ସମ୍ବନ୍ଧ ରେ ଆଲୋକପାତ କରିଥିଲେ। ପ୍ରଶିକ୍ଷାର୍ଥୀ ଭାବେ ୫୮ ଜଣ ପିଏଲଭି ଅଂଶ ଗ୍ରହଣ କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧିକରଣ ଓ ଜିଲ୍ଲା ପରିଷଦ କର୍ମଚାରୀ ମାନେ ସହଯୋଗ କରିଥିଲେ।

## ମାନବିକତା ଦେଖାଇଲେ ପୁଲିସ ଉପନିରୀକ୍ଷକ

**କାକଟପୁର /ଅସ୍ତରଙ୍ଗ,୨୪।୯(ସଂଚାର ବ୍ୟୁରୋ):** ପୁଲିସ, କେଉଁଠି ଅମାନିଆକୁ ସାବାଡ଼ କରୁଛି ତ କେଉଁଠି ଜରିମାନା ଆଦାୟ କରୁଛି। ତେବେ ପୁରୀ ଜିଲ୍ଲା କାକଟପୁର ଜଣେ ପୁଲିସ ବାବୁ ଜଣେ ବୟସ୍କ ବୃଦ୍ଧକୁ ସହାୟତା କରିଛନ୍ତି। ଏ ଫୋଟ ଭାଇରଲ ହେବାରେ ଲାଗିଛି। ପୁଲିସ ବାବୁଙ୍କୁ ଚାରି ଆଡୁ ସାବାସ ମିଳୁଛି। ସୂଚନା ଅନୁସାରେ କାକଟପୁର ଥାନା ଅଞ୍ଚଳରେ ଜଣେ ବୟସ୍କ ବୃଦ୍ଧ ନିଜ ସ୍କୁଟି ମାଧ୍ୟମରେ ୨ଟି ବସ୍ତା ନେଇ ଯାଉଥିଲେ। କିନ୍ତୁ ଶୂନଶାନ ରାସ୍ତାରେ ବସ୍ତାଟି ଗାଡ଼ିରୁ ଖସିଯାଇଥିବା ବେଳେ ବୃଦ୍ଧ ବୟସ୍କ ଲୋକଟି ଭାରୀ ଅଥବା ଓଜନିଆ ବସ୍ତାଟି ଗାଡିକୁ ଉଠାଇ ପାରିନଥିଲେ। ଏହା ଦେଖି କାକଟପୁର ଥାନା ଉପନିରୀକ୍ଷକ ଗୌରୀ ଶଙ୍କର ସେଠୀ ବୃଦ୍ଧ ଲୋକ ଙ୍କ ପାଖରେ ପହଂଚି ୨ଟି ଭାରୀ ବସ୍ତା ଗାଡିକୁ ଉଠାଇବା ସହ ପୋଲିସ ଗାଡ଼ିରେ ଥିବା ପିଇବା ପାଣି ବୃଦ୍ଧଙ୍କୁ ପିଇବାକୁ ଦେଇଥିଲେ। ସେ ସମୟରେ ବୃଦ୍ଧଙ୍କ ନିକଟରେ ଥାନା ଉପନିରୀକ୍ଷକ ପହଂଚି ନ ଥିଲେ ବୃଦ୍ଧ ଲୋକଟି ହଇରାଣ ହୋଇଥାନ୍ତେ। ଯାହାକି ପଥଚାରୀ ଘଟଣା ସମ୍ପର୍କରେ ମତ ପ୍ରକାଶ କରିଛନ୍ତି।

## ବାପାର କଟୁରୀ ଚୋଟରେ ପୁଅ ମୃତ

**ଧର୍ମଶାଳା,୨୪।୯ (ସଂଚାର ବ୍ୟୁରୋ):** ନୃଶଂସ ବାପର କଟୁରୀ ଚୋଟରେ ପୁଅର ମୃତ୍ୟୁ ହୋଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ଏଣ୍ଡଲବା ପଞ୍ଚାୟତସ୍ଥ ବିଛାଖଣ୍ଡି ଗ୍ରାମରେ। ମୃତକ ଜଣକ ହେଲେ ବିଛାଖଣ୍ଡି ଶବର ସାହି ଗ୍ରାମର କଣ୍ଠ ନାୟକଙ୍କ ପୁଅ ଶମ୍ଭୁ ବୋଲି ଜଣାପଡ଼ିଛି। ପୋଲିସ ଏକ ମାମଲା ରୁଜୁ କରି କଣ୍ଠକୁ ଆଜି କୋର୍ଟ ଚାଲାଣ କରିଛି। ଏଭଳି ଘଟଣା ଘଟିବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ସୂଚନା ମୁତବାକ, ସୋମବାର ରାତିରେ ବିଛାଖଣ୍ଡି ଶବର ସାହି ଅଞ୍ଚଳର ବାପ ପୁଅଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା। ବାପା କଣ୍ଠ ଉତ୍ୟକ୍ତ ହୋଇ ପୁଅ ଶମ୍ଭୁକୁ ଏକ ଧାରୁଆ କଟୁରୀରେ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ଶମ୍ଭୁକୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ଶମ୍ଭୁକୁ ମୃତ ଘୋଷଣା କରିଥିଲେ। ଖବର ପାଇ ଜେନାପୁର ଥାନା ଅଧିକାରୀ ଓ ଯାଜପୁର ରୋଡ ଏସଡିପିଓ ମେଡ଼ିକାଲରେ ବିଳମ୍ବିତ ରାତିରେ ପଂହଚି ତଦନ୍ତ ଆରମ୍ଭ କରିଥିଲେ। ଏହି ଘଟଣାରେ ଜେନାପୁର ପୋଲିସ ଏକ ମାମଲା ରୁଜୁ କରି କଣ୍ଠକୁ ଆଜି କୋର୍ଟ ଚାଲାଣ କରିଛି।

# ଶ୍ରମ ବିଭାଗ ପକ୍ଷରୁ ଶ୍ରମିକ ସହାୟତା ରାଶି ପ୍ରଦାନ



**ଯାଜପୁର,୨୪।୯(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କରଙ୍କ ଅନୁମତି ପ୍ରଦାନ ମତେ ଆଜି ତା ୨୪.୦୯.୨୦୨୫ ରିଖ ଯାଜପୁର ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ରେ ଯାଜପୁର ରେଞ୍ଜ ଯୁଗ୍ମ ଶ୍ରମ କମିଶନର ଶ୍ରୀ ଶିବ ଶଙ୍କର ମିଶ୍ର, ପ୍ରଭାଗୀୟ ଶ୍ରମ କମିଶନର ଶ୍ରୀ ସତ୍ୟ ନାରାୟଣ ଆଚାର୍ଯ୍ୟ, ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ସୁଧୀର କୁମାର ସାହୁ ଙ୍କ ଉପସ୍ଥିତିରେ ଓଡିଶା କୋଠାବାଡି ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଶ୍ରମିକ ମାନଙ୍କ କଲ୍ୟାଣ ପାଇଁ ଦୁଇ କୋଟି ସତର ଲକ୍ଷ ତେତିଶ ହଜାର ଚାରି ଶହ (୨, ୧୭, ୩୩, ୪୦୦/-)ଟଙ୍କାର ଅର୍ଥ ରାଶି ୬୮୧ ଜଣ ଶ୍ରମିକ ଙ୍କୁ ଡମି ଚେକ ମାଧମରେ ପ୍ରଦାନ କରିଥିଲେ। ଓଡିଶା ଅଣସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ତରଫରୁ ଦୁଇ(୨) ଜଣ ମୃତ ହିତାଧିକାରୀଙ୍କ ମନୋନିତ ବ୍ୟକ୍ତିଙ୍କୁ ଚାରି ଲକ୍ଷ(୪, ୦୦, ୦୦୦/-) ଟଙ୍କାର ସହାୟତା ରାଶି ସିଧା ଶ୍ରମିକ ମାନଙ୍କ ଆକାଉଣ୍ଟକୁ ଡିବିଟି ମାଧମରେ ପ୍ରଦାନ କରାଯାଇଛି ବୋଲି ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ତରଫରୁ ପ୍ରକାଶ। ଆଜିର ଏହି ସହାୟତା ବଣ୍ଟନ କାର୍ଯ୍ୟକ୍ରମରେ ଶିକ୍ଷା ସହାୟତା ବାବଦରେ ୪୫୨ ଜଣଙ୍କୁ ୩୯, ୭୩, ୪୦୦/- ଟଙ୍କା, ବିବାହ କାଳୀନ ସହାୟତା ବାବଦରେ ୧୪୧ ଜଣଙ୍କୁ ୬୯, ୫୦, ୦୦୦/- ଟଙ୍କା, ପ୍ରସୂତୀ କାଳୀନ ସହାୟତା ବାବଦରେ ୧୩ ଜଣଙ୍କୁ ୧, ୩୦, ୦୦୦/- ଟଙ୍କା, ମୃତ୍ୟୁ କାଳୀନ ସହାୟତା ବାବଦରେ ୩୯ ଜଣ ନୋମିନି ଙ୍କୁ ୧, ୦୫, ୦୦, ୦୦୦/- ଟଙ୍କା ଏବଂ ଅନ୍ତେଷ୍ଟିକ୍ରିୟା ସହାୟତା ରାଶି ବାବଦରେ ୩୬ ଜଣ ନୋମିନି ଙ୍କୁ ୧, ୮୦, ୦୦୦ /- ଟଙ୍କା ପ୍ରଦାନ କରାଯାଇଥିଲା ।

## ଅଣ୍ଡରା-ଇଛାପୁର ଗ୍ରାମ ପଞ୍ଚାୟତ ଠାରେ ମଂଚନାଥ ବିଜେପି ମଣ୍ଡଳ ପକ୍ଷରୁ ସେବା ପକ୍ଷ ପାଳିତ

**ଗୋପ,୨୪।୯(ସଂଚାର ବ୍ୟୁରୋ):** ଗୋପ ବ୍ଲକ ଅଧିନସ୍ଥ ଅଣ୍ଡରା - ଇଚ୍ଛାପୁର ଗ୍ରାମ ପଞ୍ଚାୟତ ଠାରେ ମଞ୍ଚନାଥ ବିଜେପି ମଣ୍ଡଳ ପକ୍ଷରୁ ସେବା ପକ୍ଷ ପାଳିତ ହୋଇଯାଇଛି। ଗୋପ ବ୍ଲକ ଉପାଧ୍ୟକ୍ଷ ବନ ରଂଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସେବାପକ୍ଷ ପାଳନ ଅବସରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଣ୍ଡରା-ଇଛାପୁର ଗ୍ରାମ ପଞ୍ଚାୟତର ବିଭିନ୍ନ ଓ୍ୱାର୍ଡରେ ମଞ୍ଚନାଥ ବିଜେପି ମଣ୍ଡଳର କର୍ମକର୍ତ୍ତା ମାନେ ସଫେଇ କାର୍ଯ୍ୟ ସଂପାଦନ କରିଥିଲେ। ଯଶସ୍ୱି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜି ଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ ତାରିଖରୁ ଅକ୍ଟୋବର ମାସ ୨ ତାରିଖ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ବିଜେପିର ବିଭିନ୍ନ ମଣ୍ଡଳ ଓ କାର୍ଯ୍ୟକର୍ତ୍ତା ମାନଙ୍କୁ ନେଇ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେଉଛି। ଏହି ସେବାପକ୍ଷ କାର୍ଯ୍ୟକ୍ରମରେ ଅଣ୍ଡରା - ଇଚ୍ଛାପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ମୀନା କୁମାରୀ ମହାନ୍ତି, ସମିତି ସଭ୍ୟା ଅନ୍ନପୂର୍ଣ୍ଣା ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ କୁମାର ରାୟ, ବରିଷ୍ଠ ସମାଜସେବୀ ଅଶ୍ୱିନୀ ପଟ୍ଟନାୟକ, ସରପଞ୍ଚ ଜଗବନ୍ଧୁ ବରାଳ, ମଞ୍ଚନାଥ ବିଜେପି ମଣ୍ଡଳ ସଭାପତି କିଶୋର ରାଉତ, ସାଧାରଣ ସମ୍ପାଦକ ଉଲ୍ଲାସ ପ୍ରଧାନ, ସରପଞ୍ଚ ମମତା ପାଇକରାୟ ସମେତ ଶତାଧିକ ବିଜେପି ନେତା ଓ କର୍ମୀ ମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ମଞ୍ଚନାଥ ମଣ୍ଡଳର ବିଜେପି କର୍ମକର୍ତ୍ତା ମାନେ ପରିଚାଳନା କରିଥିଲେ।

## ବହୁ ପରିମାଣରେ ମହୁଲ ପୋଚ ଓ ରନ୍ଧା ମଦ ଜବତ

**ଚମ୍ପୁଆ,୨୪।୯(ସଂଚାର ବ୍ୟୁରୋ):** ଅବକାରୀ ବିଭାଗ ଓ ପୋଲିସର ମିଳିତ ଚଢାଉରେ ବହୁ ପରିମାଣ ରେ ଚୋରା ମହୁଲି ମଦ ଓ ପୋଚ ଜବତ ହୋଇ ନଷ୍ଟ କରାଯାଇଥିବା ଜଣାପଡ଼ିଛି। ଆଜି କେନ୍ଦୁଝର ଅବକାରୀ ଅଧୀକ୍ଷକ ସୀତାରାଣି ପଟ୍ଟାୟତ ଙ୍କ ନିର୍ଦ୍ଦେଶ କ୍ରମେ ଚମ୍ପୁଆ ବିଭିନ୍ନ ଗ୍ରାମରେ ଚମ୍ପୁଆ ଅବକାରୀ ନିରୀକ୍ଷକ ଏଚ ଜଗା ରାଓ ଙ୍କ ତତ୍ତ୍ୱାବଧାନରେ ଓ ମାଜିଷ୍ଟ୍ରେଟ ସୁଜିତ୍ କୁମାର ସ୍ୱାଇଁ ଙ୍କ ଉପସ୍ଥିତିରେ ଚମ୍ପୁଆ ଅବକାରୀ ଥାନା ଅନ୍ତର୍ଗତ ବର୍ଦ୍ଧନା ଗ୍ରାମରେ ଚଢ଼ାଉ କରାଯାଇ ୮୦୦୦ କିଗ୍ରା ମହୁଲ ପୋଚ ଓ ୬୭୦ ଲିଟର ଦେଶୀ ରନ୍ଧା ମଦ ଜବତ କରି ନଷ୍ଟ କରାଯାଇଛି। ଏଥି ସହିତ ମଦ ପ୍ରସ୍ତୁତି ସରଞ୍ଜାମ ସବୁ ବିଭାଗ ଜବତ କରିଛି। ତେବେ ଚଢ଼ାଉ ପୂର୍ବରୁ ସୁରାକ ପାଇ ଚୋରା ମଦ କାରବାରରେ ସମ୍ପୃକ୍ତ ବ୍ୟକ୍ତିମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ବିଭାଗ ପକ୍ଷରୁ ମୋଟ୍ ୨ ଟି ମାମଲା ରୁଜୁ ହୋଇଛି। ସୂଚନା ଯୋଗ୍ୟ କି ଉକ୍ତ ଗ୍ରାମ ଗୁଡିକରେ ଦେଶୀ ରନ୍ଧା ମଦ ଏକ କୁଟୀର ଶିଳ୍ପ ପାଲଟି ସାରିଥିବା ବେଳେ ଏହି ମଦ ବିଭିନ୍ନ ଅଞ୍ଚଳରେ ଅବାଧରେ ଉପଲବ୍ଧ ହେଉଥିବାରୁ ଦିନକୁ ଦିନ ସ୍ଥାନୀୟ ଅଞ୍ଚଳରେ ଚୋରା ମଦ କାରବାର ବୃଦ୍ଧି ପାଇବାରେ ଲାଗିଥିଲା।

# ବିଶ୍ୱ ଫାର୍ମାସିଷ୍ଟ ଦିବସରେ ସମ୍ ହସ୍ପିଟାଲ୍ ପକ୍ଷରୁ ୱାକାଥନ ଆୟୋଜିତ




**ଭୁବନେଶ୍ୱର,୨୪।୯(ସଂଚାର ବ୍ୟୁରୋ):** ସେପ୍ଟେମ୍ବର ୨୫ ତାରିଖ ବିଶ୍ୱ ଫାର୍ମାସିଷ୍ଟ ଦିବସ ପରିପ୍ରେକ୍ଷୀରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ ପକ୍ଷରୁ ବୁଧବାର ୱାକାଥନ ଆୟୋଜିତ ହୋଇଛି। ସୁସ୍ଥ ରୁହନ୍ତୁ, ଡାକ୍ତରଙ୍କ ପରାମର୍ଶରେ ଔଷଧ ଖାଆନ୍ତୁ ଓ ଔଷଧ ଦୋକାନରୁ ବିନା ପ୍ରେସ୍କ୍ରିପ୍ସନରେ କିଣନ୍ତୁ ନାହିଁ। ଏହି ବାର୍ତ୍ତା ନେଇ ବୁଧବାର ସମ୍ ହସ୍ପିଟାଲ ଫାର୍ମାସିଷ୍ଟ ବିଭାଗ ପକ୍ଷରୁ ଏକ ୱାକାଥନ ସମ୍ ହସ୍ପିଟାଲ ନିକଟରେ ଆୟୋଜିତ ହୋଇଯାଇଛି। ହସ୍ପିଟାଲ କର୍ତ୍ତୃପକ୍ଷ ଓ କର୍ମଚାରୀ ବ୍ଲଡ ବ୍ୟାଙ୍କ ଅଞ୍ଚଳରୁ ବାହାରି ହସ୍ପିଟାଲର ନିକଟବର୍ତ୍ତୀ ଅଞ୍ଚଳ ପର୍ଯ୍ୟନ୍ତ ୱାକାଥନ କରି ଏକ ବାର୍ତ୍ତା ଦେଇଛନ୍ତି। କେବଳ ସାଧାରଣ ଲୋକ ନୁହଁନ୍ତି ଫାର୍ମାସିଷ୍ଟମାନେ ମଧ ପ୍ରେସକ୍ରିପ୍ସନ ନ ଦେଖି ଔଷଧ ଦେବା ଉଚିତ ନୁହେଁ ବୋଲି ଏହି ୱାକାଥନ୍‌ରେ ବାର୍ତ୍ତା ପ୍ରଦାନ କରାଯାଇଛି। ଅନେକ ସମୟରେ ମନଇଚ୍ଛା ଔଷଧ ସେବନ କରିବା ଦ୍ୱାରା ଅନେକ ପାର୍ଶ୍ୱ ପ୍ରତିକ୍ରିୟାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ୱାକାଥନରେ ସୂଚନା ଦେଇଛନ୍ତି ହସ୍ପିଟାଲ୍‌ର କର୍ତ୍ତୃପକ୍ଷ। ଏହି କାର୍ଯ୍ୟକ୍ରମରେ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଏବଂ ସୋଆ ଫାର୍ମାସୀ ବିଭାଗର ମୁଖ୍ୟ ଡାକ୍ତର ଜସ୍ମିନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ପଲିଥିନ ତଳେ ଚାଲିଛି ଚମ୍ପୁଆ ଲ୍ୟାମ୍ପସ କାର୍ଯ୍ୟାଳୟ

**ଚମ୍ପୁଆ, ୨୪।୯ (ସଂଚାର ବ୍ୟୁରୋ):** ବିପଦ ସଙ୍କୁଳ ଓ ଅସୁରକ୍ଷିତ ଗୃହରେ ଚାଲିଛି ଚମ୍ପୁଆ ବୃହତାକାର ଆଦିବାସୀ ସମବାୟ ସମିତି କାର୍ଯ୍ୟାଳୟ। ନୂତନ ଗୃହ ଅଭାବରୁ ୫୦ ବର୍ଷରୁ ଅଧିକ ପୁରୁଣା ଭଙ୍ଗା ଦଦରା ଘରେ ପଲିଥିନ ଟାଣି କାର୍ଯ୍ୟାଳୟ ଚାଲିଛି। ପାଣି ଗଳି ଚାଷୀମାନଙ୍କ ପାଇଁ ଆସୁଥିବା ସାର, ବିହନ, ସରକାରୀ ନଥିପତ୍ର ମଧ୍ୟ ନଷ୍ଟ ହେବା ସହ କାର୍ଯ୍ୟାଳୟର କମ୍ପ୍ୟୁଟର ଓ ବୈଦ୍ୟୁତିକ ଉପକରଣ ପ୍ରତି ବିପଦ ସୃଷ୍ଟି କରୁଛି। ସାର, ବିହନକୁ ସୁରକ୍ଷିତ ରଖିବା ପାଇଁ ସମିତି ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟକୁ ବ୍ୟବହାର କରାଯାଉଥିବାରୁ ବହୁ ସମୟରେ ଅଧ୍ୟକ୍ଷ ଙ୍କୁ ବାରଣ୍ଡାରେ ବସି କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି। ଚାଷୀ ମାନଙ୍କୁ ସଶକ୍ତ କରିବା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରି ସମବାୟ ସମିତି ମାଧ୍ୟମରେ ସୁବିଧା ସୁଯୋଗ ଯୋଗାଇ ଦେଉଥିବା ବେଳେ ଚମ୍ପୁଆ ସଦର ମହକୁମାରେ ସ୍ଥିତ ଏହି ସମବାୟ କାର୍ଯ୍ୟାଳୟ ପ୍ରତି ଏଯାଏଁ ପ୍ରଶାସନ ର ଦୃଷ୍ଟି ପଡ଼ିପାରି ନାହିଁ। କାର୍ଯ୍ୟାଳୟ ର ଆଜବେଷ୍ଟ ଘର ଗୁଡ଼ିକ ପୁରୁଣା ହେବା ସହ ଘର ଗୁଡ଼ିକର ରୁଅ ଓ ଶେଣୀ ଦୁର୍ବଳ ହୋଇପଡ଼ିଛି। ଅନେକ ସ୍ଥାନରେ ସିଲିଂ ପାଇଁ ଦିଆଯାଇଥିବା ପଟା ଗୁଡିକ ଭାଙ୍ଗି ପଡ଼ି ଝୁଲୁଥିବା ଅବସ୍ଥାରେ ରହିଛି। ବର୍ଷା ଦିନରେ ଘର ଗୁଡିକରୁ ପାଣି ଗଳିବା ଏକ ସାଧାରଣ ଘଟଣାରେ ପରିଣତ ହୋଇଥିବା ବେଳେ କାର୍ଯ୍ୟାଳୟର ଦୂରାବସ୍ଥା ପ୍ରତି ସରକାରଙ୍କ ନଜର ପଡୁ ନାହିଁ। ଅସୁରକ୍ଷିତ କାର୍ଯ୍ୟାଳୟ ଯେ କୌଣସି ବିପଦକୁ ହାତଠାରି ଡାକୁଥିବାବେଳେ ସମିତି କର୍ମଚାରୀ ମାନେ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରୁଛନ୍ତି। ସମିତି କର୍ମଚାରୀଙ୍କ ପାଇଁ ସାମାନ୍ୟ ସୁବିଧା ନ ଥିବା ବେଳେ ସେଠାକୁ ଆସୁଥିବା ଚାଷୀ ମାନଙ୍କ ସୁବିଧା ଅସୁବିଧା କିଏ ପଚାରେ।

### ସମ୍ବଲପୁରରେ ରାତିକେ ୧୮୦ ମିମି ବର୍ଷା

# ଅବିଶ୍ରାନ୍ତ ବର୍ଷାରେ ବନ୍ୟାବତ୍ ସ୍ଥିତି



ସମ୍ବଲପୁର,୨୪।୯(ସଂଚାର ବ୍ୟୁରୋ): ଗତକାଲି ରାତିରୁ ଆଜି ରାତି ପର୍ଯ୍ୟନ୍ତ ପାଖାପାଖି ୨୪ ଘଣ୍ଟାର ଅବିଶ୍ରାନ୍ତ ବର୍ଷାରେ ବେହାଲ୍ ହୋଇଛି ପଶ୍ଚିମ ଓଡ଼ିଶାର ପ୍ରମୁଖ ସହର ସମ୍ବଲପୁର। ୨୪ ଘଣ୍ଟା ଭିତରେ ୧୮୦ ମିମିରୁ ଅଧିକ ବର୍ଷା ହେବା ଫଳରେ ଘରଦ୍ୱାର, ରାସ୍ତାଘାଟ, ଅଫିସ ବାଡ଼ି, ମଠ ମନ୍ଦିର। ସବୁଠି ପାଣି ଭରିଯାଇଛି। ସହରର ପ୍ରମୁଖ ଅଞ୍ଚଳ ସତସଙ୍ଗ ବିହାର;। ଲୋକଙ୍କ ଘରେ ଭିତରେ କାଲି ଅଧରାତିରୁ ବର୍ଷା ପାଣି ପ୍ରବେଶ କରିଛି। କେହି କିଛି ବୁଝିବା ପୂର୍ବରୁ ହଠାତ ଆଣ୍ଠୁଏ ଉଚ୍ଚର ପାଣି ଜମିଯିବା ପରେ ଘର ଭିତରୁ ଲୋକେ ସେମାନଙ୍କ ସାମଗ୍ରୀ ମଧ୍ୟ ବାହାରକୁ ବାହାରି କରିବାର ସମୟ ପାଇନାହାନ୍ତି। ସେହିପରି ସହରର ସମ୍ଭ୍ରାନ୍ତ ଅଞ୍ଚଳ ପ୍ରଧାନପଡ଼ାରେ ପ୍ଲାନିଂ ଆଉ ଡିଜାଇନ ଭିତରେ ଛିଡ଼ା ହୋଇଥିବା ବଡ଼ ବଡ଼ ଅଟ୍ଟାଳିକାରୁ ବି ବାହାରିବାକୁ ରାସ୍ତା ନାହିଁ। କାରଣ କଲୋନୀ ରାସ୍ତାରେ ଲହଡ଼ି ଭାଙ୍ଗୁଛି ଅଣ୍ଟାଏ ଉଚ୍ଚର ପାଣି। କେଉଁଠି ରାସ୍ତାଘାଟ ବୁଡ଼ିଛି ତ ଆଉ କେଉଁଠି ମାର୍କେଟ୍ କମ୍ପ୍ଲେକ୍ସରେ ପାଣି ଆଉ ପାଣି। ସେହିପରି କେଉଁଠି ହ୍ରଦ ପାଲଟିଛି ଜାତୀୟ ରାଜପଥ ତ ଆଉ କେଉଁଠି ନଦୀର ଭ୍ରମ ସୃଷ୍ଟି କରିଛି ଛୋଟ ଆକାରର ଡ୍ରେନେଜ୍। ଲଗାଣ ବର୍ଷାରେ ସହରର ଧନୁପାଲି, ଅଇଁଠାପାଲି, ଦାନୀପାଲି, ଆଉ ଖାଲୁଆ ଅଞ୍ଚଳରେ ନଈବଢ଼ି ଭଳି ଦୃଶ୍ୟ ଦେଖିବାକୁ ମିଳିଛି। ପ୍ରଖର ସ୍ରୋତ ସହ ଆଗକୁ ସୁଅ କାଟି ଚାଲୁଛି ବର୍ଷା ପାଣି। ସାକ୍ଷୀପଡ଼ା, ଜଗନ୍ନାଥ କଲୋନୀ, ପୁଟି ବନ୍ଧ, କୁଲୁଥକାନୀ ଆଦି ଅଞ୍ଚଳର ସ୍ଥିତି ଅତି ଶୋଚନୀୟ ହୋଇପଡ଼ିଛି। ଅବସ୍ଥା ଏପରି ହୋଇଛି ଯେ ଲୋକେ ସେପ୍ଟେମ୍ବର ମାସରେ ବି ବନ୍ୟା ଯନ୍ତ୍ରଣା ସହିବାକ ବାଧ୍ୟ ହେଉଛନ୍ତି।

### ଘରେ ଆଣ୍ଠୁଏ ତ ବାହାରେ ଅଣ୍ଟାଏ ପାଣି

ତେବେ ସମ୍ବଲପୁରରେ ହଠାତ ଏଭଳି ଜଳପ୍ରଳୟ ପଛର କାରଣ ସମ୍ପର୍କରେ ଆଲୋଚନା କଲେ, ଏଥିପାଇଁ ସହରବାସୀ କେବଳ ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି)କୁ ସମ୍ପୂର୍ଣ୍ଣ ଦାୟୀ କରୁଛନ୍ତି। ନିୟମିତ ବ୍ୟବଧାନରେ ଡ୍ରେନ୍ ସଫା ନ ହେବା, ବେଆଇନ ଅବରୋଧ ନ ହଟାଇବା, ଘର ନିର୍ମାଣ ବେଳେ ତ୍ରୁଟିପୂର୍ଣ୍ଣ ଡିଜାଇନ ଓ ପୂର୍ତ୍ତ ବିଭାଗ ଓ ଏସ୍‌ଏମ୍‌ସି ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ ଆଜି ସେମାନେ କୃତ୍ରିମ ବନ୍ୟାରେ ଶଢ଼ୁଛନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ସହରରେ ସୃଷ୍ଟି ହୋଇଥିବା ଏପରି ଅଭାବନୀୟ ପରିସ୍ଥିତିରୁ ଲୋକଙ୍କୁ ମୁକୁଳାଇବା ସାକଶେ ଶାସନକଳକୁ କାମରେ ଲଗାଇ ଦେଇଛି ଜିଲ୍ଲା ପ୍ରଶାସନ। ବର୍ଷା ଭିତରେ ବି ଡ୍ରେନେଜ୍ ସଫା, ଜନବସତି ଅଞ୍ଚଳରୁ ମୋଟର ଲଗାଇ ପାଣି ଖାଲି କରିବା, ଖାଲୁଆ ଅଞ୍ଚଳରେ ଓଡ୍ରାଫ୍ ବାହିନୀ ମୁତୟନ ସହ ପ୍ରଭାବିତ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେଇ ରିଲିଫ ବ୍ୟବସ୍ଥା କରାଯାଇଛି। ଜିଲ୍ଲାପାଳ, କମିଶନର ଓ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରଭାବିତ ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରୁଥିବା ଦେଖିବାକୁ ମିଳିଛି। ସମ୍ବଲପୁର ବ୍ୟତୀତ ପଶ୍ଚିମ ଓଡ଼ିଶାର ଅନ୍ୟତମ ପ୍ରମୁଖ ଜିଲ୍ଲା ବଲାଙ୍ଗିର ବି ପ୍ରଭାବିତ ହୋଇଛି। ସହରର ଶାସ୍ତ୍ରୀନଗର ପଡାରେ ଜଳବନ୍ଦୀ ଅବସ୍ଥାରେ ଦିନ କାଟୁଛନ୍ତି ଲୋକେ। ସେହିଭଳି ନୂଆପଡ଼ା ଜିଲ୍ଲାରୁ ବର୍ଷାର ପ୍ରଭାବ ଓ କ୍ଷୟକ୍ଷତିଜନିତ ଚିତ୍ର ମଧ୍ୟ ମିଳିଛି।

### ଦକ୍ଷତା ବିକାଶ କ୍ଷେତ୍ରରେ ଉତ୍କର୍ଷ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ

# ଯୁବପିଢ଼ିଙ୍କୁ ନୂଆ ମାର୍ଗଦର୍ଶନ ଦେବ: ମନ୍ତ୍ରୀ



ଭୁବନେଶ୍ୱର, ୨୪।୯(ସଂଚାର ବ୍ୟୁରୋ): ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଉପସ୍ଥିତିରେ ଆଜି ଦକ୍ଷତା ବିକାଶ ଓ ବୈଷୟିକ ବିକାଶ ବିଭାଗ ପକ୍ଷରୁ ଦେଶର ତିନୋଟି ପ୍ରମୁଖ ଅନୁଷ୍ଠାନ ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଓଡ଼ିଶା ସରକାରଙ୍କର ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଓ ଗତି ଫାଉଣ୍ଡେସନ, ଜଷ୍ଟ ଜବ୍‌ସ ନେଟ୍‌ୱର୍କ ଏବଂ ଏଫ୍‌ଡିଆଇ ସହିତ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

ଏହି ବୁଝାମଣାପତ୍ର ରାଜ୍ୟରେ ଦକ୍ଷତା ବିକାଶ କ୍ଷେତ୍ରରେ ବିଶ୍ୱସ୍ତରୀୟ ସୁଯୋଗ ବିସ୍ତାର କରିବ। ଓଡ଼ିଶାକୁ ଦକ୍ଷ ପ୍ରତିଭାର କେନ୍ଦ୍ର ଭାବରେ ପରିଗଣିତ କରିବାରେ ଏହା ନିଶ୍ଚିତ ଭାବେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ପ୍ରମାଣ ଆଧାରିତ ଦକ୍ଷତା ବିକାଶ ନୀତିକୁ ସୁଦୃଢ଼ କରିବା ଏବଂ ଶିଳ୍ପ ଅନୁଷ୍ଠାନଗୁଡ଼ିକରେ ବ୍ୟାପକ ନିଯୁକ୍ତି ସୃଷ୍ଟି କରିବା ପାଇଁ ଏହା ରାଜ୍ୟର ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରକାଶ କରିଛନ୍ତି।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆମେ ଦକ୍ଷତା ବିକାଶକୁ ସବୁବେଳେ ପ୍ରାଥମିକତା ଦେଇଆସିଛୁ। ଏକ ବିକଶିତ ଓଡ଼ିଶା ଅଭିମୁଖେ ଯାତ୍ରାର ଏହା ଏକ ଅଂଶବିଶେଷ। ଆମର ଯୁବପିଢ଼ି କେବଳ ଆମ ରାଜ୍ୟ ଏବଂ ଦେଶରେ ନିଯୁକ୍ତି ପାଇଁ ନୁହେଁ ବରଂ ବିଶ୍ୱସ୍ତରରେ ସଫଳ ହେବା ପାଇଁ ଦକ୍ଷ ହେବା ଆବଶ୍ୟକ। ସେ ମଧ୍ୟ କହିଥିଲେ ଯେ, ଏହି ବୁଝାମଣାପତ୍ର ଦକ୍ଷତା ବିକାଶ କ୍ଷେତ୍ରରେ ଆମର ପ୍ରତିବଦ୍ଧତାର ପ୍ରମାଣ। ଏହା ଓଡ଼ିଶାର ଯୁବପିଢ଼ିଙ୍କୁ ଭବିଷ୍ୟତରେ ସଶକ୍ତ କରିବ। ଆମେ କେବଳ ନିଯୁକ୍ତି ସୃଷ୍ଟି କରୁ ନାହୁଁ, ବରଂ ଭବିଷ୍ୟତକୁ ଦୃଷ୍ଟିରେ ରଖି ଆସନ୍ତାକାଲି ପାଇଁ ଏକ ଦୃଢ଼ ଆତ୍ମବିଶ୍ୱାସୀ ମାନବସମ୍ବଳ ସୃଷ୍ଟି କରୁଛୁ। ଗତି ଫାଉଣ୍ଡେସନ ସହିତ ସହଭାଗିତା ଓଡ଼ିଶାର ଯୁବପିଢ଼ିଙ୍କୁ ଅନ୍ତର୍ଜାତୀୟ ବଜାରର ଆବଶ୍ୟକତା ଅନୁଯାୟୀ ପ୍ରସ୍ତୁତ କରିବ। ଏହା ଦ୍ୱାରା ରାଜ୍ୟରେ ଉଚ୍ଚ ଦକ୍ଷତାସମ୍ପନ୍ନ ବିଶ୍ୱସ୍ତରୀୟ ଦକ୍ଷ ବୃତ୍ତିଗତ ମାନବସମ୍ବଳ ସୃଷ୍ଟି ହୋଇପାରିବ। ସେହିପରି ଜଷ୍ଟ ଜବ୍‌ସ ନେଟ୍‌ୱର୍କ ସହିତ ସହଯୋଗରେ ଗବେଷଣା ନେତୃତ୍ୱାଧୀନ ଅନ୍ତର୍ଭୁକ୍ତ ଦକ୍ଷତା ନୀତିକୁ ସୁଦୃଢ଼ କରିବ ଓ ଏଫ୍‌ଡିଆଇ(ହାଇଦ୍ରାବଦ କ୍ୟାମ୍ପସ) ସହିତ ଅଣ-ଚମଡ଼ା ଫୁଟ୍‌ୱେୟର ପ୍ରସ୍ତୁତି କ୍ଷେତ୍ରରେ ଆବଶ୍ୟକ ଦକ୍ଷତାର ବିକାଶ କରିବା ସହ ଉଚ୍ଚ ବିକାଶ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଓ ଭବିଷ୍ୟତର ଉଦ୍ୟୋଗ ପାଇଁ ନୂତନ ମାର୍ଗ ଉନ୍ମୋଚନ ହେବ।

ଏହି କାର୍ଯ୍ୟକ୍ରମରେ ଗତି ଫାଉଣ୍ଡେସନର ସିଇଓ ଅର୍ଣ୍ଣବ ଭଟ୍ଟାଚାର୍ଯ୍ୟ, ଜଷ୍ଟ ଜବ୍‌ସ ନେଟ୍‌ୱାର୍କର ପ୍ରତିଷ୍ଠାତା ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଶ୍ରୀ ସବିନା ଦିୱାନ ଏବଂ ଏଫ୍‌ଡିଆଇ ହାଇଦ୍ରାବାଦ କ୍ୟାମ୍ପସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡଃ ନରସିଂହୁଗାରୀ ଟି. ଏଲ୍. ରେ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏହି କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ସଚିବ ଭୂପେନ୍ଦ୍ର ସିଂହ ପୁନିଆ, ବିଶ୍ୱ ଦକ୍ଷତା ବିକାଶ କେନ୍ଦ୍ରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରଶ୍ମିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଲଜ୍ ଭିତରେ ନାବାଳିକାକୁ ଦୁଷ୍କର୍ମ

● ଅଭିଯୁକ୍ତ କୋର୍ଟଚାଲାଣ

ପୁରୀ ୨୪।୯(ସଂଚାର ବ୍ୟୁରୋ): ପୁଣି ପୁରୀରେ ଲଜ୍ଜା। ଲଜ୍ ଭିତରେ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ। କୁମ୍ଭାରପଡ଼ା ଥାନାରେ ଅଭିଯୋଗ ପରେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ଗିରଫ ଅଭିଯୁକ୍ତ ଜଣକ ହେଉଛି କୁମ୍ଭାରପଡ଼ା ଥାନା ନରେନ୍ଦ୍ର କୋଣ ମଙ୍ଗଳା ସାହିର ଗୁଡ୍ଡୁ ଓରଫ ସୁନିଲ ନାୟକ। ଅଭିଯୁକ୍ତକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସର ସୂଚନା ଅନୁଯାୟୀ ଗତ ୨୨ ତାରିଖ ଦିନ ନାବାଳିକା ଜଣକ ଘରକୁ ଫେରୁଥିବା ସମୟରେ ଅଭିଯୁକ୍ତ ସୁନିଲ ତାଙ୍କୁ ଡାକିଥିଲା। ପରେ ବାଇକ୍‌ରେ ବସେଇ ବୁଲେଇ ନେବାକୁ କହିଥିଲା। ନାବାଳିକା ଜଣକ ତାଙ୍କ ବାଇକ୍‌ରେ ବସିବା ପରେ ଅଭିଯୁକ୍ତ ଜଣକ ନାବାଳିକାକୁ ସିଟି ରୋଡ୍‌ରେ ଥିବା ଏକ ଲଜ୍‌କୁ ନେଇଯାଇଥିଲା। ସେଠାରେ ତାଙ୍କୁ ଦୁଷ୍କର୍ମ କରିବା ପରେ ୨୩ ତାରିଖ ଦିନ ସକାଳେ ଛାଡିଥିଲା। ନାବାଳିକା ଜଣକ ପରିବାର ଲୋକଙ୍କୁ ସମସ୍ତ ଘଟଣା କହିବା ପରେ ଥାନାରେ ଏନେଇ ଅଭିଯୋଗ ହୋଇଥିଲା। ପୋଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ଅଭିଯୁକ୍ତ ସୁନିଲକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଏକ ପଲସର ବାଇକ୍ ଜବତ କରିଛି କୁମ୍ଭାରପଡ଼ା ଥାନା ପୁଲିସ।

## ରାଜଧାନୀ ରାଜରାସ୍ତାରେ ଅପହରଣ ଉଦ୍ୟମ: ଚଳନ୍ତା ଅଟୋରୁ ଡେଇଁ ପଡ଼ିଲେ ଯୁବତୀ

ଭୁବନେଶ୍ୱର,୨୪।୯: ରାଜଧାନୀ ରାଜରାସ୍ତାରେ ଅଭାବନୀୟ ଘଟଣା। ଅପହରଣ କରିବାକୁ ଉଦ୍ୟମ ବେଳେ ଚଳନ୍ତା ଅଟୋରୁ ଡେଇଁ ପଡ଼ିଲେ ଯୁବତୀ। ତାଙ୍କ ମୁଣ୍ଡ ସହ ହାତ ଏବଂ ଗୋଡ଼ରେ ଗଭୀର ଆଘାତ ଲାଗିଛି। ଏନେଇ ନୟାପଲ୍ଲୀ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ, ମଙ୍ଗଳବାର ସନ୍ଧ୍ୟାରେ ଯୁବତୀଜଣଙ୍କ ଆଚାର୍ଯ୍ୟ ବିହାରରୁ ନୟାପଲ୍ଲୀ ଆସିବା ଲାଗି ଅଟୋରେ ଚଢ଼ିଥିଲେ। ଅଟୋରେ ଚାଳକଙ୍କ ବ୍ୟତୀତ ଅନ୍ୟଜଣେ ମହିଳା ଥିଲେ। କିଛି ସମୟ ପରେ ମହିଳାଜଣଙ୍କ ହଠାତ ଯୁବତୀଙ୍କଠାରୁ ମୋବାଇଲ ଛଡ଼ାଇବାକୁ ଚେଷ୍ଟା କରିଥିଲେ। ସେ ପାଟି କରିବା ଦେଖି ମୁହଁକୁ କପଡ଼ାରେ ବାନ୍ଧି ବେହୋସ କରିବାକୁ ଚେଷ୍ଟା କରିଥିଲେ। ଗାଡ଼ିର ବେଗ ବଢ଼ିବା ଜାଣିପାରି ଅଟୋରୁ ଯୁବତୀ ଡେଇଁ ପଡ଼ିଥିଲେ। ଫଳରେ ସେ ଗୁରୁତର ହୋଇଛନ୍ତି। ଏବେ ଏକ ଘରୋଇ ମେଡିକାଲରେ ତାଙ୍କ ଚିକିତ୍ସା ଚାଲିଛି। ପରିବାରଲୋକେ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଦୋଷୀଙ୍କୁ ଉଚିତ ଦଣ୍ଡ ଦେବାକୁ ଦାବି କରିଛନ୍ତି। ଗୋଟିଏ ପଟେ ପାର୍ବଣ ଲାଗି ରାଜଧାନୀ ଚଳଚଞ୍ଚଳ ଥିବା ବେଳେ ଯୁବତୀଙ୍କୁ ଅପହରଣ ଉଦ୍ୟମ ଘଟଣା ପ୍ରଶ୍ନବାଚୀ ସୃଷ୍ଟି କରିଛି। କହିବାକୁ ଗଲେ ଅପରାଧୀମାନେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି।

## ଦାରିଙ୍ଗିବାଡ଼ି ବ୍ଲକ ସାଡ଼ାଙ୍ଗ ଡ୍ୟୁ ଘାଟିରେ ଭୂସ୍ଖଳନ

● ଜରୁରୀକାଳୀନ ସେବାରେ ସମସ୍ୟା



କନ୍ଧମାଳ,୨୪।୯(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଦାରିଙ୍ଗିବାଡ଼ି ବ୍ଲକ ସାଡ଼ାଙ୍ଗ ଡ୍ୟୁ ଘାଟିରେ ଭୂସ୍ଖଳନ। ଘାଟିରୁ ଖସିଲା ବିରାଟ ପଥର ଓ ମାଟି ଅତଡ଼ା। ଦାରିଙ୍ଗିବାଡ଼ି ବ୍ଲକ ସୋନପୁର ପଞ୍ଚାୟତ ର ଗାହାକିଆରୁ ଗସାପାଙ୍ଗା ରାସ୍ତାରେ ଭୂସ୍ଖଳନ ଘଟିଛି । ମୁଖ୍ୟ ରାସ୍ତାରେ ବଡ଼ ବଡ଼ ପଥର ପଡ଼ି ଗାହାକିଆରୁ ଗସାପାଙ୍ଗା ରାସ୍ତା ଅବରୋଧ ହୋଇଛି । ଘାଟିରୁ ବଡ଼ ପଥର ଖସି ମୁଖ୍ୟ ରାସ୍ତା ଉପରେ ପଡ଼ିବା ପରେ ସୋନପୁର ପଞ୍ଚାୟତର ସିନ୍ଦିପାଙ୍ଗା, ବନ୍ଦାପାଙ୍ଗା ଓ ଗସାପାଙ୍ଗା ଗାଁକୁ ଯାତାୟାତରେ ବାଧା ଉପୁଜିଛି । ବର୍ତ୍ତମାନ ଯାଏଁ ଏହି ରାସ୍ତାରୁ ପଥର ହଟା ଯାଇନଥିବା ବେଳେ ଜରୁରୀକାଳୀନ ସେବାରେ ଆମ୍ବୁଲାନ୍ସ ଓ ଗାଡି ମୋଟର ଚଳାଚଳରେ ସମସ୍ୟା ଦେଖାଦେଇଛି ।

## ଲକ୍ଷ୍ମୀପୂଜା ପାଇଁ ୩୮ଟି ପୂଜା ମଣ୍ଡପକୁ ୫୦ ହଜାର ଟଙ୍କା ଲେଖାଏ ସହାୟତା



ଢେଙ୍କାନାଳ, ୨୪।୯ (ସଂଚାର ବ୍ୟୁରୋ) : ଓଡ଼ିଶା ସରକାର ଢେଙ୍କାନାଳର ଗଜଲକ୍ଷ୍ମୀ ପୂଜା ପାଇଁ ୩୮ଟି ପୂଜା ମଣ୍ଡପକୁ ପ୍ରତ୍ୟେକ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମୋଟ ୧୯ ଲକ୍ଷ ଟଙ୍କା ଏହି ମଣ୍ଡପଗୁଡ଼ିକୁ ପ୍ରଦାନ କରାଯିବ। ୧୯୨୩ରୁ ଆରମ୍ଭ ହୋଇଥିବା ଢେଙ୍କାନାଳର ଏହି ୧୧ ଦିନିଆ ଗଜଲକ୍ଷ୍ମୀ ପୂଜା ଐତିହ୍ୟ ଚଳଚଞ୍ଚଳ ଆଲୋକମାଳାରେ ସଜ୍ଜିତ ଚକ ଓ ବଜାରରେ ପାଳନ କରାଯାଏ। ୧୯୪୩ରେ ନଟବର ଦେବତାଙ୍କ ନେତୃତ୍ୱରେ ମୀନା ବଜାରରେ ଏହା ପୁନଃ ଆରମ୍ଭ ହୋଇଥିଲା, ଯାହା ବର୍ତ୍ତମାନ ମୌଦମଣି ପୂଜା ପ୍ରତିଷ୍ଠାନ ନାମରେ ପରିଚିତ। ଏହା ସହିତ, ସରକାର ୧୦୦ ବର୍ଷରୁ ଅଧିକ ପୁରୁଣା ଦୁର୍ଗା ପୂଜା ମଣ୍ଡପକୁ ୧ ଲକ୍ଷ, ୭୫ ବର୍ଷ ପୁରୁଣା ମଣ୍ଡପକୁ ୭୫ ହଜାର ଓ ୫୦ ବର୍ଷରୁ ଅଧିକ ପୁରୁଣା ମଣ୍ଡପକୁ ୫୦ ହଜାର ଟଙ୍କା ସହାୟତା ପ୍ରଦାନ କରିବା ପାଇଁ ବିଚାର କରୁଛନ୍ତି।

## ରେଳ ପ୍ରକଳ୍ପଗୁଡିକୁ ତ୍ୱରାନ୍ୱିତ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୨୪।୯(ସଂଚାର ବ୍ୟୁରୋ): ରାଜ୍ୟରେ ରେଳ ଭିତ୍ତିଭୂମି ବିକାଶ ନିମନ୍ତେ ଚାଲିଥିବା ବିଭିନ୍ନ ପ୍ରକଳ୍ପଗୁଡ଼ିକର ସମୀକ୍ଷା ବୈଠକ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ, ପୂର୍ବତଟ ରେଳପଥର ଜେନେରାଲ ମ୍ୟାନେଜର ପି. ଫୁନକୁଲ, କମିଶନର ରେଳ ସଂଯୋଜନା ତଥା ଯୁଗ୍ମ ସଚିବ କୌସ୍ତୁଭ ଦୀପ୍ତ ପାଣିଙ୍କ ସମେତ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଅନ୍ୟାନ୍ୟ ପଦାଧିକାରୀମାନେ ଉକ୍ତ ବୈଠକରେ ଉପସ୍ଥିତ ଥିଲେ।

ରେଳ ଭିତ୍ତିଭୂମି ବିକାଶ ନିମନ୍ତେ ନିରନ୍ତର ଭାବେ ଜମି ଅଧିଗ୍ରହଣ ସହ ଅନ୍ୟ ଆବଶ୍ୟକୀୟ ମଞ୍ଜୁରୀ ପ୍ରଦାନ, ପୁଞ୍ଜି ବିନିଯୋଗ ଦିଗରେ ଓଡ଼ିଶା ଅଗ୍ରଣୀ ଭୂମିକା ଗ୍ରହଣ କରିଆସୁଛି। ୪୯୨.୧୨ କୋଟି ଟଙ୍କା ବିନିଯୋଗରେ ନିର୍ମାଣ ହେବାକୁ ଥିବା ୩୨ କିଲୋମିଟର ବ୍ୟାପୀ ପୁରୀ -କୋଣାର୍କ ରେଳପଥ ଦ୍ୱାରା ଆଧ୍ୟାତ୍ମିକ ଏବଂ ପର୍ଯ୍ୟଟନ କ୍ଷେତ୍ର ବିକଶିତ ହେବ, ଏହା ସହିତ ଗୋଟିଏ ଷ୍ଟେସନ-ଗୋଟିଏ ଉତ୍ପାଦ ଅଧୀନରେ ସ୍ଥାନୀୟ ଉତ୍ପାଦକୁ ପ୍ରୋତ୍ସାହନ ମିଳିବ।

ମୟୂରଭଞ୍ଜ ଜିଲ୍ଲାର ୩ଟି ପ୍ରକଳ୍ପ ଯଥା ବାଙ୍ଗିରୀପୋଷି- ଗୋରୁମହିସାଣୀ, ବାଦାମପାହାଡ଼-କେନ୍ଦୁଝରଘର ଏବଂ ବୁଢ଼ାମାରା-ଚାକୁଲିଆ ଉତ୍ତର ଓଡ଼ିଶାକୁ ଦକ୍ଷିଣାଞ୍ଚଳ ସହ ଯୋଡ଼ିବ। ଏହା ଦ୍ୱାରା ବେତନଟୀ ଠାରୁ ରାଜଗାଙ୍ଗପୁରକୁ ସିଧାସଳଖ ଯୋଗାଯୋଗ ସ୍ଥାପନା ହୋଇପାରିବ। ଅନୁରୂପ ଭାବେ ଜଳେଶ୍ୱର-ଚନ୍ଦନେଶ୍ୱର ନେଇ ମଧ୍ୟ ଯୋଜନା କରାଯାଇଛି, ଯାହା ଦ୍ୱାରା ସମୁଦ୍ର ତଟବର୍ତ୍ତୀ ପର୍ଯ୍ୟଟନରେ ଅଭିବୃଦ୍ଧି ହେବ। ସେହିଭଳି କେବିକେ ଅଞ୍ଚଳରେ ଗୁଣୁପୁର-ଥେରୁବାଲି, ଜୁନାଗଡ଼-ନବରଙ୍ଗପୁର ଏବଂ ମାଲକାନଗିରି-ପାଣ୍ଡୁରାଗପୁରମ୍ ଦ୍ୱାରା ରାୟପୁର ଠାରୁ ବିଜୟୱାଡାକୁ ସିଧାସଳଖ ସମ୍ପର୍କ ସ୍ଥାପନ ହୋଇପାରିବ। ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ମଧ୍ୟରେ ଖୋର୍ଦ୍ଧା-ବଲାଙ୍ଗୀର ନୂତନ ଲାଇନ ଅଭ୍ୟନ୍ତରୀଣ ଅଞ୍ଚଳକୁ ଯୋଗାଯୋଗ ସ୍ଥାପନରେ ସହାୟକ ହେବ ଏବଂ ବରଗଡ଼-ନୂଆପଡ଼ା ରୋଡ ନୂତନ ଲାଇନ ଚାଉଳ ଉତ୍ପାଦନକାରୀ ପଶ୍ଚିମ ଓଡ଼ିଶା ଏବଂ ଦକ୍ଷିଣ ଓଡ଼ିଶାର ଅଞ୍ଚଳ ଗୁଡ଼ିକୁ ବଜାର ସହ ସହଜରେ ଯୋଡ଼ି ହେବେ ଏହା ସହିତ କୋଲଇ ରପ୍ତାନୀ ଖର୍ଚ୍ଚ ହ୍ରାସ ହେବା ସହ ଅନୁଗୁଳ-ତାଳଚେର ଏବଂ ରାୟପୁରରେ ପ୍ରଦୂଷଣ ହ୍ରାସ କରିବ।

### ସରିଲା ଲୁଚକାଳି ଖେଳ

## ପୁରୀରୁ ଥାର୍ ମାଲିକଙ୍କୁ ବାନ୍ଧିଲା ଖଣ୍ଡଗିରି ପୁଲିସ



ଭୁବନେଶ୍ୱର ୨୪।୯(ସଂଚାର ବ୍ୟୁରୋ): ସରିଲା ଲୁଚକାଳି ଖେଳ। ଧରାପଡିଲେ ଥାର୍ ମାଲିକ। ଥାର୍ ମାଲିକ ସୋମନାଥ ବେହେରାଙ୍କୁ ପୁରୀରୁ ଗିରଫ କରିଛି ଖଣ୍ଡଗିରି ପୋଲିସ। ଏ ନେଇ ସୂଚନା ଦେଇଛନ୍ତି ପୋଲିସ କମିଶନର। ଥାର ଦୁର୍ଘଟଣା ମାମଲାରେ ପୂର୍ବରୁ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ପୋଲିସ୍।

ସୂଚନା ଥାଉକି, ଗତ ରାକ୍ଷୀ ପୂର୍ଣ୍ଣମୀ ଦିନ ଥାର୍ ଧକ୍କାରେ ଜଣେ ୮ ବର୍ଷର ଝିଅର ମୃତ୍ୟୁ ହୋଇଥିଲା। ୨ ଜଣ ଗୁରୁତର ହୋଇ ଏମ୍ସରେ ଚିକିତ୍ସିତ ହେଉଥିଲେ। ମାତ୍ର ପରେ ଚିକିତ୍ସିତ ଅବସ୍ଥାରେ ମା'ର ଜୀବନ ଚାଲିଯାଇଥିଲା। ଏହି ଘଟଣାକୁ ନେଇ ଉତ୍ତେଜନା ବି ବଢ଼ିଥିବା ବେଳେ ମୃତକଙ୍କ ପରିବାର ଲୋକ ଟାୟାର ଜାଳି ରାସ୍ତା ରୋକ କରିବା ସହ ପ୍ରତିବାଦ କରିଥିଲେ। ପୋଲିସ ପ୍ରଶାସନର ବୁଝାସୁଝା ପରେ ରାସ୍ତାରୋକ ହଟିଥିଲା।

ଭୁବନେଶ୍ୱର ହିଟ୍ ଆଣ୍ଡ ରନ୍ କେସରେ ଥାର ମାଲିକ କିଏ ଜଣାପଡିଥିଲେ ମଧ୍ୟ ତାଙ୍କୁ ଧରିବାରେ ଫେଲ୍ ମାରିଥିଲା ପୋଲିସ। ଏମିତିକି ଥାର ଚାଳକଙ୍କ ଲାଇସେନ୍ସ ରଦ୍ଦ କରାଯିବା ନେଇ ଚର୍ଚ୍ଚା ହୋଇଥିଲା। ଥାର୍ ଗାଡ଼ିଟି ଜଟଣୀ ଅଞ୍ଚଳର ହୋଇଥିବା ସୂଚନାରୁ ଜଣାପଡ଼ିଥିଲା।

## ଆଜି ପୁଣି ଏକ ଲଘୁଚାପ

■ ୨୬ ବେଳକୁ ଅବପାତରେ ପରିଣତ ହେବ

■ ଆଉ ୪ ଦିନ ଯାଏ ପ୍ରବଳ ବର୍ଷିବ

ଭୁବନେଶ୍ୱର ୨୪।୯(ସଂଚାର ବ୍ୟୁରୋ): ରାଜ୍ୟରେ ଦୁଇ ଦୁଇଟି ଲଘୁଚାପ ପ୍ରଭାବରେ ଆହୁରି ୪ ଦିନ ଯାଏ ପ୍ରବଳ ବର୍ଷା ହେବ। ଉତ୍ତରପଶ୍ଚିମ ବଙ୍ଗୋପସାଗରରେ ସକ୍ରିୟ ଥିବା ଲଘୁଚାପ ବର୍ତ୍ତମାନ ଉତ୍ତରର ଓଡ଼ିଶା ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ରହିଛି। ଏହା ଆଗାମୀ ୧୨ ଘଣ୍ଟାରେ ଦୁର୍ବଳ ହେବାର ସମ୍ଭାବନା ରହିଛି। ଏଥିସହ ଆଉ ଏକ ଘୂର୍ଣ୍ଣିବଳୟ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଛି। ଏହା ଧୀରେ



ଧୀରେ ପଶ୍ଚିମ ଆଡକୁ ଗତି କରିବ। ଏହା ପ୍ରଭାବରେ ଗୁରୁବାର ଉତ୍ତର ଓ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆଉ ଏକ ନୂତନ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ପରେ ଏହା ପଶ୍ଚିମ ଦିଗକୁ ଗତି କରିବା ସହ ସେପ୍ଟେମ୍ବର ୨୬ ତାରିଖରେ ଉତ୍ତର-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗରରେ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ଏହା ସେପ୍ଟେମ୍ବର ୨୭ ତାରିଖ ପାଖାପାଖି ଦକ୍ଷିଣ ଓଡ଼ିଶା ଉତ୍ତର ଆନ୍ଧ୍ର ପ୍ରଦେଶ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି। ଉଭୟ ଲଘୁଚାପ ପ୍ରଭାବରେ ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ। ବିଶେଷ କରି ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷିବ। ପ୍ରଭାବରେ ଆସନ୍ତା ୨୪ ଘଣ୍ଟାରେ ସାରା ଓଡ଼ିଶାରେ ବିଜୁଳି ଘଡ଼ଘଡ଼ି ବର୍ଷାକୁ ନେଇ ୟେଲୋ ୱାର୍ଣ୍ଣିଂ ଦେଇଛି ପାଣିପାଗ ବିଭାଗ। ମାଲକାନଗିରିରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ସହ ରାୟଗଡ଼ା, କୋରାପୁଟ, ନବରଙ୍ଗପୁର ଗଜପତି ଜିଲ୍ଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଗୁରୁବାର ସାରା ଓଡ଼ିଶାରେ ବିଜୁଳି ଘଡଘଡି ବର୍ଷାକୁ ନେଇ ୟେଲୋ ଓ୍ୱାର୍ଣ୍ଣିଂ ଦେଇଛି ବିଭାଗ। ନବରଙ୍ଗପୁର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ସହ ରାୟଗଡା, ଗଜପତି, କୋରାପୁଟ ଓ ମାଲକାନଗିରି ଏହି ୪ ଜିଲ୍ଲାରେ ପ୍ରବଳ ବର୍ଷା ପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଏହାସହ ମେଘୁଆ ପାଗ ସହ ସମୁଦ୍ର ଉପକୂଳରେ ୩୫ ରୁ ୬୦ କି.ମି. ପବନ ବହିବାର ସମ୍ଭାବନା ଥିବାରୁ ସମୁଦ୍ର ଅଶାନ୍ତ ରହିବ। ତେଣୁ ବୁଧବାର ଠାରୁ ମତ୍ସ୍ୟଜୀବୀଙ୍କୁ ୨୮ ସେପ୍ଟେମ୍ବର ଯାଏ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରିଛି ବିଭାଗ। ସେପଟେ ଗତ ୨୪ ଘଣ୍ଟାରେ ଅନେକ ସ୍ଥାନରେ ହାଲକାରୁ ମଧ୍ୟମ ଧରଣର ବର୍ଷା ହୋଇଥିବା ବେଳେ କିଛି ସ୍ଥାନରେ ଭୀଷଣ ବର୍ଷା, ୮ଟି ସ୍ଥାନରେ ଅତି ପ୍ରବଳ ବର୍ଷା ଓ ୨୪ଟି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ ହୋଇଛି। ସର୍ବାଧିକ ବର୍ଷା ସମ୍ବଲପୁର ବୁର୍ଲାରେ ୨୨୬ ମି.ମି. ବର୍ଷା ରେକର୍ଡ କରାଯାଇଛି।

## ପୁଣି ହୀରାକୁଦ ଖୋଲିଲା ୪ ଗେଟ୍



ସମ୍ବଲପୁର, ୨୪।୯(ସଂଚାର ବ୍ୟୁରୋ) : ପ୍ରବଳ ବର୍ଷାରେ ଉବୁଟୁବୁ ସମ୍ବଲପୁର। ଘରେ ପାଣି, ବାହାରେ ପାଣି। ଲହଡ଼ି ମାଡୁଛି ଆଣ୍ଠୁଏ ଉଚ୍ଚର ପାଣି। ଆସବାବପତ୍ର ସବୁ ପାଣିରେ ଭାସୁଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ସହରର ହାଉସିଂ ବୋର୍ଡ କଲୋନୀ, ଏସଆରଆଇଟି କଲୋନୀ, ଜଗନ୍ନାଥ କଲୋନୀ, ବରେଇପାଲି, ଟାଙ୍ଗରପାଲି, ସାକ୍ଷୀପଡା, ଷ୍ଟେସନ ପଡା ଓ କୁଲୁଥକାନି ଅଞ୍ଚଳରେ ପାଣି ଜମିଛି । ଡ୍ରେନେଜ ବ୍ୟବସ୍ଥା ଠିକ ନଥିବାରୁ ଗୋଟିଏ ଦିନର ବର୍ଷାରେ ବେହାଲ ହୋଇପଡିଛି ସହର। ସେପଟେ ପୁଣି ହୀରାକୁଦ ଜଳଭଣ୍ଡାର ଖୋଲିଲା ଆଉ ୪ଟି ଗେଟ୍। ବର୍ତ୍ତମାନ ୮ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ପର୍ଯ୍ୟାୟକ୍ରମେ ଗେଟ ଖୋଲାଯାଉଛି। ବାମ ପାର୍ଶ୍ୱରୁ ୫ଟି ଓ ଡାହାଣ ପାର୍ଶ୍ୱରୁ ୩ଟି ଗେଟ୍ ଖୋଲାଯାଇଛି। ଏବେ ଜଳଭଣ୍ଡାରର ଜଳସ୍ତର ରହିଛି ୬୨୯.୯୭ ଫୁଟ। ଜଳଭଣ୍ଡାରକୁ ପ୍ରବେଶ କରୁଛି ୨ ଲକ୍ଷ ୫ ହଜାର ୪୨୪ କ୍ୟୁସେକ ଜଳ। ନିଷ୍କାସିତ ହେଉଛି ୧ ଲକ୍ଷ ୬୭ ହଜାର ୩୦୭ କ୍ୟୁସେକ ଜଳ। ଏପଟେ ଗେଟ ଖୋଲାଯାଇଥିବାରୁ ତଳମୁଣ୍ଡକୁ ସତର୍କ ସୂଚନା ଜାରି କରିଛନ୍ତି ହୀରାକୁଦ ଜଳଭଣ୍ଡାର କର୍ତ୍ତୃପକ୍ଷ। ସେପଟେ, ୨୫ ତାରିଖରେ ବଙ୍ଗୋପସାଗର ଉପରେ ଆଉ ଏକ ଲଘୁଚାପ ସୃଷ୍ଟି ସମ୍ଭାବନା। ୨୭ରେ ଅବପାତରେ ପରିଣତ ହୋଇ ଦକ୍ଷିଣ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ଅତିକ୍ରମ କରିପାରେ। ପ୍ରଭାବରେ ଓଡ଼ିଶାର ବିଭିନ୍ନ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ଆଶଙ୍କା ରହିଛି। ଫଳରେ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି।

### ୨୭ରେ ମୋଦି ଆସୁଛନ୍ତି ଝାରସୁଗୁଡ଼ାର ଅମଲିପାଲି

# ୮ଟି ରାଜ୍ୟରେ ହେବ ୪-ଜି ଟାୱାରର ଶୁଭାରମ୍ଭ

■ ୨. ୨୦ କୋଟି ଉପଭୋକ୍ତାଙ୍କୁ ମିଳିବ ହାଇସ୍ପିଡ୍ ଇଣ୍ଟରନେଟ୍

ଭୁବନେଶ୍ୱର,୨୪।୯(ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୭ ତାରିଖ ଦିନ ଓଡ଼ିଶା ସମେତ ୮ଟି ରାଜ୍ୟରେ ଦେଶବ୍ୟାପୀ ସ୍ୱଦେଶୀ ୪-ଜି ଷ୍ଟାକ୍ ଏବଂ ଡିଜିଟାଲ ଭାରତ ନିଧି (ଡିବିଏନ)ର ପାଣ୍ଠି ଯୋଗାଣରେ ନିର୍ମିତ ୪-ଜି ଟାୱାରଗୁଡ଼ିକର ଶୁଭାରମ୍ଭ କରିବେ। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ ହେବାକୁ ଥିବା ସାରା ଦେଶର ୯୨,୬୩୩ଟି ୪-ଜି ସାଇଟ୍ ୨ କୋଟି ୨୦ ଲକ୍ଷରୁ ଅଧିକ ଉପଭୋକ୍ତାଙ୍କୁ ହାଇସ୍ପିଡ୍ ଇଣ୍ଟରନେଟ୍ ସୁବିଧା ଯୋଗାଇ ଦେବ। ଏମାନଙ୍କ ମଧ୍ୟରୁ ୨୦ ଲକ୍ଷ ଉପଭୋକ୍ତା ପ୍ରଥମ ଥର ପାଇଁ ଡିଜିଟାଲ ସୁବିଧା ପାଇବାକୁ ଯାଉଛନ୍ତି। ଡିଜିଟାଲ ଭାରତ ନିଧି ୪-ଜି ମୋବାଇଲ୍ ପ୍ରକଳ୍ପରେ ବିଏସଏନଏଲ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ୧୪,୧୮୦ଟି ଡିବିଏନ ପାଣ୍ଠି ବିଶିଷ୍ଟ ୪-ଜି ସାଇଟ୍ ରହିଛି। ସେହିପରି ଘରୋଇ ଦୂରସଞ୍ଚାର ସେବା ପ୍ରଦାନକାରୀ ସଂସ୍ଥା ମାଧ୍ୟମରେ ୪୭୨୩ଟି ସାଇଟ୍ ଏଥିରେ ଅନ୍ତର୍ଭୁକ୍ତ ଯାହା ଭାରତର ୨୬.୭୦୭ଟି ଦୂରବର୍ତ୍ତୀ ଗ୍ରାମରେ ୨୦ ଲକ୍ଷ ପରିବାରକୁ ମୋବାଇଲ୍ ଏବଂ ଇଣ୍ଟରନେଟ୍ ସେବା ପ୍ରଦାନ କରିବ। ଉଲ୍ଲେଖଯୋଗ୍ୟ, ୧୮, ୯୦୩ଟି ୪-ଜି ସାଇଟ୍ ହେଉଛି ସୌର ଶକ୍ତି ଦ୍ୱାରା ପରିଚାଳିତ ହେବ ଯାହାକି ଭାରତରେ ସର୍ବାଧିକ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଝାରସୁଗୁଡ଼ାର ଅମଲିପାଲି ସ୍ଥିତ ସଭା ସ୍ଥଳଠାରେ ଉପସ୍ଥିତ ରହି ଏସବୁ ପ୍ରକଳ୍ପର ଶୁଭାରମ୍ଭ କରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ରହିବେ। ଏହାବ୍ୟତୀତ ଆନ୍ଧ୍ରପ୍ରଦେଶର ବିଜୟୱାଡ଼ା, ଉତ୍ତରପ୍ରଦେଶର ଲକ୍ଷ୍ନୌ, ମହାରାଷ୍ଟ୍ରର ପୁଣେ, ରାଜସ୍ଥାନର ଜୟପୁର, ଆସାମର ଗୌହାଟୀ, ଗୁଜରାଟର ଗାନ୍ଧୀନଗର, ବିହାରର ପାଟନାଠାରେ ସମାନ୍ତରାଳ ଭାବେ ୪-ଜି ସାଇଟ୍ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏସବୁ କାର୍ଯ୍ୟକ୍ରମରେ ସମ୍ପୃକ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ, କେନ୍ଦ୍ର ମନ୍ତ୍ରୀ ଏବଂ ଅନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ରହିବେ।




ସୂଚନାଯୋଗ୍ୟ, ଭାରତ, ଦୀର୍ଘଦିନ ଧରି ସେବା ପ୍ରଦାନ ବା ସର୍ଭିସେସ୍ କ୍ଷେତ୍ରରେ ଏକ ପ୍ରମୁଖ ବିଶ୍ୱମହାଶକ୍ତି ରୂପେ ପରିଚିତ ହୋଇ ଆସିଛି। ଦେଶ ଏବେ ଉତ୍ପାଦ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବା ସହିତ ସଫ୍ଟୱେର୍ ଏବଂ ଆଇଟି ସେବାରେ ଏହାର ବର୍ଦ୍ଧିତ କ୍ଷମତା ପ୍ରଦର୍ଶନ କରୁଛି। ଭାରତ ପୂର୍ବରୁ ଅଟୋମୋବାଇଲ୍, କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ଭଳି କ୍ଷେତ୍ରରେ ଅଗ୍ରଗତି କରିସାରିଛି। ଦେଶ ଏବେ ଦୂରସଞ୍ଚାର ହାର୍ଡୱେର୍ ବିକାଶ ଏବଂ ବିନିଯୋଗ ସହିତ ନିଜର ସମ୍ପୂର୍ଣ୍ଣ ସ୍ୱଦେଶୀ ୪-ଜି ଷ୍ଟାକ୍ ସହିତ ଆଗକୁ ବଢ଼ୁଛି। ଏହା କେବଳ ବିଏସଏନଏଲ ପାଇଁ ଏକ ପ୍ରକଳ୍ପ ନୁହେଁ, ବରଂ ଏହା ଏକ ଅନ୍ତର୍ଜାତୀୟ ପ୍ରଯୁକ୍ତିବିଦ୍ୟା ସଫଳତା। ଏହା ଭାରତକୁ ବିଶ୍ୱର ମାତ୍ର ପାଞ୍ଚଟି ଦେଶର ଏକ ସ୍ୱତନ୍ତ୍ର କ୍ଲବରେ ସ୍ଥାନିତ କରେ ଯେଉଁ ରାଷ୍ଟ୍ରଗୁଡ଼ିକ ଏକ ସମ୍ପୂର୍ଣ୍ଣ ମୋବାଇଲ୍-ନେଟ୍‌ୱର୍କ ଷ୍ଟାକ୍ ନିର୍ମାଣ ଏବଂ ବିନିଯୋଗ କରିବାରେ ସକ୍ଷମ। ବିଏସଏନଏଲ ଏହାର ୨୫ତମ ପ୍ରତିଷ୍ଠା ବର୍ଷ ପାଳନ କରୁଥିବା ସମୟରେ ଏହି ସଫଳତା ଅତ୍ୟନ୍ତ ଗୁରୁତ୍ୱ ବହନ କରେ। ବହୁ ଦଶନ୍ଧି ଧରି, ବିଏସଏନଏଲ କ୍ଷତି, ପୁରୁଣା ଭିତ୍ତିଭୂମି ଦ୍ୱାରା ଭାରାକ୍ରାନ୍ତ ଆହ୍ୱାନକୁ ନେଇ ସଂଘର୍ଷ କରୁଥିଲା। ଆଜି ଏହାର ସ୍ଥିତରେ ଆସିଥିବା ପରିବର୍ତ୍ତନ ଆତ୍ମନିର୍ଭର ଭାରତର ପ୍ରମାଣ ଦେଉଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଦିନକରେ ସୁନା ୨୬୭୦ ବଢ଼ିଲା

## ରୁପା କେଜି ଦେଢ଼ ଲକ୍ଷ



ଭୁବନେଶ୍ୱର, ୨୪।୯ଃ ପାର୍ବଣ ଋତୁ ପାଖେଇ ଆସୁଥିବା ବେଳେ ରାଜ୍ୟରେ ଉଭୟ ସୁନା ଓ ରୁପା ଦର ହୁ ହୁ ହୋଇ ବଢ଼ିବାରେ ଲାଗିଛି। ମଙ୍ଗଳବାର ଗୋଟିଏ ଦିନରେ ୨୪ କ୍ୟାରେଟ୍ ସୁନା ଦାମ୍ ୨୬୨୦ ଟଙ୍କା ବୃଦ୍ଧି ପାଇ ୧,୧୫,୬୯୦ ଟଙ୍କାରେ ପହଞ୍ଚିଛି। ୨୨ କ୍ୟାରେଟ୍ ସୁନାର ୧୦ ଗ୍ରାମ ପିଛା ଦାମ୍ ୨୪୦୦ ଟଙ୍କା ବଢ଼ି ୧,୦୬,୦୫୦ ଟଙ୍କା ହୋଇଛି। ଗତ ପାଞ୍ଚ ଦିନ ମଧ୍ୟରେ ଭୁବନେଶ୍ୱରରେ ୨୨ କ୍ୟାରେଟ୍ ସୁନା ଦାମ୍ ୪୧୫୦ ଟଙ୍କା ବଢ଼ିଛି। ଏହା ଲଗାତାର ଭାବେ ଏକ ଲକ୍ଷ ଟଙ୍କା ଉପରେ ରହିଛି। ସେହିପରି, ୨୪ କ୍ୟାରେଟ୍ ସୁନା ଦାମ୍ ୪୩୭୦ ଟଙ୍କା ବଢ଼ିଥିବା ବଜାର ତଥ୍ୟରୁ ଜଣାପଡ଼ିଛି।

ଭାରତ ଉପରେ ଆମେରିକା ଲଗାଇଥିବା ଶୁଳ୍କ ଏବଂ ନିକଟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଚ୍-୧ବି ଭିସା ଫି'କୁ ୧,୦୦,୦୦୦ ଡଲାରକୁ ବଢ଼ାଇଥିବାରୁ ସୁନା ମହଙ୍ଗା ହେଉଥିବା ବିଶେଷଜ୍ଞମାନେ କହିଛନ୍ତି। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ରୁପା କେଜି ପ୍ରଥମ ଥର ପାଇଁ ଦେଢ଼ ଲକ୍ଷ ଟଙ୍କା ସ୍ତର ସ୍ପର୍ଶ କରିଛି। ମଙ୍ଗଳବାର ରୁପାର କିଲୋପିଛା ଦାମ୍ ୨୦୦୦ ଟଙ୍କା ବୃଦ୍ଧି ପାଇ ୧,୫୦,୦୦୦ ଟଙ୍କା ହୋଇଛି। ଗତ ପାଞ୍ଚ ଦିନରେ ରୁପା ଦାମ୍ ୯୦୦୦ ଟଙ୍କା ବଢ଼ିଛି। ଦିଲ୍ଲୀରେ ୨୪ କ୍ୟାରେଟ୍ ସୁନା ଦାମ୍ ୨୧୫୯ ଟଙ୍କା ବୃଦ୍ଧି ପାଇ ୧,୧୪,୩୧୪ ଟଙ୍କା ହୋଇଛି ବୋଲି ଇଣ୍ଡିଆନ୍ ବୁଲିଅନ୍ ଆଣ୍ଡ୍ ଜୁଏଲର୍ସ ଆସୋସିଏସନ୍ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି, ରୁପା କେଜି ୨୩୯୮ ଟଙ୍କା ବୃଦ୍ଧି ପାଇ ୧,୩୫,୨୬୭ ଟଙ୍କା ହୋଇଛି। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ସୁନା ଦାମ୍ ୩୮,୧୫୨ ଟଙ୍କା ଓ ରୁପା ମୂଲ୍ୟ ୪୯,୨୫୦ ଟଙ୍କା ବଢ଼ିସାରିଲାଣି। ୨୦୨୪ ଡିସେମ୍ବର ୩୧ରେ ୨୪ କ୍ୟାରେଟ୍ ସୁନାର ୧୦ ଗ୍ରାମ ପିଛା ଦାମ୍ ୭୬,୧୬୨ ଟଙ୍କା ଓ ରୁପା କେଜି ୮୬,୦୧୭ ଟଙ୍କା ଥିଲା।ପାର୍ବଣ ସମୟରେ ସୁନା ଓ ରୁପା ଦରରେ ଏଭଳି ବୃଦ୍ଧି ଉଭୟ ବ୍ୟବସାୟୀ ଓ ଗ୍ରାହକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ବିଶେଷ କରିବ ବିବାହ କାର୍ଯ୍ୟ ଲାଗି ସୁନା ଅଳଙ୍କାର କିଣିବାକୁ ଚାହୁଁଥିବା ଗ୍ରାହକମାନଙ୍କ ପାଇଁ ଏହା ଏକ କଠିନ ସମୟ ସାବ୍ୟସ୍ତ ହୋଇଛି।

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୧୫,୩୭୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୦୫,୭୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୧୫,୩୭୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୦୫,୭୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୧୫,୩୭୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୦୫,୭୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୧୫,୫୨୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୦୫,୯୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୧୫,୬୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୦୬,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧, ୧୫,୩୭୦ ଓ ୧,୦୫,୭୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୪୦,୦୦୦ ଟଙ୍କା ହୋଇଛି।

## ଏଚ୍-୧ବି ଭିସା ବୃଦ୍ଧି ପ୍ରଭାବ: ଅତି ଦୁର୍ବଳ ସ୍ତରରେ ଟଙ୍କା



ମୁମ୍ବାଇ, ୨୪।୯ଃ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଚ୍-୧ବି ଭିସା ଫି'କୁ ୧,୦୦,୦୦୦ ଡଲାରକୁ ବଢ଼ାଇବା ଏବଂ ପୁଞ୍ଜି ବଜାରରୁ ନିବେଶକମାନେ ପାଣ୍ଠି ପ୍ରତ୍ୟାହାର କରୁଥିବାରୁ ଭାରତୀୟ ଟଙ୍କା ଉପରେ ଚାପ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ ଏହାର ସର୍ବନିମ୍ନ ସ୍ତରକୁ ଖସିଆସିଛି। ଏକ ଡଲାର ଦାମ୍ ୮୮ ଟଙ୍କା ୭୫ ପଇସା ହୋଇଯାଇଛି। ଏଚ୍-୧ବି ଭିସା ଫି' ବୃଦ୍ଧି ପ୍ରଭାବରେ ଦେଶକୁ ପ୍ରବାସୀ ଭାରତୀୟମାନେ ପଠାଉଥିବା ପାଣ୍ଠି ପରିମାଣ ହ୍ରାସ ପାଇବାର ଆଶଙ୍କା ଦେଖାଦେଇଛି। ଏହାଦ୍ୱାରା ସେବା ରପ୍ତାନି ମଧ୍ୟ ପ୍ରଭାବିତ ହେବ। ସେଥିପାଇଁ ଟଙ୍କା ଦୁର୍ବଳ ହେଉଛି। ବିଦେଶୀ ନିବେଶକମାନେ ମଧ୍ୟ ଲଗାତାର ଭାବେ ଭାରତୀୟ ପୁଞ୍ଜି ବଜାରରୁ ପାଣ୍ଠି ପ୍ରତ୍ୟାହାର କରୁଛନ୍ତି। ମିରାଏ ଆସେଟ୍ ସେୟାରଖାନ୍‌ର ରିସର୍ଚ୍ଚ ଆନାଲିଷ୍ଟ୍ ଅନୁଜ ଚୌଧୁରୀ କହିଛନ୍ତି ଯେ ଭିସା ଫି' ବୃଦ୍ଧି ପ୍ରଭାବରେ ଟଙ୍କା ଆହୁରି କିଛି ଦିନ ଦୁର୍ବଳ ରହିବା ଆଶଙ୍କା କରାଯାଉଛି। ତେବେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର କମ୍ ହେଉଥିବାରୁ ତାହା ଟଙ୍କାକୁ ସବଳ କରିବାରେ ସହାୟକ ହେବ ବୋଲି ସେ କହିଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ ବଜାରରେ ହସ୍ତକ୍ଷେପ କଲେ ଟଙ୍କା ମୂଲ୍ୟରେ ଆହୁରି ସୁଧାର ଘଟିବ ବୋଲି ସେ କହିଛନ୍ତି।

## ରାପିଡୋରେ ଥିବା ନିଜ ଅଂଶଧନ ବିକ୍ରି କରିବ ସ୍ୱିଗି




ନୂଆଦିଲ୍ଲୀ,୨୪/୦୯ଃ ଫୁଡ୍ ଡେ଼ଲିଭରୀ କମ୍ପାନୀ ସ୍ୱିଗିର ବଡ଼ ନିଷ୍ପତ୍ତି। ବାଇକ୍ ଟ୍ୟାକ୍ସି ଷ୍ଟାର୍ଟଅପ୍ ରାପିଡୋରେ ଥିବା ନିଜର ଅଂଶଧନ ବିକ୍ରି କରିବ ସ୍ୱିଗି । ଏନେଇ କମ୍ପାନୀର ବୋର୍ଡ ଏହି ବିକ୍ରୟକୁ ଅନୁମୋଦନ କରିଛି। ସ୍ୱିଗିକୁ ଏହି ଚୁକ୍ତିରୁ ପ୍ରାୟ ୨,୪୦୦ କୋଟି ଟଙ୍କା ମିଳିବ। ବିଶ୍ୱାସ କରାଯାଉଛି ଯେ, ରାପିଡୋ ମଧ ଖାଦ୍ୟ ବିତରଣ ବ୍ୟବସାୟରେ ପ୍ରବେଶ କରିଥିବାରୁ ସ୍ୱିଗି ଏହାର ଅଂଶଧନ ବିକ୍ରି କରୁଛି। ଷ୍ଟକ୍ ଏକ୍ସଚେଞ୍ଜକୁ ଦିଆଯାଇଥିବା ସୂଚନା ଅନୁଯାୟୀ, ସ୍ୱିଗି ରାପିଡ଼ୋର ୧୦ ଇକ୍ୱିଟି ସେୟାର ଏବଂ ୧୬୩,୯୯୦ ସିରିଜ୍ ଡ଼ି କମ୍ପଲ୍ସରୀ କନବର୍ଟିବଲ ପେଫରେନ୍ସ ସେୟାର ପ୍ରୋସେସର ସହଯୋଗରେ କମ୍ପାନି ଏମଆଇଏଚ ଇନଭେସ୍ଟମେଣ୍ଟ ଓ୍ୱାନକୁ ବିକ୍ରି କରିବ । ଏହି ଚୁକ୍ତିର ମୂଲ୍ୟ ₹୧,୯୬୮ କୋଟି ହେବ। ଏହା ସହିତ ସ୍ୱିଗି ୱେଷ୍ଟବ୍ରିଜ୍ କ୍ୟାପିଟାଲର ସେତୁ ଏଆଇଏଫ ଟ୍ରଷ୍ଟକୁ ୩୫,୯୫୮ ଅଂଶଧନ ବିକ୍ରି କରିବ, ଏଥିରେ ସ୍ୱିଗିକୁ ୪୩୧.୫ କୋଟି ଟଙ୍କା ମିଳିବ। ସ୍ୱିଗି କହିଛି ଯେ ଏହି ନିଷ୍ପତ୍ତି ସେୟାରଧାରକମାନଙ୍କ ସ୍ୱାର୍ଥରେ ନିଆଯାଇଛି ଏବଂ କମ୍ପାନୀ ଏହାର ନିବେଶକୁ ରିଡିମ୍ କରିବାକୁ ଚାହୁଁଛି।ଏହି ବିକ୍ରୟ ସ୍ୱିଗିର ୨୦୨୨ ନିଷ୍ପତ୍ତିର ସମ୍ପୂର୍ଣ୍ଣ ବିପରୀତ। ସ୍ୱିଗି ସେତେବେଳେ ରାପିଡୋରେ ୧୮୦ ନିୟୁତ ଡଲାର ନିବେଶ କରିଥିଲା, ଯାହାର ମୂଲ୍ୟ ପ୍ରାୟ ୮୦୦ ନିୟୁତ ଡଲାର ଥିଲା। ସ୍ୱିଗି କହିଛି ଯେ ଏହି ନିବେଶ ଏହାର ଡେଲିଭରି ଫ୍ଲିଟ ଏବଂ ରାପିଡୋର କ୍ୟାପ୍ଟେନମାନଙ୍କ ପାଇଁ ରୋଜଗାର ସୁଯୋଗ ବୃଦ୍ଧି କରିବ। ସେତେବେଳେ ରାପିଡୋର ୨୫ ନିୟୁତରୁ ଅଧିକ ଗ୍ରାହକ ଏବଂ ୧.୫ ନିୟୁତ କ୍ୟାପ୍ଟେନ ଥିଲେ। କମ୍ପାନୀ ଛୋଟ ସହରଗୁଡ଼ିକରେ ଏହାର ଉପସ୍ଥିତିକୁ ସୁଦୃଢ଼ କରିବାକୁ ଚାହୁଁଥିଲା।

ଯଦିଓ ୨୦୨୫ ମଧଭାଗ ସୁଦ୍ଧା ପରିସ୍ଥିତି ବଦଳିଗଲା। ରାପିଡୋ ନିଜର ଖାଦ୍ୟ ବିତରଣ ସେବା ଆରମ୍ଭ କଲା, ଯାହା ସ୍ୱିଗିର ମୂଳ ବ୍ୟବସାୟ ସହିତ ଏକ ଦ୍ୱନ୍ଦ୍ୱ ସୃଷ୍ଟି କଲା। ସ୍ୱିଗିର ସିଇଓ ହର୍ଷ ମାଜେଟି ଜୁଲାଇରେ କହିଥିଲେ, "ଯେତେବେଳେ ଆମେ ଅଢ଼େଇ ବର୍ଷ ପୂର୍ବେ ରାପିଡୋରେ ଯୋଗ ଦେଇଥିଲୁ, ଏହା ଏକ ମୋବିଲିଟି ପ୍ଲେୟର ଥିଲା ଏବଂ ଭଲ କାମ କରୁଥିଲା। ଦୁର୍ଭାଗ୍ୟବଶତଃ, ସେମାନେ ନିଜେ ଖାଦ୍ୟ ବିତରଣ ବ୍ୟବସାୟରେ ପ୍ରବେଶ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ଆମ ପାଇଁ ଏକ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ତେଣୁ, ଆମେ ଅଲଗା ହେବାକୁ ଯୋଜନା କରୁଛୁ।" ଏହାର ଅର୍ଥ ହେଉଛି ସ୍ୱିଗି ଏବଂ ରାପିଡୋ ଏବେ ଭିନ୍ନ ପଥ ଅନୁସରଣ କରିବେ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ତେବେ ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇଛି। କିଛି ସହରରେ ଦାମ ଅପରିବର୍ତ୍ତିତ ରହିଛି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୫୫ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୩. ୧୧ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।



## ଆଇଇଏମ୍‌ର ୩ଡି ପ୍ରିଣ୍ଟିଂ ଲ୍ୟାବ ପରିବେଶ ଅନୁକୂଳ ଦୁର୍ଗା ମୂର୍ତ୍ତି ତିଆରି କଲା



କୋଲକାତା, ୨୪।୯(ସଂଚାର ବ୍ୟୁରୋ): ପରମ୍ପରା ଏବଂ ପ୍ରଯୁକ୍ତିର ଏକ ଅନନ୍ୟ ମିଶ୍ରଣରେ, କୋଲକାତାର ଇଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ମ୍ୟାନେଜମେଣ୍ଟ (ଆଇଇଏମ୍) ବାୟୋଡିଗ୍ରେଡେବଲ ପଲିଲାକ୍ଟିକ ଏସିଡ୍ (ପିଏଲ୍ଏ) ବ୍ୟବହାର କରି ଦେବୀ ଦୁର୍ଗାଙ୍କ ଏକ ୩ଡି-ପ୍ରିଣ୍ଟେଡ ମୂର୍ତ୍ତି ତିଆରି କରିଛି। ଆଇଇଏମ୍-ୟୁଇଏମ୍ ଗ୍ରୁପ୍‌ର ଉତ୍ପାଦ ବିକାଶ କାର୍ଯ୍ୟକ୍ରମ ଅଧୀନରେ ବିକଶିତ, ଏହି ପ୍ରକଳ୍ପ ସାଂସ୍କୃତିକ ପ୍ରଥାଗୁଡ଼ିକୁ ପୁନଃକଳ୍ପନା କରିବା ସହିତ ସ୍ଥାୟୀତ୍ୱକୁ ଗୁରୁତ୍ୱାରୋପ କରେ। ଆଇଇଏମ୍‌ର ନିର୍ଦ୍ଦେଶକ ପ୍ରଫେସର ଡକ୍ଟର ସତ୍ୟଜିତ ଚକ୍ରବର୍ତ୍ତୀଙ୍କ ମାର୍ଗଦର୍ଶିତ ଏହି ପଦକ୍ଷେପ ସାମାଜିକ ଦାୟିତ୍ୱ ସହିତ ନବସୃଜନକୁ ମିଶ୍ରଣ କରିବାର ତାଙ୍କର ଦୃଷ୍ଟିକୋଣକୁ ପ୍ରତିଫଳିତ କରେ। '୩ଡି ପ୍ରିଣ୍ଟିଂ ଲ୍ୟାବ୍ କଳ୍ପନାକୁ ଉତ୍ପାଦରେ ପରିଣତ କରିବାର ଏକ ପ୍ଲାଟଫର୍ମ। ସେ କହିଛନ୍ତି ଏହି ପ୍ରତିମା ଦର୍ଶାଇବ ଯେ ପ୍ରଯୁକ୍ତିବିଦ୍ୟା କିପରି ପରିବେଶ ଅନୁକୂଳ ଫଳାଫଳ ପ୍ରଦାନ କରିପାରିବ। ଏହି ପ୍ରକଳ୍ପକୁ ମେକାନିକାଲ ଇଞ୍ଜିନିୟରିଂ ମୁଖ୍ୟ ପ୍ରଫେସର ଡକ୍ଟର ଦ୍ୱୈପାୟନ ଦେଙ୍କ ଠାରୁ ମଧ ସମର୍ଥନ ମିଳିଥିଲା ଏବଂ ଲ୍ୟାବ୍‌ର ସେଣ୍ଟର-ଇନ୍‌ଚାର୍ଜ ରିମଝିମ୍ ମଜୁମଦାର ତାଙ୍କୁ ପରାମର୍ଶ ଦେଇଥିଲେ। ଉନ୍ନତ ଏଫ୍‌ଡିଏମ୍ ଏବଂ ଏସ୍‌ଏଲ୍‌ଏ ପ୍ରିଣ୍ଟର ସହିତ ସଜ୍ଜିତ, ଲ୍ୟାବ୍‌ଟି ରୋବୋଟିକ୍ସ, ବାୟୋମେଡିକାଲ ଡିଭାଇସ ଏବଂ ଉତ୍ପାଦ ଡିଜାଇନ ପାଇଁ ଦ୍ରୁତ ଗତିରେ ଏକ କେନ୍ଦ୍ର ହେବାକୁ ଯାଉଛି। ଆଇଇଏମ୍ ଏବେ ଶିଳ୍ପ ଏବଂ ନବସୃଜନରେ ଏହାର ଭୂମିକାକୁ ବିସ୍ତାର କରିବା ପାଇଁ ଧାତୁ ୩ଡି ପ୍ରିଣ୍ଟିଂ ଯୋଡିବାକୁ ଯୋଜନା କରୁଛି।

## ସୋ'ରୁମ୍‌ରେ ଗ୍ରାହକଙ୍କ ଭିଡ଼: ଗାଡ଼ି, ଟିଭି, ଏସି କିଣିଲେ



ନୂଆଦିଲ୍ଲୀ, ୨୪।୯ଃ ଗତକାଲି ନବରାତ୍ରୀ ଆରମ୍ଭରୁ ଜିଏସ୍‌ଟିରେ ହୋଇଥିବା ହ୍ରାସ ଲାଗୁ କରାଯାଇଛି। ଏହାର ପ୍ରଭାବ ପ୍ରଥମ ଦିନରୁ ଅନୁଭୂତ ହୋଇଛି। ଗାଡ଼ି ଓ ଇଲେକ୍ଟ୍ରୋନିକ୍ସ ସୋ'ରୁମ୍‌ରେ ଗ୍ରାହକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଇ-କମର୍ସ ପୋର୍ଟାଲ୍‌ରେ ମଧ୍ୟ ଗ୍ରାହକମାନେ ବିଭିନ୍ନ ଜିନିଷ କିଣିବା ଲାଗି ବରାଦ ଦେଉଛନ୍ତି।

ପିଆଇବି ପକ୍ଷରୁ ଜାରି କରାଯାଇଥିବା ସୂଚନା ଅନୁସାରେ ଜିଏସ୍‌ଟି ୨.୦ର ପ୍ରଥମ ଦିନରେ ମାରୁତି ୮୦,୦୦୦ ଅନୁସନ୍ଧାନ ହାସଲ କରିଥିବା ବେଳେ ୩୦,୦୦୦ ଗାଡ଼ି ଗ୍ରାହକଙ୍କୁ ପ୍ରଦାନ କରିଛି। ଗତ ୩୫ ବର୍ଷ ଭିତରେ ଏହା ହେଉଛି କମ୍ପାନିର ସବୁଠୁ ଉଲ୍ଲେଖନୀୟ ଦୈନିକ ପ୍ରଦର୍ଶନ। ସାଧାରଣ ପାର୍ବଣ ଋତୁ ତୁଳନାରେ ଚଳିତ ବର୍ଷ ଛୋଟ କାର୍ ବୁକିଂରେ ୫୦ ପ୍ରତିଶତ ବୃଦ୍ଧି ଘଟିଛି। ସେହିପରି, ଗୋଟିଏ ଦିନରେ ହୁଣ୍ଡାଇ ଡିଲରସିପ୍‌ଗୁଡ଼ିକରେ ୧୧,୦୦୦ରୁ ଅଧିକ ବିଲିଂ ହୋଇଛି ଯାହା ଗତ ପାଞ୍ଚ ବର୍ଷରେ କମ୍ପାନିର ଶ୍ରେଷ୍ଠ ଦୈନିକ ପ୍ରଦର୍ଶନ। ଟାଟା ମୋଟର୍ସ ୨୫,୦୦୦ ଅନୁସନ୍ଧାନ ହାସଲ କରିଥିବା ବେଳେ ୧୦ ହଜାର ଗାଡ଼ି ଗ୍ରାହକଙ୍କୁ ହସ୍ତାନ୍ତର କରିଛି। ଇଲେକ୍ଟ୍ରୋନିକ୍ସ ସୋ'ରୁମ୍‌ଗୁଡ଼ିକରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଛି। ଗ୍ରାହକମାନେ ଟିଭି ଓ ଏସି କିଣିବା ଲାଗି ଭିଡ଼ ଲଗାଇଛନ୍ତି। ଜିଏସ୍‌ଟି କମିବା ପରେ ସ୍ପ୍ଲିଟ୍ ଏସି ଦାମ୍ ୫୦୦୦ ଟଙ୍କା ପର୍ଯ୍ୟନ୍ତ ଓ ଟିଭି ଦାମ୍ ୮୫ ହଜାର ଟଙ୍କା ପର୍ଯ୍ୟନ୍ତ କମ୍ ହୋଇଛି। ଗତକାଲି ହାୟର୍‌ର ବିକ୍ରିରେ ଦୁଇ ଗୁଣା ବୃଦ୍ଧି ଘଟିଛି। ବ୍ଲୁଷ୍ଟାର୍‌ର ବିକ୍ରି ମଧ୍ୟ ଗତବର୍ଷର ସମାନ ଦିନ ତୁଳନାରେ ୨୦ ପ୍ରତିଶତ ଅଧିକ ରହିଛି। ସେହିପରି ୪୩ରୁ ୫୫ ଇଞ୍ଚ ବର୍ଗରେ ଅଧିକ ଟିଭି ବିକ୍ରି ହେଉଛି। ଫ୍ଲିପ୍‌କାର୍ଟ ଜରିଆରେ ଟିଭି ବିକ୍ରି କରୁଥିବା ସୁପର୍ ପ୍ଲାଷ୍ଟ୍ରୋନିକ୍ସର ବିକ୍ରିରେ ୩୫% ବୃଦ୍ଧି ଘଟିଛି। ଇ-କମର୍ସ ପ୍ଲାଟ୍‌ଫର୍ମରେ ମଧ୍ୟ ଲୋକମାନେ ବିଭିନ୍ନ ଜିନିଷ କିଣିବାର ବରାଦ ଦେଉଛନ୍ତି। ଦୁଇ ପ୍ରମୁଖ ଇ-କମର୍ସ କମ୍ପାନି ଆମାଜନ ଓ ଫ୍ଲିପ୍‌କାର୍ଟ ପକ୍ଷରୁ ଗତକାଲି ଲୟାଲ୍‌ଟି ଗ୍ରାହକଙ୍କ ପାଇଁ ଫେଷ୍ଟିଭାଲ୍ ସେଲ୍ ଆରମ୍ଭ କରାଯାଇଥିଲା।

## ନୌସେନାକୁ ରୋବଟ୍ ଯୋଗାଇବ 'କୋରାସିଆ'

ଭୁବନେଶ୍ୱର, ୨୪।୯ଃ ଏନ୍‌ଆଇଟି ରାଉରକେଲାରୁ ସୃଷ୍ଟି ହୋଇଥିବା ଓଡ଼ିଆ ଉଦ୍ୟୋଗୀ ଦେବେନ୍ଦ୍ର ପ୍ରଧାନଙ୍କ ଷ୍ଟାର୍ଟଅପ୍ କୋରାସିଆ ଟେକ୍ନୋଲୋଜିସ୍ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। କମ୍ପାନି ଭାରତୀୟ ନୌସେନା ସହ ୬୬ କୋଟି ଟଙ୍କାର ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣା କରିଛି। ଏହା ନୌସେନାକୁ ପାଣି ଭିତର (ଅଣ୍ଡର୍‌ୱାଟର) ରୋବଟ୍ ଯୋଗାଇବ। ଗତକାଲି ମୁଖ୍ୟ ସଚିବ ମନୋଜ ଆହୁଜାଙ୍କୁ ଶ୍ରୀ ପ୍ରଧାନ ସାକ୍ଷାତ କରିଥିଲେ। ଏହି ସଫଳତା ପାଇଁ ଶ୍ରୀ ଆହୁଜା କମ୍ପାନିକୁ ପ୍ରଶଂସା କରିବା ସହ ଓଡ଼ିଶାର ପ୍ରଯୁକ୍ତି ଓ ଦକ୍ଷତା ବିକାଶ କ୍ଷେତ୍ରରେ ଉଜ୍ଜ୍ୱଳ ସମ୍ଭାବନାକୁ ପ୍ରତିଫଳିତ କରୁଥିବା କହିଥିଲେ।

କୋରାସିଆ ବିକାଶ କରିଥିବା ରୋବଟ୍ ଗଭୀର ଜଳ ଭିତରେ କାମ କରିବ। ଫଳରେ ପାଣି ଭିତରେ ଥିବା ଭିତ୍ତିଭୂମିର ସୁରକ୍ଷାଠାରୁ ଆରମ୍ଭ କରି ଅନୁସନ୍ଧାନ ଓ ଉଦ୍ଧାର କାର୍ଯ୍ୟ ଆଦିକୁ ଏହା ସହଜରେ କରିପାରିବ। ଏହା ପାଣି ଭିତରେ ସ୍ଥିତିର ନିରୀକ୍ଷଣ କରିବା, ପରୀକ୍ଷା, ପାଣି ଭିତର ମାଟିର ଅବସ୍ଥା, ଜଳର ଗଭୀରତା ମାପିବା ଆଦି କାମ କରିପାରିବ ବୋଲି ଶ୍ରୀ ପ୍ରଧାନ କହିଥିଲେ। ଓଡ଼ିଶାରେ ଅନେକ ବୃହତ୍ ଓ ମଧ୍ୟମ ଜଳ ଭଣ୍ଡାର, ନଦୀବନ୍ଧ ରହିଛି। ବହୁ ପୁରାତନ ସେତୁ, ନଦୀରେ ନିର୍ମାଣ କାର୍ଯ୍ୟ ଚାଲିଛି। ସେହି ପ୍ରକଳ୍ପଗୁଡ଼ିକରେ ଅଣ୍ଡର୍‌ୱାଟର୍ ରୋବଟ୍‌ର ବ୍ୟବହାର କରିବାର ସମ୍ଭାବନା ଉପରେ ମୁଖ୍ୟ ସଚିବ ଶ୍ରୀ ଆହୁଜା ଆଲୋକପାତ କରିଥିଲେ। ଏହି ଅବସରରେ ଦକ୍ଷତା ବିକାଶ ସଚିବ ଭୂପିନ୍ଦର ସିଂହ ପୁନିଆ ଉପସ୍ଥିତ ଥିଲେ।



## ବିଶ୍ୱସ୍ତରୀୟ କମ୍ପାନି ସିଇଓ ପଦରେ ଆଉ ଜଣେ ଭାରତୀୟ



ନୂଆଦିଲ୍ଲୀ, ୨୪।୯ଃ ବିଶ୍ୱସ୍ତରୀୟ କମ୍ପାନିର ସିଇଓ ପଦରେ ରହିଥିବା ଭାରତୀୟଙ୍କ ତାଲିକା ଲମ୍ବା ହେବାରେ ଲାଗିଛି। ସେହି ତାଲିକାରେ ଆଉ ଜଣେ ଭାରତୀୟଙ୍କ ନାମ ଯୋଡ଼ିହୋଇଛି। ସେ ହେଉଛନ୍ତି ଶ୍ରୀନିବାସନ ଗୋପାଳନ। ଆଇଆଇଏମ୍ ଅହମଦାବାଦରେ ପାଠପଢ଼ିଥିବା ଗୋପାଳନଙ୍କୁ ଆମେରିକାର ଟି-ମୋବାଇଲ୍‌ର ସିଇଓ ଭାବେ ନିଯୁକ୍ତି ମିଳିଛି। ଆମେରିକାରେ ଭେରିଜନ, ଏଟିଆଣ୍ଡ୍‌ଟି ଓ ଟି-ମୋବାଇଲ୍‌ର ଆଧିପତ୍ୟ ରହିଛି। ଗୋପାଳନ ଏବେ କମ୍ପାନିର ମୁଖ୍ୟ ପରିଚାଳନା ଅଧିକାରୀ (ସିଓଓ) ଭାବେ କାର୍ଯ୍ୟ କରୁଛନ୍ତି। ଏହା ପୂର୍ବରୁ ସେ ଭାରତୀ ଏୟାରଟେଲ୍, କ୍ୟାପିଟାଲ୍ ୱାନ୍, ଭୋଡାଫୋନ୍ ଓ ଜର୍ମାନୀର ଡ୍ୟୁସ୍ ଟେଲିକମ୍‌ରେ କାମ କରିଥିଲେ।

# ମନରେଗା ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର



**ରାଇଘର,୨୪।୯ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଆଜି ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ମନରେଗା) ବ୍ଲକ ସ୍ତରୀୟ ଜନ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଉପ ଜିଲ୍ଲପାଳ ପ୍ରକାଶ ମିଶ୍ର ଯୋଗ ଦେଇଥିବା ବେଳେ ସଭାପତି ଭାବେ ସ୍ଥାନୀୟ ତହସିଲଦାର ତଥା ବିଡ଼ିଓ ନିତୁ ସିଂ ଯୋଗ ଦେଇଥିଲେ। ଏଥି ସହିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୋସିଆଲ ଅଡିଟର ବୈଭସୁତ ଚାଲାନ, ଜିଲ୍ଲା କୋଡିନେଟର ସୁଧାଂଶୁ ଶେଖର ସାହୁ, ସ୍ଥାନୀୟ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ଏସନ ଭୂୟାଁ, ପେନାଲ ମେମ୍ବର ଦେବେନ୍ଦ୍ର ମିଶ୍ର ଓ ଏବିଓ ସୋନା ମାଝୀ ପ୍ରମୁଖ ମଂଚାସୀନ ଥିଲେ। ଏହି ଜନ ଶୁଣାଣୀ କାର୍ଯ୍ୟକ୍ରମ ରେ ବ୍ଲକରେ କାର୍ଯ୍ୟକାରୀ ହେଉଥିବା ମନରେଗା ଯୋଜନା, ସମଗ୍ର ଶିକ୍ଷା ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ବିଷୟରେ ଆଲୋଚନା କରାଯାଇଥିଲା। ଛତାବେଡା ବିଦ୍ୟାଳୟ ରେ ବିଦ୍ୟୁତ ସମସ୍ୟାକୁ ନେଇ ଆଲୋଚନା ହୋଇଥିବା ବେଳେ, ମଧ୍ୟାହ୍ନ ଭୋଜନରେ ସ୍ୱଚ୍ଛତା ଏବଂ ପୌଷ୍ଟିକତା କୁ ଗୁରୁତ୍ୱ ଦେବାକୁ ଉପ ଜିଲ୍ଲାପାଳ ଶ୍ରୀ ମିଶ୍ର ପରାମର୍ଶ ଦେଇଥିଲେ। ଚାଉଳ କାର୍ଡ ଏବଂ ଜବ କାର୍ଡ ର ସଂଶୋଧନ ଏବଂ ଉପଯୁକ୍ତ ହିତାଧିକାରୀଙ୍କୁ ଯୋଗାଇ ଦେବାକୁ ଏହି ଶିବିର ରେ ଆଲୋଚନା ହୋଇଥିଲା। ଜିଲ୍ଲା ସୋସିଆଲ ଅଡିଟର ଶ୍ରୀ ଚାଲାନ ମଞ୍ଚ ପରିଚାଳନା କରିଥିବା ବେଳେ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀ ଭୂୟାଁ ସମସ୍ତ କାର୍ଯ୍ୟକ୍ରମକୁ ସମ୍ପାଦନା କରିଥିଲେ। ଏହି ଜନ ଶୁଣାଣୀ ଶିବିରରେ ବ୍ଲକର ସମସ୍ତ ଭିଆରପି, ବିଏସଏ, ପିଇଓ, ଜିଆରଏସ, ଏଡିଇଓ ଏବଂ ସମସ୍ତ ପଞ୍ଚାୟତର ଜନପ୍ରତିନିଧି ଉପସ୍ଥିତ ଥିଲେ ।

# ଆନ୍ଧ୍ର-ଓଡ଼ିଶା ସୀମାରେ ହଜିଯାଉଛି ଓଡ଼ିଆ ଭାଷା

**ଚିତ୍ରକୋଣ୍ଡା,୨୪।୯ (ସଂଚାର ବ୍ୟୁରୋ):** ଓଡ଼ିଶା ଆନ୍ଧ୍ର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଏବେ ଓଡ଼ିଆ ଭାଷା ବିଲୁପ୍ତ ପ୍ରାୟ । ଗାଁର ୭୦ ପ୍ରତିଶତ ଲୋକେ ତେଲୁଗୁ ଓ ପାରମ୍ପରିକ କନ୍ଧ ଭାଷା କହୁଥିବା ବେଳେ ଓଡ଼ିଆ ଭାଷା ବୁଝିବା ଓ କହିବା ସେମାନଙ୍କ ପାଇଁ କଷ୍ଟକର। ପ୍ରାଶାସନିକ ଅବହେଳା ଓ ଗାଁରେ ଅଙ୍ଗନବା ଡ଼ି କି ସ୍କୁଲ ନଥିବାରୁ ଏଭଳି ସ୍ଥିତି ଉପୁଜିଥିବା ଅଭିଯୋଗ ହୋଇଛି। ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ସୁନାମଗୋଇ ଗାଁ । ୩୦ରୁ ଅଧିକ ପରିବାର ବସବାସ କରୁଥିବା ଗାଁରେ ନାହିଁ ପକ୍କାଘର । ମାଟି ଟିଣ ଛପର କୁଡ଼ିଆରେ କଟେ ସମସ୍ତଙ୍କ ଜୀବନ। ଆନ୍ଧ୍ର ସୀମାରେ ଥିବାରୁ ୭୦% ଲୋକେ ତେଲୁଗୁ ଭାଷାରେ କଥା ହୁଅନ୍ତି । ଓଡ଼ିଶା ଗାଁରେ କେହି ଓଡ଼ିଆ ଭାଷାରେ କଥା ହୁଅନ୍ତିନି କି ବୁଝନ୍ତିନି। ସୁନାମଗୋଇ ଗାଁରେ ୧୦ରୁ ୧୫ ଜଣ ବୃଦ୍ଧବୃଦ୍ଧା ଅଛନ୍ତି। ସେମାନଙ୍କୁ ମିଳିପାରୁନି ବାର୍ଦ୍ଧକ୍ୟ ଭତ୍ତା । ଅନେକ ହିତାଧିକାରୀଙ୍କ ପାଖରେ ନାହିଁ ରାସନକାର୍ଡ । ଏଠାରେ ୩୦ ବର୍ଷ ତଳୁ ବିଦ୍ୟାଳୟ ରହିଛି । ହେଲେ ବର୍ଷବର୍ଷ ଧରି ଶିକ୍ଷକମାନେ ଆସୁନଥିବା ଗାଁ ଲୋକ ଅଭିଯୋଗ କରିଛନ୍ତି । ଛୋଟରୁ ବଡ଼ ସମସ୍ତେ ଓଡ଼ିଆ ଭାଷା ଜ୍ଞାନରୁ ବଞ୍ଚିତ ହୋଇ ତେଲୁଗୁ ଓ ସ୍ଥାନୀୟ ଭାଷାରେ କଥା ହୁଅନ୍ତି । କେବଳ ସୁନାମଗୋଇ ଗାଁ ନୁହେଁ, ପାଖରେ ଥିବା ଶୁଆପାଲି, କାଞ୍ଚନପେଟା, ନେରୁଡ଼ପାଲି ଗାଁରେ ଏବେ ତେଲୁଗୁ ଭାଷା ହିଁ ମୁଖ୍ୟ ଭାଷା! ବେଳ ଥାଉଥାଉ ଏସବୁ ଅଞ୍ଚଳରେ ଓଡ଼ିଆ ଭାଷାର ପ୍ରଚାରପ୍ରସାର କରାନଗଲେ, ଓଡ଼ିଆ ଲୋକଙ୍କୁ ଆନ୍ଧ୍ର ଭାଷାଠୁ ଦୂରେଇବା କଷ୍ଟକର ହୋଇପଡ଼ିବ ।



## କ୍ରିଟିକାଲ କେୟାର ବ୍ଲକରୁ ଯନ୍ତ୍ରପାତି ଚୋରି

### କାର୍ଯ୍ୟାନୁଷ୍ଠାନ ଦାବି କଲା ଆପ୍

**ବରଗଡ଼,୨୪।୯(ସଂଚାର ବ୍ୟୁରୋ):** ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ରହିଥିବା କ୍ରିଟିକାଲ କେୟାର ବ୍ଲକରୁ ଯନ୍ତ୍ରପାତି ଚୋରି ଘଟଣା ହଇଚଇ ସୃଷ୍ଟି କରିଛି। ପୋଲିସ ଏହାର ଥଳକୂଳ ପାଇ ପାରି ନ ଥିବାବେଳେ ଆମ୍ ଆଦ୍‌ମୀ ପାର୍ଟି(ଏଏପି) ଏହାର ଉଚ୍ଚସ୍ତରୀୟ ତଦନ୍ତ ସହିତ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଏହି କ୍ରମରେ ବୁଧବାର ଏଏପି ପକ୍ଷରୁ ବରଗଡ଼ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ଦାବିପତ୍ର ଗ୍ରହଣ କରିଥିଲେ। ଗତବର୍ଷ ଅକ୍ଟୋବର ମାସ ୨୯ତାରିଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଉକ୍ତ କ୍ରିଟିକାଲ କେୟାର ବ୍ଲକକୁ ଲୋକାର୍ପିତ କରିଥିଲେ।

### ଜଗବନ୍ଧୁ ମାଝୀ ହତ୍ୟାକାଣ୍ଡକୁ ୧୪ ବର୍ଷ ପୂରିଲା

## ଗୋନା ହାଟପଦାରେ ସ୍ମୃତିସଭା

● ସାଙ୍ଗଠନିକ ଶକ୍ତି ପ୍ରଦର୍ଶନ କଲେ ସୁବାସ



**ରାଇଘର,୨୪।୯ (ସଂଚାର ବ୍ୟୁରୋ):** ଆଜି ଗୋନା ରେ ସହିଦ ଦିବସ ପାଳିତ ହୋଇଯାଇଛି।ପ୍ରଥମେ ଗୋନା ଠାରେ ମୁଖ୍ୟ ଅତିଥି ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ ପ୍ରଦୀପ ମାଝୀ ଙ୍କୁ ସ୍ୱାଗତ କରିବା ସହ ଏକ ଶୋଭାଯାତ୍ରା ରେ ଜଗବନ୍ଧୁ ମାଝୀଙ୍କ ସହିଦ ସ୍ତମ୍ଭ ନିକଟକୁ ଅଞ୍ଚଳ ବାସି ଏବଂ ବି ଜେ ଡି ର ଶତାଧିକ ମହିଳା ଏବଂ ପୁରୁଷ କର୍ମୀ ଯାଇ ସେଠାରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।ଏହାପରେ ସଭାସ୍ଥଳକୁ ଯାଇଥିଲେ।ସେଠାରେ ବାହାରୁ ଆସିଥିବା ଅତିଥି ମାନେ ଦୀପକ ପ୍ରଜ୍ୱଳନ ପରେ ଆରମ୍ଭ ହୋଇଥିଲା ସଭା କାର୍ଯ୍ୟ।ପୂର୍ବତନ ଉମରକୋଟ ବିଧାୟକ ତଥା ବର୍ତ୍ତମାନ ବି ଜେ ଡି ର ବ୍ଲକ ସଭାପତି ସୁବାସ ଗଣ୍ଡ ମଞ୍ଚ ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ରମେଶ ଚନ୍ଦ୍ର ମାଝୀ ଯୋଗ ଦେଇଥିଲେ।ଏହି କାର୍ଯ୍ୟକ୍ରମରେ ଉମରକୋଟ ମୁନ୍ସିପାଲଟି ଚେୟାରମ୍ୟାନ ରାଧା ଭତ୍ରା, ଉମରକୋଟ ନିର୍ବାଚନ ମଣ୍ଡଳୀ ର ବି ଜେ ଡ଼ି ବିଧାୟକ ପ୍ରାର୍ଥୀନୀ ନବୀନା ନାୟକ, ସମାଜ ସେବୀ କାଜମ ମଦାନୀ, କୌଶଲ୍ୟା ପ୍ରଧାନୀ, ନନ୍ଦାହାଣ୍ଡି ବ୍ଲକ ଅଧକ୍ଷା ରଶ୍ମିତା ମାଝୀ, ଡାବୁଗାଁ ବ୍ଲକ ଅଧକ୍ଷା ବୀଣା ମାଝୀ, ତେନ୍ତୁଳୀଖୁଣ୍ଟି ଜିଲ୍ଲା ପରିଷଦ ସଭ୍ୟା କୃଷ୍ଣା ମଞ୍ଜରୀ ବିଶୋଇ, ପୂର୍ବତନ ଏସ ଡି ସି ଅଧକ୍ଷ ଉପେନ୍ଦ୍ର ଗଣ୍ଡ, ରାଇଘର ବ୍ଲକ ଅଧକ୍ଷ ଗୁପ୍ତ ପ୍ରସାଦ ଝଙ୍କାର, ଶୁକଦେବ ଗଣ୍ଡ ଙ୍କ ସମେତ ରାଇଘର ୨୬ଟି ପଞ୍ଚାୟତ ର ସମିତି ସରପଞ୍ଚ ମାନେ ଉପସ୍ଥିତ ଥିଲେ। ଆଜିର ଏହି ସହିଦ ଦିବସ ରେ ଜିଲ୍ଲା ସ୍ତର ରୁ ନେଇ ରାଜ୍ୟ ସ୍ତର ନେତା ମାନଙ୍କୁ ଏକତ୍ରିତ ହୋଇ ଏହି କାର୍ଯ୍ୟକ୍ରମ କରିଥିବା ନେଇ ନୂତନ ଭାବେ ବ୍ଲକ ସଭାପତି ଦାୟିତ୍ୱ ନେଇଥିବା ସୁବାସ ଗଣ୍ଡଙ୍କ ଏକ ପ୍ରକାର ସାଙ୍ଗଠନିକ ଶକ୍ତି ପ୍ରଦର୍ଶନ ବୋଲି ଅଞ୍ଚଳରେ ଆଲୋଚନା ହେଉଥିବା ଦେଖିବାକୁ ମିଳିଛି।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା



**କଣାସ,୨୪।୯ (ସଂଚାର ବ୍ୟୁରୋ):** ଶିକ୍ଷା ବର୍ଷରେ କୃତିତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ କଣାସ ବ୍ଲକରୁ ମଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଲାଭ କରିଥିବା ସି.ଆର.ସି.ସି ଙ୍କ ସମେତ ୫ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଆଜି କଣାସ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରାଯାଇଛି। କଣାସ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଆଜି ବ୍ଲକ ଓ ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଚଳିତ ମାସର ଦ୍ୱିତୀୟ ମାସିକ ସଂମୀକ୍ଷା ବୈଠକରେ ପୁରୀ ଜିଲ୍ଲାରୁ ଏକମାତ୍ର ସାଧନାକେନ୍ଦ୍ର ସଂଯୋଜକ ଭାବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଲାଭ କରିଥିବା ବୈକୁଣ୍ଠନାଥ କୋଦମାସିଂହ, ପ୍ରାଥମିକ ବିଭାଗରେ ଶିକ୍ଷୟିତ୍ରୀ ମମତା ରାଣୀ ବେହେରା, ମାଧ୍ୟମିକ ବିଭାଗରେ ପିତବାସ ସୁନା, ପ୍ରଫୁଲ କୁମାର ପଲେଇ ଓ ଆଶୁତୋଷ ଦାସଙ୍କୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାଧିକାରୀ ଶ୍ରୀ ବେହେରାଙ୍କ ସହ ଶିକ୍ଷାଧିକାରୀ ନାରାୟଣ ପ୍ରଧାନ, ଗୋବର୍ଦ୍ଧନ ବେହେରା ଓ ପ୍ରଫୁଲ୍ଲ କୁମାର ବେହେରା ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବ୍ଲକର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ଏହି କୃତିତ୍ୱ ଅନ୍ୟମାନଙ୍କ ପାଇଁ ପ୍ରେରଣା ଯୋଗାଇବ ବୋଲି ଶିକ୍ଷାଧିକାରୀମାନେ ପ୍ରକାଶ କରିଥିଲେ। କୃତି ଶିକ୍ଷକ ଶିକ୍ଷୟିତ୍ରୀମାନେ କଣାସ ବ୍ଲକକୁ ଶିକ୍ଷା କ୍ଷେତ୍ରରେ ଆଗକୁ ନେବାପାଇଁ ସେମାନଙ୍କୁ ଏହି ସମ୍ମାନ ବାଟକଢେଇବ ବୋଲି ପ୍ରକାଶ କରିଥିଲେ। ସି.ଆର.ସି.ସି ଭୂପତି ଭୂଷଣ ତ୍ରିପାଠୀ ସମ୍ବର୍ଦ୍ଧନା ଆଭିମୁଖ୍ୟ ପ୍ରକାଶ କରିଥିବା ବେଳେ କଣାସ ବ୍ଲକର ସମସ୍ତ ସି.ଆର.ସି.ସି ଓ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମସ୍ତ କର୍ମଚାରୀ ଏହି ଉତ୍ସବରେ ଅଂଶଗ୍ରହଣ କରିଥିଲେ।

# ୯ ବର୍ଷ ହେବ ମାଆ ମୃତ ବାପା ଦାଦନ ଯାଇ ଫେରିନାହାନ୍ତି



**ଜୟପୁର,୨୪।୯ (ସଂଚାର ବ୍ୟୁରୋ):** ବାପା ମାଆ ଛେଉଣ୍ଡ ଦୁଇ ଭାଇ ବଡ଼ ଭାଇ ଜମି ରେ ହଳ କରି ପେଟ ପଶୁଛି ବଡ଼ ଭାଇ ରହିବାକୁ ଘର ନାହିଁ ସମ୍ପର୍କୀୟ ଭାଇ ଙ୍କ ଘରେ ଆଶ୍ରୟ ନେଇଛନ୍ତି ଦୁଇ ଭାଇ। ଏହି ଦୁଃଖ ଭରା ଘଟଣା ଟି ହେଉଛି କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ ଦଶମନ୍ତପୁର ପଞ୍ଚାୟତ ନାଥଗୁଡା ଗ୍ରାମର। ନାଥଗୁଡା ଗ୍ରାମର ବାସୁ ମୁଣ୍ଡଗୁଡିଆ ଏବଂ ରୁକୁମୋନି ମୁଣ୍ଡାଗୁଡ଼ିଆ ଙ୍କ ଦୁଇ ପୁଅ ୧୫ ବର୍ଷୀୟ ରବି ମୁଣ୍ଡଗୁଡିଆ ଏବଂ ୧୨ ବର୍ଷୀୟ ଦୁଃଖୁ ମୁଣ୍ଡଗୁଡିଆ। ୨୦୧୬ ମସିହା ରେ ଏକ ଟ୍ରାକ୍ଟର ଦୃଘଟଣା ରେ ଟ୍ରାକ୍ଟର ଟ୍ରଲି ଚାପିହେଇଜିବାରୁ ମାଆ ରୁକୁମନି ଙ୍କ ମୃତ୍ୟୁ ହୋଇଥିଲା ଏବଂ ତାହାର କିଛି ଦିନ ପରେ ବାପା ବାସୁ ମୁଣ୍ଡଗୁଡିଆ କୁଲି କାମ କରିବାକୁ ଦାଦନ କାମ କରିବାକୁ ପୋଡସି ରାଜ୍ୟ ଆନ୍ଧ୍ରପ୍ରଦେଶ କୁ ଯାଇଥିଲେ ଆଉ ଫେରି ନାହାନ୍ତି। ଗୋଟିଏ ପଟେ ମାଆ କୁ ହରାଇ ଅଧା ଅନାଥ ହୋଇଥିବା ଦୁଇ ଭାଇ ନିଜ ବାପା ର ଅପେକ୍ଷା ରେ ନଅ ବର୍ଷ ରୁ ଉର୍ଦ୍ଧ୍ୱ ହେବ। କିଛି ଲୋକ ବାସୁ ଆନ୍ଧ୍ର ରେ ମୃତ୍ୟୁ ହୋଇଯଇଥିବା ପ୍ରକାଶ କରିଛନ୍ତି। କିନ୍ତୁ ଦୁଇ ଭାଇ ବାପା ମୃତ୍ୟୁ ନା ଜୀବିତ ଜାନି ନ ଥିବା ପ୍ରକାଶ କରିଛନ୍ତି। ନଅ ବର୍ଷ ହେବ ବାପା ଘରକୁ ଫେରି ନାହାନ୍ତି କି କୌଣସି ଯୋଗାଯୋଗ ମଧ୍ୟ ନାହିଁ। ଉଭୟ ଙ୍କୁ ହରାଇବା ପରେ ଏବେ ଦୁଇ ଭାଇ ବାର ଦ୍ୱାର ହୋଇ ବୁଲୁଛନ୍ତି ବଡ଼ ଭାଇ ଗାଁ ଲୋକଙ୍କ ଜମି ରେ ହଳ କରିବା ସହ ଦିନ ମଜୁରୀ କାମ କରୁଛି।

# ବ୍ଲକ ପ୍ରଶାସନ ପକ୍ଷରୁ ହାତକୁ ନିଆଯାଇଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଶୁଣାଣି

**ଦାରିଙ୍ଗବାଡ଼ି,୨୪।୯ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ସଭାଗୃହ ମଧ୍ୟରେ ବୁଧବାର ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନାର ଜନଶୁଣାଣି କାର୍ଯ୍ୟକ୍ରମ ବିଡିଓ ପ୍ରୀତିରଞ୍ଜନ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅକ୍ଟୋବର ୨୦୨୪ ଠାରୁ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ଏହି ଯୋଜନାରେ କରାଯାଇଥିବା ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଶୁଣାଣି କରାଯାଇଥିଲା। ଏହି ପ୍ରରିପ୍ରେକ୍ଷୀରେ ବ୍ଲକର ୨୫ଟି ପଞ୍ଚାୟତରେ ଏହି ଯୋଜନାରେ ବ୍ଲକ ପ୍ରଶାସନ ପକ୍ଷରୁ ହାତକୁ ନିଆଯାଇଥିବା ବିଭିନ୍ନ ପ୍ରକଳ୍ପ ଓ ଉକ୍ତ ଯୋଜନାରେ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅଭିଯୋଗ ଶୁଣାଣି ହୋଇଥିଲା। ମୋଟ୍ ୧୭ ଶହ ୩୯ଟି ପ୍ରକଳ୍ପ ହାତକୁ ନିଆଯାଇଥିବା ବେଳେ ସେଥିରେ ଗାଁକୁ ସଂଯୋଗୀ ରାସ୍ତା ସହ ସେଚନ ପାଇଁ କେନାଲ କାର୍ଯ୍ୟ, ବ୍ୟକ୍ତିଗତ ଜମି ଉନ୍ନୟନ କାର୍ଯ୍ୟ ଆଦି ହାତକୁ ନିଆଯାଇଛି। ସେଥିରୁ ମୋଟ୍ ୧ ହଜାର ୩୪ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଥିବା କୁହାଯାଇଥିଲା ସେହିପରି ୧୯ ଶହ ୬୦ଜଣ ଜବ୍‌କାର୍ଡ ପାଇଁ ପଞ୍ଜୀକୃତ କରିଥିବାବେଳେ ସମସ୍ତଙ୍କୁ ଏହା ଯୋଗାଇଦିଆଯାଇଥିବା କୁହାଯାଇଥିଲା। ସେହିପରି ୯ ହଜାର ୩ ଶହ ୮ ପରିବାର କାର୍ଯ୍ୟ ଯୋଗାଇଦେବାକୁ ଆବେଦନ କରିଥିଲେ। ସେ ସମସ୍ତ ଆବେଦନ ଶ୍ରମିକ ପରିବାରକୁ କାର୍ଯ୍ୟ ଯୋଗାଇ ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୧ ହଜାର ୬ ଶହ ୭୫ ଶ୍ରମିକ ପରିବାର ଶହେ ଦିନର କାର୍ଯ୍ୟ ସାରିଥିବା କୁହାଯାଇଥିଲା। ମୋଟ୍ ୩ ଲକ୍ଷ ୩୨ ହଜାର ୫୦୪ ଶ୍ରମ ଦିବସ ସୃଷ୍ଟି କରାଯାଇଥିବା ଜନ ଶୁଣାଣିରେ କୁହାଯାଇଥିଲା

# ଅଭିଶପ୍ତ ଓଭରବ୍ରିଜ୍: ଦୁର୍ଘଟଣା ରୋକିବାରେ ପ୍ରଶାସନ ତତ୍ପରତାଶୂନ୍ୟ



**ବୈଶିଙ୍ଗା,୨୪।୯ (ସଂଚାର ବ୍ୟୁରୋ):** କେନ୍ଦ୍ର ସରକାରଙ୍କ ଦ୍ୱାରା ୧୮ ନଂ ଜାତୀୟ ରାଜପଥ କୁ ଚାରିଥାକିଆ କରିବା ପାଇଁ ବର୍ଷ ବର୍ଷ ସର୍ଭେ ହେଲା। ବାଲେଶ୍ୱର ଜିଲ୍ଲାର ନହରପାଟଣା ଠାରୁ ଝାରପୋଖରିଆ ପର୍ଯ୍ୟନ୍ତ ୮୨ କିଲୋମିଟର ରାସ୍ତାରେ କେତେ ପୋଲ ହେବ, କେତେ ଉଡନ୍ତା ପୋଲ ହେବ, କେତେ ବସଷ୍ଟାଣ୍ଡ ନିର୍ମାଣ ହେବ ସେ ନେଇ ସର୍ଭେ ହେଲା। ଗାଡି ମୋଟର ସହଜ ଚଳାଚଳ ପାଇଁ ବଙ୍କା ରାସ୍ତାକୁ ସିଧାସଳଖ କରିବା ପାଇଁ ଦରକାର ପଡିଲେ ରାଜପଥ ବିଭାଗର ନିଜସ୍ୱ ଜମି ବାହାରେ ଜମି କ୍ରୟ କରାଯିବ। ମାତ୍ର କାମ ହେଲା ଓଲଟା, ବୈଶିଙ୍ଗା ବଜାର ମଧ୍ୟ ଦେଇ ଯାଇଥିବା ଜାତୀୟ ରାଜପଥର ୨୦୦ ମିଟର ବ୍ୟବଧାନରେ ଦୁଇଟି ସ୍ଥାନରେ କ୍ରସ୍ କରି ଠାକୁରମୁଣ୍ଡା-ବରହମପୁର ରାସ୍ତାଟି ୬୦ନଂ ଜାତୀୟ ରାଜପଥ ସହିତ କୋଲକାତାକୁ ସଂଯୋଗ କରୁଛି। ଏଥିପାଇଁ ନିର୍ମାଣାଧନ ଉଡନ୍ତା ପୋଲର ୨୦୦ମିଟର ବ୍ୟବଧାନରେ ଦୁଇଟି ଗଳାପୋଲ ନିର୍ମାଣ କରାଯିବାର ସର୍ଭେ କରାଯାଇଥିଲା। ମାତ୍ର ଠିକାଦାରୀ ନେଇଥିମ୍ବା ବେକ ବୋନ୍ କମ୍ପାନୀ ଏବଂ ନିର୍ମାଣକାରୀ ସଂସ୍ଥା ଆଇରନ୍ ଟ୍ରାଙ୍ଗଲ୍‌ର ଅଧିକାରୀମାନେ ସାଧାରଣ ଲୋକଙ୍କ କଥା ନ ଶୁଣି ନିଜ ଇଚ୍ଛାରେ ଉଡନ୍ତା ପୋଲର ଗୋଟିଏ ସ୍ଥାନରେ ମଝିରେ ଗୋଟିଏ ଗଳା ପୋଲ ନିର୍ମାଣ କରିଦେଲେ। ଫଳରେ ଠାକୁରମୁଣ୍ଡା - ବରହମପୁର ରାସ୍ତାର ଗାଡିଗୁଡିକ ରାଜପଥ ପାରି ହେବା ପାଇଁ ଉଭୟ ପଟୁ ନିଜ ନିଜ ଡାହାଣ ପଟକୁ ଭୁଲ୍ ରାସ୍ତାରେ ଯିବା ଦ୍ୱାରା ଅଧିକାଂଶ ସମୟରେ ଦୁର୍ଘଟଣାର ଶୀକାର ହେବା, ଘଣ୍ଟା ଘଣ୍ଟା ଧରି ରାସ୍ତା ଜାମ୍ ରହିବା ଦ୍ୱାରା ବାଲେଶ୍ୱର - ବାରିପଦା ରୁ ର ଯାତ୍ରୀବାହୀ ବସଗୁଡିକ ହଇରାଣ ହେବା ନିତିଦିନିଆ ଘଟଣା ପାଲଟିଛି। ଏହାବ୍ୟତୀତ ଉଡନ୍ତା ପୋଲର ଉଭୟ ପାର୍ଶ୍ୱରେ ଦୁଇ କି.ମି ବ୍ୟବଧାନରେ ପାସିଂ ଦିଆଯାଇଛି। ଫଳରେ ସାଧାରଣ ଲୋକଙ୍କ ପାଇଁ ଆଗକୁ ବହୁ ବିପଦ ଆସିବାର ସମ୍ଭାବନା ରହିଛି। ଏଣୁ ଏହାର ପ୍ରତିକାର ପାଇଁ ମାଣତ୍ରୀରୁ ଆସି ରାଜପଥକୁ ସଂଯୋଗ କରୁଥିବା ସ୍ଥାନରେ ଦ୍ୱିତୀୟ ଗଳା ପୋଲର ନିର୍ମାଣ ନିତାନ୍ତ ଜରୁରୀ ହୋଇପଡ଼ିଛି। ନିକଟରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବାରିପଦା ଗସ୍ତ ସମୟରେ ବୈଶିଙ୍ଗା ସ୍ଥିତ ଶିବାଜୀ ଯୁବକ ସଂଘ ସହଯୋଗରେ ଅଞ୍ଚଳ ବାସୀ ଙ୍କ ଦସ୍ତଖତ ସମ୍ବଳିତ ଏକ ସ୍ମାରକପତ୍ର ତାଙ୍କୁ ପ୍ରଦାନ କରାଯାଇଥିଲା। ଖୁବ ଶୀଘ୍ର ଏହାର ସମାଧାନ ହେବ ବୋଲି ମନ୍ତ୍ରୀ ମହୋଦୟ ପ୍ରକାଶ କରିଥିଲେ।

## ନିୟମଗିରି ସୁରକ୍ଷାକୁ ନେଇ ଗ୍ରୀନ କଳାହାଣ୍ଡି

## ନିୟମଗିରି ସୁରକ୍ଷା ସମିତି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ



**ଲାଞ୍ଜିଗଡ଼,୨୪।୯(ସଂଚାର ବ୍ୟୋରୋ):** ବହୁ ରାଷ୍ଟ୍ରୀୟ କମ୍ପାନୀ ମାନେ ନିୟମଗିରି ବକ୍ସାଇଟ ଖଣି ଖନନ ପାଇଁ ଅହରହ ଉଦ୍ୟମ କରାଯାଉଥିବା ବେଳେ ଏହାକୁ ନେଇ ନିୟମଗିରି ସୁରକ୍ଷାକୁ ନେଇ ଗ୍ରୀନ୍ କଳାହାଣ୍ଡି ନିୟମଗିରି ସୁରକ୍ଷା ସମିତି ଆନୁକୂଲ୍ୟରେ ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସମ୍ମିଳନୀରେ ପରିବେଶ ବିତ ପ୍ରଫୁଲ୍ଲ ସାମନ୍ତରାୟ କହିଛନ୍ତି ଯେ'ସର୍ବ ପ୍ରଥମେ ନିୟମଗିରି ସୁରକ୍ଷା ଆନ୍ଦୋଳନ ନିୟମଗିରି ସୁରକ୍ଷା କମିଟି ନେତୃତ୍ୱରେ ଆରମ୍ଭ ହୋଇଥିଲା।ପରବର୍ତ୍ତୀ ସମୟରେ ଗ୍ରୀନ କଳାହାଣ୍ଡି ଗଠିତ ହୋଇ ଏହାକୁ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିଥିବା ଯୋଗୁଁ ଏହା ସ୍ୱାଗତ ଯୋଗ୍ୟ ପଦକ୍ଷେପ ଥିଲା।ଏହି ନିୟମଗିରି ସୁରକ୍ଷା ଆନ୍ଦୋଳନ ସାରା ପୃଥିବୀରେ ଦୃଷ୍ଟି ଆକର୍ଷଣ କରିଥିଲା।ନିୟମଗିରିରେ ଦୁଇ ଗୋଟି କମ୍ୟୁନିଟି ବସବାସ କରୁଥିବା ବେଳେ ପାହାଡ଼ ତଳେ ବସବାସ କରୁଥିବା କମ୍ୟୁନିଟି ଆଦିବାସୀ ଝରଣିଆ ଓ ପାହାଡ଼ ଉପରେ ବସବାସ କରୁଥିବା ଡଙ୍ଗରିଆ।ସେମାନଙ୍କ ଅଧିକାରୀ ଆର୍ଥିକ ଅଧିକାର ଓ ବିଶେଷକରି ସମ୍ବିଧାନ ପଞ୍ଚମ ଉଚ୍ଛେଦ ଅନୁସାରେ ପ୍ରାକୃତିକ ସମ୍ପଦର ମାଲିକ ହେଉଛନ୍ତି ସେହି ଆଦିବାସୀମାନେ। ଯେତେବେଳେ ନିୟମଗିରି ଖଣି ଖନନ ପାଇଁ ଆଦିବାସୀଙ୍କ ଅଧିକାରକୁ ଦମନ କରି କମ୍ପାନୀର ପ୍ରୟାସ ଆରମ୍ଭ କରିଥିଲେ।ସେତେବେଳେ ଆମେ ଆଦିବାସୀଙ୍କ ସୁରକ୍ଷା ପାଇଁ ମାନ୍ୟବର ସୁପ୍ରିମକୋର୍ଟ ଦ୍ୱାରସ୍ତ ହୋଇଥିଲୁ। ମାନ୍ୟବର ସୁପ୍ରିମକୋର୍ଟ ତିନୋଟି ସିଡୁଲ ପ୍ରସଙ୍ଗ ନେଇ ପ୍ରଥମ ସିଡୁଲ ଏରିଆ ପଞ୍ଚମ ଉଚ୍ଛେଦ ସମ୍ବିଧାନ, ଦ୍ୱିତୀୟ ହେଲା ପେସାଏତ ୧୯୯୬ ଆଇନ ଓ ତୃତୀୟରେ ୨୦୦୬ ଜଙ୍ଗଲ ଅଧିକାରୀ ଆଇନକୁ ନେଇ ରାୟ ଦେଇଥିଲେ ଯେ'ଯଦି ଖଣି ଖନନ କରାଯାଏ ତାହାହେଲେ ସମ୍ବିଧାନ ଅନୁସାରେ ଗ୍ରାମସଭା ଜରୁରୀ ଅଟେ ବୋଲି।

### ତୃତୀୟ ଦିନରେ ମିଶନ ଶକ୍ତି ମହିଳାଙ୍କ ଧାରଣା

# ବ୍ଲକ କାର୍ଯ୍ୟ ବାଧାପ୍ରାପ୍ତ, ଘଟଣାସ୍ଥଳରେ ଜଣେ ଅସୁସ୍ଥ



**କଣାସ,୨୪।୯(ସଂଚାର ବ୍ୟୁରୋ):** ରାଜ୍ୟ ମିଶନ ଶକ୍ତି କର୍ମୀ ସଂଘ ଆହ୍ୱାନ କ୍ରମେ କଣାସ ବ୍ଲକ ଜି.ପି.ଏଲ୍. ଏଫ ମିଶନ ଶକ୍ତି କର୍ମୀ ସଂଘ ପକ୍ଷରୁ ସୋମବାର ଠାରୁ ବ୍ଲକ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଥିବାରୁ ୩ଦିନ ହେଲା ବ୍ଲକର ସମସ୍ତ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ଠାରୁ ପ୍ରକାଶ। ଆଜି ତୃତୀୟ ଦିନରେ ଶତାଧିକ କର୍ମୀ ଧାରଣାରେ ବସିଥିବା ବେଳେ ଗଡ଼ବଡପୁଟ ଗ୍ରାମପଞ୍ଚାୟତର ସି.ଆର.ପି ସଂଧ୍ୟାରାଣୀ ରାଉତରାୟ ଅସୁସ୍ଥ ହୋଇ ପଡ଼ିବାରୁ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ ସଂଗେ ସଂଗେ ସଂଧ୍ୟାରାଣୀଙ୍କୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଦେଇ ଥିଲେ। କଣାସର ୨୮ଟି ଗ୍ରାମପଞ୍ଚାୟତର କର୍ମୀମାନେ ଧାରଣା ଦେଇ ବସି ରହିବା ସହିତ ସେମାନଙ୍କର ଦାବି ସମ୍ପର୍କରେ ସ୍ଲୋଗାନ୍ ଦେଉଛନ୍ତି। ପୂର୍ବରୁ ସେମାନଙ୍କୁ ସରକାର ନିର୍ଦ୍ଧାରିତ କରିଥିବା ଦରମା ନିୟମିତ ଦିଆ ଯାଇନଥିବା ବେଳେ ୬ମାସ ହେଲାଣି ଏଥିରେ ବେତିକ୍ରମ ଦେଖାଦେଇଛି। କର୍ମୀମାନେ ବ୍ଲକ, ଜିଲ୍ଲା, ରାଜ୍ୟ ସ୍ତରୀୟ ଅଧିକାରୀ ଓ ବିଭାଗୀ ମନ୍ତ୍ରୀଙ୍କୁ ବାରମ୍ବାର ଜଣାଇବା ପରେ କୌଣସି ସୁଫଳ ମିଳିନଥିବାରୁ ଆନ୍ଦୋଳନକୁ ଓହ୍ଲାଇ ଛନ୍ତି। ବ୍ଲକକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଲୋକମାନେ ତିନିଦିନ ହେଲା କୌଣସି କାର୍ଯ୍ୟ କରି ନ ପାରି ନିରାଶ ହୋଇ ଫେରିଯାଉଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ କଣାସ ଥାନା ଆଇ.ଆଇ.ସି ପ୍ରଶନ୍ନ କୁମାର ନାୟକ ଓ ଅନ୍ୟ ପୋଲିସ୍ ଅଧିକାରୀମାନେ ବ୍ଲକ କାର୍ଯ୍ୟାଳୟରେ ଉପସ୍ଥିତ ରହୁଛନ୍ତି।

● ଗୋ ଚାଲାଣ ବେଳେ ମାଡିବସିଲା ପୁଲିସ

# ୩ ଭ୍ୟାନ ସହ ବାଇକ୍ ଜବତ, ୨ ଗିରଫ



**ବେତନଟୀ,୨୪।୯(ସଂଚାର ବ୍ୟୁରୋ):** ବେଆଇନ ଗୋଚାଲାଣ କରାଯାଉଥିବାର ଖବରପାଇ ବେତନଟୀ ପୁଲିସ ପେଟ୍ରୋଲିଂ ଟିମ ବୁଢ଼ୀଖମାରି ସ୍ଥିତ କାଠପାଳ କେନାଲ ରାସ୍ତାରେ ଚଢାଉକରି ୩ଟି ଗୋରୁ ବୋଝେଇ ପିକଅପଭ୍ୟାନ ଏବଂ ସେଗୁଡିକୁ ସୁରକ୍ଷା ଯୋଗାଉଥିବା ମୋଟରସାଇକେଲ ଜବତ ସମେତ ଦୁଇଜଣଙ୍କୁ ଗିରଫ କରାଯାଇଛି। ଘଟଣା ରୁ ପ୍ରକାଶ ବଡସାହି ଥାନା ବାଲିଯୋଡା ଅଞ୍ଚଳରୁ ପଶ୍ଚିମବଙ୍ଗକୁ ବେଆଇନ ଗୋ-ଚାଲାଣ କରାଯାଉଥିବା ନେଇ ବେତନଟୀ ଥାନା ଆଇଆଇସି ସସ୍ମିତା ମହାନ୍ତଙ୍କୁ ବିଶ୍ୱସ୍ତସୂତ୍ରରୁ ଖବର ମିଳିଥିଲା। ଯୋଜନା ମୁତାବକ ଆଇଆଇସି ସସ୍ମିତା ମହାନ୍ତ ସଦଳବଳେ କାଠପାଳ ଠାରେ କେନାଲ ରାସ୍ତାରେ ଛକି ରହିଥିବା ବେଳେ ୩ଟି ଗୋରୁ ବୋଝେଇ ପିକଅପଭ୍ୟାନକୁ ସୁରକ୍ଷା ଯୋଗାଉଥିବା ଏକ ମୋଟରସାଇକେଲ ସମେତ ଚାଳକକୁ ପ୍ରଥମେ କାବୁ କରିନେଇଥିଲେ। ଏହାପରେ ମଙ୍ଗଳବାର ବିଳମ୍ବିତ ରାତିରେ ୧୮ନଂ ଜାତୀୟରାଜପଥ ଅତିକ୍ରମ କରି ପଶ୍ଚିମବଙ୍ଗମୁହାଁ ଖସି ପଳାଇବାକୁ ଚେଷ୍ଟା କରୁଥିବା ୩ଗୋଟି ଗୋରୁବୋଝେଇ ପିକଅପଭ୍ୟାନକୁ ମଧ୍ୟ ଜବତ କରିଥିଲେ। ଅନ୍ଧାରରାତିରେ ଦୁଇଟି ପିକଅପଭ୍ୟାନ ଚାଳକ ଘଟଣାସ୍ଥଳରେ ଗାଡିଛାଡିଦେଇ ଚମ୍ପଟ ମାରିଥିବା ବେଳେ ଅନ୍ୟଜଣେ ପିକଅପ ଚାଳକ ଗାଡି ଖସାଇନେବାକୁ ଚେଷ୍ଟାକରୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇ ଆହତ ପୂର୍ବକ ପୁଲିସ ହାତରେ ଧରା ପଡ଼ିଛି। ଜବତ ତିନିଗୋଟି ପିକଅପଭ୍ୟାନ ଓଡି- ୧୧ୟୁ- ୩୭୦୪, ଓଡି-୧୧ଏଫ- ୧୫୫୭ ଏବଂ ଓଡି-୧୧୩ -୩୭୯୨ରୁ ମୋଟ ୧୩ଟି ବିଭିନ୍ନ ବୟସର ଗାଈ ଏବଂ ୮ଟି ବଳଦ ଏହିପରି ସର୍ବମୋଟ ୨୧ଟି ଗୋରୁଗାଈଙ୍କୁ ଉଦ୍ଧାର ଥାନା କୁ ଅଣାଯାଇଥିଲା। ସେହିଭଳି ୩ଗୋଟି ଗୋରୁ ବୋଝେଇ ପିକଅପଭ୍ୟାନକୁ ସୁରକ୍ଷା ଯୋଗାଉଥିବା ଓଡି-୦୨ଏଏକ୍ସ-୯୬୫୬ ନମ୍ବର ବିଶିଷ୍ଟ ମୋଟରସାଇକେଲ ମଧ୍ୟ ଜବତ କରାଯାଇଛି। ଉଦ୍ଧାର ୨୧ଟି ଗୋରୁ ଗାଈଙ୍କୁ ବେତନଟୀ ଶ୍ରୀରାମ ସେନା ସଭାପତି ସନ୍ଦୀପ କୁମାର ମିଶ୍ର ଓ ତାଙ୍କ ସଂଘ ର କର୍ମକର୍ତ୍ତା ମାନେ ବେତନଟୀ ଥାନା ରେ ପହଞ୍ଚି ସେହି ଗୋରୁ ର ଖାଇବା ବ୍ୟବସ୍ଥା ଓ ଚିକିତ୍ସା କରି ବାଲେଶ୍ୱରସ୍ଥିତ ଗୋଶାଳାକୁ ହସ୍ତାନ୍ତର କରାଯାଇଛି। ଏନେଇ ବେତନଟୀ ପୁଲିସ ୩୩୨/୨୫ ରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛନ୍ତି।

# ଥାନା ଝରକା ଭାଙ୍ଗି ଅଭିଯୁକ୍ତ ଫେରାର




**ବଲାଙ୍ଗୀର,୨୪।୯(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲାର ପୁଇଁନ୍ତଲା ଥାନାରୁ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଅଭିଯୁକ୍ତ ମଣ୍ଟୁ ଦଲେଇ ନାମକ ଏହି ବ୍ୟକ୍ତି ପୂର୍ବରୁ ଏକ ଚୋରୀ ମାମଲାରେ ସମ୍ପୃକ୍ତ ଥିଲେ। ଗତ ରାତିରେ ପୁଇଁନ୍ତଲା ପୋଲିସ ପେଟ୍ରୋଲିଂ ସମୟରେ ଛୁଇଁବନ୍ଧ ରାସ୍ତାରୁ ତାଙ୍କୁ ଗିରଫ କରି ଥାନାରେ ଅଟକ ରଖିଥିଲା। କିନ୍ତୁ, ରାତି ଅଧରେ ମଣ୍ଟୁ ଝାଡ଼ା ଯିବାର ବାହାନା କରି ଥାନାର ଝରକା ଗ୍ରିଲ ଭାଙ୍ଗି ଫେରାର ହୋଇଯାଇଛନ୍ତି। ପୁଇଁନ୍ତଲା ଥାନା ଅଧିକାରୀ ଅନୀତା ପ୍ରଧାନ କହିଛନ୍ତି ଯେ, ଅଭିଯୁକ୍ତ ମଣ୍ଟୁ ଦଲେଇ ପୂର୍ବରୁ ବିଭିନ୍ନ ଥାନାରେ ଚୋରୀ ମାମଲାରେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ତାଙ୍କୁ ପୁଇଁନ୍ତଲା ଥାନାରେ ପୂର୍ବତନ ଏକ ଚୋରୀ ମାମଲାରେ ଅଟକ ରଖାଯାଇଥିଲା। ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସର ଦୁଇଟି ଟିମ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଘଟଣାର ତଦନ୍ତ ଚାଲୁ ରହିଛି, ଏବଂ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରିବା ପାଇଁ ପୋଲିସ ଚେଷ୍ଟା ଜାରି ରଖିଛି।

## ଏସଭିଏମ୍ କଲେଜରେ ଅଳକା ଆଶ୍ରମ ପକ୍ଷରୁ ନିଶାମୁକ୍ତ ଯୁବଶକ୍ତି କର୍ମଶାଳା

**ଜଗତସିଂହପୁର,୨୪।୯(ସଂଚାର ବ୍ୟୁର):** ନିଶା ଠାରୁ ଯୁବ ପିଢିକୁ ଦୂରେଇ ରଖି ସେମାନଙ୍କୁ ଏକ ସୁସ୍ଥ ଓ ସମୃଦ୍ଧ ଭବିଷ୍ୟତ ଦେବା ଉଦେଶ୍ୟରେ ଐତିହାସିକ ଅଳକା ଆଶ୍ରମ ଆନୁକୂଲ୍ୟରେ ଜଗତସିଂହପୁର ଏସଭିଏମ୍ଙ୍କ କଲେଜରେ ଏକ ନିଶାମୁକ୍ତ ଯୁବଶକ୍ତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ଦ. ସୁଜାତା ଓତାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ମଶାଳାରେ ଯୁବ ଆଇପିଏସ ଅଧିକାରୀ ତଥା ଜଗତସିଂହପୁର ଏସଡ଼ିପିଓ ଆଜିଙ୍କ୍ୟ ମାନେ ବାବୁରାଓ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଶାମୁକ୍ତ ସମାଜ ଗଠନରେ ଯୁବପିଢ଼ିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଦେଶର ସର୍ବବୃହତ ଶକ୍ତି ହେଉଛନ୍ତି ଯୁବସମାଜ। ଜୀବନରେ ସଫଳତା ଏବଂ ବିଫଳତା ଆସିବା ସ୍ୱାଭାବିକ। ତେଣୁ ସବୁ ପରିସ୍ଥିତିକୁ ଛାତ୍ରଛାତ୍ରୀ ଏବଂ ଯୁବକ ଯୁବତୀ ମାନେ ଧର୍ଯ୍ୟର ସହିତ ମୁକାବିଲା କରି ଆଗକୁ ବଢ଼ିବା ପାଇଁ ଏସଡ଼ିପିଓ ଶ୍ରୀ ମାନେ ପରାମର୍ଶ ଦେଇଥିଲେ।

# ମା’ ହେବେ କ୍ୟାଟ୍ରିନା

## ସୁନ୍ଦର ଫଟୋ ଶେୟାର କରି ଦେଲେ ଖୁସିଖବର



ବଲିଉଡର ସବୁଠାରୁ ଲୋକପ୍ରିୟ ଦମ୍ପତି କ୍ୟାଟ୍ରିନା କୈଫ ଏବଂ ବିକି କୌଶଳ ଖୁବଶୀଘ୍ର ମାତାପିତା ହେବାକୁ ଯାଉଛନ୍ତି। ଦୀର୍ଘ ଦିନର ଚର୍ଚ୍ଚା ପରେ, ଏହି ଦମ୍ପତି ଶେଷରେ ଏକ ଖୁସି ଖବର ଘୋଷଣା କରିଛନ୍ତି। ଆଲିଆ, ଦୀପିକା ଏବଂ କିଆରାଙ୍କ ପରେ, କ୍ୟାଟ୍ରିନା କୈଫ ମଧ୍ୟ ମା’ ହେବାକୁ ଯାଉଛନ୍ତି। ଉଭୟ ଏକ ସୁନ୍ଦର ଫଟୋ ସହିତ ଗର୍ଭଧାରଣ ଘୋଷଣା କରିଛନ୍ତି। ବିକି ଏବଂ କ୍ୟାଟ୍ରିନା ଇନଷ୍ଟାଗ୍ରାମରେ ଏକ କଳାଧଳା ଫଟୋ ଶେୟାର କରିଛନ୍ତି। ଏହି ଫଟୋରେ, କ୍ୟାଟ୍ରିନା ଧଳା ଗାଉନରେ ତାଙ୍କ ବେବି ବମ୍ପକୁ ଫ୍ଲଣ୍ଟ କରୁଥିବାର ଦେଖାଯାଉଛି। ବିକି ସାମ୍ନାରେ ବେବି ବମ୍ପ ଧରି ଠିଆ ହୋଇଛନ୍ତି। ସେ କ୍ୟାପସନରେ ଲେଖିଛନ୍ତି: ଆମ ଜୀବନର ସର୍ବଶ୍ରେଷ୍ଠ ଅଧ୍ୟାୟ ଖୁସିରେ ଆରମ୍ଭ। କ୍ୟାଟ୍ରିନା ଏବଂ ବିକି ଡିସେମ୍ବର ୯, ୨୦୨୧ରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ସେମାନେ ରାଜସ୍ଥାନର ସିକ୍ସ ସେନ୍ସ ଫୋର୍ଟ ବାରୱାରାରେ ହିନ୍ଦୁ ରୀତିନୀତିରେ ବିବାହ କରିଥିଲେ। ବିବାହର ଚାରି ବର୍ଷ ପରେ, ସେମାନେ ପିତାମାତା ହେବାକୁ ଯାଉଛନ୍ତି।

# ଦିଲ୍ଲୀର ରାମଲୀଳାରେ ପୁନମ ପାଣ୍ଡେଙ୍କ ଅଭିନୟକୁ ନେଇ ବିବାଦ

ଜଣାଶୁଣା ତଥା ବିବାଦୀୟ ମଡେଲ ପୁନମ ପାଣ୍ଡେ। ରାମାୟଣରେ ରାବଣଙ୍କ ପତ୍ନୀ ଭୂମିକାରେ ଆସିବେ ନଜର। କଥାଟି ଆଶ୍ଚର୍ଯ୍ୟ ଲାଗୁଥିଲେ ବି ପୁରାପୁରି ସତ। ଦିଲ୍ଲୀର ରାମଲୀଳାରେ ଅଭିନେତ୍ରୀ ପୁନମ୍ ପାଣ୍ଡେଙ୍କ ଅଭିନୟ କରିବାକୁ ନେଇ ହିନ୍ଦୁ ସଂଗଠନ ଗୁଡ଼ିକ ତାତିଛନ୍ତି। ପୁନମ୍ ସୋସିଆଲ ମିଡିଆରେ ସେୟାର କରିଛନ୍ତି ଯେ ରାମଲୀଳା କେବଳ ଏକ ଧାର୍ମିକ କାର୍ଯ୍ୟକ୍ରମ ନୁହେଁ ବରଂ ଆମର ସଂସ୍କୃତି ଏବଂ ପରମ୍ପରାର ଏକ ଉତ୍ସବ। ଏଥିରେ ଅଂଶଗ୍ରହଣ କରିବାକୁ ସେ ନିଜକୁ ଭାଗ୍ୟବାନ ମନେ କରୁଛନ୍ତି। ଏହି ଅବସରରେ ତାଙ୍କୁ ନିମନ୍ତ୍ରଣ କରିବା ପାଇଁ ସେ ଲବକୁଶ୍ ରାମଲୀଳା କମିଟିକୁ ଧନ୍ୟବାଦ ଦେଇଛନ୍ତି। ପୁରୁଣା ଦିଲ୍ଲୀର ପ୍ରତିଷ୍ଠିତ ଲବକୁଶ୍ ରାମଲୀଳାରେ ପୁନମ୍ ପାଣ୍ଡେଙ୍କୁ ମନ୍ଦୋଦରୀ ଭାବରେ ମନୋନୀତ କରାଯାଇଛି। ଯେତେବେଳେ ଆର୍ଯ୍ୟ ବବର ରାବଣ ଭୂମିକାରେ ଅଭିନୟ କରିବେ। ମନ୍ଦୋଦରୀ ରାବଣଙ୍କ ପତ୍ନୀ ଥିଲେ, ଯିଏ ତାଙ୍କୁ ଉତ୍ତମ ପରାମର୍ଶ ଦେଇଥିଲେ। ଅନ୍ୟପଟେ ପୁନମ ପାଣ୍ଡେଙ୍କ ରାମଲୀଳାରେ ଅଭିନୟ ଉପରେ ଭିଏଚପି(ବିଶ୍ୱ ହିନ୍ଦୁ ପରିଷଦ) ଆପତ୍ତି ଉଠାଇଛି। ଦିଲ୍ଲୀର ଇନ୍ଦ୍ରପ୍ରସ୍ଥ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚପି)ର ସୁରେନ୍ଦ୍ର ଗୁପ୍ତା ପ୍ରତିଷ୍ଠିତ ଲବକୁଶ ରାମଲୀଳାରେ ମନ୍ଦୋଦରୀ ଭୂମିକା ପାଇଁ ଅଭିନେତ୍ରୀ ପୁନମ ପାଣ୍ଡେଙ୍କ ଚୟନ ଉପରେ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ, ସୁରେନ୍ଦ୍ର ଲବକୁଶ ରାମଲୀଳା କମିଟିକୁ ଏକ ଆନୁଷ୍ଠାନିକ ଚିଠି ପଠାଇ ଏହି ନିଷ୍ପତ୍ତିର ପୁନର୍ବିଚାର କରିବାକୁ ଅନୁରୋଧ କରିଛନ୍ତି। ନିଜର ଅଶ୍ଳୀଳ ବେଶଭୂଷା ପାଇଁ ଜଣାଶୁଣା ପୁନମ ପାଣ୍ଡେ ୨୦୧୩ରେ ନଶା ଚଳଚ୍ଚିତ୍ର ମାଧ୍ୟମରେ ତାଙ୍କର କ୍ୟାରିଅର ଆରମ୍ଭ କରିଥିଲେ। ଏହା ପୂର୍ବରୁ, ସେ କିଙ୍ଗଫିସରରେ ମଧ୍ୟ ଜଣେ ମଡେଲ ଥିଲେ। ସେ ପ୍ରଥମେ ବିବାଦରେ ଆସିଥିଲେ ଯେତେବେଳେ ସେ ଟ୍ୱିଟରରେ ନିଜର ଏକ ଅର୍ଦ୍ଧ-ନଗ୍ନ ଫଟୋ ପୋଷ୍ଟ କରିଥିଲେ।



# ୟଶ୍‌ଙ୍କ ନାୟିକା ସାଜିବେ ରୁକ୍ମିଣୀ

ଆସନ୍ତା ଅକ୍ଟୋବର ୨ରେ ଅଭିନେତା ରିସଭ ସେଟ୍ଟୀଙ୍କର ବହୁ ପ୍ରତୀକ୍ଷିତ ‘କାନ୍ତାରା ଚାପ୍ଟର ୧’ ଫିଲ୍ମ ରିଲିଜ୍ ହେବାକୁ ଯାଉଛି। ଏହି ଫିଲ୍ମରେ ଅଭିନେତ୍ରୀ ରୁକ୍ମିଣୀ ବସନ୍ତ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ସୋମବାର ‘କାନ୍ତାରା ଚାପ୍ଟର ୧’ର ଟ୍ରେଲରକୁ ଜାରି କରାଯାଇଛି। ତେବେ ‘କେଜିଏଫ୍’ ଫେମ୍ ସୁପରଷ୍ଟାର ୟଶଙ୍କ ଆଗାମୀ ଫିଲ୍ମ ‘ଟକ୍ସିକ୍’ରେ ରୁକ୍ମିଣୀ ନଜରକୁ ଆସିବେ ବୋଲି ଏକ ରିପୋର୍ଟ ପ୍ରକାଶ ପାଇଛି। ଉକ୍ତ ଫିଲ୍ମରେ ରୁକ୍ମିଣୀ ୟଶ୍‌ଙ୍କ ନାୟିକା ସାଜିବେ। ୨୦୨୬ ମାର୍ଚ୍ଚ ୧୯ରେ ତାମିଲ ତେଲୁଗୁ, ମାଲୟାଲମ, କନ୍ନଡ, ହିନ୍ଦୀ ଏବଂ ଇଂଲିଶ ଆଦି ୬ଟି ଭାଷାରେ ‘ଟକ୍ସିକ୍’ ଫିଲ୍ମ ମୁକ୍ତିଲାଭ କରିବ। ମୁଖ୍ୟତଃ କନ୍ନଡ଼, ତାମିଲ ଏବଂ ତେଲୁଗୁ ଫିଲ୍ମ ଜଗତରେ ନିଜ ଅଭିନୟର ଦକ୍ଷତା ଦେଖାଇଥିବା ରୁକ୍ମିଣୀ ୨୦୧୯ରେ କନ୍ନଡ଼ ଫିଲ୍ମ ‘ବୀରବଲ’ ଜରିଆରେ ଫିଲ୍ମ ଜଗତରେ ଡେବ୍ୟୁ କରିଥିଲେ। ୨୦୨୩ରେ କନ୍ନଡ଼ ଭାଷାରେ ରିଲିଜ୍ ହୋଇଥିବା ରୋମାଣ୍ଟିକ କମେଡି ଡ୍ରାମା ଫିଲ୍ମ ‘ସାଗରଚାଦେ ଏଲୋ: ସାଇଡ୍ ଏ’ ପାଇଁ ସେ ଶ୍ରେଷ୍ଠ ଅଭିନେତ୍ରୀ (କନ୍ନଡ଼) ଭାବେ ଫିଲ୍ମ ଫେୟାର କ୍ରିଟିକ୍ସ ଆଓ୍ବାର୍ଡ ଜିତିଥିଲେ।



# ଓଡ଼ିଆ ସିନେମା ‘ବୋଉ ବୁଟୁ ଭୁତ’ର ହିନ୍ଦୀ ରିମେକ କରିବେ କରନ ଜୋହର






ଶେଷରେ ଓଡ଼ିଆ ସିନେମା ଇଣ୍ଡଷ୍ଟ୍ରି କଣ୍ଟେଣ୍ଟ ଉପରେ ପଡିଛି ବଲିଉଡ ନଜର। ଓଡ଼ିଆରେ ସର୍ବାଧିକ ଆୟ କରିଥିବା ସିନେମା ‘ବୋଉ ବୁଟୁ ଭୁତ’ର ରିମେକ ରାଇଟ୍ସ କରନ ଜୋହରଙ୍କ ଧର୍ମା ପ୍ରଡକ୍ସନ୍ସ କିଣିବାର ପ୍ରକ୍ରିୟାରେ ଆରମ୍ଭ କରିଛି। କୋମଲ ନହଟାର ‘ଫିଲ୍ମ ଇନ୍‌ଫର୍ମେସନ୍’ ମ୍ୟାଗାଜିନରେ ପ୍ରକାଶିତ ନୋଟିସ୍‌ରେ ଧର୍ମାର ମୁଖ୍ୟ ଆଇନୀ ଅଧିକାରୀ ରଖୀ ବାଜପେୟୀ ତିୱାରୀ ଏହା ଘୋଷଣା କରିଛନ୍ତି। ୨୦୨୫ରେ ଜୁନ୍ ୧୨ରେ ରିଲିଜ୍ ହୋଇଥିବା ଏହି ହରର୍-ଥ୍ରିଲର୍-କମେଡି ସିନେମାରେ ବାବୁଶାନ ମହାନ୍ତି, ଆର୍ଚିତା ସାହୁ ଓ ଅପରାଜିତା ମହାନ୍ତି ଅଭିନୟ କରିଛନ୍ତି। ରାଇଟ୍ସ ସମସ୍ତ ଭାରତୀୟ ଓ ବିଶ୍ୱର ବିଭିନ୍ନ ଭାଷାରେ ରିମେକ, ଡବିଂ, ସବଟାଇଟଲ୍ ସମେତ ସମସ୍ତ ମିଡ଼ିଆରେ ସ୍ଥାୟୀ ଅଧିକାର କଭର୍ କରୁଛି। ତେବେ ବାବୁଶାନ ଫିଲ୍ମ ପ୍ରାଇଭେଟ୍ ଲିମିଟେଡ୍ ମୂଳ ସିନେମାର ସମସ୍ତ ଆଇପି ମାଲିକାନା ରହିବ। ହାଉସଫୁଲ୍ ୫ ଓ ସିତାରେ ଜମୀନ୍ ପାର୍’ ଭଳି ସିନେମାର ପ୍ରତିଯୋଗିତା ସତ୍ତ୍ୱେ ଏହା ୧୪-୧୫ କୋଟି ଟଙ୍କା ଆୟ କରି ସର୍ବାଧିକ ଶୀର୍ଷରେ ରହିଛି, ଯାହା ଦ୍ୱିତୀୟ ସର୍ବୋଚ୍ଚ ‘ଦମନ୍’ର ଦୁଇଗୁଣ ରହିଛି।

# ‘ମିରାଇ’ ସେନ୍‌ସେସନ୍ ଓଡ଼ିଆ ଝିଅ ରିତିକା ନାୟକ ତେଜାଙ୍କ ସହ କରିଛନ୍ତି ସ୍କ୍ରିନ୍ ଶେୟାର

ଗତ ୧୫ ତାରିଖରେ ବିଶ୍ୱସ୍ତରରେ ମୁକ୍ତିଲାଭ କରିଛି ତେଲୁଗୁ ଫିଲ୍ମ ‘ମିରାଇ’। ତାମିଲ, ହିନ୍ଦୀ, ମାଲାୟାଲମ୍, କନ୍ନଡ଼, ମରାଠୀ ଓ ବଙ୍ଗଳା ଭାଷାରେ ମୁକ୍ତିଲାଭ କରି ଏହା ଦର୍ଶକୀୟ ଆଦୃତି ପାଇଛି। ଏହି ଫାଣ୍ଟାସି ଆକ୍ସନ୍-ଆଡ୍‌ଭେନ୍‌ଚର ଫିଲ୍ମରେ ମୁଖ୍ୟ ନାୟକ ଭୂମିକାରେ ଅଭିନୟ କରିଛନ୍ତି ତେଜା ସଜ୍ଜା। ତାଙ୍କ ପ୍ରେମିକା ଭୂମିକାରେ ସ୍କ୍ରିନ୍ ଶେୟାର କରିଛନ୍ତି ଚାର୍ମିଂ ଗର୍ଲ ରିତିକା ନାୟକ। ଦିଲ୍ଲୀରେ ଜନ୍ମିତ ଓ ବଢ଼ିଥିବା ରିତିକା ଜଣେ ଓଡ଼ିଆ ଝିଅ। ୨୦୧୯ରେ କଲେଜ ଅଧ୍ୟୟନ ସମୟରେ ସେ ମନୋରଞ୍ଜନ ଜଗତରେ ଏଣ୍ଟ୍ରି କରିଥିଲେ। ଜଣେ ମଡେଲ ଭାବେ କ୍ୟାରିଅର୍ ଆରମ୍ଭ କରି ଅନେକ ଉଲ୍ଲେଖଯୋଗ୍ୟ ଟାଇଟଲ ହାସଲ କରିଥିଲେ। ତନ୍ମଧ୍ୟରେ ଦିଲ୍ଲୀ ଟାଇମ୍ସ ଫ୍ରେଶ୍ ଫେସ୍ ସିଜନ୍-୧୨ ଓ ମିସ୍ ଡିଭା-୨୦୨୦ ଅନ୍ୟତମ। ୨୦୨୨ରେ ମୁକ୍ତିଲାଭ କରିଥିବା ରୋମାଣ୍ଟିକ୍ କମେଡି ଫିଲ୍ମ ‘ଅଶୋକା ବନମ୍‌ଲୋ ଅର୍ଜୁନ କଲ୍ୟାଣମ୍’ ଜରିଆରେ ରିତିକା ସିନେ ଦୁନିଆରେ ଏଣ୍ଟ୍ରି କରିଥିଲେ। ଫିଲ୍ମରେ ବସୁଧା ଭୂମିକା ଜରିଆରେ ସେ ରାତାରାତି ଲୋକପ୍ରିୟ ହୋଇଥିଲେ। ଏହି ଭୂମିକା ପାଇଁ ତାଙ୍କୁ ଦକ୍ଷିଣ ଭାରତର ସବୁଠୁ ସମ୍ମାନାସ୍ପଦ ଆୱାର୍ଡ ଶୋ’ ଏସ୍‌ଆଇଆଇଏମ୍‌ଏରେ ଶ୍ରେଷ୍ଠ ନବାଗତ ଅଭିନେତ୍ରୀ ସମ୍ମାନ ପାଇଁ ନୋମିନେଟ୍ କରାଯାଇଥିଲା।

୨୦୨୩ରେ ଆସିଥିବା ହିଟ୍ ଫିଲ୍ମ ‘ହାଇ ନାନା’ରେ ରିତିକାଙ୍କ ଝଲକ୍ ମଧ୍ୟ ରହିଥିଲା। ‘ମିରାଇ’ ହିଟ୍ ହେବା ପରେ ରିତିକାଙ୍କୁ ନେଇ ଏବେ ଭାରତୀୟ ସିନେ ଇଣ୍ଡଷ୍ଟ୍ରିରେ ଖୁବ୍ ଚର୍ଚ୍ଚା। ତାଙ୍କ ଲୁକ୍ ଓ ଅଭିନୟକୁ ଉଭୟ ଦର୍ଶକ ଓ ସମୀକ୍ଷକମାନେ ଖୁବ୍ ପ୍ରଶଂସା କରୁଛନ୍ତି। ନିକଟରେ ଫିଲ୍ମର ପ୍ରମୋଶନ୍ ପାଇଁ ଷ୍ଟାର୍-କାଷ୍ଟଙ୍କ ସହ ସେ ‘ଦ ଗ୍ରେଟ୍ ଇଣ୍ଡିଆନ୍ କପିଲ ଶୋ’କୁ ଆସିଥିଲେ। ତାଙ୍କ ଅପ୍‌କମିଙ୍ଗ ପ୍ରୋଜେକ୍ଟରେ ଅଛି ତେଲୁଗୁ-ତାମିଲ ଫିଲ୍ମ ‘ଡୁଏଟ୍’ ଏବଂ ତେଲୁଗୁ ଫିଲ୍ମ ‘ଭିଟି-୧୫’।



## ବାଟବଣା ହେଉଛି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଗରୀବଙ୍କୁ ମିଳୁନାହିଁ ଘର



**ଫିରିଙ୍ଗିଆ,୨୪।୯(ସଂଚାର ବ୍ୟୁରୋ):** ଜିଲ୍ଲା ଫିରିଙ୍ଗିଆ ବ୍ଲକ ପାହିରାଜୁ ପଞ୍ଚାୟତ ଗୋବରନଳ ଗ୍ରାମର ମିନାକ୍ଷୀ କହଁର ଏକ ଭଙ୍ଗା ଦଦରା ଘରେ ଦୟନୀୟ ଭାବରେ କାଟୁଛନ୍ତି ନ ଜଣ ଲୋକ। କୁଲି ମଜୁରି ଯାଇ ଯେତିକି ମିଳୁଛି ସେତିକି ପରିବାର ଚଳିବା କଷ୍ଟ ପୁଣି ଘର ଖଣ୍ଡିଏ ତିଆରି କରିବା ଅସମ୍ଭବ ବୋଲି କହିଛନ୍ତି। ଦିର୍ଘ ବର୍ଷ ରୁ ଭଙ୍ଗା ଦଦରା ଚାଳ ଛପର ଘର ବିତୁଛି ଜୀବନ ଫେଲ୍ ମାରିଛି ସରକାର ଙ୍କ ତରଫରୁ ଘର ଖଣ୍ଡିଏ। ଘର ଛପର ନଷ୍ଟ ହେବାକୁ ଗଲାଣି ଘରର କାନ୍ଥ ସବୁ ଫାଟି ଆଁ କରିଛି। ଏପରି ବିପଦ ସଙ୍କୁଳ ଘରେ ପରିବାର ଧରି ରାତ୍ରି ଜାପନ କରୁଛନ୍ତି। ଘରର ମରାମତି କରିବା ପାଇଁ ହାତ ରେ ସମ୍ବଳ ନାହିଁ। ଘର ଖଣ୍ଡିଏ ପାଇଁ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆବେଦନ କରିଥିଲେ ମଧ୍ୟ କେହି ଶୁଣୁନାହାନ୍ତି ବୋଲି କହିଛନ୍ତି ମିନାକ୍ଷୀ କହଁର। ବର୍ଷା ରେ ଘରର ଛପର ନଷ୍ଟ ହେବାରୁ ବର୍ଷା ପାଣି ଘର ଭିତରେ ଜମିକି ରହୁଛି ଯାହା ଫଳରେ ପରିବାର ଲୋକେ ଘର ଖଣ୍ଡିଏ ପାଇଁ ବହୁତ ଅସୁବିଧା ସମ୍ମୁଖୀନ ହେଉଥିବା କହିଛନ୍ତି। ଦିନେ ନୁହେଁ କି ମାସେ ନୁହେଁ ବର୍ଷ ବର୍ଷ ମାଟି ଘରେ ହିଁ ବିତୁଛି ଜୀବନ। ତେଣୁ ପ୍ରଶାସନ ଏଥିପ୍ରତି ସଠିକ ଦୃଷ୍ଟି ଆକର୍ଷଣ କରିବା ସହ ମିନାକ୍ଷୀ କହଁର ଙ୍କୁ ଆବାସ ଗୃହ ଯୋଗାଇ ଦେବା ପାଇଁ ଗ୍ରାମ ବାସୀ ଦାବି କରିଛନ୍ତି ଅଭିଯୋଗ କାରୀ ନାମ ଲିସା କହଁର ସାମାଜ ସେବୀ ବିବେକାନନ୍ଦ ପ୍ରଧାନ ଲୁବିତା କହଁର ନାମୁରି କହଁର ଭାରତ କହଁର ଗଣେଶ୍ୱର କହଁର ସୁନ୍ଦେରୀ କହଁର ଅନ୍ୟ ପଟେ ଦେଖିବାକୁ ବାକି ରହିଛି ସରକାର ଗରିବ ମୁଣ୍ଡକୁ ଛାତ କେବେ ଯୋଗାଇ ଦେଉଛି।

### କେବେ ସରିବ ସରଦେଇପୁର-ନିମାପଡ଼ା ରାସ୍ତା

## ଅଧାପନ୍ତରିଆ ରାସ୍ତା ପାଇଁ ସମସ୍ୟା ଭୋଗୁଛନ୍ତି ଅଞ୍ଚଳବାସୀ



**ପୂର୍ତ୍ତ ବିଭାଗ ଓ ଠିକାସଂସ୍ଥା ମଧ୍ୟରେ ମଧୁଚନ୍ଦ୍ରିକା ଅଭିଯୋଗ**

**ବାଲିପାଟଣା,୨୪।୯(ସଂଚାର ବ୍ୟୁରୋ):** ବାଲିପାଟଣା ପୂର୍ତ୍ତ ବିଭାଗରେ ଠିକାସଂସ୍ଥା ପ୍ରତି ଦେଖାଯାଉଛି ଅହେତୁକ ଅନୁକମ୍ପା। ରାସ୍ତା ନିର୍ମାଣ ପ୍ରତି ଦିଆଯାଉନି ଗୁରୁତ୍ୱ ଫଳରେ କେବେ ରାସ୍ତା କାର୍ଯ୍ୟରେ ନିମ୍ନମାନର ଅଭିଯୋଗ ହେଉଥିବା ବେଳେ କେବେ ଅଧାପନ୍ତରିଆ ରାସ୍ତା ପାଇଁ ବର୍ଷା ଦିନେ ଅଞ୍ଚଳବାସୀ ହନ୍ତସନ୍ତ ହେଉଛନ୍ତି। ପୂର୍ତ୍ତ ବିଭାଗ ଅଧିନ ସରଦେଇପୁର-ନିମାପଡା ଚାରିଥାକିଆ ରାସ୍ତା କାର୍ଯ୍ୟରେ ଏଭଳି ଘଟଣା ଦେଖିବାକୁ ମିଳିଛି। ବାରମ୍ବାର ଅଭିଯୋଗ ପରେ ବି ଠିକାସଂସ୍ଥା କିମ୍ବା ବିଭାଗୀୟ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉନଥିବା ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି। ରାସ୍ତା ନିର୍ମାଣ କାର୍ଯ୍ୟ ଅଧପାନ୍ତରିଆ ରହିଛି। କିଛି ରାସ୍ତା ନିର୍ମାଣ ହୋଇଥିବା ବେଳେ ଆଉ ଅଧା ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି।ବିଶେଷକରି ବାଲିପାଟଣା ବିଶ୍ୱନାଥପୁର ସାଇ ମନ୍ଦିର ସମ୍ମୁଖରେ ରାସ୍ତା ଅତି ଶୋଚନୀୟ ହୋଇପଡ଼ିଛି। ଏଥିଯୋଗୁଁ ଏହି ରାସ୍ତା ଉପରେ ଯାତାୟାତ ପାଇଁ ଦୈନିକ ନିର୍ଭର କରୁଥିବା ହଜାର ହଜାର ଲୋକ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଠିକାପ୍ରସ୍ତାବ ଗୃହିତ ହୋଇ ୨୦୨୩ ଏପ୍ରିଲ ୧୯ ରେ ଶିଳାନ୍ୟାସ କରାଯାଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ଦୁଲ୍ଲାଦେବୀ ମନ୍ଦିରରୁ ମଞ୍ଜରୀଦେବୀ କଲେଜ ପର୍ଯ୍ୟନ୍ତ ୧୨୦୦ ମିଟର ଏବଂ ବୁଦ୍ଧିପଡ଼ା ଛକରୁ ବାଲିପାଟଣା ପ୍ରାୟ ୬. ୫୦୦ କିମି ରାସ୍ତା ୪ ଥାକିଆ ହେବାପାଇଁ ଯୋଜନା ରଖାଯାଇଛି କ୍ଷଏଥିପାଇଁ ପାଖାପାଖି ୪୦ କୋଟି ଟଙ୍କା ବ୍ୟବରାଦ କରାଯାଇଛି। କେ ବି ଏମ କନଷ୍ଟ୍ରକ୍ସନ ନାମକ ଏକ ଠିକାସଂସ୍ଥା ଏହାର କାର୍ଯ୍ୟଭାର ନେଇଛି। ବର୍ଷାଦିନରେ ଏହି ରାସ୍ତାରେ ଆମ୍ବୁଲାନ୍ସ କିମ୍ବା ଯାନବାହ ଯିବା ଆସିବାପାଇଁ ସମସ୍ୟା ଉପୁଜୁଥିବା ବେଳେ ଅନେକ ସମୟରେ ଏହି ଅଧାପନ୍ତରିଆ ରାସ୍ତା ପାଇଁ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ବିଭାଗୀୟ ଅଧିକାରୀ ଓ ଠିକାସଂସ୍ଥାର ଦାୟିତ୍ୱହୀନତା ପାଇଁ ରାସ୍ତା ନିର୍ମାଣ ଅଧାପନ୍ତରିଆ ରହିଛି ବୋଲି ସ୍ଥାନୀୟ ଅଧିବାସୀ ଅଭିଯୋଗ ଆଣିଛନ୍ତି। ସେପଟେ ରାସ୍ତା କାମର ଅବଧି ସରିବାକୁ ଆଉ ୩ ମାସ ବାକିଥିବା ବେଳେ ଆଗାମୀ ଦିନରେ ହେବାକୁଥିବା ଅଧାପନ୍ତରିଆ କାମର ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ବାବଦରେ ବିଭାଗୀୟ ଅଧିକାରୀ କିମ୍ବା ଠିକାଦାରଙ୍କ ସନ୍ତୋଷ ଜନକ ପ୍ରତିକ୍ରିୟା ମିଳିପାରିନାହିଁ।

## ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ବୈଠକ



**ବଲାଙ୍ଗିର,୨୪।୯(ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ପରିଷଦ, ଅଧ୍ୟକ୍ଷ୍ୟା, ଦେବକୀ ସାହୁଙ୍କ ଅଧ୍ୟକ୍ଷତାରେ ଡିଏଫଓ କାର୍ଯ୍ୟାଳୟର ସଭାଗୃହ ଠାରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତିର ଉପସଭାପତି ତଥା ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜି ଇସଲଓ୍ୱାର, ନିର୍ବାହୀ ଅଧିକାରୀ-ତଥା-ମୁଖ୍ୟ ଉନ୍ନୟନ ଅଧିକାରୀ ତରଣୀ ସୁନା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ରମେଶ ଚନ୍ଦ୍ରସାହୁ ପ୍ରମୁଖ ଏହି ବୈଠକରେ ଯୋଗଦେଇଥିଲେ। ଗୃହ କୁ ସମ୍ବୋଧିତ କରି ଶ୍ରୀମତୀ ସାହୁ ସମସ୍ତ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଯୋଜନାର ସମୟୋଚିତ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ସରକାରଙ୍କ ଦ୍ୱାରା ପ୍ରଦତ୍ତ ମାନଦଣ୍ଡ ଏବଂ ନିର୍ଦ୍ଦେଶାବଳୀକୁ କଡାକଡି ପାଳନ କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଉପାସ୍ଥିତ ଥିବା ସଦସ୍ୟ ଓ ଅଧିକାରୀ ମାନଙ୍କୁ ଅଭାବି ଲୋକଙ୍କୁ ସେମାନଙ୍କର ସର୍ବୋତ୍ତମ ସେବା ପ୍ରଦାନ କରିବାକୁ ଆହ୍ୱାନ କରିବା ସହିତ ଆଶା ପ୍ରକାଶ କରିଥିଲେ ଯେ ଗ୍ରାମାଞ୍ଚଳରେ ସଚେତନତା ଶିବିର ଆୟୋଜିତ କରି ପ୍ରଶାସନିକ ଅଧିକାରୀ, ଚିକିତ୍ସା ଅଧିକାରୀ ଏବଂ ପିଆରଆଇ ସଦସ୍ୟଙ୍କ ମିଳିତ ପ୍ରୟାସ ଜିଲ୍ଲାର ସାମଗ୍ରିକ ସ୍ୱାସ୍ଥ୍ୟ ସେବା ପରିସ୍ଥିତିକୁ ଉନ୍ନତ କରିବାରେ ବହୁତ ସାହାର୍ଯ୍ୟ କରିପାରିବ।

## ବିଜେପି ପକ୍ଷରୁ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟନ



**ସୁନ୍ଦରଗଡ଼,୨୪।୯(ସଂଚାର ବ୍ୟୁରୋ):** ଦେଶକୁ ସର୍ବାଙ୍ଗୀନ ବିକାଶର ନୂତନ ଶିଖରରେ ପହଞ୍ଚାଉଥିବା ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ୭୫ତମ ଜନ୍ମଦିନ ପୂର୍ତ୍ତି ଉପଲକ୍ଷେ ୧୭ ସେପ୍ଟେମ୍ବର ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ବିଜେପି ପକ୍ଷରୁ ସମଗ୍ର ଭାରତବର୍ଷରେ ସେବାପକ୍ଷ ଚାଲୁଅଛି। ସେବା ପରମ ଧର୍ମ ନୀତିକୁ ଅବଲମ୍ବନ କରି ସମାଜର ଗରିବ, ଶୋଷିତ ଏବଂ ବଂଚିତ ବର୍ଗର ଉନ୍ନତି ପାଇଁ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଅନେକ ଐତିହାସିକ ନିଷ୍ପତି ଓ ଯୋଜନା କରା ଯାଉଛି। ଏହି ଅବସରରେ ବୁଧବାର ଶ୍ରୀମୋଦୀ ଜୀଙ୍କ ଜୀବନ ଉପରେ ଆଧାରିତ ଏବଂ ତାଙ୍କ ୧୧ବର୍ଷ ନେତୃତ୍ୱରେ ହୋଇଥିବା ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଏବଂ ଦେଶ ହିତ ପାଇଁ ଐତିହାସିକ ନିଷ୍ପତି ପ୍ରଦର୍ଶନୀକୁ ନେଇ ବିଜେପି ସୁନ୍ଦରଗଡ଼ ସାଂଗଠନିକ ଜିଲ୍ଲା ପକ୍ଷରୁ ସୁନ୍ଦରଗଡ଼ ସ୍ଥିତ ବିର୍ସା ମୁଣ୍ଡା ଛକ ଠାରେ ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀକୁ ଜିଲ୍ଲା ସଭାପତି ଗିରୀଶ ଚନ୍ଦ୍ର ସାହୁ ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଫଟୋଚିତ୍ର ପ୍ରଦର୍ଶନୀରେ ଭୋକାଲ ଫର ଲୋକାଲ, ଡିଜିଟାଲ ଇଣ୍ଡିଆ ଓ ପ୍ରଯୁକ୍ତି ବିଦ୍ୟାର ଉନ୍ନତି, ପରିବେଶ ପାଇଁ ପଦକ୍ଷେପ, ଅପରେସନ ସିନ୍ଦୁର, ଅନୁଚ୍ଛେଦ ୩୭୦, କ୍ରୀଡ଼ା ଓ ଯୁବପିଢ଼ିଙ୍କ ସହଭାଗିତା, ନିଯୁକ୍ତି ସୃଷ୍ଟି ଓ ସୁଯୋଗ, ମହିଳା ସଶକ୍ତିକରଣ, ଅନ୍ନଦାତା ରାଷ୍ଟ୍ର ନିର୍ମାଣ ଅନ୍ନଦାତାକୁ ସମ୍ମାନ, ସଂସ୍କୃତି, ସୁଶାସନ ସମେତ ଶତାଧିକ ଯୋଜନା ଉପରେ ଫଟୋ ପ୍ରଦର୍ଶନୀ ହୋଇଥିଲା। ଏହି ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି ନେତା ତଥା ରାଜ୍ୟ ପ୍ରବକ୍ତା ଧିରେନ ସେନାପତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ଜିଲ୍ଲା ସଭାପତି ବଟ କିଶୋର ମିଶ୍ର, ଜିଲ୍ଲା ଉପସଭାପତି ସୁରେନ୍ଦ୍ର ଦେହୁରୀ, ଜିଲ୍ଲା କୋଷାଧକ୍ଷ ଦିନେଶ କର, ଜିଲ୍ଲା ସାଧାରଣ ସମ୍ପାଦକ ସୁଖଲାଲ ମୁଣ୍ଡା, ସମେତ ଜିଲ୍ଲା ଓ ମଣ୍ଡଳର ପଦାଧିକାରୀ, ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ଖୋଲିଲା ଓଡ଼ଗାଁ ଶ୍ରୀ ରଘୁନାଥ ଜୀଉଙ୍କ ହୁଣ୍ଡି: ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆଦାୟ



**ନୟାଗଡ଼,୨୪।୯(ସଂଚାର ବ୍ୟୁରୋ):** ଆଜି ଦେବୋତ୍ତର ବିଭାଗ, ରାଜସ୍ୱ ବିଭାଗ ଓ ପୁଲିସ ଉପସ୍ଥିତିରେ ଶ୍ରୀ ରଘୁନାଥ ଜୀଉଙ୍କ ହୁଣ୍ଡି ଖୋଲାଯାଇଛି। ହୁଣ୍ଡି ମଧ୍ୟରୁ ନଗଦ ୩ ଲକ୍ଷ ୬୭ ହଜାର ୪୪୪ ଟଙ୍କା ସମେତ ସୁନା ୧୪୧ ମିଲିଗ୍ରାମ, ରୁପା ୪୦୦ ମିଲିଗ୍ରାମ ଓ ୪୦୦ ଗ୍ରାମର ଗୋଟିଏ ଘଣ୍ଟି ମିଳିଥିବା ନେଇ ଦେବୋତ୍ତର ବିଭାଗ ପକ୍ଷରୁ ସୂଚନା ମିଳିଛି। ଆଜିର ଏହି ହୁଣ୍ଡି ଖୋଲା ଅଭିଯାନରେ ଓଡ଼ଗାଁ ତହସିଲଦାର ମାନସ ରଞ୍ଜନ ଭୋଇ, ଦେବୋତ୍ତର ମ୍ୟାନେଜର ତାପସରଞ୍ଜନ ପଟ୍ଟନାୟକ, ମନ୍ଦିର ସୁପରଭାଇଜର ଜିତେନ୍ଦ୍ର କୁମାର ମିଶ୍ର, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଜ୍ୟୋସ୍ନା ଦେଇ, ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ ମହାପାତ୍ର, ସୁଆର ପରିଷଦ ସଭାପତି ସୁବ୍ରତ କୁମାର ପଣ୍ଡା, ସମ୍ପାଦକ କାର୍ତ୍ତିକଚନ୍ଦ୍ର ପଣ୍ଡା, ତହସିଲ କର୍ମଚାରୀ ଓ ପୁଲିସ ଉପସ୍ଥିତିରେ ହୁଣ୍ଡି ଖୋଲାଯାଇଥିଲା। ୨୦୨୫ ମସିହା ଫେବୃଆରୀ ମାସ ୨୧ ତାରିଖରେ ଶ୍ରୀ ରଘୁନାଥ ଜୀଉଙ୍କ ହୁଣ୍ଡିରୁ ୩ ଲକ୍ଷ ୫୪ ହଜାର ୫୬୦ ଟଙ୍କା ଆଦାୟ ହୋଇଥିଲା ବୋଲି ସୂଚନା ମିଳିଛି।

## ଡାଇବେଟିସ ମୁକ୍ତ ସଚେତନତା ଶିବିର

**ନୀଳଗିରି,୨୪।୯(ସଂଚାର ବ୍ୟୁର):** ସମଗ୍ର ବିଶ୍ୱରୁ ଡାଇବେଟିସ ମୂଳପୋଛ କରିବା ପାଇଁ ୟୁନାଇଟେଡ ଏଗେନଷ୍ଟ ଡାଇବେଟିସ ଅନୁଷ୍ଠାନ ପକ୍ଷରୁ ବୁଧବାର ଦିନ ନୀଳଗିରି ଏନ୍.ଏ.ସି କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଅଛି। ଏହି ଶିବିରରେ ସଂସ୍ଥାର ସଭାପତି ଡକ୍ଟର ଲଳିତ କୁମାର ଉପାଧ୍ୟାୟ, ମୁଖ୍ୟ ଅତିଥି ଭାବେ ରତ୍ନାକର ଟାଉନ୍ ହାଇସ୍କୁଲର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା, ସମ୍ମାନିତ ଅତିଥି ଭାବେ ଭାରାପ୍ରାପ୍ତ ଏନ୍.ଏ.ସି ଅଧ୍ୟକ୍ଷ ମହେନ୍ଦ୍ର ବେହେରା, ଏନ୍.ଏ.ସି ର ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା, ସଂସ୍ଥାର ଜିଲ୍ଲା ସଂଯୋଜକ ସୁବ୍ରତ କୁମାର ଦାସ, ରାଜ୍ୟ କୋଡ଼ିନେଟର ପ୍ରତାପ କୁମାର ରଥ, ନୀଳଗିରି ବ୍ଲକ କୋଡ଼ିନେଟର ଜ୍ୟୋତି ପ୍ରକାଶ ରାଉତ, ହୃଷିକେଶ ମହାନ୍ତି, ସାଂସଦଙ୍କ ପ୍ରତିନିଧି ଭାବେ ଚନ୍ଦ୍ରବିନ୍ଦୁ ଦାସ, ବିଧାୟକଙ୍କ ପ୍ରତିନିଧି ଭାବେ ସୁରଞ୍ଜନ ମହାପାତ୍ର ମଞ୍ଚାସିନ ରହି ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କିଭଳି ସମଗ୍ର ବିଶ୍ୱରୁ ଡାଇବେଟିସ ମୂଳପୋଛ ହେବ ସେ ଦିଗରେ ଡାକ୍ତର ଲଳିତ କୁମାର ଉପାଧ୍ୟାୟ ଉପସ୍ଥିତ ଡାଇବେଟିସ ରୋଗୀଙ୍କୁ ଦିଗ୍ ଦର୍ଶନ ଦେଇଥିଲେ।

**ଚାଷୀ ଉପରେ ଦାଉ ସାଧୁଛି କମ୍ପାନି**

## କ୍ଷେତରେ ମାଡ଼ିଗଲା ପାଉଁଶ ମିଶା ପାଣି



**ଝାରସୁଗୁଡ଼ା,୨୪।୯(ସଂଚାର ବ୍ୟୁର):** ଚାଷୀ ଉପରେ ଦାଉ ସାଧୁଛି କମ୍ପାନି । ଝାରସୁଗୁଡ଼ାରେ ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନିର ବର୍ଜ୍ୟ ପାହାଡ଼ ଧସି କ୍ଷେତରେ ମାଡ଼ିଯାଇଛି । ପାଉଁଶ ମିଶା ବର୍ଜ୍ୟଗୁଣ୍ଡ ପାଣିସହ ମିଶି ଚାଷୀଙ୍କ ଧାନ କ୍ଷେତ ଓ ପ୍ରାକୃତିକ ନାଳରେ ମିଶିଥିବା ଅଭିଯୋଗ ହୋଇଛି । ଏପରିକି କମ୍ପାନିରୁ ବାହାରୁଥିବା ଦୂଷିତ ପାଣି ନାଳ ଦେଇ ନଦୀ ମିଶିବାରୁ ନଦୀ ଜଳ ଦୂଷିତ ହେଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ଝାରସୁଗୁଡ଼ା ବ୍ଲକ ମରାକୁଟା ପଂଚାୟତରେ ବିଲ ଭିତରେ ପଶି ଧାନ ଗଛ ଖୋଜୁଛି ଚାଷୀ । ପାଉଁଶ ମିଶା ବର୍ଜ୍ୟଗୁଣ୍ଡରେ ପୋତି ହୋଇଯାଇଛି ଫସଲ । ବର୍ଷା ଯୋଗୁ ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନି ପରିସରରେ ଥିବା ବର୍ଜ୍ୟ ପାହାଡ଼ ଧସି ଏଭଳି ସମସ୍ୟା ସୃଷ୍ଟି ହୋଇଛି । ଆବଶ୍ୟକତାଠୁ ଅଧିକ ବର୍ଜ୍ୟ ହେବାରୁ କମ୍ପାନିର ଅସ୍ଥାୟୀ ପାଚେରି ଭାଙ୍ଗି ବର୍ଜ୍ୟ ଆଖପାଖ ନାଳ, ନଦୀରେ ମିଶୁଥିବା ଅଭିଯୋଗ ହୋଇଛି। ଏପରିକି କମ୍ପାନି ପଂଚାୟତରେ ଥିବା କିଛି ଜଙ୍ଗଲ ଜମି ଓ ଗୋଚର ଜମିକୁ ଦଖଲ କରି ବ୍ୟବହାର କରୁଛି । ଏହାସହ ସରକାରୀ ଜମିକୁ ରାସ୍ତା କରୁଛି । ସବୁଠାରୁ ସାଂଘାତିକ, ଫସଲ ନଷ୍ଟ। କମ୍ପାନି ବର୍ଜ୍ୟ ଚାଷଜମିକୁ ପ୍ରଦୂଷିତ କରୁଥିବାରୁ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା । କମ୍ପାନି ଯୋଗୁ ଭୋଗୁଥିବା ସମସ୍ୟା ବାବଦରେ ବାରମ୍ବାର ଜଣାଇବା ପରେ ବି ପ୍ରଶାସନ କିଛି ଶୁଣୁନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଚାଷ ଜମି ନଷ୍ଟ କରୁଥିବା କମ୍ପାନି ପାଇଁ ପ୍ରଶାସନର ଏତେ ଦରଦ କାହିଁକି ? ବୋଲି ପ୍ରଶ୍ନ ଉଠିଛି ।

## ୮ଶ୍ରେଣୀକୁ ୪ ଶିକ୍ଷକ, ଶିକ୍ଷାଦାନ ବାଧାପ୍ରାପ୍ତ



**କୋରେଇ,୨୪।୯(ସଂଚାର ବ୍ୟୁରୋ):** କୋରେଇ ଶିକ୍ଷା ମଣ୍ଡଳ ତଳଗଡ଼ କ୍ଲଷ୍ଟର ପଛିକୋଟ ପଞ୍ଚାୟତ ଖମିଗାଁ ସରକାରୀ ଉପ୍ରା ସ୍କୁଲରେ ଶିକ୍ଷକ ଅଭାବ କାରଣରୁ ଶିକ୍ଷା ଦାନ ବାଧାପ୍ରାପ୍ତ ହୋଇଛି। ଯାହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ରହିଥିବା ବେଳେ ୧୩୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏଥିରେ ଅଷ୍ଟମ ଶ୍ରେଣୀରେ ୧୪ ଜଣ ପିଲା ଅଛନ୍ତି। ୮ଟି ଶ୍ରେଣୀର ଶିକ୍ଷା ଦାନ ପାଇଁ ଅଛନ୍ତି ମାତ୍ର ୪ଜଣ ଶିକ୍ଷକ । ପ୍ରଧାନ ଶିକ୍ଷକଙ୍କ ଶିକ୍ଷା ଦାନ ସହିତ ସ୍କୁଲ କାଗଜପତ୍ର କାର୍ଯ୍ୟ କରିବାର ଦାୟିତ୍ୱ ମଧ୍ୟ ରହିଛି।ଏହା ବ୍ୟତୀତ କୌଣସି କାରଣରୁ ଯଦି କେହି ଶିକ୍ଷକ ଛୁଟିରେ ରହିଲେ ତାହେଲେ ସେ'ଦିନ ଦୁଇଜଣ ଶିକ୍ଷକଙ୍କ ଉପରେ ୮ ଟି ଶ୍ରେଣୀର ପାଠପଢା ଦାୟିତ୍ୱ। ପାଠପଢାତ ଦୂରର କଥା ପିଲାଙ୍କୁ ଜଗିବାବି ଶିକ୍ଷକ ମାନଙ୍କ ପାଇଁ କଷ୍ଟକର। ଅଷ୍ଟମ ଶ୍ରେଣୀ ଶିକ୍ଷା ଛାତ୍ରଛାତ୍ରୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଶିକ୍ଷକ ଅଭାବରୁ ସେମାନେ କେମିତି ଠିକିରେ ଶିକ୍ଷା ଲାଭ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୂର୍ବରୁ ଏଠାରେ ପାଂଚ ଜଣ ଶିକ୍ଷକ ଥିବା ବେଳେ ଯାହା ଯେମିତି ଶିକ୍ଷା ଦାନ ଚାଲୁଥିଲା। ନିକଟରେ ଜଣେ ଶିକ୍ଷୟିତ୍ରୀଙ୍କ ଅନ୍ୟତ୍ର ବଦଳି ହେବା ପରେ ଶିକ୍ଷା ଦାନରେ ସମସ୍ୟା ସୃଷ୍ଟି ହୋଇଛି। ତେଣୁ ଶିକ୍ଷା ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି।

## କଲେଜରେ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ



**ବୋରିଗୁମ୍ମା, ୨୪।୯ (ସଂଚାର ବ୍ୟୁର):** ବୁଧବାର ବୋରିଗୁମ୍ମା ସ୍ଥିତ ଭୈରବ ଉଚ୍ଚ ମାଧମିକ ବିଦ୍ୟାଳୟ ଠାରେ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଶ୍ରୀ ପ୍ରଦୀପ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ସ୍ୱଦେଶୀ ଜାଗରଣ ମଞ୍ଚର କୋରାପୁଟ ଜିଲ୍ଲା ଯୁବ ପ୍ରମୁଖ ତନ୍ମୟ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଦେଶରୁ ବେରୋଜଗାରି ସମାପ୍ତ କରିବାକୁ ହେଲେ ଉଦ୍ୟମିତା ମାଧମରେ ସ୍ୱ ରୋଜଗାର ସ୍ଥାପନ କରି ଦେଶକୁ ସମୃଦ୍ଧ କରାଯାଇପାରିବ ବୋଲି ଅତିଥିମାନେ କହିଥିଲେ। ରୋଜଗାର କହିଲେ ଯେ କେବଳ ଚାକିରୀ, ମାନସିକତାକୁ ବଦଳାଇ ସ୍ୱରୋଜଗାର ଆଡକୁ ଅଗ୍ରସର ହେବା ସହ ଚାକିରିଦାତା ହେବାପାଇଁ ତନ୍ମୟ ପ୍ରଧାନ ଆହ୍ୱାନ ଦେଇଥିଲେ। ବୋରିଗୁମ୍ମା ସହରର ସଫଳ ଯୁବ ଉଦ୍ୟୋଗୀ ଇଞ୍ଜିନିଅର ଜି କ୍ରିଷ୍ଣା ରାଓଙ୍କୁ ଉପଢୌକନ ଦେଇ ମଞ୍ଚ ତରଫରୁ ସମ୍ମାନିତ କରାଯାଇଥିଲା। କ୍ରିଷ୍ଣା ରାଓ ମୋଟା ଅଙ୍କର ଦରମା ପାଇ ବିଦେଶରେ ଚାକିରୀ କରୁଥିଲେ। ପରେ ନିଜ ସ୍ଥାନକୁ ଫେରିଆସି କାଜୁ ବାଦାମ ପ୍ରକ୍ରିୟାକରଣ ସଂସ୍ଥା ଗଢି ନିଜେ ଲାଭାନ୍ୱିତ ହେବା ସହ ପ୍ରାୟ ତିରିଶିରୁ ଅଧିକ ପରିବାରକୁ ରୋଜଗାର ଯୋଗେଇ ଦେଉଛନ୍ତି। ଶହେ ଜଣ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବାବେଳେ ଅଧାପକ ଡ଼ ସୁଧାଂଶୁ ଶେଖର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବହୁ ଛାତ୍ର ଛାତ୍ରୀ ଯୋଗ ଦେଇ ଥିଲେ।

### ଧଳା ଜହର ମାଫିଆ ଗିରଫ ଘଟଣା

## ଥାନା ଅଧିକାରୀଙ୍କୁ ସାଧୁବାଦ ଜଣାଇଲେ ଅଞ୍ଚଳବାସୀ



**ବିଞ୍ଝାରପୁର,୨୪।୯(ସଂଚାର ବ୍ୟୁରୋ):** ବିଞ୍ଝାରପୁର ଥାନାରେ କାର୍ଯ୍ୟରତ ଆଇଆଇସି ରଞ୍ଜନ କୁମାର ମଲ୍ଲିକ ଓ ଏସଡିପିଓ ପ୍ରଶାନ୍ତ କୁମାର ମାଝୀଙ୍କୁ ସାଧୁବାଦ ଜଣାଇଛନ୍ତି ବିଂଝାରପୁରବାସୀ। ଦୀର୍ଘ ଦିନ ହେଲା ବିଂଝାରପୁର ଥାନା ସୟଦପୁର ପଞ୍ଚାୟତରେ ଧଳା ଜହର କାରବାର ଚାଲିଥିଲା। ଯାହାଦ୍ୱାରା କଲେଜ ପଢୁଆ ଛାତ୍ର ଓ ଅଞ୍ଚଳର ଯୁବକମାନେ ବ୍ରାଉନସୁଗାର ଭଳି ମାରାତ୍ମକ ନିଶାରେ ଅଭ୍ୟସ୍ତ ହେବାସହ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଥିଲେ। ଫଳରେ ବହୁ ପରିବାରରେ ଅଶାନ୍ତି ସୃଷ୍ଟି ହେଉଥିଲା। ଅଞ୍ଚଳବାସୀଙ୍କ ମଧରେ ବ୍ରାଉନସୁଗାର କାରବାର ରୋକିବାକୁ ନେଇ ବିଭିନ୍ନ ସମୟରେ ଅଭିଯୋଗ ହେଉଥିଲେ ମଧ ପୂର୍ବରୁ ବିଂଝାରପୁର ଥାନାରେ କାର୍ଯ୍ୟରତ ଆଇଆଇସି ବ୍ରାଉନସୁଗାର ମାଫିଆଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିଲେ। ଆଇଆଇସି ଶ୍ରୀ ମଲ୍ଲିକ ବିଂଝାରପୁର ଥାନାରେ ନିଯୁକ୍ତି ହେଲାପରେ ଏସଡିପିଓ ଶ୍ରୀ ମାଝୀଙ୍କ ପରାମର୍ଶରେ ବିଭିନ୍ନ ସ୍ଥାନରେ ଚଢ଼ାଉକରି ବ୍ରାଉନସୁଗାର ମାଫିଆ ନଗମା ବିବିଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲାବେଳେ ଏବେ ମଧ ଅନ୍ୟ ସ୍ଥାନ ମାନଙ୍କରେ ଚଢ଼ାଉ ଜାରୀ ରଖିଛନ୍ତି। ଆଇଆଇସି ଶ୍ରୀ ମଲ୍ଲିକଙ୍କ ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଥିବା ବେଳେ ବ୍ରାଉନସୁଗାର ନିଶାରେ ଅଭ୍ୟସ୍ତ ଯୁବକଙ୍କ ପରିବାର ପକ୍ଷରୁ ତାଙ୍କୁ ସାଧୁବାଦ ଜଣାଯାଇଛି।

## ଅଲଣା ପଞ୍ଚାୟତରେ ରାସ୍ତା ନିର୍ମାଣରେ ଅନିୟମିତତା

**ତଦନ୍ତ ନ ହେଲେ ଆମରଣ ଅନଶନ ପାଇଁ ଚେତାବନୀ**

**ନାଉଗାଁ,୨୪।୯(ସଂଚାର ବ୍ୟୁର):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଅଲଣା ପଞ୍ଚାୟତରେ ନିର୍ମାଣ କରାଯାଇଥିବା ପଞ୍ଚାୟତ ରାସ୍ତାରେ ଅନିୟମିତତା ହୋଇଥିବା ନେଇ ସଠଳପୁର ଗ୍ରାମର କୃତିବାସ ମିଶ୍ର ବିଡିଓ ନିରଞ୍ଜନ ପରିଡ଼ାଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଠିକ୍ ଭାବେ ଉକ୍ତ ରାସ୍ତାର ତଦନ୍ତ କରା ନ ଗଲେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବାକୁ ଚେତାବନୀ ଦେଇଛନ୍ତି। ଅଭିଯୋଗ ମୁତାବକ ଉକ୍ତ ପଞ୍ଚାୟତ ମଧୁପୁର ଗ୍ରାମର ସରପଞ୍ଚ ଚନ୍ଦ୍ରମଣୀ ବେହେରାଙ୍କ ଘର ନିକଟରୁ ରବୀନ୍ଦ୍ର ବେହେରା ଗୃହ ପର୍ଯ୍ୟନ୍ତ ଏକ ରାସ୍ତା ନିର୍ମାଣ କରାଯାଇଛି। ନିର୍ମାଣ କରାଯାଇଥିବା ରାସ୍ତାର ରବୀନ୍ଦ୍ର ବେହେରାଙ୍କ ଘରବାରୀ ପ୍ଲଟ ଅଟେ। ରବୀନ୍ଦ୍ର ବେହେରା ଦୀର୍ଘ ୮ ମାସ ହେବ ମୃତ୍ୟୁବରଣ କରିଛନ୍ତି। ତେଣୁ ଉକ୍ତ ରାସ୍ତା ନିର୍ମାଣ ସମୟରେ ରବୀନ୍ଦ୍ର ମୃତ ହୋଇଥିବା ବେଳେ ସରକାରୀ ଖାତାରେ କିପରି ଉକ୍ତ ପ୍ଲଟକୁ ପଂଜୀକୃତ କରାଯାଇ ରାସ୍ତା ନିର୍ମାଣ କରାଗଲା। ସେହିପରି ବେଣାପଡ଼ା ଗ୍ରାମର କୁଶନ ଦାସ ଘରକୁ ନିର୍ମାଣ କରାଯାଇଥିବା ରସ୍ତାଟି ଘରବାରୀ ପ୍ଲଟ ହୋଇଥିବା ବେଳେ କୁଶନ ଦାସ ଦୀର୍ଘ ୧୦ବର୍ଷ ହେଲାଣି ମୃତ୍ୟୁ ବରଣ କରିସାରିଛନ୍ତି। ତେବେ ଉକ୍ତ ପ୍ଲଟ କିପରି ପଂଜୀକୃତ ହୋଇ ରାସ୍ତା ନିର୍ମାଣ କରାଗଲା। ଏହାର ସଠିକ ତଦନ୍ତ କରିବା ପାଇଁ ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗ ପାଇବା ପରେ ତଦନ୍ତ କରାଯିବ ବୋଲି ବିଡିଓ ନିରଞ୍ଜନ ପରିଡ଼ା ମତବ୍ୟକ୍ତ କରିଛନ୍ତି।

## ବ୍ରାଇଟ ପିପୁଲ ଲାଇଫ ସର୍ଭିସ ପ୍ରାଇଭେଟ୍ ଲିମିଟେଡର ପଞ୍ଚମ ବାର୍ଷିକ ଉତ୍ସବ

**ସୁନ୍ଦରଗଡ଼,୨୪।୯(ସଂଚାର ବ୍ୟୁରୋ):** ଜିଲ୍ଲା ଟାଙ୍ଗରପାଲି ବ୍ଲକ ନିକଟସ୍ଥ ଜୟଶଙ୍କର ସେବାଶ୍ରମ ବେଲସରା ପରିସରରେ ବ୍ରାଇଟ ପିପୁଲ ଲାଇଫ ସର୍ଭିସ ପ୍ରାଇଭେଟ୍ ଲିମିଟେଡର ପଞ୍ଚମ ବାର୍ଷିକ ଉତ୍ସବ ମହା ଆଡ଼ମ୍ବର ସହକାରେ ପାଳିତ ହୋଇ ଯାଇଛି। ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ପୌରାଞ୍ଚଳ ଅଧକ୍ଷା ତନୟା ମିଶ୍ର ଯୋଗଦାନ କରି ଉକ୍ତ ଅନୁଷ୍ଠାନର ସେବାକୁ ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ବେଣୁ ମାଧବ ତ୍ରିପାଠୀ, ସୁନ୍ଦରଗଡ଼ ହୋମଗାର୍ଡ ସଂଘର ସାଧାରଣ ସମ୍ପାଦକ ମୋହନ ସିଂ, ପଶ୍ଚିମ ଓଡ଼ିଶାର ବିଶିଷ୍ଟ କଳାକାର ଉମାକାନ୍ତ ବାରିକ, ମେହୁଲ ଜିଓ ପ୍ରୋଜେକ୍ଟ ମ୍ୟାନେଜର ଚେତନ ସୋରଠିଆ ଉପସ୍ଥିତ ରହି ଅନୁଷ୍ଠାନର କାର୍ଯ୍ୟକଳାପକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନର ମୁଖ୍ୟ ପରିଚାଳକ ପ୍ରିୟବ୍ରତ ଦାଶ ଅଧକ୍ଷତା କରି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପ୍ରୟାସ କରିଥିଲେ। ଏହି ଅବସରରେ ସେବାଶ୍ରମର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହୋଇଥିଲା। ୨୦୨୪ - ୨୫ ରେ ଅନୁଷ୍ଠାନର ଉତ୍କୃଷ୍ଟ ଦକ୍ଷତା ଦେଖାଇଥିବା କର୍ମଚାରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

### ରଘୁନାଥ ଉଚ୍ଚ ବିଦ୍ୟାଳୟରେ ପରିବେଶ ଶିକ୍ଷା କାର୍ଯ୍ୟକ୍ରମ

## ମନ୍ଦିର ପ୍ରାଙ୍ଗଣ ସଫେଇରେ ସାମିଲ୍ ଶତାଧିକ ଇକୋ କ୍ଲବ୍ ଛାତ୍ରଛାତ୍ରୀ



**ବୈଶିଙ୍ଗା,୨୪।୯(ସଂଚାର ବ୍ୟୁର):** ବୈଶିଙ୍ଗା ଥାନା ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟ ରଘୁନାଥ ଉଚ୍ଚ ବିଦ୍ୟାଳୟ ର ଇକୋ କ୍ଲବ୍ ଦ୍ୱାରା ପରିବେଶ ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଓଡ଼ିଶା ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ସେଣ୍ଟର୍ ଫର୍ ଏନଭିରନ୍ ମେଣ୍ଟାଲ ଷ୍ଟଡିଜ୍, ଭୁବନେଶ୍ୱର ଓ ରଘୁନାଥ ଉଚ୍ଚ ବିଦ୍ୟାଳୟ ଇକୋ କ୍ଲବ୍ ର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ଏହି ପରିବେଶ ସଚେତନତା ଅଭିଯାନ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଇକୋ କ୍ଲବ୍ ଛାତ୍ର ଛାତ୍ରୀ ମାନେ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ପରିବେଶ ସୁରକ୍ଷା ସମ୍ପର୍କିତ ସ୍ଲୋଗାନ ଦେଇ ରାଇକମା ଗ୍ରାମ ପରିକ୍ରମା କରିବା ପରେ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣ ସଫେଇ କାର୍ଯ୍ୟ କ୍ରମରେ ସାମିଲ୍ ହୋଇ ଥିଲେ। ମନ୍ଦିର ପ୍ରାଙ୍ଗଣ ସଫେଇ ସମେତ ଗାଁ ରାସ୍ତା ଓ କେନାଲ୍ ସଫେଇ କରି ବ୍ଲିଚିଂ ପାଉଡର ସିଞ୍ଚନ କରିଥିଲେ। ମନ୍ଦିର ପ୍ରାଙ୍ଗଣ ରେ ଇକୋ କ୍ଲବ୍ ତରଫରୁ ଓଦା ଓ ଶୁଖିଲା ଆବର୍ଜନା ନିମନ୍ତେ ସ୍ୱତନ୍ତ୍ର ଆବର୍ଜନା କୁଣ୍ଡ ସ୍ଥାପନ କରା ଯାଇଥିଲା। ମନ୍ଦିର କୁ ପୂଜା ନିମନ୍ତେ ଆସୁଥିବା ଭକ୍ତଗଣ ମନ୍ଦିର ଆବର୍ଜନା କୁ ସ୍ୱତନ୍ତ୍ର ଆବର୍ଜନା କୁଣ୍ଡରେ ପକାଇ ବାକୁ ଉପସ୍ଥିତ ଗ୍ରାମବାସୀ ମାନଙ୍କୁ ସଚେତନ କରା ଯାଇଥିଲା।

**ଜିଲ୍ଲା ଆଇନ ସେବା ପ୍ରାଧିକରଣ**

## ଖୁଣ୍ଟୁବନ୍ଧ ସରକରୀ ଆଇଟିଆଇ କଲେଜରେ ଆଇନ ସଚେତନତା ଶିବିର

**ନୟାଗଡ଼,୨୪।୯(ସଂଚାର ବ୍ୟୁରୋ):** ଜିଲ୍ଲା ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ଆନନ୍ଦ ନାରାୟଣ ମହାରଣାଙ୍କ ନିର୍ଦ୍ଦେଶରେ ସଚିବ ଅଞ୍ଜଳି ମଛଖଣ୍ଡଙ୍କ ତତ୍ତ୍ୱାବଧାନରେ ଖୁଣ୍ଟୁବନ୍ଧ ସ୍ଥିତ ସରକାରୀ ଆଇ.ଟି.ଆଇ କଲେଜ ଠାରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସର୍ବପ୍ରଥମେ ଜାତୀୟ ଆଇନ ସେବା ପ୍ରାଧିକରଣ ସଙ୍ଗୀତ 'ଏକ ମୁଠି ଆସମାନ' ଗାନ ସହିତ ପବନ କୁମାର ବେହେରା ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଅଞ୍ଜଳି ମଛଖଣ୍ଡ ଆନୁଷ୍ଠାନିକ ଭାବେ ଶିବିର ଉଦ୍ଘାଟନ କରି ସତ୍ୟ ଘଟଣା ଲକ୍ଷ୍ମୀ ଅଗରୱାଲ କେଶ ଓ ତାହାର ସାହସ ଉପରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥି ରୂପେ ସରକାରୀ ଓକିଲ ଦଣ୍ଡପାଣି ସ୍ୱାଇଁ ଓ ବରିଷ୍ଠ ଆଇନଜୀବି ରମେଶ ଚନ୍ଦ୍ର ମହାରଣା ଏସିଡ ଆକ୍ରମଣ ର କାରଣ, ପ୍ରଭାବ, ସାମସ୍ୟା ଓ ପ୍ରତିକାର ତଥା ସରକାରୀ ସହାୟତା ଉପରେ ଆଲୋକପାତ କରିଥିଲେ।